୬୭ତମ ବର୍ଷ | ୨୪ ନଭେମ୍ବର, ୨୦୨୪ | ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

ମୋର ଜାପାନରୁ ପ୍ରତ୍ୟାବର୍ତ୍ତନର କିଛିବର୍ଷ ପରେ ୧୯୨୬ ମସିହାରେ ଆଶ୍ରମ ଜନ୍ମ ନେଲା ।

(CWM, Vol. 13, p. 105) — ଶ୍ରୀମା

୬୭ତମ ବର୍ଷ    ୨୪ ନଭେମ୍ବର, ୨୦୨୪    ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ    ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି

ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୨୪]


**ଯୋଗ-ଦର୍ଶନ**

| | | | | | |
|---|---|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | | ... | ୫ |
| ମାତୃବାଣୀ | ... | ... | | ... | ୬ |
| କର୍ମଯୋଗ | ... | ଶ୍ରୀଅରବିନ୍ଦ | | ... | ୯ |
| ଆନ୍ତର ଏକାଗ୍ରତା ଓ ବାହ୍ୟ କର୍ମ | ... | ଶ୍ରୀମା | | ... | ୧୦ |
| କର୍ମ ମାଧମରେ ସାଧନା | ... | ଶ୍ରୀଅରବିନ୍ଦ | | ... | ୧୨ |
| ଧମ୍ମପଦ (୮) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | | ... | ୧୫ |
| ଚାବିକାଠିଟି ନିଜ ଭିତରେ | ... | ଶ୍ରୀମା | | ... | ୨୦ |
| ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗ ସମୟରେ (ଶ୍ରୀମା'ଙ୍କ ଏକ ଅନୁଭୂତି) | ... | ... | | ... | ୨୧ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୩ |
| ଚେତନାର କ୍ରମଗତି | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୮ |
| ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନିସୂକ୍ତମାଳା ପ୍ରଥମ ସୂକ୍ତ ଅଗ୍ନିଙ୍କ ପ୍ରତି | ... | ଶ୍ରୀଅରବିନ୍ଦ | ... | ୩୨ |
| ଦେବଲଗ୍ନର ବାର୍ତ୍ତାବହ ''ଆର୍ଯ୍ୟ'' | ... | ଶ୍ରୀ ମନୋଜ ଦାସ | ... | ୩୬ |
| ଆମ ଜାତୀୟତାର ବୈଶିଷ୍ଟ୍ୟ ଓ ଯୁବ ସମାଜର ଭୂମିକା | ... | ଶ୍ରୀ ପ୍ରପତ୍ତି | ... | ୪୧ |
| ଦିବ୍ୟ କର୍ମୀ (କବିତା) | ... | ଶ୍ରୀଅରବିନ୍ଦ | ... | ୪୪ |
| ଅମଲଙ୍କ ସହ ମୋର ପରିଚୟ | ... | ଶ୍ରୀ ନୀରଦବରଣ | ... | ୪୫ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ନିତ୍ୟ ବୃନ୍ଦାବନ (୧) | ... | ... | ... | ୫୦ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଭବିଷ୍ୟତ୍ ବିପଦର ପୂର୍ବ ସୂଚନା | ... | ଶ୍ରୀମା | ... | ୫୪ |

**ଶେଷ ପୃଷ୍ଠା :**

| | | | | |
|---|---|---|---|---|
| ଦିବ୍ୟ ଉପସ୍ଥିତି | ... | ଶ୍ରୀ ବିଶ୍ୱମ୍ବର ସାମନ୍ତ | ... | ୫୭ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ... | ୬୧ |


❖


# ଶ୍ରୀଅରବିନ୍ଦଙ୍କ ବାଣୀ

The Ashram itself has been created with another object than that ordinarily common to such institutions, not for the renunciation of the world but as a centre and a field of practice for the evolution of another kind and form of life which would in the final end be moved by a higher spiritual consciousness and embody a greater life of the spirit.

(CWSA, Vol. 35, pp. 592 - 593) – Sri Aurobindo

ଏହି ପ୍ରକାର ଅନୁଷ୍ଠାନ(ଆଶ୍ରମ)ର ସାଧାରଣ ପ୍ରଚଳିତ ଉଦ୍ଦେଶ୍ୟଠାରୁ ଭିନ୍ନ ଏକ ଉଦ୍ଦେଶ୍ୟ ନେଇ ଏହି ଆଶ୍ରମ ଗଢ଼ା ଯାଇଥିଲା । ଜଗତ-ତ୍ୟାଗ ଏହାର ଉଦ୍ଦେଶ୍ୟ ନୁହେଁ କିନ୍ତୁ ଏହାର ଉଦ୍ଦେଶ୍ୟ ହେଉଛି ଏହି ଜଗତରେ ଜୀବନର ଅନ୍ୟ ଏକ ଧରଣ ଓ ସ୍ୱରୂପର ବିବର୍ତ୍ତନ ନିମନ୍ତେ ସାଧନାର ଏକ କେନ୍ଦ୍ର ତଥା କ୍ଷେତ୍ରରେ ପରିଣତ ହେବା, ଯାହାକି ଶେଷରେ ଆତ୍ମାର ଏକ ବୃହତ୍ତର ଜୀବନରେ ପରିଣତ ହୋଇ ଏଠାରେ ସେହି ଜୀବନକୁ ମୂର୍ତ୍ତ କରିବ ।

— ଶ୍ରୀଅରବିନ୍ଦ



# ମାତୃବାଣୀ

Here, for each work given, the full strength and Grace are always given at the same time to do the work as it has to be done. If you do not feel the strength and the Grace it proves that there is some mistake in your attitude. The faith is lacking or you have fallen back on old tracks and old creeds and thus you lose all receptivity.

1 October 1952

(MCW, Vol. 17, P. 207) – The Mother

ଏଠାରେ, ପ୍ରତ୍ୟେକ କାର୍ଯ୍ୟ ଦିଆଗଲା ବେଳେ, କାର୍ଯ୍ୟଟିକୁ ସମୁଚିତ ଭାବରେ କରିବା ନିମନ୍ତେ ଯୁଗପତ୍ ଭାବରେ ଆବଶ୍ୟକ ପୂର୍ଣ୍ଣ ଶକ୍ତି ତଥା କରୁଣା ମଧ୍ୟ ପ୍ରଦତ୍ତ ହୋଇଥାଏ । ଯଦି ତୁମେ ସେହି ଶକ୍ତି ଏବଂ କରୁଣାକୁ ଅନୁଭବ କରି ପାରୁ ନାହଁ, ତେବେ ସେଥିରୁ ପ୍ରମାଣିତ ହେଉଛି ଯେ ତୁମର ଦୃଷ୍ଟିକୋଣରେ କିଛି ଭୁଲ୍ ରହିଯାଇଛି । ହୁଏତ ବିଶ୍ୱାସର ଅଭାବ ରହିଛି ଅଥବା ତୁମେ ପୁନର୍ବାର ସେହି ପୂର୍ବ ପଥ ତଥା ପୂର୍ବ ବିଶ୍ୱାସଗୁଡ଼ିକ ଉପରେ ଯାଇ ନିପତିତ ହୋଇଛ ଏବଂ ତେଣୁ ସମସ୍ତ ଗ୍ରହଣଶୀଳତାକୁ ହରାଇ ବସିଛ ।

*୧ ଅକ୍ଟୋବର, ୧୯୫୨* – ଶ୍ରୀମା



# କର୍ମଯୋଗ

## ଶ୍ରୀଅରବିନ୍ଦ

ଆମ ଭିତରେ ଥିବା ଭଗବାନଙ୍କ ସହ, ଆମ ଚତୁଃପାର୍ଶ୍ୱରେ ରହିଥିବା ବିଶ୍ୱମୟଙ୍କ ସହ ଓ ଆମର ଊର୍ଦ୍ଧ୍ୱରେ ରହିଥିବା ବିଶ୍ୱାତୀତଙ୍କ ସହ ଏକ ନିବିଡ଼ ଐକ୍ୟ ଓ ଗଭୀର ସଂଯୋଗ ସ୍ଥାପନ କରି କର୍ମ କରିବା ଏବଂ ପୃଥକତାର ଭାବ ଆଣି ଦେଉଥିବା ମାନୁଷୀ ମନର ବନ୍ଦିଗୃହରେ ଆଉ ଆବଦ୍ଧ ହୋଇ ନ ରହିବା ଏବଂ ସେହି ମନର ଅଜ୍ଞାନ ଆଦେଶ ଓ ସଂକୀର୍ଣ୍ଣ ପ୍ରସ୍ତାବନାସବୁର ଆଜ୍ଞାବହ କ୍ରୀତଦାସ ହୋଇ ନ ରହିବା – ଏହାହିଁ କର୍ମଯୋଗ ।

ଏକ ଭାଗବତ ଆଦେଶ, ଏକ ଶାଶ୍ୱତ ସଂକଳ୍ପ, ବିଶ୍ୱାତୀତ ପ୍ରେରଣାରେ ଦୀକ୍ଷିତ ଏକ ବିଶ୍ୱଗତ ପ୍ରବୃତ୍ତିର ଏକାନ୍ତ ଅନୁଗତ ହୋଇ କର୍ମ କରିବା, ନିଜର ଅହଂ, ଚାହିଦା, ଆବେଗ ଓ କାମନା ବାସନାର ଚାବୁକ ଆଘାତରେ ଇତସ୍ତତଃ ଧାବିତ ନ ହେବା, ମାନସିକ, ପ୍ରାଣିକ ଓ ଦୈହିକ ନାନା ପସନ୍ଦ ଅପସନ୍ଦର ଅଙ୍କୁଶ ତାଡ଼ନାରେ ଶାସିତ ନ ହୋଇ କେବଳ ଭଗବାନଙ୍କ ଦ୍ୱାରା ଓ କେବଳ ସର୍ବୋଚ୍ଚ ସତ୍ୟ ଦ୍ୱାରାହିଁ ଚାଳିତ ହେବା – ଏହାହିଁ କର୍ମଯୋଗ ।

ମାନୁଷୀ ଅଜ୍ଞାନତା ଭିତରେ ଆଉ ନୁହେଁ, ଭଗବତ୍ ଦିବ୍ୟଜ୍ଞାନ ଭିତରେହିଁ ବାସ କରିବା ଓ କର୍ମ କରିବା, ବ୍ୟକ୍ତି-ପ୍ରକୃତି ଓ ବିଶ୍ୱ ଶକ୍ତି ସଂପର୍କରେ ଜ୍ଞାନଲାଭପୂର୍ବକ ସଚେତ ରହି ବିଶ୍ୱାତୀତଙ୍କ ଶାସନ ଓ ଚାଳନା ପ୍ରତି ଗ୍ରହଣଶୀଳ ଓ ଉତ୍ତରକ୍ଷମ ହେବା – ଏହାହିଁ କର୍ମଯୋଗ ।

ଏକ ଦିବ୍ୟ, ଅନନ୍ତ ଓ ଜ୍ୟୋତିର୍ମୟ ବିଶ୍ୱଚେତନାରେ ବାସ କରିବା ଓ କର୍ମ କରିବା ଏବଂ ଯାହା ବିଶ୍ୱଗତ ସତ୍ୟଠାରୁ ଆହୁରି ଅଧିକ, ସେଥିପ୍ରତି ନିଜକୁ ଖୋଲି ଦେବା ଏବଂ ପୁରୁଣା ସଂକୀର୍ଣ୍ଣତା ଓ ଅନ୍ଧକାର ମଧ୍ୟରେ ଆଉ ଅଣ୍ଡାଳି ହୋଇ ଝୁଣ୍ଟି ନ ପଡ଼ିବା – ଏହାହିଁ କର୍ମଯୋଗ ।

ତିଷ୍ଠି ରହିଥିବା କ୍ଷୁଦ୍ର ସଂକୀର୍ଣ୍ଣତାକୁ ଦେଖି ଯେ ବିଚଳିତ ଓ କ୍ଳାନ୍ତ ହୋଇ ନ ପଡ଼ନ୍ତି, ଭବିଷ୍ୟତର ବିପୁଳ ସମ୍ଭାବନା ଦେଖି ଯେ ମୁଗ୍ଧ-ଚକିତ ହୋଇ ଉଠନ୍ତି, ଯେ ମୁହୂର୍ତ୍ତକ ପାଇଁ ମଧ୍ୟ ନିଜ ଭିତରେ ବା ଚତୁଃପାର୍ଶ୍ୱରେ ବା ଊର୍ଦ୍ଧ୍ୱରେ ବିରାଜମାନ ଦିବ୍ୟପରମଙ୍କ ଦର୍ଶନ ଲାଭ କରିଛନ୍ତି, ସେ ଏହି ଆହ୍ୱାନ ଶୁଣନ୍ତୁ, ସେ ଏହି ପଥର ଅନୁସରଣ କରନ୍ତୁ । ଏହି ପଥ ନିଶ୍ଚୟ ଦୁର୍ଗମ, ଆୟାସସାଧ୍ୟ ଓ ଶ୍ରମସାପେକ୍ଷ, ଦୁରୂହ ଓ ଦୀର୍ଘ, କିନ୍ତୁ ଏହାର ପୁରସ୍କାର ହେଉଛି ଏକ ଅକଳ୍ପନୀୟ ଗୌରବରେ, ଏକ ଅତଳ ଆନନ୍ଦ, ପରମ ତୃପ୍ତି ଓ ଅନ୍ତହୀନ ବ୍ୟାପ୍ତିରେ ବାସ କରିବା ।

ସନ୍ଧାନ କର ତୁମ ନିଜ ଭିତରେ ଗୋପନ ହୋଇ ରହିଥିବା ବା ଏକ ପାର୍ଥିବ ଶରୀର ଗ୍ରହଣ କରିଥିବା ସେହି ଦିବ୍ୟଗୁରୁ ଓ ପଥପ୍ରଦର୍ଶକଙ୍କର, ତାଙ୍କର କଣ୍ଠ-ନିଃସୃତ ବାଣୀ ଶ୍ରବଣ କର, ଏବଂ ନିତ୍ୟ-ନିରନ୍ତର ସେ ନିର୍ଦ୍ଦେଶ କରୁଥିବା ପଥର ଅନୁସରଣ କର । ପଥ ଶେଷରେ ରହିଛି ସେହି ଦିବ୍ୟ ଆଲୋକ ଯାହା କେବେ ବି ବ୍ୟର୍ଥ ହୁଏ ନାହିଁ, ସେହି ଦିବ୍ୟ-ସତ୍ୟ ଯାହା କେବେ ବି ବଞ୍ଚନା କରେ ନାହିଁ, ସେହି ଦିବ୍ୟ ଶକ୍ତି ଯାହା କେବେ ବି ଇତସ୍ତତଃ ହୁଏ ନାହିଁ ବା ଝୁଣ୍ଟି ପଡ଼େ ନାହିଁ, ପଥ ଶେଷରେ ରହିଛି ମୁକ୍ତିର ସେହି ବିପୁଳ ପ୍ରସାର ଓ ଅନିର୍ବଚନୀୟ ଅପରୂପ ପରମ ସୌନ୍ଦର୍ଯ୍ୟ, ପରମ ଆନନ୍ଦ ।

ଊର୍ଦ୍ଧ୍ୱରେ ରହିଥିବା ଦିବ୍ୟ ଆଲୋକସବୁ ଅତୀବ ମହାନ୍ ଓ ବିସ୍ମୟକର କିନ୍ତୁ ତୁମ ଭିତରେ ରହିଥିବା ଦିବ୍ୟ ଆଲୋକଗୁଡ଼ିକ ଆହୁରି ଅଧିକ ମହାନ୍ ଏବଂ ଆହୁରି ଅଧିକ ବିସ୍ମୟକର । ଦିବ୍ୟକର୍ମୀ ପାଇଁ ଏହି ନନ୍ଦନକାନନହିଁ ଅପେକ୍ଷା କରି ରହିଛି ।

(Bulletin, April. 2007, p. 38)

# ଆନ୍ତର ଏକାଗ୍ରତା ଓ ବାହ୍ୟ କର୍ମ

## ଶ୍ରୀମା

*ପ୍ରଶ୍ନ : ମା' ଅନେକ ସମୟରେ ଆନ୍ତର ଚେତନାର ପ୍ରଚେଷ୍ଟାସବୁ ବାହ୍ୟ କର୍ମ ଭିତରେ ନଷ୍ଟ ଓ ଇତସ୍ତତଃ ବିକ୍ଷିପ୍ତ ହୋଇପଡ଼େ ।*

ଶ୍ରୀମା : ବାହ୍ୟ କର୍ମରେ ସକ୍ରିୟ ଭାଗ ନେଲାବେଳେ ଭିତରର ଏକାଗ୍ରତାକୁ କିପରି ରକ୍ଷା କରିବ ?... ଏହା ବିଶେଷ କଷ୍ଟକର ହେବା ଉଚିତ ନୁହେଁ । ପ୍ରକୃତରେ ଏହା ବିଶେଷ କଷ୍ଟକର ହେବା ଉଚିତ ନୁହେଁ । ମୋ ପାଇଁ ଯାହା କଷ୍ଟକର ମନେହୁଏ ତା' ହେଉଛି ଏହି ଆନ୍ତର ଚେତନାର ଗଭୀର ଏକାଗ୍ରତାକୁ ରଖି ନ ପାରିବା, ଏହାଠାରୁ ନିଜକୁ ପୃଥକ୍ କରି ନେଇପାରିବା, ଏହା ବରଂ ମୋତେ ଅସମ୍ଭବ କିଛି ବୋଲି ମନେହୁଏ । ତୁମେ ନିଜ ଭିତରେ ଯେତେବେଳେ ଏହି ଜିନିଷଟିକୁ ଧରିନେଇ ପାରିଛ, ନିଜକୁ ତା'ଠାରୁ ପୃଥକ୍ କରି ନେଇପାରିବ କିପରି ? ତୁମର ଯଦି ଥରେ ଏହି ଅନୁଭୂତି ହୋଇଥିବ, ତୁମ ପାଇଁ ଏହା ଯଦି ଏକ ବାସ୍ତବ ସତ୍ୟ ହୋଇଥିବ; ଏହି ଚେତନା, ଚୈତ୍ୟସତ୍ତା ସଙ୍ଗେ ଏହି ଆନ୍ତର ମିଳନ, ଏହି ଚେତନା ଓ ଅଭୀପ୍ସାର ଏହି ନିବିଡ଼ତା, ନିରନ୍ତର ଦେଦୀପ୍ୟମାନ ଏହି ଜ୍ୟୋତିଃଶିଖାର ଅନୁଭୂତି ଯଦି ପାଇଥିବ ତେବେ ତୁମେ ଯେକୌଣସି କାମ କରନା କାହିଁକି, ଏହା କେବେହେଲେ ନିର୍ବାପିତ ହେବ ନାହିଁ, ଏହା ସବୁବେଳେ ସେହିପରି ଦେଦୀପ୍ୟମାନ ହୋଇ ରହିଥିବ ।

ମୋର ମନେହୁଏ ଥରେ ଏହାର ଅନୁଭୂତି ପାଇଲେ ଏହାଠାରୁ ନିଜକୁ ଅଲଗା କରିବା ପାଇଁ ତୁମକୁ ଏକ ଦ୍ୱାର ବନ୍ଦ କରିବାକୁ ପଡ଼ିବ, ଏହା ଉପରେ ଇଚ୍ଛାକୃତ ଭାବରେ ତୁମର ଚେତନାର ଦରଜାକୁ ବନ୍ଦ କରିଦେଇ କହିବାକୁ ପଡ଼ିବ, ''ଏ ସମ୍ପର୍କରେ ମୋର ଆଉ କୌଣସି ଆଗ୍ରହ ନାହିଁ ।'' କିନ୍ତୁ ଯଦି ପ୍ରକୃତରେ ଏହା ସହିତ ସଂଯୋଗ ରଖି ଚାଲିବା ପାଇଁ ତୁମର ସଂକଳ୍ପ ରହିଥାଏ ତେବେ ମୁଁ ମନେକରୁ ନାହିଁ ଏହା ଅତ୍ୟନ୍ତ କଷ୍ଟକର କିଛି । ମୋତେ ଲାଗେ ବରଂ ଏହାକୁ ଦୂରେଇ ଦେବାକୁ ହେଲେ ତୁମକୁ ଏହା ଆଡ଼କୁ ପୂରା ପଛ କରି, ପିଠି ବୁଲାଇ ଚାଲି ଆସିବା ପାଇଁ ରୀତିମତ ସଂକଳ୍ପ କରିବାକୁ ହେବ; ତା' ନହେଲେ ଏହା ସବୁବେଳେ ରହିଛି, ସବୁକିଛିର ପଶ୍ଚାତରେ ନିରନ୍ତର ନିତ୍ୟ ବିରାଜମାନ ହୋଇ ରହିଛି । ବରଂ ଅନ୍ୟପକ୍ଷରେ ତୁମେ ଯଦି ଏପରି ଅଭ୍ୟାସ କରିଥାଅ ଯେ କୌଣସି କାମ କରିବାବେଳେ, କୌଣସି କଥା କହିବାବେଳେ, କୌଣସି ଗତିବୃତ୍ତି ଆରମ୍ଭ କରିବାବେଳେ ଯଦି ବରାବର ଏହି ଆନ୍ତର ଚେତନାକୁ ତୁମେ ଜଣାଉଥିବ ଏବଂ ତାହାର ଅନୁମୋଦନ ଓ ସମର୍ଥନ ବିନା କୌଣସି କାମ କରିବାକୁ ସକ୍ଷମ ହେବ ନାହିଁ, ତେବେ ଏହି ଚେତନା ବରାବର ପଛରେ ରହି ତୁମକୁ କହିଦେଉ ଥିବ ଯେ ''ହଁ, ଏହି ଭାବରେ କାମଟି କରିବା ଉଚିତ ସେ ଭାବରେ ନୁହେଁ । ଅମୁକ କାମଟି କରିବା ଉଚିତ ଅନ୍ୟଟି ନୁହେଁ ।'' ତା'ଠାରୁ ଏହିପରି ନିର୍ଦ୍ଦିଷ୍ଟ ସୂଚନା ନ ପାଇଲେ ତୁମେ ଯଦି କୌଣସି କାମ କରିବାକୁ ଅକ୍ଷମ ହେବାର ଅଭ୍ୟାସ କରିଥାଅ ତା'ହେଲେ ତୁମେ ଏହି ଚେତନାକୁ ଛାଡ଼ିଦେଇ କେବେହେଲେ ରହିପାରିବ ନାହିଁ, ଏହା ବିନା ତୁମର ଜୀବନଧାରଣ ମଧ୍ୟ କଷ୍ଟକର ହେବ ।

କେତେକ ଲୋକ, ଯେହେତୁ ଏହି ଚେତନା ସେମାନଙ୍କୁ ହଇରାଣ କରୁଛି ବୋଲି ଭାବନ୍ତି, ସେମାନଙ୍କର ନାନାବିଧ ପ୍ରବୃତ୍ତି ଉପରେ ଏହା ସଂଯମ ଆଣି ଦେଉଛି ବୋଲି ମନେ କରନ୍ତି ଏବଂ ଏହା ହାତରୁ ଅବ୍ୟାହତି ପାଇ ନିଜ ଆଚରଣରେ ପୂର୍ଣ୍ଣ ମୁକ୍ତ ଓ ସ୍ୱାଧୀନ ହେବାକୁ (ସେମାନେ ଯାହାକୁ କହନ୍ତି ସ୍ୱାଧୀନତା) ପସନ୍ଦ କରନ୍ତି, ସେମାନେ ଜାଣିଶୁଣି ଇଚ୍ଛାକୃତ ଭାବରେ ଏହାର ମୁଖ ବନ୍ଦ କରିଦେବା ପାଇଁ ଏହା ଉପରେ ଦରଜାର କବାଟ ସଜୋରେ ବନ୍ଦ କରି ଦିଅନ୍ତି । ତେଣୁ ଏହା ସ୍ୱାଭାବିକ ଯେ ଥରେ ଏହି ଚେତନାର ଦ୍ୱାର ବନ୍ଦ କରିଦେଲେ, ତାହା ବନ୍ଦ ହୋଇ ରୁହେ ଓ ତୁମେ ନିତାନ୍ତ ଦୁର୍ବଳ, ଉପରଠାଉରିଆ, ସଂକୀର୍ଣ୍ଣ, ଅଜ୍ଞ ଓ ନିର୍ବୋଧ ହୋଇପଡ଼ । ଏହିଭଳି ହୋଇ ରହିବା ପାଇଁ ସହ୍ୟ କରିବ କିପରି ? ମୋର ମନେହୁଏ, ଏପରି କ୍ଷେତ୍ରରେ ସଙ୍ଗେ ସଙ୍ଗେ ତୁମର ସ୍ୱତଃସ୍ଫୂର୍ତ୍ତ ପ୍ରବୃତ୍ତି ହେବା ଉଚିତ ପାଦେ ପଛକୁ ଫେରିଯାଇ ତୁରନ୍ତ ସେହି ଦରଜାକୁ ଖୋଲିଦେବା ଏବଂ ପୁଣିଥରେ ସେହି ଆନ୍ତର ଚେତନା ସଙ୍ଗେ ସମ୍ପର୍କ ସ୍ଥାପନ କରି କହିବା, ''ନା, ନା, ମୁଁ ଏପରି ଅବସ୍ଥା ଚାହେଁ ନାହିଁ, ଅଜ୍ଞତାର ଏହି ଭୟଙ୍କର ଅବସ୍ଥା

ମୋ' ପାଇଁ ଅସହ୍ୟ''– କାରଣ ଅନ୍ତଶ୍ଚେତନାରୁ ବିଚ୍ଛିନ୍ନ ସେପରି ଅବସ୍ଥାରେ ତୁମେ ଏପରିକି ଜାଣିପାରିବ ନାହିଁ ତୁମର କ'ଣ କହିବା ଉଚିତ, କ'ଣ ନ କହିବା ଉଚିତ, କେଉଁଠାକୁ ଯିବା ଉଚିତ, କେଉଁଠାକୁ ନ ଯିବା ଉଚିତ, କୌଣସି କିଛି ସଂପର୍କରେ ତୁମର କୌଣସି ଉଚିତ ଅନୁଚିତ ଜ୍ଞାନ ରହେ ନାହିଁ, ତୁମେ ରହିଥାଅ ଏକ ଅଜ୍ଞ ଖାପଛଡ଼ା ଅବସ୍ଥାରେ । ଏହା ଏକ ଭୟଙ୍କର ଅବସ୍ଥା । କିନ୍ତୁ ଯେତେବେଳେ ଦରଜାଟି ଖୋଲିଯାଏ ସେତେବେଳେ ତୁମେ ତୁମ ପଛରେ ସେହି ଚେତନାର ଉପସ୍ଥିତି ଅନୁଭବ କର । ସେତେବେଳେ ପ୍ରତିଟି ମୁହୂର୍ତ୍ତ ଆରାମପ୍ରଦ ଓ ତୃପ୍ତିକର ହୁଏ, ମନେହୁଏ ସତେ ଯେପରି ତୁମର ପୃଷ୍ଠ ଭରା ଦେଇଛି ଏକ ବିପୁଳ ଆଲୋକ, ଏକ ବିପୁଳ ଚେତନା ଉପରେ । ଲାଗେ, ''ଆଃ ବର୍ତ୍ତମାନ ଆମେ ଠିକ୍ ଜାଗାରେ ଅଛୁ, ଆମେ ନିଶ୍ଚିତ ଭାବରେ ଜାଣିପାରୁଛୁ ଅମୁକ କାମଟି କରିବା ଉଚିତ, ଅମୁକ କଥାଟି କହିବା ଉଚିତ, ଅମୁକ ଗତିବୃତ୍ତିଟି ଆରମ୍ଭ କରିବା ଉଚିତ... ... ଇତ୍ୟାଦି ।'' ସେତେବେଳେ ତୁମେ ଆରାମ ଓ ତୃପ୍ତି ଅନୁଭବ କର , ଶାନ୍ତ ହୋଇଯାଅ, ଆଉ କୌଣସି ବେଦନା, ସମସ୍ୟା ଓ ଅସ୍ଥିର ଉଦ୍‌ବେଗ ନ ଥାଏ । ଯାହା କରିବାକୁ ଚାହଁ ତାହା ସମ୍ପନ୍ନ କର, ଲୋକମାନେ ତାହା ଠିକ୍ ଭାବରେ ଗ୍ରହଣ କଲେ କି ନାହିଁ ସେଇଟା ତାଙ୍କର ସମସ୍ୟା, କିନ୍ତୁ ତୁମ ନିଜ ପାଇଁ ତାହା ବେଶ୍ ଏକ ତୃପ୍ତିକର, ଆରାମପ୍ରଦ ଅବସ୍ଥା ।

ଏବଂ ଏକଥା ମନେରଖ ଯେ ମୁଁ ତୁମକୁ ଏସବୁ କଥା କହୁଛି, କାରଣ ତୁମର ସେହି ଦରଜାର ଦ୍ୱାର ଖୋଲିଦେବା ପାଇଁ ମୁଁ ସବୁଠୁ ବେଶୀ ଯତ୍ନ ନେଉଛି, ତୁମ ସମସ୍ତଙ୍କ ଭିତରେ ଏହା ଖୋଲିଦେବା ପାଇଁ ମୋର ଗଭୀର ପ୍ରଯତ୍ନ ରହିଛି, ତୁମ ତରଫରୁ କେବଳ ଏଥିପାଇଁ ଟିକେ ସହଯୋଗ ଲୋଡ଼ା, ତୁମ ନିଜ ଭିତରେ ଏଥିପାଇଁ ସାମାନ୍ୟ ଟିକେ ଏକାଗ୍ର ହେବା ବାଞ୍ଛନୀୟ । ତା'ହେଲେ ତୁମକୁ ଆଉ ସେହି ବନ୍ଦ ଦରଜାର ରୁଦ୍ଧ ଦ୍ୱାର ଆଗରେ ଦୀର୍ଘକାଳ ବିତାଇବାକୁ ପଡ଼ିବ ନାହିଁ, ଯେଉଁ ଦ୍ୱାର ଖୋଲୁ ନାହିଁ ଓ ଯାହାକୁ ଖୋଲିବାର ଚାବି ତୁମ ପାଖରେ ନାହିଁ ଏବଂ ତାହା କିପରି ଖୋଲିବାକୁ ହୁଏ ତାହା ତୁମେ ଜାଣି ନାହଁ । ଅନେକ ସମୟରେ ସେହି ରୁଦ୍ଧ ଦ୍ୱାର ଆଗରେ ଅପେକ୍ଷା କରି ଘଣ୍ଟା ଘଣ୍ଟା, ଦିନ ଦିନ, ମାସ ମାସ ବା ବର୍ଷ ବର୍ଷ ବିତିଯାଏ, ଏବଂ ତୁମେ ଜାଣ ନାହିଁ କ'ଣ କରିବାକୁ ହେବ ।

ତୁମମାନଙ୍କ ପାଇଁ ଅବସ୍ଥାଟା ସେପରି ନୁହେଁ ।

ଦ୍ୱାର ଖୋଲା ରହିଛି, କେବଳ ସେ ଦିଗରେ ତୁମର ଦୃଷ୍ଟି ଫେରାଇବାକୁ ପଡ଼ିବ । ଯେପରି ସେଥିପ୍ରତି ପୃଷ୍ଠ ପ୍ରଦର୍ଶନ ନକର ।

ବାସ୍, ସେତିକି !

(M.C.W. Vol. 7, pp. 68 - 69)

ଯଦି ତୁମେ ଦିବ୍ୟକର୍ମର ଯଥାର୍ଥ କର୍ମୀ ହେବାକୁ ଚାହଁ, ତେବେ ତୁମର ଲକ୍ଷ୍ୟ ପ୍ରଥମେ ହେବ ସମସ୍ତ ବାସନାରୁ, ଆତ୍ମସର୍ବସ୍ୱ ଅହଂକାରରୁ ନିଜକୁ ପୂର୍ଣ୍ଣରୂପେ ମୁକ୍ତ କରିବା । ତୁମର ସମସ୍ତ ଜୀବନ ହେବ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ନିବେଦନ ଓ ଆତ୍ମଦାନ; କର୍ମରେ ତୁମର ଏକମାତ୍ର ଲକ୍ଷ୍ୟ ହେବ ଭାଗବତୀ ଶକ୍ତିଙ୍କ ଲୀଳାରେ ତାଙ୍କର ସେବକ ହେବା, ତାଙ୍କୁ ଧାରଣ କରିବା, ସାର୍ଥକ କରିବା, ତାଙ୍କ ପ୍ରକାଶର ଯନ୍ତ୍ର ହେବା ।

(The Mother, Ch. V) — ଶ୍ରୀଅରବିନ୍ଦ

# କର୍ମ ମାଧମରେ ସାଧନା

## ଶ୍ରୀଅରବିନ୍ଦ

### ମା'ଙ୍କ କର୍ମ ମାଧମରେ ସାଧନା

(୧)

ଯଥାର୍ଥ ଭାବରେ ମା'ଙ୍କ ଉପରେ ଏକାଗ୍ର ହୋଇ ମା'ଙ୍କ ସକାଶେ କାର୍ଯ୍ୟ କରିବା ହେଲା ଧ୍ୟାନ ଓ ଆନ୍ତର ଅନୁଭୂତି ତୁଲ୍ୟ ଗୋଟିଏ ସାଧନା ।

(୨)

ଯେଉଁମାନେ ପୂର୍ଣ୍ଣ ଐକାନ୍ତିକତା ସହିତ ମା'ଙ୍କ ନିମିତ୍ତ କାର୍ଯ୍ୟ କରନ୍ତି ସେମାନେ ଯଦି ଧ୍ୟାନ କରନ୍ତି ନାହିଁ ଅଥବା ଯୋଗର କୌଣସି ନିର୍ଦ୍ଦିଷ୍ଟ ସାଧନା କରନ୍ତି ନାହିଁ, ସେହି କାର୍ଯ୍ୟ ଦ୍ୱାରା ହିଁ ସେମାନେ ଯଥାର୍ଥ ଚେତନା ଲାଭ ନିମିତ୍ତ ପ୍ରସ୍ତୁତ ହୁଅନ୍ତି । କିପରି ଧ୍ୟାନ କରିବାକୁ ହେବ ତାହା ତୁମକୁ କହିବାର ପ୍ରୟୋଜନ ନାହିଁ, ଯଦି ତୁମେ ତୁମ କାର୍ଯ୍ୟରେ ସର୍ବଦା ଆନ୍ତରିକ ହୁଅ ଏବଂ ମା'ଙ୍କ ପାଖେ ନିଜକୁ ଖୋଲି ରଖ, ତାହାହେଲେ ଯାହା ପ୍ରୟୋଜନ ତାହା ଆପେ ଆପେ ଆସିବ ।

### ପୂର୍ଣ୍ଣଯୋଗରେ କର୍ମର ଆବଶ୍ୟକତା

(୧)

କର୍ମ ଓ ବାହ୍ୟ ଚେତନାକୁ ଉପେକ୍ଷା କରି ଅନୁଭୂତି ଲାଭ ନିମିତ୍ତ ପୂର୍ଣ୍ଣରୂପେ ନିଜ ମଧ୍ୟରେ ନିମଗ୍ନ ହେବା ଅର୍ଥ ଭାରସାମ୍ୟ ହରାଇବା ଓ ସାଧନାରେ ଏକପାଖିଆ ହୋଇଯିବା – କାରଣ ଆମ ଯୋଗ ହେଲା ପୂର୍ଣ୍ଣଯୋଗ, ସେହିପରି ଯଦି କେହି କେବଳ ବାହ୍ୟ କାର୍ଯ୍ୟରେ ଲିପ୍ତ ରହେ ଏବଂ କେବଳ ମାତ୍ର ବାହ୍ୟ ସତ୍ତାରେ ବାସ କରେ ତେବେ ବି ଭାରସାମ୍ୟ ହରାଇବ ଏବଂ ତାହାର ମଧ୍ୟ ସାଧନା ଏକପାଖିଆ ହୋଇଯିବ । ଆନ୍ତର ଅନୁଭୂତି ଏବଂ ବାହ୍ୟ କାର୍ଯ୍ୟରେ ଏକ ହିଁ ଚେତନା ଲାଭ କରିବାକୁ ହେବ ଏବଂ ଉଭୟଙ୍କୁ ଶ୍ରୀମା'ଙ୍କ ଶକ୍ତି ଦ୍ୱାରା ପୂର୍ଣ୍ଣ କରିବାକୁ ହେବ ।

(୨)

ମାନସିକ ଭାବରେ ଖୁବ୍ ଶକ୍ତିଶାଳୀ ହୋଇ ନ ଥିଲେ ସମସ୍ତ ସମୟ ବା ଅଧିକାଂଶ ସମୟ ଧ୍ୟାନରେ ଦେବା ଭଲ ନୁହେଁ – କାରଣ ତଦ୍ଦ୍ୱାରା ସେ ଆନ୍ତର ଜଗତରେ ବାସ କରିବାରେ ଅଭ୍ୟସ୍ତ ହୋଇଯିବ ଏବଂ ବାହ୍ୟ ସତ୍ୟ ସହିତ ଏକେବାରେ ସମ୍ପର୍କ ରହିବ ନାହିଁ – ଫଳରେ ଦେଖାଦେବ ଏକପାଖିଆ ଅସଂହତ ଗତିବୃତ୍ତି ଯାହାର ପରିଣାମରେ ହୁଏତ ଭାରସାମ୍ୟରେ ବିଭ୍ରାଟ ଘଟିପାରେ । ସର୍ବୋତ୍ତମ ହେଲା ଉଭୟ ଧ୍ୟାନ ଓ କର୍ମ କରିବା ଏବଂ ଉଭୟକୁ ମା'ଙ୍କୁ ସମର୍ପଣ କରିବା ।

(୦୬-୦୮-୧୯୩୩)

(୩)

ଏହା ଆମର ଅଭିଜ୍ଞତା ନୁହେଁ ଯେ କେବଳ ଧ୍ୟାନ ଦ୍ୱାରା ପ୍ରକୃତିର ପରିବର୍ତ୍ତନ ସମ୍ଭବ କିଂବା ଯେଉଁମାନେ ବାହ୍ୟ କ୍ରିୟା ଓ କର୍ମରୁ ଅବସର ନେବାକୁ ଚେଷ୍ଟା କରିଛନ୍ତି ସେମାନଙ୍କ ପକ୍ଷେ ତାହା ଖୁବ୍ ଲାଭଜନକ ହୋଇଛି । ବହୁ କ୍ଷେତ୍ରରେ ଏହା କ୍ଷତିକାରକ ହୋଇଛି । ଆବଶ୍ୟକ ହେଉଛି କିଛି ପରିମାଣରେ ଏକାଗ୍ରତା, ହୃଦୟରେ ଆନ୍ତର ଅଭୀପ୍ସା ଏବଂ ସେହିଠାରେ ମା'ଙ୍କ ଉପସ୍ଥିତି ଏବଂ ଉର୍ଦ୍ଧ୍ୱରୁ ଏକ ଅବତରଣ ପ୍ରତି ଚେତନାର ଏକ ଉନ୍ମୀଳନ । କିନ୍ତୁ କାର୍ଯ୍ୟ ବିନା, କର୍ମ ବିନା, ବାସ୍ତବରେ ପ୍ରକୃତିର ପରିବର୍ତ୍ତନ ହୁଏ ନାହିଁ । ଏହା ସେହିପରି ହିଁ ରହିଥାଏ ଏବଂ ଲୋକମାନଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ହିଁ ପ୍ରକୃତରେ ପରିବର୍ତ୍ତନ ହୋଇଛି କି ନାହିଁ ତାହାର ପରୀକ୍ଷା ହୁଏ । କର୍ମ ସମ୍ପର୍କରେ କୌଣସି ଶ୍ରେଷ୍ଠତା ବା ନ୍ୟୂନତା ନାହିଁ । ଯଦି ଶ୍ରୀମା'ଙ୍କୁ ଅର୍ପଣ କରାଯାଇଥାଏ ଓ ତାଙ୍କରି ପାଇଁ କରାଯାଇଥାଏ ଓ ତାଙ୍କରି ଶକ୍ତିରେ କରାଯାଇଥାଏ, ତେବେ ସମସ୍ତ କର୍ମ ହିଁ ଏକ ।

(୦୬-୧୦-୧୯୩୪)

(୪)

ସବୁକାମ ଛାଡ଼ି କେବଳ ପଢ଼ିବା ଓ ଧ୍ୟାନ କରିବାକୁ ଭଲ ବୋଲି ଶ୍ରୀମା ଭାବନ୍ତି ନାହିଁ । କର୍ମ ହେଲା ଯୋଗର

ଗୋଟିଏ ଅଙ୍ଗ । ଦିବ୍ୟ ଉପସ୍ଥିତିକୁ ତଥା ଦିବ୍ୟ ଆଲୋକ ଏବଂ ଦିବ୍ୟ ଶକ୍ତିକୁ ପ୍ରାଣ ଓ ତାହାର କ୍ରିୟା ମଧ୍ୟକୁ ଆବାହନ କରି ଉତାରି ଆଣିବାର ସର୍ବୋତ୍କୃଷ୍ଟ ସୁଯୋଗ କର୍ମ ହିଁ ଦିଏ; ଏହା ଆତ୍ମ-ସମର୍ପଣର କ୍ଷେତ୍ର ଏବଂ ସୁଯୋଗକୁ ପରିବର୍ଦ୍ଧିତ କରେ ।

କର୍ମ ମା'ଙ୍କର ଏବଂ କର୍ମର ଫଳ ମଧ୍ୟ ମା'ଙ୍କର, ଏତିକି ମନେ ରଖିବା ଯଥେଷ୍ଟ ନୁହେଁ । ତୁମ ପଶ୍ଚାତରେ ମା'ଙ୍କର ଯେଉଁ ଶକ୍ତି ରହିଛି ତାହା ଅନୁଭବ କରିବାକୁ ଏବଂ ତାହାର ପ୍ରେରଣା ଓ ଚାଳନା ପ୍ରତି ନିଜକୁ ଖୋଲି ଧରିବା ପାଇଁ ତୁମକୁ ଶିଖିବାକୁ ହେବ । ମନର ଚେଷ୍ଟା ଦ୍ୱାରା ସର୍ବଦା ସ୍ମରଣ ରଖିବା ଅତ୍ୟନ୍ତ କଠିନ । କିନ୍ତୁ ତୁମେ ଯଦି ଏଭଳି ଚେତନା ଭିତରକୁ ଯାଇପାର ଯେଉଁଠାରେ ରହି ତୁମେ ତୁମ ଭିତରେ ଥିବା ମା'ଙ୍କର ଶକ୍ତିକୁ ଅନୁଭବ କରିପାରିବ କିଂବା ତାହା ତୁମକୁ ଧାରଣ କରି ରଖିଛି ବୋଲି ବୁଝି ପାରିବ, ତେବେ ତାହାହିଁ ଯଥାର୍ଥ ଅବସ୍ଥା । ... ...

(୧୮-୦୮-୧୯୩୨)

## (୪)

*ପ୍ରଶ୍ନ : ଯେଉଁମାନେ ଶାନ୍ତି ଓ ସମତାରେ ରହିଥା'ନ୍ତି କିନ୍ତୁ ମା'ଙ୍କର କୌଣସି କର୍ମ କରନ୍ତି ନାହିଁ ବା ନିହାତି ଅଳ୍ପ କର୍ମ କରନ୍ତି ସେମାନଙ୍କର କ'ଣ ରୂପାନ୍ତର ହେବ ?*

ଉତ୍ତର : ନା, ସେମାନଙ୍କର କଦାପି ରୂପାନ୍ତର ହେବ ନାହିଁ ।

(୦୭-୦୫-୧୯୩୩)

## ମା'ଙ୍କ ଶକ୍ତି ସହିତ ମିଳିତ ହେବାର ଦୁଇଟି ପର୍ଯ୍ୟାୟ

## (୧)

ଜଣେ ଯାହାକିଛି କରେ ତାହା ଭଗବାନଙ୍କଠାରୁ ଆସୁଛି ଏବଂ ସମସ୍ତ କ୍ରିୟା ମା'ଙ୍କର, ଏହି ବୋଧ ହେଲା ଅଭିଜ୍ଞତାର ଗୋଟାଏ ଆବଶ୍ୟକ ସୋପାନ । କିନ୍ତୁ ଏହିଠାରେ ଅଟକିଯିବା ଉଚିତ ନୁହେଁ, ଅଗ୍ରସର ହେବାକୁ ପଡ଼ିବ । ଯେଉଁମାନେ ପ୍ରକୃତିର ପରିବର୍ତ୍ତନ ଚାହାନ୍ତି ନାହିଁ, କିନ୍ତୁ କେବଳ ଏହାର ପଶ୍ଚାତରେ ଥିବା ଦିବ୍ୟ ସତ୍ୟ ଟିକକର ଅନୁଭୂତି ଲାଭ କରିବାକୁ ଚାହାନ୍ତି ସେମାନେ କେବଳ ଏହି ଅବସ୍ଥାରେ ଅଟକି ରହିଯାଇ ପାରନ୍ତି । ତୁମେ କାର୍ଯ୍ୟ କର ସାର୍ବଜନୀନ ପ୍ରକୃତି ଏବଂ ତାହା ମଧ୍ୟରେ ଅବସ୍ଥିତ ତୁମର ବ୍ୟକ୍ତିଗତ ପ୍ରକୃତି ଅନୁସାରେ ଏବଂ ସମଗ୍ର ପ୍ରକୃତି ହିଁ ବିଶ୍ୱକ୍ରିୟା ନିମିତ୍ତ ଦିବ୍ୟ ଜନନୀଙ୍କର ଗୋଟିଏ ଶକ୍ତି । କିନ୍ତୁ ବର୍ତ୍ତମାନ ଅବସ୍ଥା ଯେଉଁ ଭାବରେ ଅଛି ସେଥିରେ ଏହା ଅଜ୍ଞାନ ଓ ଅହଂକାରର କ୍ରିୟା; ଆମେ ଯାହା ଚାହୁଁ ତାହା ଅଜ୍ଞାନ ଓ ଅହଂକାର ଦ୍ୱାରା ବିକୃତ ନ ହୋଇଥିବା ଅନାବୃତ ଦିବ୍ୟ ସତ୍ୟର କ୍ରିୟା ।

ସୁତରାଂ ତୁମେ ଯଦି ଅନୁଭବ କର ଯେ ତୁମର ସମସ୍ତ କ୍ରିୟା ମା'ଙ୍କ ଶକ୍ତି ଦ୍ୱାରା ହେଉଛି ତେବେ ତାହା ଯଥାର୍ଥ ଅନୁଭୂତି । କିନ୍ତୁ ମା'ଙ୍କର ଇଚ୍ଛା ଏହି ଯେ ତୁମେ ଯାହା କରୁଛ, ତାହା ବର୍ତ୍ତମାନ ଭଳି ପ୍ରକୃତିରେ ନିହିତ ତାଙ୍କରି ଶକ୍ତି ଦ୍ୱାରା କରିବା ପରିବର୍ତ୍ତେ ତାଙ୍କ ପ୍ରକୃତିର ସତ୍ୟ ଭିତରେ, ଉଚ୍ଚତର ଦିବ୍ୟଶକ୍ତି ଭିତରେ, ତାଙ୍କର ପ୍ରତ୍ୟକ୍ଷ ଶକ୍ତି ଦ୍ୱାରା କର । ତୁମେ ପରେ ଯାହା ଭାବିଥିଲ ତାହା ମଧ୍ୟ ଠିକ୍ ଯେ ଏହି ପରିବର୍ତ୍ତନ ନ ହେବାଯାଏ ତୁମେ ଯାହାକିଛି କରୁଛ ସେସମସ୍ତ ମା'ଙ୍କ ଇଚ୍ଛାରେ କରା ହେଉଛି, ସେହି ଅନୁଭୂତିକୁ ପୂରାପୂରି ସତ୍ୟ ବୋଲି କୁହାଯାଇ ପାରିବ ନାହିଁ । ଅତଏବ ସେତେଦିନ ପର୍ଯ୍ୟନ୍ତ ଏହାର ସ୍ଥାୟିତ୍ୱ ଆସିବ ନାହିଁ । କାରଣ ଯଦି ଏହା ବର୍ତ୍ତମାନ ସ୍ଥାୟୀ ହୁଏ, ତେବେ ତାହା ନିମ୍ନତର କ୍ରିୟାରେ ତୁମକୁ ଆବଦ୍ଧ କରି ରଖିବ, ଯେପରି ଅନେକଙ୍କୁ ରଖେ ଯଦ୍ଦ୍ୱାରା ସେମାନଙ୍କର ପରିବର୍ତ୍ତନ ଅଟକି ଯାଏ ବା ମନ୍ଥର ହୋଇଯାଏ । ମା'ଙ୍କର ଶକ୍ତି ତୁମ ଭିତରେ ଏହି ଅଜ୍ଞ ଚେତନା ଓ ପ୍ରକୃତିକୁ ତାଙ୍କର ଦିବ୍ୟ ଚେତନା ଓ ପ୍ରକୃତିରେ ପରିଣତ କରିବା ପାଇଁ ଯେଉଁ କାର୍ଯ୍ୟ କରୁଛି, ତାହା ହିଁ ବର୍ତ୍ତମାନ ତୁମର ସ୍ଥାୟୀ ଅନୁଭୂତି ହେବା ଆବଶ୍ୟକ ।

ମାଧ୍ୟମର ସତ୍ୟତା ବିଷୟରେ ସେହି ଏକ ହିଁ କଥା । ଏକଥା ସତ୍ୟ ଯେ ପ୍ରତ୍ୟେକ ବ୍ୟକ୍ତି ବିଶ୍ୱଶକ୍ତିର ଗୋଟିଏ ଯନ୍ତ୍ର, ସୁତରାଂ ମା'ଙ୍କର ମଧ୍ୟ ଗୋଟିଏ ଯନ୍ତ୍ର । କିନ୍ତୁ ସାଧନାର ଲକ୍ଷ୍ୟ ହେଲା ଅଚେତନ ଓ ଅପୂର୍ଣ୍ଣ ଯନ୍ତ୍ର ନ ହୋଇ ସଚେତନ ଓ ପୂର୍ଣ୍ଣଯନ୍ତ୍ର ହେବା । କିନ୍ତୁ ଯେତେବେଳେ ସାଧକ ନିମ୍ନ ପ୍ରକୃତିର ଅଜ୍ଞାନ ପ୍ରଣୋଦନା ଦ୍ୱାରା ଚାଳିତ ହୋଇ କାର୍ଯ୍ୟ କରେ ନାହିଁ ଏବଂ ମା'ଙ୍କ ନିକଟରେ ଆତ୍ମ-ସମର୍ପଣ କରେ, ନିଜ ମଧ୍ୟରେ ତାଙ୍କର ଉଚ୍ଚତର ଶକ୍ତି କ୍ରିୟା କରୁଛି ବୋଲି ସଚେତନ ହୁଏ, କେବଳ ସେତେବେଳେ ହିଁ ସାଧକ ସଚେତନ ଓ ପୂର୍ଣ୍ଣାଙ୍ଗ ଯନ୍ତ୍ର ହୋଇପାରେ । ସୁତରାଂ ଏ କ୍ଷେତ୍ରରେ ମଧ୍ୟ ତୁମର ପ୍ରେରଣା ସମ୍ପୂର୍ଣ୍ଣ ସତ୍ୟ ।

କିନ୍ତୁ ଏସବୁ ଦିନକରେ ହୋଇଯାଏ ନାହିଁ । ତୁମେ ଯେ ଉଦ୍‌ବିଗ୍ନ ହୋଇ ନାହଁ ବା ଅସ୍ୱସ୍ତିବୋଧ କରି ନାହଁ, ଏହା ଯଥାର୍ଥ । ସାଧକ ନିଶ୍ଚୟ ସତର୍କ ରହିବା ଉଚିତ କିନ୍ତୁ ଉତ୍କଣ୍ଠିତ ହେବା ବା ଅସ୍ୱସ୍ତିବୋଧ କରିବା ଉଚିତ ନୁହେଁ । ଯଦି ସାଧକ ମା'ଙ୍କୁ ନିଜର ସମସ୍ତ କିଛି ଅର୍ପଣ କରେ, ଅଭୀପ୍ସା କରେ, ଜାଗ୍ରତ୍ ରହେ, ସବୁ ସମୟରେ ତାଙ୍କୁ ସ୍ମରଣ ଓ ଆବାହନ କରେ ଏବଂ ତାଙ୍କର ରୂପାନ୍ତରକାରୀ ଦିବ୍ୟ ଶକ୍ତିର କ୍ରିୟା ବିରୋଧରେ ଯାହା ଛିଡ଼ା ହୁଏ, ସେସବୁକୁ ନୀରବରେ ପ୍ରତ୍ୟାଖ୍ୟାନ କରେ, ତେବେ ହିଁ ମା'ଙ୍କ ଶକ୍ତି କ୍ରିୟା କରେ ଏବଂ ଯଥା ସମୟରେ ଫଳ ପ୍ରଦାନ କରେ ।

ଏହି ବିଷୟରେ ତୁମର ପ୍ରଥମ ମତଠାରୁ ଦ୍ୱିତୀୟ ମତଟିରେ ଯଥାର୍ଥ ଦୃଷ୍ଟିକୋଣ ଅଧିକ ଥିଲା । ''ମୋତେ କିଛି କରିବାକୁ ହେବ ନାହିଁ, ତେଣୁ ମୋର ଚିନ୍ତା କରିବା ଦରକାର ନାହିଁ'', ଏପରି କହିବା ଅତି ବେଶୀ ହୋଇଯିବ, କାରଣ ଅଭୀପ୍ସା କରିବା, ନିଜକୁ ଅର୍ପଣ କରିବା, ମା'ଙ୍କ କାର୍ଯ୍ୟରେ ସମ୍ମତି ଦେବା, ଅନ୍ୟ ସବୁକିଛିକୁ ବର୍ଜନ କରିବା ଏବଂ କ୍ରମଶଃ ଅଧିକରୁ ଅଧିକ ଆତ୍ମ-ସମର୍ପଣ କରିବା ଦିଗରେ ତୁମକୁ କାର୍ଯ୍ୟ କରିବାକୁ ହେବ । ଆଉ ସବୁକିଛି ଯଥା ସମୟରେ ହେବ । ସେଥି ନିମିତ୍ତ ଉତ୍କଣ୍ଠାର, ଅବସାଦର ବା ଅଧୈର୍ଯ୍ୟ ହେବାର ଦରକାର ନାହିଁ ।

(୧୩-୦୭-୧୯୩୫)

## (୨)

ପ୍ରଥମରେ ସାଧକକୁ ନିଜର ଇଚ୍ଛାକୁ ମା'ଙ୍କ ଇଚ୍ଛା ସଙ୍ଗେ ଯୁକ୍ତ କରିବାକୁ ହେବ ଏବଂ ମନେ କରିବାକୁ ହେବ ଯେ ଏହା କେବଳ ଗୋଟାଏ ଯନ୍ତ୍ର ଏବଂ ଏହାର ପଶ୍ଚାତରେ ଏକମାତ୍ର ମା'ଙ୍କ ଇଚ୍ଛାହିଁ ଈପ୍ସିତ ଫଳ ପ୍ରଦାନ କରିପାରେ । ପରେ ସାଧକ ଯେତେବେଳେ ଅନ୍ତରରେ ମା'ଙ୍କ ଶକ୍ତି କାର୍ଯ୍ୟ କରୁଛି ବୋଲି ପୂର୍ଣ୍ଣରୂପେ ସଚେତନ ହୁଏ, ସେତେବେଳେ ବ୍ୟକ୍ତିଗତ ଇଚ୍ଛା ସ୍ଥାନରେ ଭାଗବତ ଇଚ୍ଛା ସ୍ଥାପିତ ହୁଏ ।

(୧୫-୦୭-୧୯୩୫)

## (୩)

କର୍ମରେ କେବଳ ଗୋଟାଏ ସାଧାରଣ ମନୋଭାବ ରଖିଲେ ଚଳିବ ନାହିଁ । ବରଂ ପ୍ରତ୍ୟେକ କାର୍ଯ୍ୟ ମା'ଙ୍କୁ ଅର୍ପଣ କରିବାକୁ ହେବ, ଯଦ୍ଦ୍ୱାରା ଏହି ମନୋଭାବ ସର୍ବଦା ଜୀବନ୍ତ ରହିପାରେ । କର୍ମ କରିବା ସମୟରେ ଧ୍ୟାନ କରିବା ଠିକ୍ ନୁହେଁ, କାରଣ ତଦ୍ଦ୍ୱାରା କର୍ମରୁ ମନୋଯୋଗ ଚାଲିଯିବ; ଯାହାଙ୍କୁ ତୁମେ କର୍ମ ଅର୍ପଣ କରୁଛ ସେହି ପରମଙ୍କୁ ନିରନ୍ତର ସ୍ମରଣ କରିବା ଉଚିତ । ଏହା ହେଲା କେବଳ ଏକ ପ୍ରାଥମିକ ପ୍ରଣାଳୀ; କାରଣ ତୁମର ବାହ୍ୟ ମନ କାର୍ଯ୍ୟ କରୁଥିବା ସତ୍ତ୍ୱେ ତୁମ ଭିତରେ ଗୋଟିଏ ଶାନ୍ତ ସତ୍ତା ଦିବ୍ୟ ସାନ୍ନିଧ୍ୟରେ କେନ୍ଦ୍ରୀଭୂତ ଭାବରେ ଏକାଗ୍ର ରହିଛି । ଏହି ବୋଧ ଯେତେବେଳେ ତୁମର ନିରନ୍ତର ରହିବ, ଅଥବା ଯଦି ତୁମେ ସର୍ବଦା ଅନୁଭବ କରିବାକୁ ଆରମ୍ଭ କରିବ ଯେ ମା'ଙ୍କ ଶକ୍ତି କାର୍ଯ୍ୟ କରୁଛି ଏବଂ ତୁମେ ସେହି ଶକ୍ତି ପ୍ରବାହର ଗୋଟିଏ ପ୍ରଣାଳୀ ବା ଯନ୍ତ୍ରମାତ୍ର, ସେତେବେଳେ ସ୍ମରଣ ସ୍ଥାନରେ ଆରମ୍ଭ ହୁଏ କର୍ମ ମଧ୍ୟଦେଇ ସ୍ୱତଃ ଯୋଗ-ଉପଲବ୍ଧି ଏବଂ ଭଗବାନଙ୍କ ସଙ୍ଗେ ମିଳନ ।

## ମା'ଙ୍କ ଇଚ୍ଛାର ଅନୁସରଣ ପାଇଁ ସର୍ତ୍ତାବଳୀ

ମା'ଙ୍କ ଇଚ୍ଛା ଅନୁସରଣ କରିବାର ସର୍ତ୍ତଗୁଡ଼ିକ ହେଲା, ତାଙ୍କ ଦିବ୍ୟ ଆଲୋକ, ସତ୍ୟ ଏବଂ ସାମର୍ଥ୍ୟର ଅଭିମୁଖୀ ହେବା, ଅନ୍ୟ କୌଣସି ଶକ୍ତି ଯେପରି ତୁମକୁ ପରିଚାଳିତ ବା ପ୍ରଭାବିତ ନ କରେ ଏ ବିଷୟରେ ଅଭୀପ୍ସା କରିବା, ପ୍ରାଣରେ କୌଣସି ଦାବି ବା କୌଣସି ସର୍ତ୍ତ ନ ଆଣିବା; ଦିବ୍ୟ ସତ୍ୟକୁ ଗ୍ରହଣ କରିବା ସକାଶେ ମନକୁ ସ୍ଥିର ରଖିବା, ପ୍ରସୂତ ଧାରଣା ବା ଭାବ ଉପରେ ଜୋର୍ ନ ଦେବା ଏବଂ ଅବଶେଷରେ ଚୈତ୍ୟପୁରୁଷଙ୍କୁ ଜାଗ୍ରତ୍ କରିବା ଓ ସମ୍ମୁଖରେ ରଖିବା ଯଦ୍ଦ୍ୱାରା ତୁମେ ସର୍ବଦା ମା'ଙ୍କ ସଂସ୍ପର୍ଶରେ ରହିବ ଏବଂ ତାଙ୍କ ଇଚ୍ଛା କ'ଣ ଯଥାର୍ଥ ଭାବରେ ଜାଣିପାରିବ । କାରଣ ମନ-ପ୍ରାଣ ଅନ୍ୟ ସମସ୍ତ ଆବେଗ ଓ ଇଙ୍ଗିତକୁ ଭାଗବତ ଇଚ୍ଛା ବୋଲି ଭୁଲ୍ କରି ପାରନ୍ତି; କିନ୍ତୁ ଥରେ ଚୈତ୍ୟପୁରୁଷ ଜାଗ୍ରତ୍ ହେଲେ ସେ କୌଣସି ଭୁଲ୍ କରନ୍ତି ନାହିଁ ।

କେବଳ ଅତିମାନସର ପ୍ରତିଷ୍ଠା ପରେ ହିଁ ଚରମ ପୂର୍ଣ୍ଣତା ସମ୍ଭବ ହୋଇପାରେ । କିନ୍ତୁ ତାହା ପୂର୍ବରୁ ନିମ୍ନଭୂମିରେ ବି ସାଧକ ପକ୍ଷେ ଅପେକ୍ଷାକୃତ ଭଲଭାବରେ କାର୍ଯ୍ୟ କରିବା ସମ୍ଭବ ହୁଏ, ଯଦି ସେ ଭଗବାନଙ୍କ ସଂସ୍ପର୍ଶରେ ରହେ ଏବଂ ମନ-ପ୍ରାଣ-ଦେହରେ ସାବଧାନ, ଜାଗ୍ରତ୍ ଓ ସଚେତନ ରହେ । ଏହା ଏକ ସର୍ତ୍ତ, ଏହାଛଡ଼ା ପରମ ମୁକ୍ତି ନିମିତ୍ତ ଏହା ଏକ ପ୍ରସ୍ତୁତି ଯାହାକି ପ୍ରାୟ ଅପରିହାର୍ଯ୍ୟ ।

(ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ, ପୃ.୫୦୨-୫୦୭) ❖

# ଧମ୍ମପଦ

## (୮)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଜ୍ଝିମ ନିକାୟ, ସଂୟୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢୁଥିଲେ । ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ ''Commentaries surle Dhammapada'' ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ । – ସଂପାଦନା]

ଚତୁର୍ଥ ଅଧ୍ୟାୟ

### ପୁପ୍‌ଫବଗ୍‌ଗୋ (ପୁଷ୍ପବର୍ଗ)

(୧)

କୋ ଇମଂ ପଠବିଂ ବିଜେସ୍‌ସତି ୟମଲୋକଞ୍ଚ ଇମଂ ସଦେବକଂ ।
କୋ ଧମ୍ମପଦଂ ସୁଦେସିତଂ କୁସଲୋ ପୁପ୍‌ଫମିବ ପଚେସ୍‌ସତି ॥

(Who will conquer this Earth and this world of Death and the world of the gods as well? Who will find out and show the Right Path even like an expert florist?)

କିଏ ଏହି ପୃଥିବୀକୁ ଏବଂ ଏହି ଯମଲୋକ ଓ ଦେବଲୋକକୁ ଜୟ କରିବ ? କିଏ ନିପୁଣ ପୁଷ୍ପଚୟନକାରୀ ପରି ସତ୍ୟ ପଥ ଆବିଷ୍କାର କରିବ ଓ ଦେଖାଇବ ?

(୨)

ସେଖୋ ପଠବିଂ ବିଜେସ୍‌ସତି ୟମଲୋକଞ୍ଚ
ଇଦଂ ସଦେବକଂ ।
ସେଖୋ ଧମ୍ମପଦଂ ସୁଦେସିତଂ କୁସଲୋ
ପୁପ୍‌ଫମିବ ପ୍‌ପଚେସ୍‌ସତି ॥

(The Disciple will coquer the Earth and this world of Death, and the world of the gods as well. The Disciple will find out and show the Right Path even like an expert florist.)

ଶିକ୍ଷାର୍ଥୀ ପୃଥିବୀକୁ ଏବଂ ଦେବଲୋକ ସହିତ ଯମଲୋକକୁ ଜୟ କରିବ । ନିପୁଣ ପୁଷ୍ପଚୟନକାରୀ ପରି ଶିକ୍ଷାର୍ଥୀ ସତ୍ୟ ପଥ ଆବିଷ୍କାର କରିବ ଏବଂ ଦେଖାଇବ ।

(୩)

ଫେଣୂପମଂ କାୟମିମଂ ବିଦିତ୍ୱା
ମରୀଚିଧମ୍ମଂ ଅଭିସମ୍ବୁଧାନୋ ।
ଛେତ୍ୱାନ ମାରସ୍‌ସ ପପୁପ୍‌ଫକାନି
ଅଦସ୍‌ସନଂ ମଚ୍ଚୁରାଜସ୍‌ସ ଗଚ୍ଛେ ॥

(He knows the body to be like foam, he recognises it to be of the same nature as a mirage. He cleaves the flowery shafts of the Tempter, he passes beyond the sight of king Death.)

ସେ ଏହି ଶରୀରକୁ ଫେଣ (ପାଣି ଫୋଟକା) ପରି ଜ୍ଞାନ କରନ୍ତି; ସେ ଏହାକୁ ମରୀଚିକାର ଲକ୍ଷଣରେ ଯୁକ୍ତ ଦେଖନ୍ତି । ସେ 'ମାର'ର ପୁଷ୍ପିତ ଶରମାନଙ୍କୁ ଛେଦନ କରନ୍ତି ତଥା ସେ ଯମରାଜାଙ୍କର ଦୃଷ୍ଟିର ବାହାରକୁ ଚାଲି ଯାଆନ୍ତି ।

(୪)

ପୁପ୍‌ଫାନି ହେବ ପଚିନନ୍ତଂ ବ୍ୟାସତ୍ତମନସଂ ନରଂ ।
ସୁତ୍ତଂ ଗାମଂ ମହୋଘୋ'ବ ମଚ୍ଚୁ ଆଦାୟ ଗଚ୍ଛତି ॥

(As a mighty flood overtakes a sleeping village, even so Death comes and takes away the man with an obsessed mind busy collecting only flowers here.)

ଯେପରି ସୁପ୍ତ ଗ୍ରାମ ମହାପ୍ଲାବନରେ ବିନଷ୍ଟ ହୁଏ, ସେହିପରି ଏଠାରେ ପୁଷ୍ପାହରଣରେ ବ୍ୟାପୃତ ବିଶେଷ ଆସକ୍ତମନା ଲୋକକୁ ମୃତ୍ୟୁ ନେଇ ଚାଲିଯାଏ ।

(୫)

ପୁପ୍‌ଫାନି ହେବ ପଚିନନ୍ତଂ ବ୍ୟାସତ୍ତମନସଂ ନରଂ ।
ଅତିତ୍ତଂ ୟେବ କାମେସୁ ଅନ୍ତକୋ କୁରୁତେ ବସଂ ॥

(Death possesses the man who is never satisfied in his desires, who is busy collecting only flowers here with an obsessed mind.)

ପୁଷ୍ପାହରଣରତ, କାମନାମାନଙ୍କରେ ଅତୃପ୍ତ, ବିଶେଷ ଆସକ୍ତମନା ବ୍ୟକ୍ତି ମୃତ୍ୟୁର ବଶବର୍ତ୍ତୀ ହୁଏ ।

(୬)

ୟଥାପି ଭମରୋ ପୁପ୍‌ଫଂ ବଣ୍ଣଗନ୍ଧଂ ଅହେଠୟଂ ।
ପଲେତି ରସମାଦାୟ ଏବଂ ଗାମେ ମୁନୀ ଚରେ ॥

(The wise one will move on from door to door, in a village, even like a bee that collects honey from flower to flower,

hurting neither their colour nor their fragrance.)

ଯେପରି ଭ୍ରମର, ପୁଷ୍ପର ବର୍ଣ୍ଣ ଓ ସୁଗନ୍ଧ ବିନଷ୍ଟ ନ କରି ମଧୁମାତ୍ର ସଂଗ୍ରହ କରି ପ୍ରସ୍ଥାନ କରେ, ସେହିପରି ମୁନି ଗ୍ରାମରେ ବିଚରଣ କରିବେ ।

(୭)

ନ ପରେସଂ ବିଲୋମାନି ନ ପରେସଂ କତାକତଂ ।
ଅତ୍ତନୋ'ବ ଅବେକ୍ଖେୟ୍ୟ କତାନି ଅକତାନି ଚ ।।

(Do not look at the lapses of others, what they have done or not done. Look only at what you have yourself done or not done.)

ଅପରର ତ୍ରୁଟି, ଅପରର କୃତ ବା ଅକୃତ କର୍ମ ଉପରେ ଦୃଷ୍ଟି ଦିଅ ନାହିଁ । ତୁମର ନିଜର କୃତ ବା ଅକୃତ କର୍ମ ଉପରେ ଦୃଷ୍ଟି ରଖ ।

(୮)

ଯଥାପି ରୁଚିରଂ ପୁପ୍ଫଂ ବଣ୍ଣବନ୍ତଂ ଅଗନ୍ଧକଂ ।
ଏବଂ ସୁଭାସିତା ବାଚା ଅଫଲା ହୋତି ଅକୁବ୍ବତୋ ।।

(Even like a flower with beauty and colour but without fragrance, a word well-spoken is barren unless it is acted upon.)

ଉତ୍ତମ ବର୍ଣ୍ଣସମ୍ପନ୍ନ, ସୁନ୍ଦର କିନ୍ତୁ ଗନ୍ଧହୀନ ପୁଷ୍ପ ପରି ସଦୁକ୍ତି କାର୍ଯ୍ୟରେ ପରିଣତ ନ ହେଲେ ନିଷ୍ଫଳ ହୁଏ ।

(୯)

ଯଥାପି ରୁଚିରଂ ପୁପ୍ଫଂ ବଣ୍ଣବନ୍ତଂ ସୁଗନ୍ଧକଂ ।
ଏବଂ ସୁଭାସିତା ବାଚା ସଫଲା ହୋତି ସ କୁବ୍ବତୋ ।।

(Even like a flower with beauty and colour and with fragrance, a word well-spoken is fruitful when acted upon.)

ସୁନ୍ଦର, ଉତ୍ତମ ବର୍ଣ୍ଣ ଓ ସୁଗନ୍ଧଯୁକ୍ତ ପୁଷ୍ପ ପରି ସଦୁକ୍ତି କାର୍ଯ୍ୟରେ ପରିଣତ ହେଲେ ସଫଳ ହୁଏ ।

(୧୦)

ଯଥାପି ପୁପ୍ଫରାସିମ୍ହା କୟିରା ମାଲାଗୁଣେବହୂ ।
ଏବଂ ଜାତେନ ମଚ୍ଚେନ କତ୍ତବ୍ବଂ କୁସଲଂ ବହୁଂ ।।

(As out of a heap of flowers one can make great many garlands, even so a mortal in this birth may do great many good deeds.)

ଯେପରି ସ୍ତୁପୀକୃତ ଫୁଲରୁ ଜଣେ ବହୁବିଧ ମାଳା ଗୁନ୍ଥିପାରେ, ସେହିପରି ଇହଲୋକରେ ଜନ୍ମଲାଭ କରିଥିବା ମନୁଷ୍ୟ ଅନେକ ସତ୍ କ୍ରିୟା କରିପାରେ ।

(୧୧)

ନ ପୁପ୍ଫଗନ୍ଧୋ ପଟିବାତମେତି
ନ ଚନ୍ଦନଂ ତଗରମଲ୍ଲିକା ବା ।
ସତଞ୍ଚ ଗନ୍ଧୋ ପଟିବାତମେତି
ସବ୍ବା ଦିସା ସପ୍ପୁରିସୋ ପବାତି ।।

(The fragrance of a flower does not move against the wind, neither the fragrance of sandal, nor of incense nor of jasmine. But the fragrance of the saint travels against the wind; like the wind the holy man spreads himself everywhere.)

ଚନ୍ଦନ, ଧୂପ ବା ମଲ୍ଲିକା ବା ଅନ୍ୟ କୌଣସି

ଫୁଲର ସୁଗନ୍ଧ ପବନର ବିପରୀତ ଦିଗରେ ଯାଇପାରେ ନାହିଁ । କିନ୍ତୁ ସାଧୁ ଲୋକର ଯଶଃସୌରଭ ପବନର ବିପରୀତ ଦିଗରେ ଯାଏ; ବାୟୁ ସଦୃଶ ତାହା ସମସ୍ତ ଦିଗକୁ ପ୍ରବାହିତ ହୁଏ ।

(୧୨)

ଚନ୍ଦନଂ ତଗରଂ ବାପି ଉପ୍ପଲଂ ଅଥ ବସ୍‌ସିକୀ ।
ଏତେସଂ ଗନ୍ଧଜାତାନଂ ସୀଲଗନ୍ଧୋ ଅନୁତ୍ତରୋ ।।

(Whether it is sandal or incense or jasmine or lily nothing has a perfume superior to that of good conduct.)

ଚନ୍ଦନ, ଧୂପ, ମଲ୍ଲିକା ବା ଉତ୍ପଳ,– ଏମାନଙ୍କ ସୌରଭ ଅପେକ୍ଷା ଶୀଳ ଅର୍ଥାତ୍ ସଦାଚାରର ସୁବାସ ଶ୍ରେଷ୍ଠ ।

(୧୩)

ଅପ୍ପମତ୍ତୋ ଅୟଂ ଗନ୍ଧୋ ୟା'ୟଂ ତଗରଚନ୍ଦନୀ ।
ୟୋ ଚ ସୀଲବତଂ ଗନ୍ଧୋ ବାତି ଦେବେସୁ ଉତ୍ତମୋ ।।

(A little thing it is, this fragrance that is in incense and sandal; but the fragrance that emanates from the righteous is the fairest that blows towards the gods.)

ଧୂପ ଓ ଚନ୍ଦନର ଯେଉଁ ସୌରଭ ତାହା ଅଳ୍ପମାତ୍ର । କିନ୍ତୁ ସାଧୁ ଲୋକମାନଙ୍କର ଯେଉଁ ଉତ୍କୃଷ୍ଟ ସୌରଭ ତାହା ଦେବତାମାନଙ୍କ ମଧ୍ୟରେ ପ୍ରବାହିତ ହୁଏ ।

(୧୪)

ତେସଂ ସମ୍ପନ୍ନସୀଲାନଂ ଅପ୍ପମାଦବିହାରିନଂ ।
ସମ୍ମଦଞ୍ଞାବିମୁତ୍ତାନଂ ମାରୋ ମଗ୍‌ଗଂ ନ ବିନ୍ଦତି ।।

(*Mãra* cannot find out the way of those who have realised the virtues, who live and move without error and delusion, who have gained perfect knowledge and so attained liberation.)

ଶୀଳସମ୍ପନ୍ନ ଯେଉଁମାନେ, ଯେଉଁମାନଙ୍କ ଜୀବନଧାରା ଅପ୍ରମତ୍ତ, ଯେଉଁମାନେ ପୂର୍ଣ୍ଣଜ୍ଞାନ ଲାଭ କରିବା ହେତୁ ମୁକ୍ତିଲାଭ କରିଛନ୍ତି, ସେମାନଙ୍କ ମାର୍ଗ 'ମାର' ଜାଣେ ନାହିଁ ।

(୧୫,୧୬)

ୟଥା ସଂକାରଧାନସ୍ମିଂ ଉଜ୍‌ଝିତସ୍ମିଂ ମହାପଥେ ।
ପଦୁମଂ ତତ୍‌ଥ ଜାୟେଥ ସୁଚିଗନ୍ଧଂ ମନୋରମଂ ।।
ଏବଂ ସଂକାରଭୂତେସୁ ଅନ୍ଧଭୂତେ ପୁଥୁଜ୍ଜନେ ।
ଅତିରୋଚତି ପଞ୍ଞାୟ ସମ୍ମାସମ୍ବୁଦ୍ଧସାବକୋ ।।

(As the lotus blooms, fragrant and beautiful, out of a heap of rubbish left on the highway, even so, among the ignorant and blinded masses of men the disciple of the Perfectly Enlightened shines out in his knowledge.)

ଯେପରି ବିସ୍ତୀର୍ଣ୍ଣ ମାର୍ଗ ନିକଟରେ ତ୍ୟକ୍ତ ହୋଇଥିବା ଆବର୍ଜନାରାଶି ମଧ୍ୟରେ ସୌରଭବିଶିଷ୍ଟ ମନୋହର ପଦ୍ମ ଜାତ ହୁଏ, ସେହିପରି ଅଜ୍ଞାନତମସାଚ୍ଛନ୍ନ ସାଧାରଣ ଲୋକମାନଙ୍କ ମଧ୍ୟରେ ବୁଦ୍ଧ-ଶିଷ୍ୟ (ନିଜ) ଜ୍ଞାନ ଦ୍ୱାରା ଦୀପ୍ତମାନ୍ ହୁଅନ୍ତି ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏହି ଶ୍ଳୋକଗୁଡ଼ିକରେ କେତେକ ଜ୍ଞାନଗର୍ଭ ଶିକ୍ଷାପ୍ରଦ ବାକ୍ୟ ଅଛି । ଯଥା – ଅପର ଲୋକେ କ'ଣ କରୁଛନ୍ତି ବା ସେମାନେ କ'ଣ ଭୁଲ୍ କରୁଛନ୍ତି, ସେ ବିଷୟରେ ବ୍ୟାପୃତ ନ ରହି ନିଜର ତ୍ରୁଟି ଓ ପ୍ରମାଦ ବିଷୟରେ ସତର୍କ ରହିବା ଏବଂ

ସେଗୁଡ଼ିକୁ ସଂଶୋଧନ କରିବା । ଅନ୍ୟ ଏକ ଜ୍ଞାନଗର୍ଭ ଉପଦେଶ ଏହି ଯେ ଯାହା କାର୍ଯ୍ୟରେ ପରିଣତ କରିପାରିବ ନାହିଁ, ସେପରି ଗୁଡ଼ାଏ ବଡ଼ ବଡ଼ କଥା କହିବ ନାହିଁ – ଅଳ୍ପ କଥା କହିବ, ସତ୍ କର୍ମ କରିବ । ମନୋହର କଥା ଯଦି କେବଳ ମାତ୍ର କଥାହିଁ ହୁଏ, ତା'ହେଲେ ତାହା ନିର୍ଗନ୍ଧ ଫୁଲ ସଙ୍ଗେ ତୁଳନୀୟ ।

ପରିଶେଷରେ କାଳେ ତୁମେ ତୁମର ଦୋଷତ୍ରୁଟି ଦ୍ୱାରା ନିରୁତ୍ସାହିତ ହୋଇପଡ଼ିବ, ସେଥିପାଇଁ ଧମ୍ମପଦ ଏଠାରେ ଗୋଟିଏ ସାନ୍ତ୍ୱନାଦାୟକ ଚିତ୍ର ଉପସ୍ଥାପନ କରୁଛି : ପଥପାର୍ଶ୍ୱରେ ସ୍ତୂପୀକୃତ ଆବର୍ଜନା ମଧ୍ୟରୁ ପବିତ୍ରତମ ପଦ୍ମର ଉଦ୍ଭବ ହୋଇପାରେ, ଅର୍ଥାତ୍ ଏପରି ଅଧଃପତିତ ଅବସ୍ଥା କିଛି ନାହିଁ ଯାହାକି ପବିତ୍ରତମ ଉପଲବ୍ଧିର ଜନ୍ମଦାତା ହୋଇ ନପାରେ ।

ଅତୀତ ଜୀବନରେ ଯାହା ଘଟିଥାଉନା କାହିଁକି, ଯାହାକିଛି ଦୋଷତ୍ରୁଟି କରାହୋଇ ଥାଉନା କାହିଁକି, ଯେଉଁ ପ୍ରକାର ଅବିଦ୍ୟା (ignorance) ମଧ୍ୟରେ ଜଣେ ବାସ କରିଥାଉନା କାହିଁକି, ବ୍ୟକ୍ତି ନିଜର ଅନ୍ତରର ଗଭୀରରେ ପରମ ପବିତ୍ରତା ବହନ କରୁଅଛି ଯାହାର ଏକ ବିସ୍ମୟଜନକ ଉପଲବ୍ଧିରେ ପରିଣତି ଘଟେ ।

ଏଠାରେ ସାର ବିଷୟ ଏହି ଯେ ଉପର୍ଯ୍ୟୁକ୍ତ ବିଷୟ ପ୍ରତି ଧ୍ୟାନ ଦେବା, ତହିଁରେ ମନୋନିବେଶ କରିବା ଏବଂ ନିଜର ବାଧା, ବିଘ୍ନ, ପ୍ରତିବନ୍ଧକାଦି ବିଷୟରେ ବ୍ୟାପୃତ ନ ରହିବା ।

ତୁମେ କ'ଣ ହେବାକୁ ଚାହଁ ସେ ବିଷୟରେ ସଂପୂର୍ଣ୍ଣ ମନୋନିବେଶ କର ଏବଂ ତୁମେ ଯାହା ହେବାକୁ ନ ଚାହଁ ତାହା ଯଥାସମ୍ଭବ ସଂପୂର୍ଣ୍ଣରୂପେ ଉପେକ୍ଷା କର ।

(କ୍ରମଶଃ)

("Mother's Commentary on the Dhammapada"
ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ,
ପୃଷ୍ଠା : ୪୬ - ୫୩)

ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ ✤

## ସମର୍ପଣର ସାରବସ୍ତୁ ...

ଆନ୍ତର ସମର୍ପଣର ସାରବସ୍ତୁ ହେଲା ଭଗବାନଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା । ସାଧକର ଭାବ ଏହିପରି ହେବା ଉଚିତ – ''ମୁଁ କେବଳ ଭଗବାନଙ୍କୁ ଚାହେଁ, ଆଉ କିଛି ଚାହେଁ ନାହିଁ । ମୁଁ ତାଙ୍କ ପାଖରେ ନିଃଶେଷରେ ଆତ୍ମଦାନ କରିବାକୁ ଚାହେଁ; ଯଦି ମୋର ଆତ୍ମ-ପୁରୁଷଙ୍କର ଏହାହିଁ ସଂକଳ୍ପ, ତେବେ ମୁଁ ଭଗବାନଙ୍କର ସାକ୍ଷାତ୍ ଉପଲବ୍ଧି ନିଶ୍ଚୟହିଁ ପାଇବି । ମୁଁ ଏହା ବ୍ୟତିରେକେ ଆଉ କିଛି ଚାହୁଁ ନାହିଁ । ମୁଁ କେବଳ ଏହାହିଁ ଚାହେଁ ଯେ ମୋ ମଧ୍ୟରେ ତାଙ୍କର ଯେଉଁ ପ୍ରଚ୍ଛନ୍ନ ବା ପ୍ରଘଟ, ନିଗୂଢ଼ ବା ସୁସ୍ପଷ୍ଟ କ୍ରିୟା ଚାଲୁଅଛି, ତାହା ଯେପରି ମୋତେ ତାଙ୍କ ନିକଟକୁ ନେଇଯାଏ । ମୁଁ ମୋ ନିଜ ସମୟରେ, ନିଜ ଧାରାରେ କିଛି ହେବାକୁ ଚାହେଁ ନାହିଁ, ତାଙ୍କ ସମୟରେ ତାଙ୍କ ଧାରାରେ ସେ ସବୁ କିଛି କରନ୍ତୁ, ମୁଁ ତାଙ୍କ ପ୍ରତି ବିଶ୍ୱାସ ରଖିବି, ତାଙ୍କ ଇଚ୍ଛାକୁ ମାନି ନେବି, ତାଙ୍କ ଜ୍ୟୋତିଃ ଓ ତାଙ୍କ ସାନ୍ନିଧ ଓ ତାଙ୍କ ଆନନ୍ଦ ନିମିତ୍ତ ଆସ୍ପୃହା ରଖିବି, ତାଙ୍କ ଉପରେ ନିର୍ଭର ରଖି, କେବେ ବି ଭରସା ନ ହରାଇ ସକଳ ବାଧାବିଘ୍ନର ସମ୍ମୁଖୀନ ହେବି । ମୋ ମନ ଅଚଞ୍ଚଳ ହୋଇ ତାଙ୍କ ଉପରେ ଭରସା ରଖୁ, ସେ ମୋ ମନକୁ ତାଙ୍କ ଦିବ୍ୟ ଜ୍ୟୋତିଃ ଆଡ଼କୁ ଉନ୍ମୁକ୍ତ କରାନ୍ତୁ, ମୋର ପ୍ରାଣ ଅବିଚଳିତ ହୋଇ ତାଙ୍କରି ଆଡ଼କୁ, କେବଳହିଁ ତାଙ୍କରି ଆଡ଼କୁ ଉନ୍ମୁକ୍ତ ରହୁ, ଏବଂ ତାଙ୍କର ଧୈର୍ଯ୍ୟ ପ୍ରତି ଉନ୍ମୀଳିତ ହେଉ । ସବୁକିଛି ତାଙ୍କ ନିମିତ୍ତ, ମୁଁ ବି ତାଙ୍କ ନିମିତ୍ତ । ଯାହାହିଁ ଘଟୁ ମୁଁ ଏହି ଅଭୀପ୍ସା ଓ ଆତ୍ମଦାନ ଅକ୍ଷୁଣ୍ଣ ରଖିବି, ଏବଂ ପୂର୍ଣ୍ଣ ଭରସା ରଖିବି ଯେ ମୁଁ ଯାହା ଚାହୁଁଅଛି ତାହା ସେ ନିଶ୍ଚୟହିଁ କରିବେ ।''

ଏହି ଭାବ ମଧ୍ୟରେ ସାଧକକୁ ଧୀରେ ଧୀରେ ବଢ଼ି ଉଠିବାକୁ ହେବ ... ...

– ଶ୍ରୀଅରବିନ୍ଦ

# ଚାବିକାଠିଟି ନିଜ ଭିତରେ

## ଶ୍ରୀମା

ମୂଳତଃ, ମାନବ ସମାଜର ଏକ ବିପୁଳ ସଂଖ୍ୟାଗରିଷ୍ଠ ଅଂଶ ଏକ ପ୍ରକାର ବନ୍ଦୀ ଭଳି ଜୀବନ କଟାନ୍ତି; ସମସ୍ତ କବାଟ ଝରକା ବନ୍ଦ ରହିଥାଏ ଓ ତା' ଭିତରେ ସେମାନେ ଶ୍ୱାସରୁଦ୍ଧ ହୋଇ ରହିଥା'ନ୍ତି, ଯାହା ହେବା ଖୁବ୍ ସ୍ୱାଭାବିକ । କିନ୍ତୁ ସେମାନଙ୍କ ନିଜ ପାଖରେହିଁ ସେହି ଚାବିକାଠିଟି ରହିଛି ଯାହାଦ୍ୱାରା ସେମାନେ ସେହି ଦରଜା, ଝରକା ଖୋଲିଦେଇ ପାରନ୍ତେ, କିନ୍ତୁ ସେମାନେ ସେହି ଚାବିକୁ ବ୍ୟବହାର କରନ୍ତି ନାହିଁ । ଅବଶ୍ୟ ଏହା ଠିକ୍ ଯେ ଗୋଟିଏ ସମୟ ଥାଏ ଯେତେବେଳେ ସେମାନେ ଜାଣି ନ ଥା'ନ୍ତି ଯେ ଚାବିଟି ସେମାନଙ୍କ ନିଜ ପାଖରେହିଁ ରହିଛି । କିନ୍ତୁ ସେହି ଚାବି କଥାଟି ଜାଣିସାରିବା ପରେ ବହୁଦିନ କଟି ଯାଇଥିଲେ ମଧ୍ୟ, ସେବିଷୟରେ ସେମାନଙ୍କୁ ସ୍ପଷ୍ଟ ଜଣାଇଦେବା ପରେ ବହୁକାଳ ବିତି ଯାଇଥିଲେ ମଧ୍ୟ ତଥାପି ସେମାନେ ସେହି ଚାବିକାଠିର ସଦ୍‌ବ୍ୟବହାର କରିବାକୁ କୁଣ୍ଠିତ ହୁଅନ୍ତି । ସେମାନଙ୍କ ଭିତରେ ସନ୍ଦେହ ଆସେ ଯେ ସତରେ କ'ଣ ଏହି ଚାବିର ସେହିସବୁ ବନ୍ଦ ଦରଜା ଓ ଝରକା ଖୋଲିଦେବାର ଶକ୍ତି ଅଛି ? ଏପରିକି ସେଗୁଡ଼ିକ ଖୋଲିଦେବା କେତେଦୂର ବାଞ୍ଛନୀୟ, ସେ ସଂପର୍କରେ ମଧ୍ୟ ସେମାନଙ୍କ ଭିତରେ ସନ୍ଦେହ ଓ ପ୍ରଶ୍ନ ଦେଖାଦିଏ । ଏପରିକି ଯଦି ସେମାନେ ଥରଟିଏ ଅନୁଭବ କଲେ ଯେ, ''ଯା'ହେଲେ ବି ଏଗୁଡ଼ିକ ଖୋଲିଦେବାହିଁ ବାଞ୍ଛନୀୟ'', ତଥାପି ଏକପ୍ରକାର ଭୟ ସେମାନଙ୍କୁ ଡରାଇ ଚାଲେ ଯେ, ''ଯଦି ଥରେ ଏହିସବୁ ଦରଜା, ଝରକା ଖୋଲିଯାଏ ତେବେ ତା'ପରେ କ'ଣ ଘଟିବ ?'' ସେହି ଭୟ ସେମାନଙ୍କୁ କବଳିତ କରେ; ବନ୍ଦ କବାଟସବୁ ଖୋଲିଗଲେ ଯେଉଁ ଆଲୋକ ଓ ଯେଉଁ ମୁକ୍ତି ମିଳିବ ତହିଁରେ ସେମାନେ ନିଜକୁ କାଳେ ହରାଇ ଦେବେ ବୋଲି ଭୟଭୀତ ହୋଇ ପଡ଼ନ୍ତି । ଯାହାକୁ ସେମାନେ 'ନିଜେ' ବୋଲି କହିଥା'ନ୍ତି ତାହାରି ଭିତରେ ଆବଦ୍ଧ ହୋଇ ରହିବାକୁହିଁ ସେମାନେ ଚାହାନ୍ତି । ସେହି ମିଥ୍ୟା ଓ ଦାସତ୍ୱକୁ ସେମାନେ ଭଲ ପାଆନ୍ତି । ସେମାନଙ୍କ ଭିତରେ କିଛି ଅଂଶ ତାହାକୁ ଭଲ ପାଉଥାଏ ଓ ତାହାକୁ ଜାବୁଡ଼ି ଧରି ରହିଥାଏ । ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କର ସୀମାଗୁଡ଼ିକୁ ଯଦି ଉଠାଇ ନିଆଯାଏ ତା'ହେଲେ ସେମାନେ ଆଉ ଆଦୌ ତିଷ୍ଠି ପାରିବେ ନାହିଁ ।

ସେଥିପାଇଁ ଯୋଗ-ପଥରେ ଆମର ଏହି ଯାତ୍ରାଟି ଏତେ ଦୀର୍ଘ ଓ ଏତେ ବାଧାବିଘ୍ନପୂର୍ଣ୍ଣ ହୋଇଥାଏ । କାରଣ ଯଦି ଆମେ ଯାହା ହୋଇ ରହିଛୁ ଆଉ ସେପରି ହୋଇ ନ ରହିବା ପାଇଁ ପୂର୍ଣ୍ଣ ପ୍ରାଣରେ ସମ୍ମତି ଦେଉ, ତେବେ ସବୁକିଛି କେଡ଼େ ସହଜ ହୋଇଯାଏ, କେଡ଼େ ତ୍ୱରାନ୍ୱିତ, କେଡ଼େ ଆଲୋକମୟ ଓ ଆନନ୍ଦମୟ ହୋଇଉଠେ – ଅବଶ୍ୟ ମଣିଷମାନେ ଯାହାକୁ ଆନନ୍ଦ ଓ ସ୍ୱଚ୍ଛନ୍ଦ ବୋଲି କୁହନ୍ତି ଏହା ସେହି ରୂପ ନେଇ ଆସେ ନାହିଁ । ଖୁବ୍ କ୍ୱଚିତ୍ ଲୋକ ଅଛନ୍ତି ଯେଉଁମାନଙ୍କର ନିଜ ଭିତରେ ସଂଗ୍ରାମର ଆକର୍ଷଣ ନାହିଁ । ଖୁବ୍ କ୍ୱଚିତ୍ ଲୋକ ଅଛନ୍ତି ଯେଉଁମାନେ ନିଜ ଭିତରେ ଆଦୌ କୌଣସି ଅନ୍ଧକାର ନ ରହିବା ପାଇଁ ସଙ୍ଗେ ସଙ୍ଗେ ସମ୍ମତ ହେବେ ବା ଯେଉଁମାନେ ଆଲୋକକୁ ଅଜ୍ଞାନ ବା ଅନ୍ଧକାରର ମାତ୍ର ଏକ ବିପରୀତ ଜିନିଷ ଛଡ଼ା ଅନ୍ୟକିଛି ବୋଲି କଳ୍ପନା କରି ପାରିବେ । ସେମାନେ ଭାବନ୍ତି : ''ଛାୟା ବିନା କୌଣସି ଅଙ୍କନ ସମ୍ଭବପର ନୁହେଁ, ସଂଘର୍ଷ ବିନା କୌଣସି ବିଜୟ ସମ୍ଭବପର ନୁହେଁ । ଦୁଃଖ ବା ବେଦନା ବିନା କୌଣସି ଆନନ୍ଦ ସମ୍ଭବପର ନୁହେଁ ।'' ସେମାନେ ଏହିପରିହିଁ ଭାବିଥାଆନ୍ତି ଏବଂ ସେପର୍ଯ୍ୟନ୍ତ ଏହିପରି ଭାବି ଚାଲୁଥିବେ ଯେପର୍ଯ୍ୟନ୍ତ ସେମାନେ ଆତ୍ମାର ସତ୍ୟରେ ଜନ୍ମଲାଭ କରି ନାହାନ୍ତି ।

(C.W.M. Vol. 9, pp.430 - 431) ❖

# ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗ ସମୟରେ

## (ଶ୍ରୀମା'ଙ୍କ ଏକ ଅନୁଭୂତି)

*''ସେ ତାଙ୍କ ଶରୀରରେ ବିପୁଳ ପରିମାଣର ଅତିମାନସ ଶକ୍ତି ପୁଞ୍ଜୀଭୂତ କରିଥିଲେ ... ...''*

୨୦ ଡିସେମ୍ବର, ୧୯୭୨ — ଶ୍ରୀମା

ଶ୍ରୀମା : ତୁମର କିଛି ପଚାରିବାର ନାହିଁ ?

*ଶିଷ୍ୟ : ଶ୍ରୀଅରବିନ୍ଦଙ୍କ ସଂପର୍କରେ ମୁଁ ନିଜକୁ ଏକ ପ୍ରଶ୍ନ କରିଥିଲି । ମୁଁ ଜାଣିବାକୁ ଚାହିଁଥିଲି ଯେତେବେଳେ ସେ ଦେହତ୍ୟାଗ କଲେ, ସେତେବେଳେ ସେ ନିର୍ଦ୍ଦିଷ୍ଟ କେଉଁ ସ୍ଥିତିରେ ପହଞ୍ଚି ଥିଲେ — ତାହା ରୂପାନ୍ତରର କେଉଁ ନିର୍ଦ୍ଦିଷ୍ଟ ଅବସ୍ଥା ? ଉଦାହରଣ ସ୍ୱରୂପ ଆପଣ ବର୍ତ୍ତମାନ ଯାହା କରୁଛନ୍ତି ଓ ସେହି ସମୟରେ ଯାହା କରୁଥିଲେ ସେହି କାମ ଭିତରେ କ'ଣ ପାର୍ଥକ୍ୟ ?*

ଶ୍ରୀମା : ସେ ତାଙ୍କ ଶରୀର ଭିତରେ ବିପୁଳ ପରିମାଣରେ ଅତିମାନସ ଶକ୍ତିକୁ ପୁଞ୍ଜୀଭୂତ କରିଥିଲେ ଏବଂ ଯେତେବେଳେ ସେ ଦେହତ୍ୟାଗ କଲେ, ସଙ୍ଗେ ସଙ୍ଗେ ... ... ସେ ତାଙ୍କ ଶଯ୍ୟାରେ ଶାୟିତ ହୋଇ ରହିଥିଲେ, ମୁଁ ତାଙ୍କ ପାର୍ଶ୍ୱରେ ଛିଡ଼ା ହୋଇଥିଲି ଏବଂ ଅତି ନିର୍ଦ୍ଦିଷ୍ଟ ଓ ସ୍ୱଷ୍ଟ ବୋଧଗମ୍ୟ ଭାବରେ ସେହି ସମସ୍ତ ଅତିମାନସ ଶକ୍ତି ତାଙ୍କ ଶରୀରରୁ ଆସି ମୋ ଶରୀରରେ ପ୍ରବେଶ କଲା, ଏକ ଶକ୍ତିଶାଳୀ ସଂବେଦନ ସହ ତାହା ଏପରି ନିର୍ଦ୍ଦିଷ୍ଟ ଥିଲା ଯେ ମନେ ହେଉଥିଲା ତାହା ପୂରା ଦେଖିହେବ; ଏବଂ ସେହି ପ୍ରବେଶଜନିତ ଘର୍ଷଣ ମୁଁ ପୂରା ସ୍ୱଷ୍ଟଭାବରେ ଅନୁଭବ କରିଥିଲି । ଏହା ଥିଲା ଅସାଧାରଣ, ଅସାଧାରଣ, ଏହା ଥିଲା ଏକ ଅସାଧାରଣ ଅନୁଭୂତି । ଦୀର୍ଘ ସମୟ ଧରି, ଏହିପରି ଏକ ଦୀର୍ଘ ସମୟ (ମା' ତାଙ୍କ ଶରୀର ଭିତରକୁ ସେହି ଦିବ୍ୟଶକ୍ତିର ପ୍ରବେଶକୁ ସୂଚିତ କରି ଦେଖାଇଲେ) ମୁଁ ତାଙ୍କ ଶଯ୍ୟା ପାଖରେ ଛିଡ଼ା ହୋଇଥିଲି ଏବଂ ତାହା ମୋ ଭିତରକୁ ସେହିପରି କ୍ରମାଗତ ଭାବେ ପ୍ରବେଶ କରି ଚାଲିଥିଲା । ଏହା ଥିଲା ପ୍ରାୟ ଏକ ଇନ୍ଦ୍ରିୟାନୁଭବ ପରି, ଏକ ସ୍ଥୂଳ ଭୌତିକ ଇନ୍ଦ୍ରିୟାନୁଭବ ।

ଦୀର୍ଘ ସମୟ ଧରି ଏହା ଚାଲିଥିଲା, ମୁଁ କେବଳ ଏତିକିହିଁ ଜାଣିଥିଲି ।

*ଶିଷ୍ୟ : କିନ୍ତୁ ମୁଁ ଯାହା ବୁଝିବାକୁ ଚାହିଁଥିଲି ତା' ହେଉଛି ଆନ୍ତର କ୍ରିୟାର ଠିକ୍ କେଉଁ ନିର୍ଦ୍ଦିଷ୍ଟ ଅବସ୍ଥାରେ, ଉଦାହରଣ ସ୍ୱରୂପ ଅବଚେତନକୁ ଶୁଦ୍ଧ ଓ ପରିଷ୍କାର କରିବା ଆଦିର କ୍ରିୟା ? ସେ ସେହି ସମୟରେ ଏଦିଗରେ ଯେଉଁ କାମଟି କରୁଥିଲେ ଓ ଆପଣ ଏଦିଗରେ ଯେଉଁ କାମଟି କରୁଛନ୍ତି ତହିଁ ଭିତରେ କ'ଣ ପାର୍ଥକ୍ୟ ? ମୋର ପଚାରିବାର କଥା ଅବଚେତନ କ'ଣ ଅପେକ୍ଷାକୃତ କମ୍ ଅବଚେତନ ହୋଇଯାଇଛି, ବା ... ...?*

ଶ୍ରୀମା : ଓଃ ! ହଁ ନିଶ୍ଚୟ, ନିଶ୍ଚିତ ରୂପେ ତାହା ସେପରି ହୋଇଛି । ତୁମେ ଯାହା ପଚାରୁଛ ତା' ହେଉଛି ବିଷୟସବୁକୁ ମାନସିକ ଦୃଷ୍ଟିକୋଣ ନେଇ ଦେଖିବା — ମୋର ଆଉ ସେହି ଦୃଷ୍ଟିକୋଣ ନାହିଁ ।

*ଶିଷ୍ୟ : ହଁ, ମା ।*

(*ନୀରବତା*)

*ଶିଷ୍ୟ : ପାର୍ଥକ୍ୟଟି ବୋଧହୁଏ ଏହି ଦିବ୍ୟ କ୍ଷମତାର, ଦିବ୍ୟ ଶକ୍ତିର ସାଧାରଣୀଭୂତ ବା ସମଷ୍ଟିଗତ ତୀବ୍ରତାରେ ଏକ ପାର୍ଥକ୍ୟ, ନୁହେଁ କି ?*

ଶ୍ରୀମା : କର୍ମର କ୍ଷମତାରେ ଏକ ପାର୍ଥକ୍ୟ ରହିଛି । ସେ ଯେତେବେଳେ ଶରୀର ଧାରଣ କରି ରହିଥିଲେ ତା' ଅପେକ୍ଷା ବର୍ତ୍ତମାନ ସେ ସ୍ୱୟଂ ଅଧିକ କ୍ରିୟାର, କ୍ରିୟା ପାଇଁ ଅଧିକ କ୍ଷମତାର ଅଧିକାର ଲାଭ କରିଛନ୍ତି । ତା'ଛଡ଼ା ଏଇଥି ପାଇଁହିଁ ସେ ଶରୀରତ୍ୟାଗ କଲେ, କାରଣ ଏହି ଭାବରେ କାମ କରିବା ପାଇଁ ତାହା ପ୍ରୟୋଜନ ଥିଲା ।

ଏହା ଅତ୍ୟନ୍ତ ନିର୍ଦ୍ଦିଷ୍ଟ (Concrete) । ତାଙ୍କର କ୍ରିୟା ଅତ୍ୟନ୍ତ ନିର୍ଦ୍ଦିଷ୍ଟ ରୂପ ନେଇଛି । ଏହା ସ୍ୱଷ୍ଟ ଯେ ଏହା ଏପରି

କିଛି, ଯାହା ଆଦୌ ମାନସିକ ନୁହେଁ । ଏହା ଅନ୍ୟ ଏକ ଲୋକରୁ ଉତ୍ସାରିତ । କିନ୍ତୁ ଏହା ଇଥରୀୟ ବା ବାୟବୀୟ ଧରଣର କିଛି ନୁହେଁ, ଏହା ପୂରା ନିର୍ଦ୍ଦିଷ୍ଟ ଓ ବାସ୍ତବତାପୂର୍ଣ୍ଣ । ପ୍ରାୟ କୁହାଯାଇପାରେ ଯେ ଏହା ଭୌତିକ ।

*ଶିଷ୍ୟ : କିନ୍ତୁ ସେହି ଅପରଲୋକ, ମୁଁ ନିଜକୁ ଅନେକ ଥର ପଚାରିଛି, ସେଠାରେ ପହଞ୍ଚିବା ପାଇଁ ଯଥାର୍ଥ କେଉଁ ଗତିବୃତ୍ତିର ଅବଲମ୍ବନ ଆବଶ୍ୟକ ? ଦୁଇଟି ସମ୍ଭାବ୍ୟ ଗତିବୃତ୍ତି ରହିଛି । ଗୋଟିଏ ହେଉଛି ଅନ୍ତରାତ୍ମାର ଅଭିମୁଖରେ ଏକ ଆନ୍ତର ଗତିବୃତ୍ତି ଏବଂ ଅନ୍ୟଟି ହେଉଛି ସେହି ଗତିବୃତ୍ତି ଯେଉଁଥିରେ ବ୍ୟକ୍ତିଭାବ ପୂରା ଲୋପ ହୋଇଯାଏ ଓ ଜଣେ ବରଂ ହୋଇଉଠେ ବ୍ୟକ୍ତିରୂପବିହୀନ ଏକ ବ୍ୟାପ୍ତି ବା ପ୍ରସାର ।*

ଶ୍ରୀମା : ଉଭୟଟିହିଁ ରହିବା ଆବଶ୍ୟକ ।

*ଶିଷ୍ୟ : ଉଭୟଟିହିଁ ରହିବା ଆବଶ୍ୟକ ?*

ଶ୍ରୀମା : ହଁ ।

(Notes on the Way, 2nd Impression, p. 328 -329)

*ପ୍ରଶ୍ନ : କର୍ମର ପ୍ରେରଣାରେ ସତ୍ୟ ଓ ମିଥ୍ୟା ଭିତରେ ପ୍ରଭେଦ ନିର୍ଣ୍ଣୟ କରିବୁ କିପରି ?*

ଶ୍ରୀମା : ଯେଉଁମାନେ ଅନ୍ଧକାର ଓ ମିଥ୍ୟାର ଶକ୍ତି ଉପରେ ଦିବ୍ୟସତ୍ୟର ଆଲୋକକୁ ବିଜୟଲାଭ କରିବା ପାଇଁ ସାହାଯ୍ୟ କରିବାକୁ ଚାହାନ୍ତି, ସେମାନେ ତାଙ୍କର ଗତିବୃତ୍ତି ଓ କର୍ମର ପ୍ରାରମ୍ଭିକ ପ୍ରେରଣାଗୁଡ଼ିକୁ ଯତ୍ନର ସହ ପର୍ଯ୍ୟବେକ୍ଷଣ କରିବା ଉଚିତ ଏବଂ ସତ୍ୟର ପ୍ରେରଣାଗୁଡ଼ିକୁ ଗ୍ରହଣ କରି ଅନ୍ୟଗୁଡ଼ିକୁ ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ କରିବା ପାଇଁ କେଉଁ ପ୍ରେରଣାଗୁଡ଼ିକ ଦିବ୍ୟସତ୍ୟରୁ ଆସୁଛି ଓ କେଉଁଗୁଡ଼ିକ ମିଥ୍ୟାରୁ ଆସୁଛି ତାହାର ପ୍ରଭେଦ ନିର୍ଣ୍ଣୟ କରିବା ଉଚିତ ।

ପୃଥିବୀର ବାତାବରଣରେ ଦିବ୍ୟସତ୍ୟର ଯେଉଁ ଆଲୋକର ଆଗମନ ହୋଇଛି ତାହାର ପ୍ରଥମ ପରିଣାମଗୁଡ଼ିକ ଭିତରୁ ଅନ୍ୟତମ ହେଉଛି ପ୍ରଭେଦ-ନିର୍ଣ୍ଣୟର ଏହି କ୍ଷମତା ।

ଅବଶ୍ୟ ଦିବ୍ୟସତ୍ୟର ଆଲୋକ ନିଜ ସଙ୍ଗରେ ଏହି ପ୍ରଭେଦ-ନିର୍ଣ୍ଣୟର ଯେଉଁ କ୍ଷମତା ଆଣି ଦେଇଛି ତାହା ଗ୍ରହଣ ନ କରିଥିବା ଯାଏ ମିଥ୍ୟାଶକ୍ତିର ଓ ସତ୍ୟଶକ୍ତିର ପ୍ରେରଣା ଭିତରେ ପ୍ରଭେଦ ନିର୍ଣ୍ଣୟ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ।

ତଥାପି ପ୍ରାରମ୍ଭିକ ଅବସ୍ଥାରେ ଏ ଦିଗରେ ସହାୟତା ପାଇବା ପାଇଁ ଜଣେ ପଥପ୍ରଦର୍ଶନସୂଚକ ଏହି ନିୟମକୁ ଗ୍ରହଣ କରିପାରେ ଯେ ଯାହାକିଛି ନିଜ ସଙ୍ଗରେ ଶାନ୍ତି, ବିଶ୍ୱାସ, ଆନନ୍ଦ, ସୁସମଞ୍ଜସତା, ପ୍ରସାର, ଐକ୍ୟ ଓ ଉତ୍ତରଣମୁଖୀ ଅଭିବୃଦ୍ଧିର ସ୍ପନ୍ଦନ ନେଇ ଆସେ ବା ଆମ ଭିତରେ ସେହି ସ୍ପନ୍ଦନସବୁ ସୃଷ୍ଟି କରେ ତାହା ଆସିଥାଏ ଦିବ୍ୟସତ୍ୟ ଭିତରୁ ଏବଂ ଯାହାକିଛି ନିଜ ସଙ୍ଗରେ ଅସ୍ଥିରତା, ସନ୍ଦେହ, ଅବିଶ୍ୱାସ, ବିଷାଦ, ବିବାଦ, ସ୍ୱାର୍ଥପର ସଂକୀର୍ଣ୍ଣତା, ଜଡ଼ତା, ହତୋତ୍ସାହ ଓ ହତାଶା ବହନ କରିଥାଏ, ସେଗୁଡ଼ିକ ସିଧା ଆସିଥାଏ ମିଥ୍ୟା ଭିତରୁ ।

(୨୨ ଜାନୁଆରୀ, ୧୯୬୫) — ଶ୍ରୀମା

(ଶ୍ରୀମା'ଙ୍କର 'ନିଉ ଏଜ୍ ଆସୋସିଏସନ୍'କୁ ପ୍ରଦତ୍ତ ଏକ ପ୍ରଶ୍ନୋତ୍ତର)

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଅଧ୍ୟାଦେଶ ଓ ପରେ

ସ୍ୱଦେଶୀ ଆନ୍ଦୋଳନ ବିରୋଧରେ ଲଢ଼େଇ କଲାବେଳେ ଶାସନତନ୍ତ୍ର ଗ୍ରହଣ କରିଥିବା ଦମନମୂଳକ ପଦକ୍ଷେପଗୁଡ଼ିକ ମଧ୍ୟରୁ ତିନୋଟିର ବିଶେଷ ଫଳାଫଳର ଯେଉଁ ବିଚାର ଆଲୋଚନା କରିଥିଲୁ ତା'ର ସୂଚନା ଆମେ ପୂର୍ବ ଲେଖାଗୁଡ଼ିକରେ ଦେଇ ସାରିଛୁ । ପୁନର୍ବିଚାର ଆମକୁ ଏଇ ଉପସଂହାରରେ ପହଞ୍ଚେଇ ଦେଇଛି ଯେ ପରବର୍ତ୍ତୀ ପରିସ୍ଥିତିରେ ଏପର୍ଯ୍ୟନ୍ତ ସେମିତି କୌଣସି ନୂତନ ତଥ୍ୟ ମିଳିନି, ଗୋଟିଏ ପଟେ ଶାସନତନ୍ତ୍ର ନିକଟରୁ ଆମେ ଆଶା କରୁଥିବା ପ୍ରତିରୋଧର ସ୍ୱରୂପ ଓ ବ୍ୟାପକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଛି, ଏବଂ ଅନ୍ୟ ଦିଗରେ ରହିଛି ଜାତୀୟ ସ୍ତରର ପ୍ରତିରକ୍ଷା ଓ ପ୍ରତିରୋଧ ପାଇଁ ଆମର ଅଧିକ କିଛି ବିଶେଷ ପଦକ୍ଷେପମାନ ଗ୍ରହଣ କରିବାର ଜରୁରୀ ଆବଶ୍ୟକତା ଯାହା ଆଗରୁ କରିବା ଉଚିତ ଥିଲା । ସମସ୍ୟାର ସ୍ଥିତିରେ ସେମିତି ଆଖିଦୃଶିଆ ପରିବର୍ତ୍ତନ ସଂଘଟିତ ହୋଇ ନାହିଁ, କିନ୍ତୁ ତା'ର ଉଗ୍ରତାକୁ ବଢ଼େଇ ଦିଆଯାଇଛି । ସ୍ୱଦେଶୀ ଆନ୍ଦୋଳନର ନେତା ଓ କର୍ମୀମାନଙ୍କ ଉପରେ ଉତ୍ପୀଡ଼ନ କିଛି ନୂଆ କଥା ନୁହଁ, କିନ୍ତୁ ପରିମାଣରେ ଏବଂ ଶାସ୍ତିବିଧାନଜନିତ ଅତ୍ୟାଚାର ଭିତରେ କ୍ରମେ ଏହା ବଢ଼ି ବଢ଼ି ଚାଲିଛି – ସ୍ଥାନୀୟ କର୍ମକର୍ତ୍ତାମାନଙ୍କ ଦ୍ୱାରା ନୁହଁ ଖୋଦ୍ ଭାରତ ସରକାରଙ୍କ ଦ୍ୱାରା ଏହି ବ୍ୟବସ୍ଥାକୁ ଆଗେଇ ନିଆ ହୋଇଛି । ଛାତ୍ର ଓ ଶିକ୍ଷକମାନଙ୍କ କାର୍ଯ୍ୟଧାରା ଉପରେ କଟକଣା ଜାରି କରି ଆନ୍ଦୋଳନର ମେରୁଦଣ୍ଡକୁ ଭାଙ୍ଗି ଦେବାର ଏଇ ପ୍ରୟାସ କିଛି ନୂଆ ନୁହେଁ, କିନ୍ତୁ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ବର୍ତ୍ତମାନ ଏସବୁ କଥା ବେଶ୍ ବିଧିବଦ୍ଧ ଭାବେ ଚାଲିଛି ସ୍ଥାନୀୟ ପ୍ରଶାସନ ଦ୍ୱାରା ନୁହଁ, କିନ୍ତୁ ଖୋଦ୍ ଭାରତ ସରକାରଙ୍କ ଦ୍ୱାରା । ହଇରାଣ ହରକତ କରିବା ପାଇଁ ଓ ସମ୍ଭବ ହେଲେ ବର୍ଜନ ଆନ୍ଦୋଳନକୁ ଛିନିଛତର କରିଦେବା ପାଇଁ ପ୍ରଶାସନ ଜରିଆରେ ନବାବ ସଲିମୁଲ୍ଲା ଖାଁଙ୍କୁ ଏବଂ ନବାବ ସଲିମୁଲ୍ଲାଙ୍କ ଜରିଆରେ ଗୁଣ୍ଡାମାନଙ୍କୁ ଆଣି ନିୟୋଜିତ କରିବା ଘଟଣା ସେମିତି କିଛି ନୂଆ କଥା ନୁହଁ, କିନ୍ତୁ ଯେଉଁ ସ୍ତରକୁ ଏହି ପ୍ରକାର ଜଘନ୍ୟ ବିରୋଧ ଆଗକୁ ବଢ଼ି ଗଲାଣି ଆଉ ଦେଶର ଯେତେ ବ୍ୟାପକ ଅଞ୍ଚଳକୁ ଏହାକୁ ସମ୍ପ୍ରସାରିତ କରିବା ପାଇଁ ଉଦ୍ୟମ ଚାଲିଲାଣି ତାହା ଗୋଟିଏ ନୂଆ ଦୃଶ୍ୟ, ଦେଖିବାର କଥା । କିନ୍ତୁ ସରକାରଙ୍କ ତରଫରୁ ଗୋଟିଏ ପଦକ୍ଷେପ ଏମିତି ଅଛି ଯାହାକି ଖୋଦ୍ ଏକ ବିଶେଷ ଉଲ୍ଲେଖଯୋଗ୍ୟ ନୂଆ କଥା ଆଉ ସମୁଦାୟ ପରିସ୍ଥିତିକୁ ପୂରାପୂରି ବଦଳେଇ ନଦେଲେ ବି ତାହା ସାଂଘାତିକ ଭାବେ ପ୍ରଭାବିତ କରିଛି । ତାହା ହେଉଛି ସର୍ବସାଧାରଣ ସଭା ବିରୋଧରେ ଦମନମୂଳକ ଅଧ୍ୟାଦେଶ । ଏହି ଅଧ୍ୟାଦେଶଟି ଯେ ସମ୍ପୂର୍ଣ୍ଣ ରୂପେ ଅଦୃଷ୍ଟପୂର୍ବ ଥିଲା ଏକଥା କହିଲେ ଠିକ୍ ହେବନି । ନିହାତି ନିଧାର୍ଯ୍ୟ ନହେଲେ ବି ସେମିତି ଚରମ ପରିସ୍ଥିତି ଉପୁଜିଲେ ଏହା ସମ୍ଭବ ହୋଇପାରେ ବୋଲି ଆମେ ମତ ବ୍ୟକ୍ତ କରିଥିଲୁ ଯେ ନିଜର ସୁରକ୍ଷା ସାଧନ କରିବାକୁ ଯାଇ ସଂଘର୍ଷ ମଧ୍ୟରେ ପ୍ରଶାସନ ଦ୍ୱାରା ଏହି ଦମନର ଏବଂ ଏମିତିକି ଆହୁରି ଅଧିକ ହିଂସ୍ର ଓ ବଳପ୍ରୟୋଗର ବ୍ୟବସ୍ଥାଗୁଡ଼ିକ ଗ୍ରହଣ କରାଯିବ । କିନ୍ତୁ ତଥାକଥିତ ମୌଳବାଦୀ ଓ ଗଣତାନ୍ତ୍ରିକ ସରକାର ଅଧୀନରେ ଥାଇ ପ୍ରଶାସକବୃନ୍ଦ ଯାହା କରିବାକୁ ଧମକ ଦେଇଥିଲେ ସେଇ ଅତ୍ୟାଚାରଧର୍ମୀ ପଦକ୍ଷେପମାନ ଏତେ ଶୀଘ୍ର ଯେ ବଢ଼ି ବଢ଼ି ଯିବ କିଂବା ସେଗୁଡ଼ିକ ତା'ର ଚରମ ସୋପାନରେ ପଦାର୍ପଣ କରିବ ଏ ସମ୍ପର୍କରେ ଆମେ ଅନୁମାନ କରିପାରି ନଥିଲୁ । ତା'ର ଅର୍ଥ ନୁହେଁ ଯେ ଭାରତ ସଂକ୍ରାନ୍ତରେ ଉଦାରବାଦୀ ଓ ରକ୍ଷଣଶୀଳମାନଙ୍କ ଭିତରେ କିଛି ଗୁରୁତ୍ୱପୂର୍ଣ୍ଣ ମତପାର୍ଥକ୍ୟ ରହିଥିବାର ଆମେ ବିଶ୍ୱାସ କରୁଥିଲୁ, କିନ୍ତୁ ସେମାନଙ୍କ ଘୋଷଣାନାମାରେ ଗୋଟିଏ ପାର୍ଥକ୍ୟ ବିଦ୍ୟମାନ ରହିଥିଲା ଓ ରକ୍ଷଣଶୀଳମାନେ ହଠାତ୍ ଏବଂ ବିନା ଅନୁଶୋଚନାରେ କ'ଣ କରି ବସିବେ, ଉଦାରବାଦୀମାନେ ମଧ୍ୟ ସେମିତି କୁଣ୍ଠିତ ଚିତ୍ତରେ ଆଉ ସାମାନ୍ୟ ଲୋକ ଦେଖାଣିଆ ଅନିଚ୍ଛାରେ କ'ଣ କରିବେ ଆମେ କଳ୍ପନା କରିଥିଲୁ । କିନ୍ତୁ ଯାହା ହେଲେ ବି ସେଠି ଅନିଚ୍ଛାର ସାମାନ୍ୟତମ ଲକ୍ଷଣ ବି ପ୍ରକାଶ ପାଇନି । ତତ୍ପରତାର ସହିତ ଏବଂ ହାଲୁକା ଚିତ୍ତରେ ସେମାନେ ଭାରତ ପାଇଁ ଖୋଲାଖୋଲି ଭାଷଣ ଦେବାକୁ ଓ ଅବାଧରେ ସଭାସମିତିମାନ କରିବାକୁ ବାରଣ କରିଛନ୍ତି ଯାହାକୁ ସେମାନଙ୍କ ରାଜନୈତିକ ଆଦର୍ଶ ସାର୍ବଜନୀନ

ଏବଂ ମୌଳିକ ଅଧିକାର ବୋଲି ଘୋଷଣା କରିସାରିଛି ଆଉ ତାକୁ ବର୍ତ୍ତମାନ ଅସ୍ୱୀକାର କରିବା ଅର୍ଥ ଗୋଟିଏ ଦମନମୂଳକ କାର୍ଯ୍ୟ କରି ବସିବା । ତେବେ ବି ଯଦିବା ଏତେ ଶୀଘ୍ର ଏହାକୁ ଆଶା କରାଯାଉ ନଥିଲା, ଦମନମୂଳକ ଅଧ୍ୟାଦେଶ (Coercion Ordinance) ଏମିତି ଏକ ଅପ୍ରତ୍ୟାଶିତ ପରିସ୍ଥିତି ନଥିଲା, ତାକୁ ମୋଟ ଉପରେ ଦୃଷ୍ଟି ଆଢୁଆଳରେ ରଖାଯାଇଥିଲା ।

ତା'ହେଲେ ଏହା ସୃଷ୍ଟି କରିଥିବା ସେଇ ନୂତନ ପରିସ୍ଥିତିଟା କ'ଣ ହୋଇପାରେ ? ଗୋଟିଏ ଅପରିସୀମ ଗୁରୁତ୍ୱର କଥା ସିଏ । ଅଦ୍ୟାବଧି ସେମିତି ଗୁରୁତ୍ୱ ନଥାଇ କିଛି ନିୟମ ବହିର୍ଭୂତ ପ୍ରସଙ୍ଗ ସହିତ ଆମର ସମୁଦାୟ କାର୍ଯ୍ୟକ୍ରମଟିକୁ ଆଇନର ପରିସରଭୁକ୍ତ କରାଯାଇଛି । ଆମେ ଅମଲାତାନ୍ତ୍ରିକ ସରକାର ବିରୋଧରେ କାର୍ଯ୍ୟ କରି ଚାଲିଛୁ, କିନ୍ତୁ ଆଇନ ବିରୋଧରେ ଆମେ ଯାଇନୁ କିଂବା ଆମ ଦ୍ୱାରା ଗୃହୀତ ହୋଇଥିବା ପନ୍ଥାଗୁଡ଼ିକ ପ୍ରତି ଯେଉଁ କଟକଣାସବୁ ଲାଗୁ କରାଯାଇଛି ତାକୁ ମଧ୍ୟ ଉଲ୍ଲଙ୍ଘନ କରିନୁ । ଏ ଦିଗରେ ଆମେ ଏତେ ସତର୍କତା ଅବଲମ୍ବନ କରିଛୁ ଯେ ସେମାନଙ୍କ ମାନସମ୍ମାନ ଉପରେ କୌଣସି ପ୍ରକାର ଆଞ୍ଚ ଲାଗିବାକୁ ନଦେଇ କେଉଁ ଉପାୟରେ ସ୍ୱଦେଶୀ ଆନ୍ଦୋଳନକୁ ସେମାନେ ନିଜ ଆୟତ୍ତରେ ରଖିବେ ସେଥିପାଇଁ ପ୍ରଶାସନର ବୁଦ୍ଧି ହଜି ଯାଇଛି ଆଉ ପରିଶେଷରେ ସେମାନେ ବାଧ୍ୟ ହୋଇଛନ୍ତି ନିଜ ଇଜ୍ଜତ ମହତକୁ ବଳି ପକେଇବାକୁ ଏବଂ ସେମାନଙ୍କ ମିତ୍ର, ଅର୍ଥାତ୍ ଢାକାର ସେଇ ନବାବଙ୍କ ପ୍ରତିନିଧିମାନଙ୍କୁ ଅନୁମତି ଦେବାକୁ, କେବଳ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଯେମିତିକି ସ୍ୱଦେଶୀ ଆନ୍ଦୋଳନର ଅନ୍ତର୍ଭୁକ୍ତ ଇଲାକାଗୁଡ଼ିକ ସରକାର ହାତକୁ ନେଲେ ବୋଲି ଘୋଷଣା କରିବା ସକାଶେ ପଥ ପରିଷ୍କାର ହୋଇଯିବ । ଆମର ହତୋତ୍ସାହିତ ପ୍ରତିପକ୍ଷଗଣ ଯାହା ସୂଚିତ କରିଥିଲେ, ଦେଶ ପାଇଁ ତ୍ୟାଗବରଣ କରିବାର କୌଣସି ଭୟ କିଂବା ଅନିଚ୍ଛା ଯୋଗୁଁହିଁ ଆଇନର ଗଣ୍ଡି ଭିତରେ ଆବଦ୍ଧ ହୋଇ ରହିବାକୁ ଏହି ଆକାଙ୍କ୍ଷାଟିର ସୃଷ୍ଟି ହୋଇନି – କାରଣ ଏପରିକି ଆଇନକୁ ଭଙ୍ଗ ନକରି ସ୍ୱଦେଶୀ ଆନ୍ଦୋଳନର ଅନେକ କର୍ମୀଙ୍କୁ ଏମିତି ତ କାରାବରଣ କରିବାକୁ କିଂବା ପୁଲିସ ଓ ଗୁର୍ଖାମାନଙ୍କ ଦ୍ୱାରା ହିଂସାର ଶିକାର ହେବାକୁ ପଡ଼ିଥିଲା, କିନ୍ତୁ ତାହା ଯେ ଏକ ସୁପରିକଳ୍ପିତ ନୀତିର ଅଂଶ ବିଶେଷ ଥିଲା । ଆଇନଗତ ଦମନ କିଂବା ଅତ୍ୟାଚାରର ସକଳ ମାଧ୍ୟମଗୁଡ଼ିକ ନିଜ ଅଧିକାରଭୁକ୍ତ କରି ରଖିଥିବା ଗୋଟିଏ ବଳବାନ୍ ଶତ୍ରୁ ଦ୍ୱାରା ବିରୋଧର ସମ୍ମୁଖୀନ ହେବାକୁ ଯାଇ ଯଦି ତରୁଣ ଅବସ୍ଥାର ଗୋଟିଏ ଆନ୍ଦୋଳନ ଆଇନର ପରିସର ଭିତରେ ରହିବାକୁ ସମର୍ଥ ହୁଏ ତା'ହେଲେ ତା' ପାଇଁ ଅଜସ୍ର ସୁବିଧା ସୁଯୋଗ ସୃଷ୍ଟି ହୁଏ; କାରଣ ଅପରିପକ୍ୱ ହେଲେ ମଧ୍ୟ ଏହାର ଗଳାରୁଦ୍ଧ କରିବାର ଯଥେଷ୍ଟ ସୁଯୋଗ ଶତ୍ରୁପକ୍ଷକୁ ମିଳିବା ପୂର୍ବରୁ ସେ ତାକୁ ପୂର୍ଣ୍ଣାଙ୍ଗ ଶକ୍ତିରେ ପରିଣତ ହେବାକୁ ଛାଡ଼ିଦିଏ । ଅଧିକନ୍ତୁ, ଗୋଟିଏ ବିପ୍ଳବର ପ୍ରଥମ ବିଡ଼ମ୍ବନା ଭିତରେ ଯେଉଁ ଜାତି ଆଇନ ପ୍ରତି ସମ୍ମାନ ପ୍ରଦର୍ଶନ କରିପାରେ, ଏମିତିକି ମଉକା ମିଳିଲେ ତା' ନିଜର ଏକ ସ୍ଥିର ଓ ସଫଳ ସରକାରକୁ ଉପଭୋଗ କରିବା ପାଇଁ ତାକୁ ଉନ୍ନତତର ସୁଯୋଗ ଜୁଟିଯାଏ । ଯାହା ହେଲେ ମଧ୍ୟ ଆମେ ଯେଉଁ ଧରଣର ସଂଗ୍ରାମରେ ପାଦ ରଖିଛୁ ତହିଁର ବୈଧତା (Legality)କୁ ସର୍ବାଗ୍ରେ ବିଚାର କରାଯାଇ ପାରିବନି ଆଉ ଯଦି ରାଜନୈତିକ ଆଚାର ସଂହିତାକୁ ଉଲ୍ଲଙ୍ଘନ କରି ଦେଶ ପାଇଁ ଆମର ସେବା ଓ କର୍ତ୍ତବ୍ୟକୁ ଅସମ୍ଭବ ବୋଲି ସାବ୍ୟସ୍ତ କରିବାକୁ ନୂଆ ନୂଆ ଆଇନମାନ ପ୍ରଣୟନ ହୁଏ ଏବଂ ସେଇସବୁ ଆଇନକୁ ଆମେ ମାନି ନେଉ ତେବେ ଆମ ପକ୍ଷରେ ତାହା ହେବ ନିହାତି ଦେଶାତ୍ମବୋଧ ବିରୋଧୀ କାର୍ଯ୍ୟ; ସମ୍ଭବତଃ ଆମେ ସେସବୁ ଆଇନକୁ ମାନି ଚଳିବୁ ବୋଲି ଆମଠାରୁ ଦାବୀ କରାଯାଇ ପାରିବନି । ତଥାପି ଏହି ପ୍ରସଙ୍ଗଟି ଏମିତି ଦେଖିବାକୁ ଗଲେ ଆହୁରି କିଛି ଅଧିକ, ଯେତେବେଳେ ଏ ପ୍ରକାର ପଦକ୍ଷେପ ସମ୍ପର୍କରେ ପ୍ରଶ୍ନ ଉଠେ, ଯାହା ଖାଲି ଗୋଟିଏ ଆଇନ ନୁହେଁ କିନ୍ତୁ କାର୍ଯ୍ୟନିର୍ବାହୀ ବିଭାଗ ତରଫରୁ ହୁକୁମନାମା (Ukase) ତାହା ଯେପରି କୌଣସି ଆଇନ ରୂପେ ଅନୁମୋଦିତ ନହୁଏ ସେଥିପାଇଁ ତାକୁ ପ୍ରତିହତ କରିବାକୁ ପଡ଼ିବ । ଏହାକୁ ସବୁଠୁ ଭଲ ଭାବେ ସମ୍ପାଦନ କରାଯାଇପାରିବ ଏକ ବ୍ୟାପକ ଓ ଶାନ୍ତ ତଥା ଦୃଢ଼ ସଂକଳ୍ପଯୁକ୍ତ ନିଷ୍କ୍ରିୟ ପ୍ରତିରୋଧ ବଳରେ ଯାହାକି ସେଇ ହୁକୁମନାମାଟିକୁ ଅଚଳ କରିଦେବ ନିହାତି ଚରମ ଓ ନିର୍ଲଜ୍ଜ ରୁଷୀୟଧର୍ମୀ (Russianism) ପଦକ୍ଷେପଗୁଡ଼ିକ ନେଇ ନପାରି । ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶ ଯେ ଏଇ କାର୍ଯ୍ୟପନ୍ଥାକୁ ଗ୍ରହଣ କରିବା ବାଞ୍ଛନୀୟ ଏ ମତାମତକୁ ଆମେ ଗୋପନ ରଖିନୁ, ଅନ୍ୟ କୌଣସି କାରଣ ପାଇଁ ନହେଲେ ବି ମଣିଷ ହିସାବରେ, ନାଗରିକ ହିସାବରେ, ଦେଶପ୍ରେମୀ ହିସାବରେ ଏତିକି ଅନ୍ତତଃ ଆମର କର୍ତ୍ତବ୍ୟ ।

ଯାହାହେଉ ଆମେ ଜାଣୁଛୁ ଯେ ବିରୋଧୀପକ୍ଷରୁ ଅନେକ କିଛି କହିବାକୁ ବାକୀ ରହିଗଲାଣି । ଏ ସରକାରର ଉପରୋକ୍ତ କାର୍ଯ୍ୟ ବିରୋଧରେ ଆମର ସବୁଠୁ ବଳିଷ୍ଠ ଯୁକ୍ତି ହେଲା ଯେ ଶାସନତନ୍ତ୍ର ଏକ ଆଶୁ ଲଢ଼େଇକୁ ଟାକି ବସିଛି । ବରିସାଲରେ ଘଟଣାର ଧାରା, ସ୍ୱଦେଶୀ ଆନ୍ଦୋଳନର ଜଣେ ପ୍ରମୁଖ କର୍ମୀଙ୍କ ପ୍ରତି ଏବେ ନିକଟରେ ଜଘନ୍ୟ ଅପମାନ ଓ ସ୍ଥାନୀୟ କର୍ମଚାରୀମାନଙ୍କ ଦ୍ୱାରା ସହରର ବାସିନ୍ଦାମାନଙ୍କୁ ଅଭଦ୍ରୋଚିତ ଭାବେ ହଇରାଣ ହରକତ କରିବା ଏବଂ ସେଇ କର୍ମଚାରୀମାନଙ୍କର ଟହଲିଆ ସ୍ୱଭାବସବୁକୁ ବେଶ୍ ଲକ୍ଷ୍ୟ କରିବାର କଥା । ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସଂଘର୍ଷକୁ ତେଜିବା ପାଇଁ ଯେଉଁ ଉଦ୍ୟମ ହୋଇଥିଲା ତାହା ବିଫଳ ହୋଇଯାଇଛି । ସେଇ ଉଦ୍ୟମର ଶେଷ ପରିଣତି ସ୍ୱରୂପ ବରିସାଲରେ ଏକ ଅଜବ ଘଟଣାକ୍ରମରେ ରାତିରେ ଆତଙ୍କ ଖେଳି ଯାଇଥିଲା, ଯେଉଁଥିପାଇଁ ଏବେ ବି କୈଫିୟତ ତଲବ ହେଉଛି । ଯାହା ମନେହୁଏ ପୁଲିସ ବର୍ତ୍ତମାନ କିଛି ବିକ୍ଷୋଭ ପ୍ରଦର୍ଶନ ଉପରେ ଏମିତି ବଳ ପ୍ରୟୋଗ କରିବାରେ ବ୍ୟସ୍ତ ଯେ ବରିସାଲ ଦ୍ୱିତୀୟ ରାଓଲପିଣ୍ଡିରେ ପରିଣତ ହୋଇଗଲେ ବି ସେମାନଙ୍କୁ ମାଫ କରି ଦିଆଯିବ । ବିନା କୌଣସି ଉତ୍ତେଜନାରେ ଶ୍ରୀଯୁକ୍ତ ସତୀଶ୍ ଚନ୍ଦ୍ର ଚାଟାର୍ଜୀଙ୍କୁ ଜଣେ ଗୁର୍ଖା ଯେ ପ୍ରହାର କରିବ ଏକଥା ଆଗରୁ ଠିକ୍ ହୋଇ ସାରିଥିଲା । ସେତେବେଳେ ଭୁକ୍ତଭୋଗୀଙ୍କ ପାଖରେ ଦୁଇଟି ପନ୍ଥାରୁ ଯେ କୌଣସି ଗୋଟିକୁ ବାଛି ନେବାଟା ଅପରିହାର୍ଯ୍ୟ ହୋଇ ପଡ଼ିଥିଲା । ହୁଏତ ତାଙ୍କୁ ଯେନତେନ ପ୍ରକାରେଣ ଏହି ଅପମାନକୁ ହଜମ କରିବାକୁ ପଡ଼ିବ ନଚେତ୍ ଯଦି ପ୍ରତିହିଂସାପରାୟଣ ହୋଇ କିଛି କରି ବସନ୍ତି ତା'ହେଲେ ହୁଏତ ଗୋଟିଏ ଦଙ୍ଗା ସେଠି ସୃଷ୍ଟି ହୋଇଯିବ ସେଥିପାଇଁ । ଆମେ ଭାବୁଛୁ ଯେ ଶ୍ରୀଯୁକ୍ତ ସତୀଶ୍ ଚନ୍ଦ୍ର ମୋଟ ଉପରେ ଦେଖିବାକୁ ଗଲେ ତାଙ୍କର ମନୋଭାବଗୁଡ଼ିକ ଦେଶର କଲ୍ୟାଣ ପାଖରେ ଗୌଣ କରି ବେଶ୍ ଭଲ କଲେ, କିନ୍ତୁ ଅନ୍ୟ ପନ୍ଥାଟି ସୁବିଧାଜନକ ହୋଇଥା'ନ୍ତା ଆଉ ପୁଲିସ ମଧ୍ୟ ଏକଥା ନିଶ୍ଚୟ ଜାଣିଥିବ । ଏମିତିକି ଯଦି ନିହାତି ଶାନ୍ତିପୂର୍ଣ୍ଣ ଢଙ୍ଗରେ ପ୍ରତିରୋଧ କରାଯାଏ ତା'ହେଲେ ପୁଲିସ କିଂବା ମିଲିଟାରୀ ଯେ କେବେ ବି ''ଗୁଳିବିଦ୍ଧ କରିବାକୁ କୁଣ୍ଠାବୋଧ'' କରିବ ନାହିଁ ଏକଥା ପଞ୍ଜାବ କର୍ତ୍ତୃପକ୍ଷଙ୍କର ଓ ପୂର୍ବବଙ୍ଗର ସ୍ଥାନୀୟ କର୍ମକର୍ତ୍ତାମାନଙ୍କର ଜଣାଶୁଣା ହାବଭାବକୁ ଲକ୍ଷ୍ୟ କଲେ ଅତ୍ୟନ୍ତ ସମ୍ଭବ ବୋଲି ମନେ ହେବ । ଯଦି ଏଇ କଥାକୁ ନେଇ ବିତର୍କ ହୁଏ ଯେ ଆମ ନେତାଙ୍କ ଗିରଫ ଆଉ ଦେଶାନ୍ତର ସମ୍ମୁଖରେ, ଆମ ସହର ଓ ଗ୍ରାମଗୁଡ଼ିକ ଉପରେ ସାମରିକ ବଳ ପ୍ରୟୋଗ ଆଗରେ, ପୁରୁଷ ଓ ମହିଳାମାନଙ୍କ ଉପରେ ଯତ୍ପରୋନାସ୍ତି ଅତ୍ୟାଚାର ସମ୍ମୁଖରେ ଆଉ ସ୍ୱେଚ୍ଛାଚାରୀ ଶାସନକୃତ ଦମନଲୀଳାର ଦୁର୍ଦ୍ଧର୍ଷ ପ୍ରାଦୁର୍ଭାବ ସମ୍ମୁଖରେ ନିଜକୁ ଏମିତି ନିଷ୍କ୍ରିୟ ଭାବରେ ଧରାପକେଇ ଦେବାଟା କ'ଣ ଆମ ପକ୍ଷରେ ବିଜ୍ଞତାର ପରିଚାୟକ ହେବ, ଅନିଶ୍ଚିତ ଅବସ୍ଥା ଭିତରେ ଦୋଦୁଲ୍ୟମାନ ରାଷ୍ଟ୍ରର କୌଣସି ଉପକାର ସାଧନ ନକରି ? କ୍ରମେ ବ୍ୟାପକ ଆକାର ଧାରଣ କରୁଥିବା ଆନ୍ଦୋଳନର ସାମ୍ପ୍ରତିକ ସ୍ଥିତି ଯାହା ତା'ର ଯଥାର୍ଥ ଶକ୍ତି ଫେରିପାଇବା ଉଦ୍ଦେଶ୍ୟରେହିଁ ବାସ୍ତବିକ ଏହି ପ୍ରଶ୍ନଟିର ଉତ୍ଥାପନ କରାଯାଉଛି । ଯଦି ଆଦୌ ବିବ୍ରତ ଓ ନୀତିଭ୍ରଷ୍ଟ ନହୋଇ ରୁଷରେ ଦେଖା ଦେଇଥିବା ଘୋର ଅତ୍ୟାଚାର ପରି ପ୍ରସଙ୍ଗକୁ ବରଦାସ୍ତ କରିବା ପାଇଁ ଏହା ବେଶ୍ ଶକ୍ତିସମ୍ପନ୍ନ, ତା'ହେଲେ ଆମେ ଯେଉଁ ମାର୍ଗର ସୂଚନା ଦେଇଛୁ ତାହା ହେଲା ସର୍ବୋତ୍ତମ ଯେହେତୁ ଏହା ସବୁଠାରୁ ବଳି ନିର୍ଭୀକତାର ମାର୍ଗ । ଯଦି ତା' ନୁହେଁ ତା'ହେଲେ କିଛି କ୍ଷଣ ପାଇଁ ମହାର୍ଘ ମୂଲ୍ୟ ବିନିମୟରେ ବିଜୟ ହାସଲ (Pyrrhic victory) କରିବା ପାଇଁ ପ୍ରଶାସନକୁ ସମ୍ଭବତଃ ସୁଯୋଗ ପ୍ରଦାନ କରିବାଟା, ଆଉ ତତ୍ପରେ ଆମର ସାମର୍ଥ୍ୟକୁ କେନ୍ଦ୍ରୀଭୂତ କରି ଆନ୍ଦୋଳନକୁ ଆବଶ୍ୟକୀୟ ଶକ୍ତି ସମ୍ବଳ ଯୋଗେଇ ଦେବାଟା, — ଅନ୍ୟ ଉକ୍ତିରେ କହିଲେ ଲୋକଶକ୍ତି, ଅର୍ଥ ଓ ସାଧନଗୁଡ଼ିକୁ ନେଇ ଜରୁରୀ ପ୍ରୟୋଜନୀୟତା ଦୃଷ୍ଟିରୁ ସଙ୍ଗଠନଟିଏ ନିର୍ମାଣ କରିବା ଯାହା ଗୋଟିଏ ଆନ୍ଦୋଳନକୁ ଠିଆ କରିବା ପାଇଁ ଏକାନ୍ତ ଅପରିହାର୍ଯ୍ୟ; ପ୍ରଶାସନ ବିରୋଧରେ ତାଳ ଦେଇ ଚାଲିବା ପାଇଁ, ଆଉ ତାହାହିଁ ତ ଅଭ୍ରାନ୍ତ ନୀତି । ଏଇସବୁ ବିକଳ୍ପ ଭିତରୁ ଗୋଟିଏ ପନ୍ଥା ବାଛି ନେବାକୁ ପଡ଼ିବ ।

## ଏକ ଅପ୍ରତ୍ୟାଶିତ ଅଞ୍ଚଳରେ ସାଧାରଣ ବୁଦ୍ଧି

ମି. ମୋର୍ଲେଙ୍କ ତରଫରୁ ଆଗତ ସଂସ୍କାରଗୁଡ଼ିକର ନିମ୍ନୋକ୍ତ ସମାଲୋଚନାକୁ ଦେଖିବା ସକାଶେ 'ଇଣ୍ଡିଆ'ର ସ୍ତମ୍ଭଗୁଡ଼ିକ ଆମକୁ ନିହାତି ଏକ ପାଲଟା ମଉକା ଦେଇଛି । ''ଭାରତୀୟ ଶାସନ କଳରେ ଛୋଟ ଛୋଟ ପରିବର୍ତ୍ତନମାନ ଆଣିଲେ ଏଣିକି ଆଉ କିଛି ଫାଇଦା ମିଳିବନି । ଏହି କଳର

ବିଭିନ୍ନ ଅଂଶଗୁଡ଼ିକୁ (component parts) ନେଇ ଆମୂଳଚୂଳ ନିରେଖ୍ ଦେଖିବାଟା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଲାଣି ଆଉ ଭାରତର ବିଚାରବନ୍ତ ନେତୃବୃନ୍ଦ ସରକାରଙ୍କ କାର୍ଯ୍ୟରେ ଏମିତି ଏକ ରୀତିରେ ଭାଗ ନେବା ପାଇଁ ଯେପର୍ଯ୍ୟନ୍ତ ଉଦ୍‌ବୁଦ୍ଧ ନ ହୋଇଛନ୍ତି ଯାହା ଆଜି ସେମାନଙ୍କୁ ବାରଣ କରାଯାଇଛି, ଭାରତର ଅବସ୍ଥା ଶେଷକୁ ଆହୁରି ଶୋଚନୀୟ ଓ ଭୟାବହ ହୋଇ ଉଠିବ ପ୍ରଥମ ଅବସ୍ଥା ଅପେକ୍ଷା ।'' ଅବଶ୍ୟ ଜନମତର ପ୍ରତିନିଧିତ୍ୱ କରୁଥିବା ନେତାମାନଙ୍କୁ ଉତ୍ସାହିତ କଲେ ଯେ ପରିସ୍ଥିତିର ମୁକାବିଲା କରି ହେବ ଏକଥା କଳ୍ପନା କରିବା ଦିଗରେ 'ଇଣ୍ଡିଆ' ସମୟର ଅନେକ ପଛରେ ପଡ଼ି ଯାଇଛି । ନିଜ ମାମଲାଗୁଡ଼ିକର ପରିଚାଳନା କ୍ଷେତ୍ରରେ ଦେଶବାସୀଙ୍କର ପ୍ରବେଶ ହେଉଛି ଭାରତର ନିହାତି ଏକ ଛୋଟିଆ ଦାବି । କିନ୍ତୁ ଏକଥା ଦେଖି ଏକାବେଳେକେ ଆଶ୍ଚର୍ଯ୍ୟ ଓ ଖୁସି ଲାଗୁଛି ଯେ ରାଜପ୍ରାସାଦ ଦରବାରର ପ୍ରଧାନ ମୁଖପତ୍ରଟି ପ୍ରଶାସନର ସମଗ୍ର ବିଧି-ବ୍ୟବସ୍ଥାରେ ଗୋଟିଏ ପୂର୍ଣ୍ଣ ବୈପ୍ଳବିକ ପରିବର୍ତ୍ତନର ଆବଶ୍ୟକତାକୁ ଶେଷରେ ଉପଲବ୍ଧି କରିଛି । ଏହା ମି. ମୋର୍ଲେଙ୍କ ବିରୋଧରେ ତାଙ୍କର ନିଜ ଲେଖାରୁ ଏକ ପ୍ରଶଂସନୀୟ ଅନୁଚ୍ଛେଦ ଉଦ୍ଧାର କରିଛି, ଯେଉଁଥିରେ ଏଇ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣଟି ଦେଖିବାକୁ ମିଳେ । ''ଗୋଟିଏ କ୍ଷୁଦ୍ର ଓ ଅସ୍ଥାୟୀ ବିକାଶ ଏକ ବୃହତ୍ ଏବଂ ସ୍ଥାୟୀ ବିକାଶର ବାସ୍ତବିକ ସବୁଠାରୁ କଦର୍ଯ୍ୟ ଶତ୍ରୁ ହୋଇପାରେ ଯେପର୍ଯ୍ୟନ୍ତ ଦ୍ୱିତୀୟ ବିକାଶର ଧାରାକୁ ଆଖି ଆଗରେ ରଖି ତା'ରି ଅଭିମୁଖେ ପ୍ରଥମ ବିକାଶର ଧାରାକୁ ପରିଚାଳିତ କରା ନ ଯାଇଛି ।'' ଯଥାର୍ଥରେ ସେଇଆ । ଏହାହିଁ ମୁଖ୍ୟ କାରଣ, ଏପରିକି ସେଗୁଡ଼ିକର ଅପରିପୂର୍ଣ୍ଣ ଅବସ୍ଥାକୁ ବାଦ୍ ଦେଲେ ଯେକୌଣସି ସାଧାରଣ ପ୍ରଶାସନିକ ସଂସ୍କାରଗୁଡ଼ିକୁ ଜାତୀୟତାବାଦୀ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖନ୍ତି । ଭାରତ ଯେଉଁ ବିରାଟ ଏବଂ ସ୍ଥାୟୀ ବିକାଶ ପାଇଁ ଦାବି କରୁଛି ତାହା ହେଲା ଭାରତବର୍ଷରେ ସରକାରଙ୍କ ନିୟମାବଳୀର ଗୋଟିଏ ସାମଗ୍ରିକ ପରିବର୍ତ୍ତନ ଏବଂ ନିୟମାବଳୀରେ ହାତ ନମାରି ସେମିତି ଛାଡ଼ିଦେଲେ ପୁଙ୍ଖାନୁପୁଙ୍ଖ ଭାବେ ସାଧିତ କ୍ଷୁଦ୍ର ଓ ଅସ୍ଥାୟୀ ବିକାଶଟି ''କେବେହେଲେ ଗୋଟିଏ ବଡ଼ ଧରଣର ଓ ସ୍ଥାୟୀ ବିକାଶ'' ଅଭିମୁଖେ ନେଇପାରିବ ନାହିଁ; ବରଂ ତା'ର ଚରମ ବିରୋଧୀ ହୋଇଯିବ । ''ଜନମତର ପ୍ରତିନିଧିତ୍ୱ କରୁଥିବା ନେତୃମଣ୍ଡଳୀ'' ସହିତ ବିଚାର ବିମର୍ଷ ପାଇଁ ଉପାୟମାନ ଖଞ୍ଜି ନିରଙ୍କୁଶ ପ୍ରଶାସନିକ କ୍ଷମତାକୁ ଟିକିଏ କୋହଳ କରିଦେବାଟା ହେଲା ଏମିତି ଏକ ସଂସ୍କାର ଯାହା ଭାରତୀୟ ସ୍ୱାୟତ୍ତ ଶାସନର ସବୁଠୁ ଜଘନ୍ୟ ଶତ୍ରୁ ବୋଲି ବିବେଚିତ ହେବ । ଆମେ ମି. ଗୋଖଲେ ଏବଂ ଅନ୍ୟାନ୍ୟ ନରମପନ୍ଥୀ ନେତାମାନଙ୍କ ପାଇଁ ମି. ମୋର୍ଲେଙ୍କର ଏହି ଉକ୍ତିଟିକୁ ଅନୁମୋଦନ କରୁଛୁ ।

## ନିରୁଦ୍ଦେଶ ପଥରେ

କଲିକତା ଅପେକ୍ଷା ବମ୍ବେ ହେଉଛି ଲଣ୍ଡନର ନିକଟବର୍ତ୍ତୀ; ଆଉ ତାଙ୍କର ପ୍ରଥମ କଲିକତା ପରିଦର୍ଶନ ସମୟରେ ମି. ଗୋଖଲେ ଯେତେବେଳେ ବମ୍ବେରେ କଂଗ୍ରେସର ଏକ ସ୍ୱତନ୍ତ୍ର ଅଧିବେଶନ ପାଇଁ ଚେଷ୍ଟା ଚଳେଇଥିଲେ, ସେତେବେଳେ ବମ୍ବେର ଜନସାଧାରଣ ଲଣ୍ଡନଠାରେ କଂଗ୍ରେସର ପରବର୍ତ୍ତୀ ଅଧିବେଶନ ଅନୁଷ୍ଠିତ କରିବା ପାଇଁ ଚିନ୍ତା କରୁଛନ୍ତି । 'ଗୁଜୁରାଟୀ' ଲେଖିଛି :—

''ଲଣ୍ଡନଠାରେ ଭାରତୀୟ ଜାତୀୟ କଂଗ୍ରେସର ପରବର୍ତ୍ତୀ ଅଧିବେଶନ ଅନୁଷ୍ଠିତ କରିବାର ଚିନ୍ତାଧାରା ଏକ ଉତ୍ତମ ଚିନ୍ତାଧାରା । ଅନେକ ବର୍ଷ ପୂର୍ବେ ଅନୁରୂପ ପ୍ରସ୍ତାବଟିଏ ଆଗତ କରାଯାଇଥିଲା । କିନ୍ତୁ ସେତେବେଳେ କଂଗ୍ରେସର ଲୋକମାନେ ଏହାକୁ ଯଥାର୍ଥ ଆନ୍ତରିକତା ସହକାରେ ଗ୍ରହଣ କରି ନଥିଲେ । କୌଣସି ଆବେଦନ ପଠେଇବାର ବିରୋଧୀ ହେଉଛନ୍ତି ଚରମପନ୍ଥୀମାନେ ଏବଂ ଏହି ବିରୋଧର ଯଥାର୍ଥତାକୁ ଜାହିର କରିବାକୁ ଯାଇ ସେମାନେ ଯେ ବିଭାଜନ ବିରୋଧୀ ସ୍ମାରକପତ୍ର ଲେଖନକାରୀମାନଙ୍କୁ ମି. ମୋର୍ଲେଙ୍କ ଲିଖିତ ଉତ୍ତରଟି ଉଲ୍ଲେଖ କରିବେ ଏହା ନିଧାର୍ଯ୍ୟ । ସମ୍ଭବତଃ ଲଣ୍ଡନଠାରେ ମଧ୍ୟ କଂଗ୍ରେସର କୌଣସି ଅଧିବେଶନ ଅନୁଷ୍ଠିତ କରିବାକୁ ସେମାନେ ବିରୋଧ କରିବେ । ଏହି ଶ୍ରେଣୀର ଭାରତୀୟମାନଙ୍କୁ ବାଦ୍ ଦେଇ ସଂଖ୍ୟାଗରିଷ୍ଠତା ହାସଲ କରିଥିବା କଂଗ୍ରେସ ଲୋକମାନଙ୍କ ଭିତରେ ଅଧିକ ଚିନ୍ତାଶୀଳ ସ୍ଥିରଚିତ୍ତସମ୍ପନ୍ନ ଏବଂ ଦାୟିତ୍ୱବାନ୍ ଗୋଷ୍ଠୀ ଉପରୋକ୍ତ ଚିନ୍ତାଧାରାକୁ ସମର୍ଥନ କରିବେ ଯଦି ଆର୍ଥିକ ଅସୁବିଧାଗୁଡ଼ିକୁ ଟାଳି ଦିଆଯାଏ ଏବଂ ସବୁଠାରୁ ନିହାତି ପ୍ରତିନିଧି ପଦବାଚ୍ୟ କଂଗ୍ରେସୀ ଲୋକମାନଙ୍କୁ ଇଂଲଣ୍ଡ ପରିଦର୍ଶନ ପାଇଁ ପ୍ରବର୍ତ୍ତାଯାଏ ।''

ଆଉ ଏହା ସାବ୍ୟସ୍ତ କରିଛି ''ଭାରତବର୍ଷରେ ଅନୁଷ୍ଠିତ ହୋଇଯାଇଥିବା ପାଞ୍ଚଟି ଅଧିବେଶନ ଅପେକ୍ଷା ବର୍ତ୍ତମାନ ପରି

ଏମିତି ଏକ ସନ୍ଧିକ୍ଷଣରେ ଲଣ୍ଡନଠାରେ କଂଗ୍ରେସର ଏକ ସଫଳ ଅଧିବେଶନ ଆହୁରି ଫଳପ୍ରସୂ ହେବ'' । ଫଳପ୍ରସୂ କେଉଁ କ୍ଷେତ୍ରରେ ? ଯଦି ଆମର ବନ୍ଧୁ-ପତ୍ରିକା ଭାବୁଥାଏ ଯେ ବ୍ୟୟ ଦିଗରୁ, ଅପମାନ କିଂବା ଆତ୍ମସମ୍ମାନ ହାନି ଦୃଷ୍ଟିରୁ ଏହା ଫଳପ୍ରସୂ ହେବ ତା'ହେଲେ ଆମେ ତା' ସହିତ ଏକମତ । *ଜାତୀୟ* କଂଗ୍ରେସ କାହିଁକି ଲଣ୍ଡନଠାରେ ତା' ଅଧିବେଶନ ଡାକିବ ? ଏ ଜାତି ତ ଲଣ୍ଡନରେ ବାସ କରୁନି ଆଉ ଯେଉଁ ଲୋକମାନେ ଆମମାନଙ୍କୁ ଗୋଟିଏ ରାଷ୍ଟ୍ରରେ ପରିଣତ ହେବା ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଆଗ୍ରହୀ ସେମାନଙ୍କ ପାଖକୁ କ୍ରମାଗତ ଏ ଧରଣର ଆଡ଼ମ୍ବରପୂର୍ଣ୍ଣ ଆକୁଳ ନିବେଦନକୁ ପ୍ରତିରୋଧ କରିବା ହେଲା *ଜାତୀୟ* ଆନ୍ଦୋଳନର ମୌଳିକ ଚିନ୍ତାଧାରା । ଯେତେବେଳେ ଆମର ବନ୍ଧୁ-ପତ୍ରିକା ଦମ୍ଭର ସହିତ ଜାହିର କରିଛନ୍ତି ଯେ ଭାରତରେ ଅନୁଷ୍ଠିତ ହୋଇଯାଇଥିବା ପାଞ୍ଚଟି ଅଧିବେଶନ ଅପେକ୍ଷା ଲଣ୍ଡନ ଠାରେ ଏକ ସାଫଲ୍ୟ-ମଣ୍ଡିତ ଅଧିବେଶନ ଅଧିକ 'ଫଳଦାୟକ' ହେବ ଆମକୁ ତା'ହେଲେ ଏତିକି କହିବା ପାଇଁ ସୁଯୋଗ ଦିଆଯାଉ ଯେ ପାଞ୍ଚ ବର୍ଷ ଧରି କୌଣସି ଅଧିବେଶନ ନଥିଲେ ଯେତିକି କ୍ଷତି ହେବ ଏ ଧରଣର ଅଧିବେଶନ ଅନୁଷ୍ଠିତ ହେଲେ ତାହା ଦେଶ ଏବଂ ଦେଶର ସ୍ୱାର୍ଥ ପ୍ରତି ଅଧିକ ହାନିକାରକ ହେବ, କାରଣ ଆମେମାନେ ହେଉଛୁ ସେଇ ଦଳର ଯାହାକୁ ନରମପନ୍ଥୀମାନେ ଆସି ଛିନ୍ନଛତର କରି ଦେଇଥିବାର ମି. ରମେଶ ଦତ୍ତ ଦେଖିବାକୁ ପାଇଥିଲେ କଂଗ୍ରେସର ଦୁଇଘଣ୍ଟିଆ ତାଙ୍କ ସଭାପତିତ୍ୱ ସମୟରେ । ଅଧିକନ୍ତୁ, ବ୍ରିଟିଶ ରାଷ୍ଟ୍ରନୀତିଜ୍ଞମାନଙ୍କର ମନୋଭାବ ଏପରିକି ନରମପନ୍ଥୀମାନଙ୍କ ପାଇଁ ମଧ୍ୟ ଉତ୍ସାହଜନକ ନୁହେଁ ଯେଉଁମାନେ ଏବେ ବି ସୁଦ୍ଧା ଭାବୁଛନ୍ତି ସତେ ଯେମିତି ସେମାନଙ୍କର ଅଧିକାରଗୁଡ଼ିକ ସବୁ ''ଗ୍ରେଟ୍ ବ୍ରିଟେନ୍‌ରେ ଉତ୍ପାଦିତ'' ବୋଲି ମାର୍କାମରା, ସେଇ ଗୋଟିଏ ମାଲ୍‌ଡ଼ବା ଭିତରେ ଭର୍ତ୍ତି ହୋଇ ଆସିଛି ଲିଭରପୁଲ୍‌ର ଲବଣ ସହିତ କିଂବା ମାଞ୍ଚେଷ୍ଟର୍‌ର କାର୍ପାସ ସୂତା ସହିତ ଗୁଡ଼େଇ ହୋଇ । ସବୁ ଓଲଟପାଲଟ କରିଦିଆଯିବ ଯଦି ଆମେ ଏ ଜାତିକୁ ସେମିତି ଛାଡ଼ି ଦେଉ ଆଉ ଆତ୍ମ-ନିର୍ଭରଶୀଳତାର, ଆତ୍ମ-ଉଦ୍ୟୋଗର କ୍ରମବର୍ଦ୍ଧିଷ୍ଣୁ ଉଦ୍ଦୀପନାର ଗତିରୋଧ କରି ବସୁ ଇଂଲଣ୍ଡ ଯିବାକୁ ଏବଂ ନିଜ ''ଅଧିକାରଗୁଡ଼ିକ'' ନିମନ୍ତେ ଭିକ୍ଷାବୃତ୍ତି କରିବାକୁ ଓ ଅଯଥା ନିରର୍ଥକ କାର୍ଯ୍ୟରେ ଏହି ଅର୍ଥଗୁଡ଼ିକ ଶ୍ରାଦ୍ଧ କରି ବସୁ ଯାହା ଆମର ନିହାତି ଲୋଡ଼ା ହେଉଛି ଦୀର୍ଘକାଳ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଜାତୀୟ ସଂଗଠନର ଗୁରୁଦାୟିତ୍ୱ ତୁଲେଇବା ପାଇଁ । 'ଦି ଟାଇମ୍' ଆମ ବନ୍ଧୁ (contemporary)ଜଣକ କହୁଛନ୍ତି, ''ବର୍ତ୍ତମାନ ସମୟ ଆସିଛି, କଂଗ୍ରେସ ଲୋକେ ଗୋଟିଏ ସମ୍ମିଳନୀରେ ବ୍ରିଟିଶ ସର୍ବସାଧାରଣଙ୍କର ସମ୍ମୁଖୀନ ହେବା ଉଚିତ ।'' ସମ୍ଭବତଃ; କିନ୍ତୁ ''ସାମ୍ରାଜ୍ୟର ଖୋଦ୍ ରାଜଧାନୀ ଭିତରେ ଭାରତ ଓ ତା'ର ଅଧିବାସୀମାନଙ୍କର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଯୁକ୍ତି କରିବା ଉଦ୍ଦେଶ୍ୟରେ'' ନୁହେଁ । ବ୍ରିଟିଶ ଜନସାଧାରଣଙ୍କ ସମ୍ପର୍କରେ ଏ ଧରଣର ଚିନ୍ତାଧାରା ହେଉଛି ତୁଚ୍ଛା କୁସଂସ୍କାର । ବ୍ରିଟିଶର ଜନତା କେବେ ବି ଭାରତବର୍ଷରେ ଅବା ଭାରତର କାର୍ଯ୍ୟାଳୟରେ ତା' ନିଜ ଲୋକମାନଙ୍କର କାର୍ଯ୍ୟକଳାପରେ ହସ୍ତକ୍ଷେପ କରିବ ନାହିଁ, ଯେପର୍ଯ୍ୟନ୍ତ ପୂର୍ବ ଦିଶାରେ ସାମ୍ରାଜ୍ୟ ହରେଇବାର ଆଶଙ୍କାରେ ଏହା ଜର୍ଜରିତ ନହୋଇଛି । ଭାରତର ଜନସାଧାରଣ ଓ ଆଙ୍ଗ୍ଲୋଭାରତୀୟ ଶାସନତନ୍ତ୍ର ଭିତରେ ଏ ସଂଗ୍ରାମ ଶେଷ ପର୍ଯ୍ୟନ୍ତ ଲଢ଼ିବାକୁ ହିଁ ପଡ଼ିବ, ଏ ସଂଗ୍ରାମ ଜାରି ରଖିବାକୁ ହେବ ଖୋଦ୍ ଏଇ ମାଟିରେ ଶେଷ ପର୍ଯ୍ୟନ୍ତ । ଯୁଦ୍ଧକ୍ଷେତ୍ରକୁ ଲଣ୍ଡନରେ ନେଇ ସ୍ଥାପନ କରିବାର ପ୍ରଚେଷ୍ଟା ନିହାତି ଅବାସ୍ତବ ଏବଂ କ୍ଷତିକାରକ ହୋଇଯିବ ।

[ବନ୍ଦେ ମାତରମ୍, ମେ ୩୦, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

ପରମ ସତ୍ୟର ଅଭିମୁଖୀ ହେବା ଲାଗି ବହୁବିଧ ମାର୍ଗ ରହିଛି ଓ ତୁମେ କି ଧରଣର ପଥ ଗ୍ରହଣ କରିଛ ତା'ରି ଉପରେ ନିର୍ଭର କରେ ତୁମ ଚରମ ଅନୁଭୂତିର ପ୍ରକୃତି ଯାହା ବଳରେ ତୁମେ ସେହି ଅନିର୍ବଚନୀୟ ତତ୍ତ୍ୱଙ୍କ ମଧ୍ୟକୁ ପ୍ରବେଶ କରିଥାଅ ।

— ଶ୍ରୀଅରବିନ୍ଦ

# ଚେତନାର କ୍ରମଗତି

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ସୃଷ୍ଟିର ରହସ୍ୟ — ତା'ର ଅର୍ଥ ଓ ଉଦ୍ଦେଶ୍ୟ ବୁଝିବାକୁ ଗଲେ ପ୍ରଥମେ ବୁଝିବାକୁ ହେବ ଅଭିବ୍ୟକ୍ତିର ତତ୍ତ୍ୱଟିକୁ ଏବଂ ତାହାକୁ ମାନିବାକୁ ବି ପଡ଼ିବ; ଅର୍ଥାତ୍ ସୃଷ୍ଟି ଯେ ଚାଲୁଛି କ୍ରମବିକଶିତ ହୋଇ, ସ୍ତର ପରେ ସ୍ତର — ତାହା ଯେ ଆପଣାକୁ ଅଧିକତର ଉନ୍ନତ ଓ ପ୍ରକଟ କରି ଦେଖାଉଛି — ଏଇଟି, ଏଇ ସତ୍ୟହିଁ ସୃଷ୍ଟିର ମର୍ମକଥା ।

ସୃଷ୍ଟିର ଯେଉଁ କ୍ରମବିକାଶ, ଯାହା ଆମେ ଦେଖୁ, ସେଇଟି ତାହାର ବାହ୍ୟ ଅଙ୍ଗକୁ ନେଇ । ଉକ୍ତ ଧାରାକୁ କୁହାଯାଏ ବିବର୍ତ୍ତନ । ପାଶ୍ଚାତ୍ୟ ବିଜ୍ଞାନ ଏଇ ତଥ୍ୟଟିକୁ ବେଶ୍ ସୁନ୍ଦରଭାବେ ବ୍ୟାଖ୍ୟା କରିଛି, ସ୍ପଷ୍ଟ ବୁଝାଇ ଦେଇଛି । ସେମାନଙ୍କ ମତରେ : ଜଗତଟା ଆଦ୍ୟାବସ୍ଥାରେ ପ୍ରଥମେ ଥିଲା ଶୁଷ୍କ ଜଡ଼ାଣୁର ସମଷ୍ଟି, ତା'ପରେ ଆସିଲା ଜଳ, ଜଳର ଆବିର୍ଭାବ ହେତୁ ପ୍ରାଣର ଜନ୍ମ । ତହିଁରୁ ଜାତ ଉଦ୍ଭିଦ, ତତ୍ପରେ ପ୍ରାଣୀ । ପ୍ରଥମେ ଜାତ ହେଲେ ଇତରପ୍ରାଣୀ, ପରେ ଉଚ୍ଚତର ପ୍ରାଣୀର ଶେଷ ସୋପାନରେ ଦେଖାଦେଲା ବାନର । ତହିଁରୁ ଯିଏ ଟିକିଏ ଉନ୍ନତ, ସେଇ ବଣ ମଣିଷର ଆବିର୍ଭାବ । ଏ ସମସ୍ତର ପରେ ପରବର୍ତ୍ତୀ ସୋପାନରେ ଆସିଛି ମଣିଷ । ପ୍ରଥମେ ପୁନରାୟ ଅସଭ୍ୟ ଆଦିମ ମାନବ, କ୍ରମେ ମାର୍ଜିତ ସଂସ୍କୃତ ସଭ୍ୟ ମଣିଷର ଉଦ୍ଭବ । ଏଇ ଯେଉଁ କ୍ରମୋଦ୍ଭବ ଓ କ୍ରମୋନ୍ନତିର ଚିତ୍ର — ଏହା ସତ୍ୟ ବୋଲି ପ୍ରମାଣିତ ହୋଇଛି ।

ତେବେ, ଏଇଟି ହେଉଛି ମୋଟରେ ଜଗତର ବାହ୍ୟରୂପ ବା ଆକୃତି ପରିବର୍ତ୍ତନର କଥା; କିନ୍ତୁ ଏହାର ଅନ୍ତରାଳରେ ରହିଛି ସ୍ୱଭାବ ଓ ପ୍ରକୃତି ପରିବର୍ତ୍ତନ । ପାଶ୍ଚାତ୍ୟ ବିଜ୍ଞାନ ଏ ଦିଗରେ ସେପରି କିଛି ନଜର ଦେଇ ନାହିଁ । ଆମ ଐତିହ୍ୟରେ ଏଇ ଆନ୍ତର ଅଭିବ୍ୟକ୍ତିର କଥା ଅବଶ୍ୟ ରହିଛି, ମାତ୍ର ପାଶ୍ଚାତ୍ୟ ବିଜ୍ଞାନୀ ସ୍ଥୂଳ ଅଭିବ୍ୟକ୍ତିର ତତ୍ତ୍ୱକୁ ଯେତେ ବିଶଦଭାବେ, ପୁଙ୍ଖାନୁପୁଙ୍ଖ ରୂପେ ପ୍ରମାଣାଦି ସହ ସଜାଇ-ଗୋଛାଇ ଉପସ୍ଥାପିତ କରିଛି, ଯଦିବା ଆମେ ଜାଣିଛେ ସୂକ୍ଷ୍ମ ଅଭିବ୍ୟକ୍ତିର ବିଷୟ, ତା'ସତ୍ତ୍ୱେ ବି ସେପରି ସ୍ପଷ୍ଟ କରି ସଜାଇ ସୁଧୀ-ସମାଜ ଆଗରେ ଦେଖାଇ ନାହୁଁ ।

ଏ ଦିଗରେ ସେ ଯେ ପରିଣତ ପୁଷ୍ଟ ହୋଇ ନାହିଁ, ତା'ର କାରଣ ଏଇଠାରେ ଯେ ଭାରତ ଇତିହାସ ଏପରି ଏକ ଯୁଗ ଦେଇ ଗତି କରିଛି ଯେଉଁ ସମୟରେ ତାହା ସୃଷ୍ଟି ସମ୍ବନ୍ଧରେ ମନ ନଦେଇ ସୃଷ୍ଟି ଛଡ଼ା, ସୃଷ୍ଟି ବାହାରେହିଁ ଦୃଷ୍ଟି ଦେଇଛି ଅଧିକ । ସୃଷ୍ଟିର ନିଜସ୍ୱ ମୂଲ୍ୟ କିଛି ଯେ ରହିଛି ଅବା ଅନ୍ତତଃ ମୂଲ୍ୟ ଯେ ଅଛି, ଆମେ ସେଥିପ୍ରତି ଜମା ନଜର ଦେଇ ନାହୁଁ, ବରଂ ଅନ୍ୟ ଦିଗରେ ମନଦେଇ ଏହାକୁ ଭୁଲି ଯାଇଛୁ ଅବା ଅବଜ୍ଞା କରିଛୁ ।

ସେ ଯାହାହେଉ, ଯେଉଁ ସୂକ୍ଷ୍ମ ବା ଆନ୍ତର ଅଭିବ୍ୟକ୍ତିର କଥା କହିଥାଉ, ଯାହାର ପ୍ରତିରୂପ ବା ବାହ୍ୟଚ୍ଛାୟା ହେଉଛି ସ୍ଥୂଳ ଭୌତିକ ଅଭିବ୍ୟକ୍ତି,— ଏ ସମସ୍ତର ମୂଳ ତତ୍ତ୍ୱ, ଅର୍ଥାତ୍ ଅଭିବ୍ୟକ୍ତିର ଉଦ୍ଦେଶ୍ୟ ହେଉଛି : 'ଚେତନାର କ୍ରମ-ଅଭିବ୍ୟକ୍ତି' । ଚେତନାର କ୍ରମବିକାଶ, କ୍ରମଊର୍ଦ୍ଧ୍ୱାୟନ, କ୍ରମ ରୂପାନ୍ତର ଘଟି ଚାଲିଛି । ସୃଷ୍ଟିର ପ୍ରତିଷ୍ଠା ବା ଆଦି ହେଉଛି ଜଡ଼ — ଅନ୍ନ ବ୍ରହ୍ମ । ବ୍ରହ୍ମଙ୍କର ଯେଉଁ ରୂପକୁ ଇନ୍ଦ୍ର ଓ ବିରୋଚନ ସେମାନଙ୍କ ସାଧନାରେ ସର୍ବପ୍ରଥମେ ସାକ୍ଷାତ୍ କରିଥିଲେ — ବ୍ରହ୍ମଙ୍କର ସେଇ ରୂପଟି ମଣିଷ ଭିତରର ଶରୀର, ଅର୍ଥାତ୍ ଯେଉଁଠାରେ ଚେତନାର ଏକାନ୍ତ ଅଭାବ, ଅର୍ଥାତ୍ ଅଚେତନା । ଏଇ ଅଚେତନା କେମିତି ସଚେତନତା ହୋଇ ଉଠିଲା ତାହାହିଁ ସୃଷ୍ଟିର ଗୋପନ ଇତିହାସ । ଉପନିଷଦ୍ ଚେତନାର ତିନୋଟି ଭୂମି ବା ଅବସ୍ଥାର କଥା କହିଥାଏ — ସୁଷୁପ୍ତି, ସ୍ୱପ୍ନ ଓ ଜାଗ୍ରତ୍ । ଆମେ କହିପାରୁ, ଅବଶ୍ୟ ଉପନିଷଦ୍ ଏ ବିଷୟଗୁଡ଼ିକୁ ଠିକ୍ ଏଇ ଅର୍ଥରେ ଯେ ଗ୍ରହଣ ଓ ବ୍ୟବହାର କରିଛି, ସେକଥା ନୁହେଁ । ଆମେ କହୁଛୁ : ଚେତନାର ସୁଷୁପ୍ତି ଦେଇ ସୃଷ୍ଟିର ଆରମ୍ଭ, ତା' ଅର୍ଥ ଚେତନା ଯେଉଁଠି ସମ୍ପୂର୍ଣ୍ଣ ନିଦ୍ରିତ, ସେଇ ଅବସ୍ଥାହିଁ ଜଡ଼; ଗାଢ଼ତ୍ୱ ଯେତେବେଳେ ତରଳ ହୋଇ ଆସିଛି, ଗତି ଯେତେବେଳେ ନିଦ୍ରାଭଙ୍ଗ ଦିଗରେ; ସେତେବେଳେ ଯେଉଁ ଅବସ୍ଥା, ତାହା ସ୍ୱପ୍ନ । ନିଦ୍ରା-ଜାଗରଣର ମଧ୍ୟବର୍ତ୍ତୀ ଅବସ୍ଥା ବା ମିଶାମିଶିର ସ୍ଥିତିଟି ହେଉଛି ସ୍ୱପ୍ନ; ବିଶ୍ୱଚେତନାର ଏଇ ଦ୍ୱିତୀୟ ଅବସ୍ଥା, ଅର୍ଥାତ୍ ସ୍ୱପ୍ନ ହେଉଛି ବିଷ୍ଣୁଙ୍କର ଦ୍ୱିତୀୟ ପାଦକ୍ରମ, ଯାହାକୁ ଆଶ୍ରୟ କରି ସୃଷ୍ଟିର ଦ୍ୱିତୀୟ ରୂପ (ପ୍ରଥମ ପାଦକ୍ରମଟି ଜଡ଼ ଅବସ୍ଥା), ଅର୍ଥାତ୍ ଉଦ୍ଭିଦ ଜଗତ୍ । ତା'ପରେ ନିଦ୍ରା ତଥା ସ୍ୱପ୍ନ — ଏ ଦୁଇଟିରୁ ପୂରା ମୁକ୍ତି — ସେଇ ଯେଉଁ ଅବସ୍ଥା — ତାହା ଜାଗ୍ରତ୍ ।

ସେଇ ଚେତନାର ଯେଉଁ ତୃତୀୟ ଅବସ୍ଥା, ସେଥିରେ ଆବିର୍ଭାବ ହୁଏ ପ୍ରାଣୀର । ଜଡ଼ ସ୍ଥାଣୁ, ଉଦ୍ଭିଦ ସ୍ଥିତିକୁ ଆଶ୍ରୟ କରି ସ୍ୱଳ୍ପ ଗତିଶୀଳ; ତାହାର ଗତି କେବଳ ଗୋଟିଏ ଦିଗରେ । ଅଥଚ ପ୍ରାଣୀର ଗତି ବହୁଧା । ସିଏ ସମ୍ପୂର୍ଣ୍ଣ ଭାବେ ମୁକ୍ତ ଓ ସଚଳ ।

ଚେତନା ଜାଗ୍ରତରେ ପହଞ୍ଚି ଅଟକି ଯାଇ ନାହିଁ, ସେଠାରେ ପ୍ରଥମାବସ୍ଥାରେ ଚେତନା ବହିର୍ମୁଖୀ — ପରାଞ୍ଚିଖାନି, ପଶୁର ଚେତନା ଏଇପର୍ଯ୍ୟନ୍ତ ଯାଇଛି । ଜାଗ୍ରତ୍ ଚେତନା ଯେତେବେଳେ ଅନ୍ତର୍ମୁଖୀ ହୋଇଛି, ସେତେବେଳେ ଜନ୍ମ ନେଇଛି ମଣିଷ । ମନୁଷ୍ୟର ଚେତନା ପଛକୁ ଫେରି ନିଜକୁ ଚାହିଁପାରେ, ଦେଖିପାରେ ନିଜେ ନିଜକୁ । ସେଇ କାରଣରୁ ସେ ଆତ୍ମ-ସଂବିତ୍ । ଜାଗ୍ରତ୍ ଚେତନାର ଏଇ ବୈଶିଷ୍ଟ୍ୟହିଁ ହେଉଛି ମଣିଷର ମନୁଷ୍ୟତ୍ୱ । ଅବଶ୍ୟ ଚେତନାର, ଜାଗ୍ରତ୍ ଚେତନାର ପରିଣତି ଏଇଠାରେ ପହଞ୍ଚି ଶେଷ ହୋଇ ନାହିଁ । ଖାଲି ଅନ୍ତର୍ମୁଖୀ* ହେଲେ ଚଳିବ ନାହିଁ, ତାକୁ ଊର୍ଦ୍ଧ୍ୱମୁଖୀ ହେବାକୁ ପଡ଼ିବ । ଚେତନା ଊର୍ଦ୍ଧ୍ୱମୁଖୀ ହେବା ଅର୍ଥ ତାହା ଊର୍ଦ୍ଧ୍ୱକୁ ଉଠି ଠିଆହୁଏ, ସେ ହୁଏ ଦୂରସ୍ଥ, ଲାଭ କରେ ବିଷ୍ଣୁଙ୍କର ଚତୁର୍ଥ ପଦବୀ — ତୁରୀୟ ଅବସ୍ଥା, ତା'ର ସ୍ଥିତି ହୁଏ ଆଧ୍ୟାତ୍ମିକ, ଅର୍ଥାତ୍ ତା'ର ଘଟେ ସ୍ୱରୂପରେ ଅବସ୍ଥାନ ।

ଜଡ଼ ବା ଜଡ଼ାବିଷ୍ଟ ଚେତନା ଏଇ ପ୍ରକାରେ କ୍ରମଶଃ ଜାଗ୍ରତ୍ ହୁଏ ଅଧିକରୁ ଅଧିକତର । ପ୍ରକୃତରେହିଁ ଏହା ଉଠୁଛି, ଉପରକୁ ଉପରକୁ ଉଠି ଚାଲିଛି, ତାହାର ଶେଷ ପରିଣତିର ପରିସମାପ୍ତି ହେଉଛି ସମ୍ପୂର୍ଣ୍ଣ ଚିନ୍ମୟ, ପୂର୍ଣ୍ଣ ଜାଗ୍ରତ୍ ହୋଇ ଉଠିବା । ଜଡ଼ ଜ୍ୟୋତିର୍ମୟ ବିଗ୍ରହ ହୋଇ ଉଠିବ ପରାଚେତନାରେ, ଏଇ ପୃଥିବୀହିଁ ହୋଇଉଠିବ ସ୍ୱର୍ଲୋକ ।

ଚେତନାର ବିବର୍ତ୍ତନରେ, ଚେତନାର ଊର୍ଦ୍ଧ୍ୱାୟନ ଫଳରେ ନିମ୍ନଟି ବିଲୋମଗତି ପାଇବ ନାହିଁ, ଯାହାର ଅର୍ଥ ସାଧନା ଫଳରେ ନିମ୍ନତରଟି ଊର୍ଦ୍ଧ୍ୱତର ମଧ୍ୟରେ ଲୋପ ପାଇଯାଏ, ଏଠାରେ ସେପରି ଘଟିବ ନାହିଁ — ବରଂ ଊର୍ଦ୍ଧ୍ୱମୁଖୀ ଯାତ୍ରାଫଳରେ ଘଟିବ ତା'ର ରୂପାନ୍ତର । ଫଳତଃ ବିବର୍ତ୍ତନ ବା ଅଭିବ୍ୟକ୍ତି ହେତୁ ଯେପରି ରହିଛି ଊର୍ଦ୍ଧ୍ୱାୟନ; ଅର୍ଥାତ୍ ନିମ୍ନର ଊର୍ଦ୍ଧ୍ୱଗତି, ଠିକ୍ ସେମିତି ରହିଛି ଅବତରଣ — ଊର୍ଦ୍ଧ୍ୱର ନିମ୍ନାଗମନ; ଅର୍ଥାତ୍ ନିମ୍ନ ଯେପରି ପରିଶୁଦ୍ଧ ହୋଇ ଗତି କରେ ଉପରକୁ ପ୍ରଥମ ଧାରାରେ, ସେଇପରି ଦ୍ୱିତୀୟ ଧାରାରେ ଊର୍ଦ୍ଧ୍ୱତନ ମୂର୍ତ୍ତିମାନ୍ ହୋଇଉଠେ, ତାହା ପାର୍ଥିବ ସତ୍ୟ ହୋଇ ଦେଖାଦିଏ । କ୍ରମପରିଣାମର ଧାରା ଓ ଲକ୍ଷ୍ୟ ଏପରି ନୁହେଁ, ଅଚେତନ ହୋଇ କ୍ରମେ ଊର୍ଦ୍ଧ୍ୱାୟିତ ହୋଇ, ସୂକ୍ଷ୍ମତର ହୋଇ କ୍ରମଶଃ ଅଦୃଶ୍ୟ ହୋଇ ମିଳେଇ ଯାଏ ଲୋକାତୀତ ମଧ୍ୟରେ — ବିଶ୍ୱାତୀତ ମଧ୍ୟରେ, ସୃଷ୍ଟିର ବାହାରେ ଯେଉଁ ସଚ୍ଚିଦାନନ୍ଦ ସ୍ଥିତି ବା ମହାଶୂନ୍ୟ ତା' ମଧ୍ୟକୁ ଚାଲିଯାଏ । ବିବର୍ତ୍ତନର ସମୁଦାୟ ଅର୍ଥ ଓ ଉଦ୍ଦେଶ୍ୟ ହେଉଛି ଜଡ଼ ଭିତରେ, ଜଡ଼କୁ ଆଶ୍ରୟ କରି ସୂକ୍ଷ୍ମତମକୁ, ଊର୍ଦ୍ଧ୍ୱତମକୁ, ଗୂଢ଼ତମକୁ, ସଚ୍ଚିଦାନନ୍ଦଙ୍କୁ, ପରାତ୍ପରକୁ — ଯେଉଁ ନାମରେ ବି କୁହାଯାଉନା କାହିଁକି, ଉକ୍ତ ପରମ ସଦ୍‌ବସ୍ତୁକୁ — କ୍ରମଶଃ ଜାଗ୍ରତ୍, ଜୀବନ୍ତ ଲୀଳାୟିତ କରିବାର ପ୍ରଯତ୍ନ କରିବା ।

ଜଡ଼ର ଏଇ ଯେ ରୂପାନ୍ତର — ଏହାକୁ ପ୍ରାଚୀନମାନେ କହୁଥିଲେ ରସବିଦ୍ୟା (ଆଳଙ୍କାରିକ ନୁହେଁ, ରାସାୟନିକ); ସେମାନେ ପ୍ରତୀକସବୁର ଭିତର ଦେଇ ଏହାକୁ ଲକ୍ଷ୍ୟ କରିଥିଲେ — କେଉଁ ଶକ୍ତି ଏଇ ରୂପାନ୍ତର ଘଟାଉଛି — ସେଇ ରହସ୍ୟକୁ ଜାଣିବାକୁ ଏଥିପାଇଁ ପ୍ରକୃତିର ଯେଉଁ ଶକ୍ତି, ତାହା ଯଥେଷ୍ଟ ନୁହେଁ । ମନୁଷ୍ୟ ଭିତରେ ମାନୁଷୀ ବୁଦ୍ଧି ବା ଶକ୍ତି ଯେ ଏ କାର୍ଯ୍ୟଟି କରିବ ବା କରିପାରିବ, ତାହାର ବି କିଛି ସମ୍ଭାବନା ନାହିଁ । ପ୍ରକୃତି ଦିଗରୁ ଯାହା ମିଳେ, ସେଇଟି ହେଉଛି ଆକାଂକ୍ଷା, ଆସ୍ପୃହା, ଆବାହନ, ତାହା କ୍ଷେତ୍ର ପ୍ରସ୍ତୁତ କରେ, ବାତାବରଣ ତିଆରି କରେ, ଅନ୍ୟସବୁ ଆୟୋଜନ କରେ ହୁଏତ, କିନ୍ତୁ ରୂପାନ୍ତର ଜିନିଷଟି ଘଟାଉଛି ଯିଏ, ସିଏ ପ୍ରକୃତି ନୁହେଁ, ପ୍ରକୃତିର ଅଧୀଶ୍ୱର, ସ୍ୱୟଂ ଭଗବାନ୍ । ଭଗବାନ୍ ଜଡ଼ ଦେହ ଧାରଣ କରି ଆସନ୍ତି ଏବଂ ଯେମିତି ଆପଣା ଦେହର ଚାପରେ ଜଡ଼କୁ ପରିବର୍ତ୍ତିତ, ରୂପାନ୍ତରିତ କରିବାକୁହିଁ ଆସନ୍ତି ସିଏ । ଅବତାରଙ୍କ ନିଗୂଢ଼ ଅର୍ଥ ଓ ଇତିହାସ ଏଇଠାରେହିଁ ରହିଛି ।

ପ୍ରକୃତିର ବିବର୍ତ୍ତନ ଚାଲିଛି, ଭଗବାନଙ୍କ ଅବତାରର ବି ବିବର୍ତ୍ତନ ହେଉଛି ତାହାରି ସଙ୍ଗେ ସଙ୍ଗେ । ଯୁଗସନ୍ଧିର ପ୍ରୟୋଜନ ଅନୁସାରେ ଅବତାରଙ୍କର ରୂପବୈଶିଷ୍ଟ୍ୟ ଓ ରୂପର ବିକାଶ ମଧ୍ୟ ହୋଇ ଚାଲିଛି । କୁହାଯାଏ ଭଗବାନ୍ ପୃଥ୍ୱୀଲୋକକୁ ଆସନ୍ତି ଦୁଷ୍ଟମାନଙ୍କର ଦମନ ଓ ଶିଷ୍ଟମାନଙ୍କର ପାଳନ କରିବା ପାଇଁ — ଏଇଟା ତ ବାହ୍ୟ କଥା । ଅସଲ

* ଅବଶ୍ୟ ଏ ଅନ୍ତରର ବି ଅନ୍ତର ରହିଛି, ଯାହାକୁ କୁହାଯାଏ ଅନ୍ତର୍ହୃଦୟ । ଆଉ, ଏଇ ଅନ୍ତରତରଟି ଊର୍ଦ୍ଧ୍ୱ ସହିତ ସାକ୍ଷାତ୍ ସଂଯୁକ୍ତ । ଏଇ ଅନ୍ତରତରର ରାସ୍ତାଦେଇ ସହଜରେ ନିମ୍ନରୁ ଊର୍ଦ୍ଧ୍ୱକୁ ଉଠିଯାଇହୁଏ, ଊର୍ଦ୍ଧ୍ୱ ମଧ୍ୟ ନିମ୍ନକୁ ସହଜରେ ଓହ୍ଲାଇ ଆସେ ।

ରହସ୍ୟ ପ୍ରହ୍ଲାଦଙ୍କ ଭାଷାରେ କିଛି ବାଟ ସ୍ପଷ୍ଟ ହୁଏ – 'ଧର୍ମଂ ମହାପୁରୁଷ ପାସି ଯୁଗାନୁବୃତ୍ତଂ ।' ଭଗବାନ୍ ମହାପୁରୁଷ ହୋଇ ତନୁଗ୍ରହଣ କରନ୍ତି ଯୁଗକ୍ରମଗତ ଧର୍ମକୁ – ଅର୍ଥାତ୍ ସକ୍ରିୟ ତତ୍ତ୍ୱକୁ ପ୍ରକଟ କରିବା ପାଇଁ – ପାଳନ କରିବା ପାଇଁ । ଆମମାନଙ୍କର ଦଶାବତାରର ଯେଉଁ ଚିତ୍ର ରହିଛି, ତାହାର ବିବର୍ତ୍ତନ କ୍ରମ ଉପରେ ଅନେକେ ଏହା ପୂର୍ବରୁ ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ମତାନୈକ୍ୟ ରହିଲେ ମଧ୍ୟ ମୋଟ ଉପରେ ସ୍ୱୀକୃତ ହୋଇଛି ଦଶାବତାରର ଏଇ କ୍ରମଟି – ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, କୃଷ୍ଣ, ବୁଦ୍ଧ ଏବଂ କଳ୍କି ।

ଜଡ଼ଠାରୁ ଜୀବନର ଯେବେ ପ୍ରଥମ ଆବିର୍ଭାବ, ତାହା ଘଟିଥିଲା ଶୁଷ୍କ ଜଡ଼ରେଣୁ ଯେବେ ଜଳରେ ପରିଣତ ହେଲା, ଜଳରେହିଁ ଜନ୍ମନେଲା ପ୍ରଥମ ଜୀବ, ତେଣୁ ଆଦି ଜଳୀୟ ଜୀବର ପ୍ରତୀକ ପ୍ରତିଭୂ ଓ ଅଧିଷ୍ଠାତ୍ରୀ-ଦେବ ହେଉଛନ୍ତି 'ମତ୍ସ୍ୟ' । ତା'ପରେ ଜଳ ଉପରେ ପରସ୍ତ ପରସ୍ତ ହୋଇ ଦଳ ଜମାହୋଇ ମାଟି ତିଆରି ହେଲା; ପୃଥିବୀ ଗଠନର ଆରମ୍ଭରେ ଯେଉଁ ଉଭୟଚର ଜୀବ ହେଲା, ସେ ଯୁଗର ଯୁଗଧର୍ମର ବିଗ୍ରହରୂପେ ଯିଏ ଆସିଲେ – ସିଏ ହେଉଛନ୍ତି 'କୂର୍ମ' । ତତ୍ପରେ ମାଟି ଯେତେବେଳେ ତିଆରି ହୋଇଯାଇଛି, ଶକ୍ତ ମାଟି ଉପରେ ଜୀବ ଯେବେ ପ୍ରଥମ କରି ଚାଲିପାରୁଛି, ସେ ସମୟରେ ଜୀବ କ୍ରମପରିଣତିର ଆହୁରି ଏକ ସୋପାନ ଉପରକୁ ଉଠିଯାଇଛି, ସେ ଯୁଗର ପ୍ରତିଭୂ, ଯୁଗେଶ୍ୱର ହେଉଛନ୍ତି 'ବରାହ' । ଏ ପର୍ଯ୍ୟନ୍ତ ଯାଇଛି ପଶୁର ଯୁଗ, ଏବେ ମଣିଷର ଆସିବାର ବେଳା । ସେ ଯୁଗରେ ପଶୁ ଓ ମନୁଷ୍ୟ ଉଭୟର ସମ୍ମିଶ୍ରଣ, ଅର୍ଥାତ୍ ପଶୁ ଭିତରେ ମଣିଷ ଦେଖା ଦେଇଛି କିଂବା ମଣିଷ ଭିତରେ ପଶୁର ଭାଗ ପ୍ରବଳ – ତାହାର ନିଦର୍ଶନ ଓ ପ୍ରତୀକ ହେଉଛନ୍ତି – 'ନୃସିଂହ' । ତା'ପରେ ସତରେହିଁ ଆସିଲେ ମନୁଷ୍ୟ, କିନ୍ତୁ ମନୁଷ୍ୟର ଶୈଶବ କାଳ, ଅପରିଣତ ଅବସ୍ଥା, ତେଣୁ ଭଗବାନ୍ ନେଲେ 'ବାମନ' ଅବତାର । ତା'ପରେ ପରିଣତ ପୂର୍ଣ୍ଣ ପ୍ରାଂଶୁତାର ମଣିଷ । ଏଯାବତ୍ କ୍ରମାନ୍ତର ଯେ ଘଟିଯାଇଛି, ସେଥିରେ ବାହ୍ୟ ରୂପର ପରିବର୍ତ୍ତନ ଅତି ସ୍ପଷ୍ଟ, ବାହ୍ୟ ରୂପଟି ମଧ୍ୟ ଆନ୍ତର ଭାବର ଓ ଅର୍ଥର ଚିହ୍ନ, ପରିଚୟ – ପ୍ରକାଶ । ବର୍ତ୍ତମାନ କିନ୍ତୁ ପୂର୍ଣ୍ଣ ମନୁଷ୍ୟ ରୂପ ପାଇ ସାରିବା ପରେ କ୍ରମାନ୍ତର ଓ ରୂପାନ୍ତର ଅନ୍ତର୍ମୁଖୀ ହୋଇଛି । ବାହ୍ୟ ରୂପ ତାହାର ପକ୍କା ଛାଞ୍ଚଟି ପାଇସାରିଛି; ବର୍ତ୍ତମାନ ପ୍ରୟୋଜନ ଅନ୍ତରର ପରିବର୍ତ୍ତନ ଓ ପରାବର୍ତ୍ତନ । ପରଶୁରାମଙ୍କର ଆବିର୍ଭାବ ହେଲା ଯେତେବେଳେ ସେତେବେଳକୁ ମନୁଷ୍ୟ ତା'ର ସ୍ୱକୀୟ ଆକାର ଓ ଆକୃତି ପାଇଯାଇଛି ଅବଶ୍ୟ, ତା'ର ପାଶବିକତାର ପାଶ କାଟି ଉଠିଆସିଛି ଅବଶ୍ୟ, କିନ୍ତୁ ତା'ର ସ୍ୱଭାବ-ପ୍ରକୃତି ସେତେବେଳେ ବି ତୀବ୍ର, ରୁକ୍ଷ, ରାଜସିକ; କ୍ଷାତ୍ର ବିକ୍ରମ – ଏଇ ସୁନାମରେ ଯଦିଓ ତା'ର ପରିଚୟ । ସୁତରାଂ ପୂର୍ଣ୍ଣ ରୁଦ୍ର କ୍ଷାତ୍ର ତେଜ ନେଇ ସେଥିପାଇଁ ଅବତରଣ କରିଛନ୍ତି ଯିଏ, ଉକ୍ତ ସମଗ୍ର କ୍ଷାତ୍ରବୀର୍ଯ୍ୟକୁ ଆକର୍ଷଣ କରି, ତାକୁ କ୍ଷୟ କରି, ଶୁଦ୍ଧ କରି ଧାରଣ କରିଛନ୍ତି ଯିଏ, ସିଏ ହେଉଛନ୍ତି ଭଗବାନ୍ 'ପରଶୁରାମ' । ପରବର୍ତ୍ତୀ ଅବତାର ଶ୍ରୀରାମ, ତାଙ୍କଠାରେ ସାତ୍ତ୍ୱିକ ଚେତନା ପ୍ରକଟ ଓ ମୂର୍ତ୍ତିମାନ୍, ସେଇଥିପାଇଁ ଶ୍ରୀରାମଙ୍କ ନିକଟରେ ପରଶୁରାମ ହତବୀର୍ଯ୍ୟ ।* ପରନ୍ତୁ କେବଳ ରାଜସିକ ଶକ୍ତିକୁ ସିଏ ନିୟନ୍ତ୍ରିତ କରିବାକୁ ଆସି ନଥିଲେ, ଶ୍ରୀରାମଙ୍କର ଅସଲ କାମ ଥିଲା ପ୍ରାକୃତ ତଥା ରାଜସ-ତାମସିକ ଶକ୍ତି ଉପରେ ବିଜୟ । ରାବଣ କୁମ୍ଭକର୍ଣ୍ଣକୁ ନିହତ କରି ଶ୍ରୀରାମ ମଣିଷ ଭିତରେ ସାତ୍ତ୍ୱିକ ଚେତନାର ଅବତରଣ କରାଇଲେ – ପ୍ରତିଷ୍ଠା କଲେ ସାତ୍ତ୍ୱିକ ଚେତନାକୁ । ପରବର୍ତ୍ତୀ କ୍ରମରେ ଶ୍ରୀକୃଷ୍ଣ ହେଉଛନ୍ତି ମୂର୍ତ୍ତ ଏକ ତ୍ରିଗୁଣାତୀତ ଚେତନା, ଯାହାକୁ କୁହାଯାଇପାରେ ଅଧିମାନସ ଚେତନା । ଏଇ ଚେତନାକୁ ସେ ମର୍ତ୍ତ୍ୟଲୋକର ପରିବେଷ୍ଟନୀ ମଧ୍ୟରେ ଆଣି ଥୋଇଦେଲେ, ମନୁଷ୍ୟର ନିଭୃତ ଚେତନାକୁ ସେ ଅଧିମାନସ ସହିତ ସଂଯୁକ୍ତ କରିଦେଲେ । ସେଇ ଚେତନାରେ ଉତ୍ତୀର୍ଣ୍ଣ ହେବା ମନୁଷ୍ୟ ପକ୍ଷରେ ଅପେକ୍ଷାକୃତ ସହଜସାଧ୍ୟ କରି ଦେଇଛନ୍ତି ସିଏ । ଦଶାବତାରଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ପରେ ଯାହାଙ୍କ ସ୍ଥାନ, ସେ ହେଉଛନ୍ତି ବୁଦ୍ଧ –

*ସାଧାରଣ ଦୃଷ୍ଟିରେ ଅବତାର ମଧ୍ୟରେ ବିରୋଧ ବିସଦୃଶ ହୋଇପାରେ । କିନ୍ତୁ ବିଭିନ୍ନ ତତ୍ତ୍ୱ ଯଦି ମୂର୍ତ୍ତିମାନ୍ ହୋଇଥାଏ ବିଭିନ୍ନ ଅବତାରରେ, ତେବେ ବୈସାଦୃଶ୍ୟ, ଏପରିକି ସଂଘାତ ମଧ୍ୟ ସ୍ୱାଭାବିକ । ତା'ଛଡ଼ା ଏଠାରେ ସମ୍ଭବତଃ ଏମିତି ବି ହୋଇପାରେ ଯେ ଦୁଇଟି ପରସ୍ପର ଦୂରବର୍ତ୍ତୀ ଯୁଗର ଦୁଇଟି ଘଟଣା ମନୁଷ୍ୟର ସ୍ମୃତି ମଧ୍ୟରେ ଉପର୍ଯ୍ୟୁପରି ନ୍ୟସ୍ତହୋଇ ଗୋଟିଏ ଅଖଣ୍ଡ କାହାଣୀ ରଚନା କରିଛି । ଇତିହାସକୁ ଆମେ ବ୍ୟାଖ୍ୟା କରିଥାଉ ବାସ୍ତବ ଘଟଣା ଦେଇ ଯେତେ ନୁହେଁ, ତା'ଠାରୁ ବେଶୀ ପ୍ରତୀକର ରୂପକକୁ ଆଶ୍ରୟ କରିହିଁ ଆମର ଜାଣିବା ଓ ବୁଝିବା ଘଟିଥାଏ ।

କାରୁଣ୍ୟମାତନ୍ୱତେ – ଅର୍ଥାତ୍ ସେଇ କାରଣରୁ ସେ ଅବଲୋକିତେଶ୍ୱର । ଅଧ୍ୟାତ୍ମ ସମ୍ପଦ କେବଳ ନିଜର କିଂବା ଅଳ୍ପ କେତେକ ଅଧିକାରୀ ମଧ୍ୟରେ ଆବଦ୍ଧ ରହିବ, ଏହା ଯଥେଷ୍ଟ ନୁହେଁ – ସମସ୍ତ ବିଶ୍ୱହିଁ ହେବ ଏଇ ପରମଧନର ଅଧିକାରୀ । ମାନବଜାତିର ସହଜ ଧର୍ମ ହେବ ଆଧ୍ୟାତ୍ମିକତା । ଏଇ ଜଗତ୍ ଦୁଃଖ ଦେଇ ଗଠିତ ? ପରମକାରୁଣିକଙ୍କର ସାଧନା – ସକଳଜୀବ ସକଳ ଦୁଃଖରୁ ସର୍ବତୋଭାବରେ ମୁକ୍ତ ହେବେ – **ସର୍ବସତ୍ତ୍ୱଃ ସର୍ବଦୁଃଖେଭ୍ୟଃ ପରିମୋକ୍ଷିତାଃ;** ଅବଲୋକିତେଶ୍ୱର ହେଉଛନ୍ତି ଭଗବାନଙ୍କର ଆଶୀର୍ବାଦ – ଏଇ ମାଟିର ପୃଥିବୀ ଉପରେ ମର୍ତ୍ତ୍ୟଜୀବ ମାତ୍ରଙ୍କ ଉପରେ ତାଙ୍କର ଆବିର୍ଭାବ ଭଗବତ୍ ପ୍ରସାଦ ବର୍ଷଣ କରିବା ଲାଗି । ଅବଶ୍ୟ ସାଧାରଣତଃ ବ୍ୟାଖ୍ୟା ଦିଆହୁଏ – ସବୁ ମଣିଷ ମୁକ୍ତି ପାଇବେ, ଏହାର ଅର୍ଥ ଜଣ ଜଣ କରି ସେମାନେ ପୃଥିବୀ ଛାଡ଼ି ମର୍ତ୍ତ୍ୟଜୀବନ ପାର ହୋଇ ଜୀବନର ଅତୀତ ଏପରି ଗୋଟିଏ ଅବସ୍ଥାରେ ପହଞ୍ଚିବେ, ଯେଉଁଠି ଲାଭ କରିବେ ପରମ ସୁଖ ? କିନ୍ତୁ ପ୍ରକୃତିର କ୍ରମ-ଅଭିବ୍ୟକ୍ତିର ଧାରା ଅନୁସରଣ କରି ଆମେ ଯେ ଅନ୍ୟ ରକମ ପରିଣାମ ଆଶା କରିଥାଉ ! ଆମେ ଯେ କହୁ ଇହୈବ ତୈର୍ଜିତଂ – ଏଇ ଇହକାଳରେ, ଏଇ ମରଲୋକରେହିଁ ଏଇ ଜୟ ଲାଭ ହେବ । ପରମ ସୁଖ ଏଇଠାରେହିଁ ଲାଭ କରିବେ ଜୀବମାତ୍ରେ – ତା'ର କ'ଣ ହେବ ?

ଏବଂ ଏଇ ପରମ ଜୟ ଆଣିଦେବ ପ୍ରତିଷ୍ଠା; ଏଇ ଶେଷ ପ୍ରତିଷ୍ଠାର କାମ କରିବେ ଶେଷ ଅବତାର କଳ୍କି । ଅଧ୍ୟାତ୍ମଦ୍ରଷ୍ଟାମାନେ ଦୁଃଖ ବିଜଡ଼ିତ, ମୋହ ଲାଞ୍ଛିତ ମଣିଷକୁ ଏହି ପରମ ଆଶ୍ୱାସ ଦେଇ ଯାଇଛନ୍ତି ।

('ରଚନାବଳି' ଅଷ୍ଟମ ଖଣ୍ଡ,'ଚେତନାର କ୍ରମଗତି'ରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ✤

## ଶ୍ରୀମା'ଙ୍କ ଶରୀରତ୍ୟାଗ ସମ୍ବନ୍ଧେ ବାଣୀ

### ନଭେମ୍ବର ୧୭, ୧୯୭୩

ମା'ଙ୍କର ଶରୀର ଥିଲା ପୁରାତନ ସୃଷ୍ଟିର । ଏହା ଉଦ୍ଦିଷ୍ଟ ଥିଲା ନୂତନ ଶରୀରର ଆହ୍ୱାନ ହେବା ନିମନ୍ତେ । ଏହା ତା'ର ଉଦ୍ଦେଶ୍ୟ ଉତ୍ତମ ରୂପେ ସମ୍ପାଦନ କଲା । ନୂତନ ଶରୀର ପୁଣି ଆସିବ ।

ମା'ଙ୍କ ପ୍ରତି ଆମେ କେତେଦୂର ବିଶ୍ୱସ୍ତ, ତାଙ୍କ ଚେତନା ପ୍ରତି ଆମେ କେତେଦୂର ନିଷ୍ଠାବାନ୍ – ଏହା ତାହାରି ଏକ ପରୀକ୍ଷା ।

ଏ ଶରୀରରେ ପୁନର୍ଜୀବନପ୍ରାପ୍ତିର ଅର୍ଥ ହୋଇଥା'ନ୍ତା ଏଇ ଶରୀରଗତ ପୁରାତନ ଦୁଃଖଯନ୍ତ୍ରଣାର ପୁନରାବୃତ୍ତି । ଶରୀର ମଧ୍ୟରେ ରହି ଶାରୀରିକ ପ୍ରତିବନ୍ଧକକୁ ଯେତେଦୂର ହଟାଇ ଦିଆଯାଇପାରେ ତାହା କରାଗଲା – ଏହାଠାରୁ ଅଧିକ ଆଉ ସମ୍ଭବ ନଥିଲା । ଏକ ନୂତନ ଦୈହିକ ପରିବର୍ତ୍ତନ ପାଇଁ ଆବଶ୍ୟକ ହେଲା ଏକ ନୂତନ ପଦ୍ଧତି । ''ମୃତ୍ୟୁ'' ସେଇ ପଦ୍ଧତିର ପ୍ରଥମ ସୋପାନ ।

– ନଳିନୀକାନ୍ତ ଗୁପ୍ତ

### ନଭେମ୍ବର ୨୧, ୧୯୭୩

ମା' ଥରେ ମୋତେ କହିଥିଲେ – ''ଯଦି କେବେ ମୁଁ ମୋର ଶରୀରତ୍ୟାଗ କରେ ତେବେ ମୋର ଚେତନା ତୁମ୍ଭମାନଙ୍କ ସହ ରହିବ ।''

ମା' ଆମ୍ଭମାନଙ୍କ ମଧ୍ୟରେ ଉପସ୍ଥିତ ଅଛନ୍ତି ଏବଂ ତାଙ୍କର କାର୍ଯ୍ୟ ଚାଲୁ ରହିଛି ।

ଆସ, ଆମେ ପୁଣିଥରେ ପୂର୍ଣ୍ଣ ଆନ୍ତରିକତା ଓ ବିଶ୍ୱସ୍ତତା ସହ ଆମ୍ଭମାନଙ୍କୁ ତାଙ୍କରି ରୂପାନ୍ତର କାର୍ଯ୍ୟ ନିମନ୍ତେ ଉତ୍ସର୍ଗ କରିବା ।

– ନଳିନୀକାନ୍ତ ଗୁପ୍ତ

# ପ୍ରଥମ ସୂକ୍ତ ଅଗ୍ନିଙ୍କ ପ୍ରତି

## ଶ୍ରୀଅରବିନ୍ଦ

### ପ୍ରଭାତକାଳୀନ ଯଜ୍ଞର ସୂକ୍ତ

ଋଗ୍‌ବେଦ, ମଣ୍ଡଳ-୫, ସୂକ୍ତ-୧, ଋଷି-ଅତ୍ରି

[ଏଠାରେ ଋଷି 'ଦିବ୍ୟଶକ୍ତି' ଅଗ୍ନିଙ୍କୁ ଜାଗ୍ରତ ହେବାକୁ ସ୍ତୁତି କରୁଛନ୍ତି, ଯିଏ 'ଉଷା'ଙ୍କ ଆଗମନୀରେ ସଚେତ କର୍ମ କରିବେ । ଅଗ୍ନି ନିଜର ଲକ୍ଷ୍ୟ ସ୍ୱର୍ଗ ପ୍ରତି ପ୍ରଜ୍ୱଳିତ ହୋଇ ଉଠନ୍ତି, ଦେବୀ ଦକ୍ଷିଣା (ଦିବ୍ୟ ବିବେଚନ-ଶକ୍ତି) ଯିଏ ଯଜ୍ଞର କ୍ରିୟାକର୍ମ ଓ ଆହୁତି ପ୍ରଭୃତିକୁ ଦେବଗଣଙ୍କ ମଧ୍ୟରେ ବିତରଣ କରିଥା'ନ୍ତି, ତାଙ୍କରି କ୍ରିୟା ଦ୍ୱାରା ପରିପୋଷିତ ହୋଇ ସେ ବିଶୁଦ୍ଧ ଶକ୍ତିରେ ପରିଣତ ହୋଇଥା'ନ୍ତି ଏବଂ ଏହି ଶକ୍ତି ରୂପେ ସେ ଆମର ଦିନଗୁଡ଼ିକର ନେତୃତ୍ୱ କରିଥା'ନ୍ତି ତଥା 'ବୃହତ୍' ଓ 'ସତ୍ୟ' ମଧ୍ୟକୁ ଉତ୍ତରଣ କରିଥା'ନ୍ତି । ସତ୍ୟ ଦ୍ୱାରା ସେ ଆମର ଦୈହିକ ଓ ମାନସିକ ଚେତନା ସ୍ୱରୂପ ଦୁଇ ଆକାଶକୁ ନୂତନ ରୂପରେ ଗଠନ କରିଥା'ନ୍ତି । ଏହାହିଁ ଆକାଶଦ୍ୱୟ ମଧ୍ୟଗତ ତାଙ୍କ ପ୍ରତି ଋଷିଙ୍କର ସ୍ୱର୍ଣ୍ଣିମ ସ୍ତୁତି ।]

ଅବୋଧ୍ୟଗ୍ନିଃ ସମିଧା ଜନାନାଂ ପ୍ରତି ଧେନୁମିବାୟତୀମୁଷାସମ୍ ।
ଯହ୍ୱା ଇବ ପ୍ର ବୟାମୁଜ୍ଜିହାନାଃ ପ୍ର ଭାନବଃ ସିସ୍ରତେ ନାକମଚ୍ଛ ॥୧॥

ଲୋକଙ୍କ ପ୍ରଜ୍ୱଳନ ଦ୍ୱାରା ଶକ୍ତିସ୍ୱରୂପ ଅଗ୍ନି ଜାଗ୍ରତ ହୋଇ ଉଠିଲେ [ଜନାନାଂ ସମିଧା ଅଗ୍ନିଃ ଅବୋଧି], ପରିପୋଷିକା 'ଧେନୁ' ପରି ତାଙ୍କ ଆଡ଼କୁ ଆଗମନ କରୁଥିବା ଉଷାଙ୍କର ସେ ଅଭିମୁଖ ହେଲେ [ଧେନୁମ୍ ଇବ ଆୟତୀମ୍ ଉଷାସମ୍ ପ୍ରତି]; ନିଜ ବିସ୍ତାର ନିମନ୍ତେ ଉର୍ଦ୍ଧ୍ୱ ଦିଗରେ ଉଦ୍‌ପ୍ରେରିତ ହୋଇଥିବା ଶକ୍ତିଶାଳୀ ସତ୍ତାମାନଙ୍କ ସଦୃଶ [ବୟାମ୍ ଉଜ୍ଜିହାନାଃ ଯହ୍ୱାଃ ଇବ] ତାଙ୍କର ଦୀପ୍ତିଗୁଡ଼ିକ ସ୍ୱର୍ଗୀୟ ସ୍ତରକୁ ଆରୋହଣ କରିବାକୁ ଆଗେଇ ଚାଲିଛନ୍ତି [ଭାନବଃ ନାକମ୍ ଅଚ୍ଛ ପ୍ରସିସ୍ରତେ] ।

ଅବୋଧି ହୋତା ଯଜଥାୟ ଦେବାନୂର୍ଧ୍ୱୋ ଅଗ୍ନିଃ ସୁମନାଃ ପ୍ରାତରସ୍ଥାତ୍ ।
ସମିଦ୍ଧସ୍ୟ ରୁଶଦଦର୍ଶି ପାଜୋ ମହାନ୍ ଦେବସ୍ତମସୋ ନିରମୋଚି ॥୨॥

ଦେବଗଣଙ୍କ ନିମନ୍ତେ ଯଜ୍ଞ ସମ୍ପାଦନ ପାଇଁ ଆମ ଆହୁତିଦାତା ପୁରୋହିତ ଜାଗ୍ରତ ହେଲେ [ଦେବାନ୍ ଯଜଥାୟ ହୋତା ଅବୋଧି]; କଲ୍ୟାଣକର ମନୋଯୁକ୍ତ 'ବଳ' (ଅଗ୍ନି) ଆମ ପ୍ରଭାତ ସମୟଗୁଡ଼ିକରେ ଉର୍ଦ୍ଧ୍ୱସ୍ଥ ହୋଇ ଦଣ୍ଡାୟମାନ [ସୁମନାଃ ଅଗ୍ନିଃ ପ୍ରାତଃ ଉର୍ଧ୍ୱଃ ଅସ୍ଥାତ୍]; ସେ ପୂର୍ଣ୍ଣ ରୂପେ ପ୍ରଜ୍ୱଳିତ, ତାଙ୍କର ଅରୁଣ ବର୍ଣ୍ଣ ପିଣ୍ଡ ଦୃଶ୍ୟମାନ ହୋଇଛି [ସମିଦ୍ଧସ୍ୟ ରୁଶଦ୍ ପାଜଃ ଅଦର୍ଶି]; ଅନ୍ଧକାର ମଧ୍ୟରୁ ଜଣେ ମହାନ୍ ଦେବ ନିର୍ମୁକ୍ତ ହୋଇଗଲେ [ମହାନ୍ ଦେବଃ ତମସଃ ନିରମୋଚିଃ] ।

ଯଦୀଂ ଗଣସ୍ୟ ରଶନାମଜୀଗଃ ଶୁଚିରଙ୍କ୍ତେ ଶୁଚିଭିର୍ଗୋଭିରଗ୍ନିଃ ।
ଆଦ୍ ଦକ୍ଷିଣା ଯୁଜ୍ୟତେ ବାଜୟନ୍ତ୍ୟୁତ୍ତାନାମୂର୍ଧ୍ୱୋ ଅଧୟଜ୍ଜୁହୂଭିଃ ॥୩॥

ଯେତେବେଳେ [ଯଦ୍] ସେହି ଅଗ୍ନି [ଈମ୍ ଅଗ୍ନିଃ] ନିଜ ଗଣର ରଜ୍ଜୁକୁ ଖୋଲି ଦେଲେ [ରଶନାମ ଅଜୀଗଃ]

ସେତେବେଳେ ପ୍ରଭା ରୂପକ ପବିତ୍ର ଗୋମାନଙ୍କ ଦ୍ୱାରା [ଶୁଚିଭିଃ ଗୋଭିଃ] 'ଶକ୍ତି'(ଅଗ୍ନି) ଶୁଦ୍ଧ ସ୍ୱରୂପରେ ଜ୍ୟୋତିଷ୍ମାନ୍ ହୋଇ ଉଠିଲେ [ଶୁଚିଃ ଅଙ୍କେ] ।[୧] କାରଣ [ଆଦ୍] ବିବେକରୂପା ସେହି ଦେବୀ [ଦକ୍ଷିଣା] ସମୃଦ୍ଧା ହୋଇ ଉଠନ୍ତି [ବାଜୟନ୍ତୀ] ଏବଂ ସ୍ୱକର୍ମରେ ସଂଯୋଜିତା ହୋଇ ଯାଆନ୍ତି [ୟୁଜ୍ୟତେ] । ସ୍ୱୟଂ ଉତ୍ତୋଳିତ ସେ (ଅଗ୍ନି) [ଊର୍ଧ୍ୱଃ] ଉତ୍ତାନ ହୋଇ ପ୍ରସାରିତା ଦେବୀ ଦକ୍ଷିଣାଙ୍କୁ [ଉତ୍ତାନାମ୍] ନିଜର ଆହୁତି ରୂପକ ଶିଖାଗୁଡ଼ିକ ଦ୍ୱାରା [ଜୁହୂଭିଃ] ପରିପୁଷ୍ଟା କରିଛନ୍ତି [ଅଧୟତ୍] ।

ଅଗ୍ନିମଚ୍ଛା ଦେବୟତାଂ ମନାଂସି ଚକ୍ଷୂଂସୀବ ସୂର୍ୟେ ସଂ ଚରନ୍ତି ।
ୟଦୀଂ ସୁବାତେ ଉଷସା ବିରୂପେ ଶ୍ୱେତୋ ବାଜୀ ଜାୟତେ ଅଗ୍ରେ ଅହ୍ନାମ୍ ॥୪॥

ଦେବତ୍ୱ ପ୍ରତି ବିକଶିତ ହେଉଥିବା ମନୁଷ୍ୟମାନଙ୍କ ମନଗୁଡ଼ିକୁ [ଦେବୟତାଂ ମନାଂସି] ଏପରି ଏକାଗ୍ରଭାବେ ଏହି 'ସଂକଳ୍ପାଗ୍ନି'ଙ୍କ ପ୍ରତି ସଞ୍ଚାରିତ ହେଉଛନ୍ତି [ଅଗ୍ନିମ୍ ଅଚ୍ଛ ସଂଚରନ୍ତି] ଯେ ଠିକ୍ ଯେପରି ସେମାନଙ୍କ ଆଖି ଭାସ୍କର ସୂର୍ଯ୍ୟଙ୍କଠାରେ ନିବଦ୍ଧ ହୋଇ ରହିଛି [ଚକ୍ଷୂଂସି ସୂର୍ୟେ ଇବ][୨] । ଯେପରିକି [ୟଦ୍] ପରସ୍ପର ବିପରୀତରୂପା ଉଷାଦ୍ୱୟ [ବିରୂପେ ଉଷସା][୩] ଏହାଙ୍କୁ (ଅଗ୍ନିଙ୍କୁ) ଜନ୍ମ ଦେଇଛନ୍ତି [ସୁବାତେ], ଦିବସର ଆଗରେ ବିଦ୍ୟମାନ ଶ୍ୱେତ ଯୁଦ୍ଧାଶ୍ୱ ପରି ତାଙ୍କର ଜନ୍ମ [ଅହ୍ନାମ୍ ଅଗ୍ରେ ଶ୍ୱେତୋ ବାଜୀ ଜାୟତେ] ।

ଜନିଷ୍ଟ ହି ଜେନ୍ୟୋ ଅଗ୍ରେ ଅହ୍ନାଂ ହିତୋ ହିତେଷ୍ୱରୁଷୋ ବନେଷୁ ।
ଦମେଦମେ ସପ୍ତ ରତ୍ନା ଦଧାନୋଽଗ୍ନିର୍ହୋତା ନି ଷସାଦା ୟଜୀୟାନ୍ ॥୫॥

ନିଶ୍ଚୟ, ଦିବସର ସମ୍ମୁଖରେ [ଅହ୍ନାମ୍ ଅଗ୍ରେ] ବିଜୟୀ ରୂପେ ସେ ଜନ୍ମଲାଭ କରିଛନ୍ତି [ଜେନ୍ୟଃ ଜନିଷ୍ଟା], ଅରୁଣାଭ ଜଣେ କର୍ମୀ [ଅରୁଷଃ] ବସ୍ତୁଗୁଡ଼ିକରେ ପ୍ରତିଷ୍ଠିତ ଆନନ୍ଦ ମଧ୍ୟରେ [ହିତେଷୁ ବନେଷୁ] ପ୍ରତିଷ୍ଠିତ [ହିତଃ]; ଗୃହେ ଗୃହେ [ଦମେ ଦମେ] ସପ୍ତ ଆନନ୍ଦକୁ[୪] ଧରି ରଖୁଥିବା ଅବସ୍ଥାରେ [ସପ୍ତ ରତ୍ନା ଦଧାନଃ] 'ଶକ୍ତି' (ଅଗ୍ନି) ଯଜ୍ଞ ବଳକୁ ଧାରଣ କରିଥିବା [ୟଜୀୟାନ୍] ଆହୁତିଦାତା ଜଣେ ପୁରୋହିତଙ୍କ ପରି ଯଜ୍ଞାସନରେ ଉପବିଷ୍ଟ [ହୋତା ନି ଷସାଦ] ।

ଅଗ୍ନିର୍ହୋତା ନ୍ୟସୀଦଦ୍ ୟଜୀୟାନୁପସ୍ଥେ ମାତୁଃ ସୁରଭା ଉ ଲୋକେ ।
ୟୁବା କବିଃ ପୁରୁନିଃଷ୍ଠ ଋତାବା ଧର୍ତା କୃଷ୍ଟୀନାମୁତ ମଧ୍ୟ ଇଦ୍ଧଃ ॥୬॥

ଯଜ୍ଞବଳଧାରୀ ହୋତା ପୁରୋହିତ ରୂପେ 'ଶକ୍ତି' (ଅଗ୍ନି) [ୟଜୀୟାନ୍ ହୋତା ଅଗ୍ନିଃ] ମାଆଙ୍କ କୋଳରେ

---

(୧) 'ଉଷା'ଙ୍କ ଗୋ-ଗଣ । ଦିବ୍ୟ ବିବେକରୂପିଣୀ ଦେବୀ 'ଦକ୍ଷିଣା' ସ୍ୱୟଂ ଉଷାଙ୍କର ଏକ ପ୍ରରୂପ ।

(୨) ଏହାର ଅର୍ଥ, ଅନ୍ଧାରରେ ଅଣ୍ଡାଳି ହେଉଥିବା ଅନ୍ୟ ଲୋକଙ୍କ ଚିନ୍ତା ପରି ନ ହୋଇ ସେମାନଙ୍କ ମାନସିକତା ଜ୍ଞାନାଗ୍ନିରେ ଜାଜ୍ୱଲ୍ୟ ଦିବ୍ୟ ସଂକଳ୍ପରେ ପରିବର୍ତ୍ତିତ ହେବାକୁ ପ୍ରବୃତ୍ତ ହେଉଛି । ଆହୁରି ମଧ୍ୟ ସେମାନଙ୍କ ଚିନ୍ତାରାଜି ସାକ୍ଷାତ୍-ଦର୍ଶନର ଜ୍ୱାଳାରେ, 'ସତ୍ୟସୂର୍ଯ୍ୟ'ଙ୍କ ରଶ୍ମିରେ ପରିଣତ ହୋଇଯାଏ ।

(୩) ଦିବା ଓ ରାତ୍ରି – ଦ୍ୱିତୀୟଟି ହେଉଛି ଆମ 'ଭୌତିକ ପ୍ରକୃତି'ର ଅନ୍ତର୍ଗତ 'ଅଜ୍ଞାନ' ଅବସ୍ଥା, ପ୍ରଥମଟି ହେଉଛି ଦିବ୍ୟ ମନର ଅନ୍ତର୍ଗତ ଆଲୋକିତ 'ଜ୍ଞାନ'ର ଅବସ୍ଥା, ଆମ ମାନସିକତା ହେଉଛି ଏହାରି ଫିକା ତଥା ନିଷ୍ପ୍ରଭ ପ୍ରତିଫଳନ ।

(୪) ଆମ ପ୍ରକୃତିର ପ୍ରତ୍ୟେକ ତତ୍ତ୍ୱ କୌଣସି ଏକ ଦିବ୍ୟାନନ୍ଦ ସହ ସମ୍ପର୍କିତ ଏବଂ ପ୍ରତ୍ୟେକ ସ୍ତରରେ ବା ପ୍ରତ୍ୟେକ ଗୃହରେ ଅଗ୍ନିଦେବ ଏହି ସକଳ ଆନନ୍ଦୋଚ୍ଛ୍ୱାସକୁ ଧରି ରଖିଛନ୍ତି ।

[ମାତୁଃ ଉପସ୍ଥେ] ତଥା ଆନନ୍ଦୋତ୍ପାଦକ ସେହି ଅନ୍ୟ ଲୋକରେ [ସୁରଭୌ ଉ ଲୋକେ][୫] ନିଜ ଆସନ ଗ୍ରହଣ କରିଛନ୍ତି [ନ୍ୟସୀଦତ୍], ସେ ଯୁବା ଓ ଦ୍ରଷ୍ଟା [ଯୁବା କବିଃ], ନିଜର ବହୁ ରୂପ ମଧ୍ୟରେ ସେ ସ୍ଥିତ ହୋଇ ରହିଛନ୍ତି [ପୁରୁନିଃଷ୍ଠଃ], ସତ୍ୟସମ୍ପନ୍ନ [ଋତାବା], କର୍ମୀମାନଙ୍କର ସେ ପାଳକ [କୃଷ୍ଟୀନାଂ ଧର୍ତା], ଆହୁରି ମଧ୍ୟ ସେ ମଧ୍ୟଲୋକରେ ଜ୍ୱଳମାନ [ଉତ ମଧ୍ୟେ ଇଦ୍ଧଃ]।

ପ୍ର ଣୁ ତ୍ୟଂ ବିପ୍ରମଧ୍ୱରେଷୁ ସାଧୁମ୍ ଅଗ୍ନିଂ ହୋତାରମୀଳତେ ନମୋଭିଃ ।
ଆୟସ୍ତତାନ ରୋଦସୀ ଋତେନ ନିତ୍ୟଂ ମୃଜନ୍ତି ବାଜିନଂ ଘୃତେନ ॥୭॥

ମନୁଷ୍ୟଗଣ ପ୍ରଗତିଶୀଳ ଯଜ୍ଞମାନଙ୍କରେ [ଅଧ୍ୱରେଷୁ] ସମର୍ପଣର ପ୍ରଣତିଗୁଡ଼ିକ ଦ୍ୱାରାହିଁ [ନମୋଭିଃ ନୁ], ଯେ ଆମର ପୂର୍ଣ୍ଣତାକୁ ସିଦ୍ଧ କରିଥା'ନ୍ତି [ସାଧୁମ୍] ସେହି ଦୀପ୍ତିମୟ 'ଶକ୍ତି'କୁ (ଅଗ୍ନିଦେବଙ୍କୁ) ଅଭୀପ୍ସା କରନ୍ତି [ତ୍ୟଂ ବିପ୍ରମ୍ ଅଗ୍ନିଂ ପ୍ର ଈଳତେ], କାରଣ ସେ ଆମ ସତ୍ତାର ଉଭୟ ଲୋକକୁ (ଭୂ, ସ୍ୱର୍ଗ) 'ସତ୍ୟ'-ଶକ୍ତିରେ ରୂପାୟିତ କରିଥା'ନ୍ତି [ୟଃ ରୋଦସୀ ଋତେନ ଆତତାନ] । ଜୀବନର ପ୍ରାଚୁର୍ଯ୍ୟରୂପକ ଏହି ଶାଶ୍ୱତ ଅଶ୍ୱକୁ [ନିତ୍ୟଂ ବାଜିନମ୍] ସେମାନେ ଶୁଦ୍ଧତା ଦ୍ୱାରା [ଘୃତେନ][୬] ଉଜ୍ଜ୍ୱଳ କରାଉଛନ୍ତି [ମୃଜନ୍ତି]।

ମାର୍ଜାଲ୍ୟୋ ମୃଜ୍ୟତେ ସ୍ୱେ ଦମୂନାଃ କବିପ୍ରଶସ୍ତୋ ଅତିଥିଃ ଶିବୋ ନଃ ।
ସହସ୍ରଶୃଙ୍ଗୋ ବୃଷଭସ୍ତଦୋଜା ବିଶ୍ୱାଁ ଅଗ୍ନେ ସହସା ପ୍ରାସ୍ୟନ୍ୟାନ୍ ॥୮॥

ଉଜ୍ଜ୍ୱଳ [ମାର୍ଜାଲ୍ୟଃ] ଘର୍ଷଣ ଦ୍ୱାରା ତାଙ୍କୁ ଉଜ୍ଜ୍ୱଳ କରାଯାଇଛି [ମୃଜାତେ], ଦ୍ରଷ୍ଟାମାନଙ୍କ ଦ୍ୱାରା ସିଏ ବ୍ୟକ୍ତ ହୋଇଛନ୍ତି [କବିପ୍ରଶସ୍ତଃ], ସେ ନିଜ ଆବାସରେ ନିବାସୀ [ସ୍ୱେ ଦମୂନାଃ][୭], ଆମର କଲ୍ୟାଣକର ଅତିଥି [ନଃ ଶିବଃ ଅତିଥିଃ] । ତୁମେ ସହସ୍ରଶୃଙ୍ଗ ବିଶିଷ୍ଟ ବୃଷଭ [ସହସ୍ରଶୃଙ୍ଗଃ ବୃଷଭଃ], ହେ 'ଶକ୍ତି' (ଅଗ୍ନିଦେବ) ! ଯେହେତୁ ତୁମର ସେହି ଓଜଃ ରହିଛି [ତଦ୍ ଓଜାଃ][୮] ତୁମ ଶକ୍ତି ବଳରେ [ସହସା] ତୁମେ ଅନ୍ୟ ସମସ୍ତଙ୍କୁ [ବିଶ୍ୱାନ୍ ଅନ୍ୟାନ୍] ଆଗେଇ ରହିଛ [ପ୍ରଅସି]।

ପ୍ର ସଦ୍ୟୋ ଅଗ୍ନେ ଅତ୍ୟେଷ୍ୟନ୍ୟାନାବିର୍ଯସ୍ମୈ ଚାରୁତମୋ ବଭୂଥ ।
ଈଳେନ୍ୟୋ ବପୁଷ୍ୟୋ ବିଭାବା ପ୍ରିୟୋ ବିଶାମତିଥିର୍ମାନୁଷୀଣାମ୍ ॥୯॥

ହେ 'ଶକ୍ତି' [ଅଗ୍ନେ] ! ଯାହାଙ୍କ ମଧ୍ୟରେ [ଯସ୍ମୈ] ତୁମେ ଚାରୁତମଭାବେ ଆବିର୍ଭୂତ ହୁଅ [ଚାରୁତମଃ ଆବିଃ ବଭୂଥ] ତତ୍କ୍ଷଣାତ୍ [ସଦ୍ୟଃ] ଅନ୍ୟ ସମସ୍ତଙ୍କୁ ତୁମେ ଅତିକ୍ରମ କରିଯାଅ [ଅନ୍ୟାନ୍ ପ୍ର ଅତ୍ୟେଷି], ସେ ଆମର କାଙ୍କ୍ଷିତ, ବର୍ଚ୍ଚସ୍ମାନ୍, ବିଭାସ୍ୱର, [ଈଳେନ୍ୟଃ ବପୁଷ୍ୟଃ, ବିଭାବା], ମନୁଷ୍ୟ ଜୀବମାନଙ୍କର [ମାନୁଷୀଣାଂ ବିଶାମ୍] ତୁମେ ପ୍ରିୟ ଅତିଥି [ପ୍ରିୟଃ ଅତିଥିଃ]।

---

(୫) ଧରଣୀ ଆମ ଦୈହିକ ସତ୍ତା, ଆମର ମାଆ; ଅନ୍ୟଲୋକ ହେଉଛି ଅତିମାନସ ସତ୍ତା; ମଧ୍ୟମ ଲୋକ ହେଉଛି ପ୍ରାଣିକ ଓ ଭାବାତ୍ମକତାର ସତ୍ତା । ଅଗ୍ନି ଏହି ସମସ୍ତ ଲୋକରେ ଏକ ସଙ୍ଗେ ଅଭିବ୍ୟକ୍ତ ହୁଅନ୍ତି ।

(୬) ଘୃତ, ଜ୍ୟୋତିର୍ଧେନୁଠାରୁ ଉତ୍ପନ୍ନ, ଏହା ସେହି ସମୃଦ୍ଧ ଶୁଦ୍ଧତାର ଯାହା ଜ୍ୟୋତିଃ ସଙ୍ଗତ ମନଃ ମଧ୍ୟକୁ ପ୍ରବେଶ କରିଥାଏ ।

(୭) ଅର୍ଥାତ୍, ସେ ନିଜ ସ୍ଥାନକୁ ପ୍ରାପ୍ତ ହୋଇଛନ୍ତି, 'ସତ୍ୟ'ର ସ୍ତର ଯାହା ତାଙ୍କର ଯଥୋଚିତ ଗୃହ ।

(୮) ସତ୍ୟର ଶକ୍ତି, ପୂର୍ଣ୍ଣଜ୍ଞାନର ଅନ୍ତର୍ଗତ ଏହା ପରିପୂର୍ଣ୍ଣ ବଳ ଅଟେ ।

ତୁଭ୍ୟଂ ଭରନ୍ତି କ୍ଷିତୟୋ ୟବିଷ୍ଠ ବଲିମଗ୍ନେ ଅନ୍ତିତ ଓତ ଦୂରାତ୍ ।
ଆ ଭନ୍ଦିଷ୍ଠସ୍ୟ ସୁମତିଂ ଚକିଦ୍ଧି ବୃହତ୍ ତେ ଅଗ୍ନେ ମହି ଶର୍ମ ଭଦ୍ରମ୍ ॥୧୦॥

ହେ ଶକ୍ତି ! (ଅଗ୍ନି) ଓଜସ୍ୱୀ ତରୁଣତମ [ୟବିଷ୍ଠ] ! ସକଳ ଜଗତ୍ ତଥା ସେଗୁଡ଼ିକର ସକଳ ଲୋକ [କ୍ଷିତୟଃ] ନିକଟରୁ ତଥା ଦୂରଦୂରାନ୍ତରୁ [ଅନ୍ତିତଃ ଉତ ଦୂରାତ୍] ତୁମ ନିମନ୍ତେ ଆହୁତି ବହନ କରି ଆଣୁଛନ୍ତି [ତୁଭ୍ୟଂ ବଲିମ୍ ଆ ଭରନ୍ତି] । ସୁଖତମ ଅବସ୍ଥାରେ ମନୁଷ୍ୟ ମନରେ ଯେଉଁ ସୁମତି ଦେଖା ଦେଇଥାଏ [ଭନ୍ଦିଷ୍ଠସ୍ୟ ସୁମତିମ୍] ସେଥିପ୍ରତି ତୁମେ ଜ୍ଞାନ ସ୍ୱରୂପରେ ଜାଗୃତ ହୋଇଉଠ [ଆ ଚକିଦ୍ଧି] । ହେ ଶକ୍ତି (ଅଗ୍ନି) ! ତୁମର ବିଶାଳତା [ବୃହତ୍] ହେଉଛି ତୁମର ସେହି ମହାନ୍ ତଥା ମଙ୍ଗଳମୟ ଶାନ୍ତି [ମହି ଭଦ୍ରଂ ଶର୍ମ] ।

ଆଦ୍ୟ ରଥଂ ଭାନୁମୋ ଭାନୁମନ୍ତମଗ୍ନେ ତିଷ୍ଠ ୟଜତେଭିଃ ସମନ୍ତମ୍ ।
ବିଦ୍ୱାନ୍ ପଥୀନାମୁର୍ବନ୍ତରିକ୍ଷମେହ ଦେବାନ୍ ହବିରଦ୍ୟାୟ ବକ୍ଷି ॥୧୧॥

ହେ ଉଜ୍ଜଳ ସଂକଳ୍ପର ଦେବ [ଭାନୁମଃ ଅଗ୍ନେ] ! ଯଜ୍ଞୀୟ ଦେବଗଣଙ୍କ ସହ [ୟଜତେଭିଃ] ଆଜି ତୁମେ ନିଜ ଜ୍ୟୋତିର୍ମୟ ଓ ପୂର୍ଣ୍ଣାଙ୍ଗ ରଥକୁ [ଭାନୁମନ୍ତଂ ରଥମ୍] ଆରୋହଣ କର [ଆ ତିଷ୍ଠ] ! ବିଶାଳ ମଧ୍ୟଲୋକ[୯] ଓ ଏହାର ସମସ୍ତ ପଥକୁ ତୁମେ ଜାଣ [ପଥୀନାମ୍ ଉରୁ ଅନ୍ତରିକ୍ଷଂ ବିଦ୍ୱାନ୍], ଆମ ହବିଃକୁ ଭୋଜନ କରିବା ନିମନ୍ତେ [ହବିଃ ଅଦ୍ୟାୟ] ଦେବଗଣଙ୍କୁ ଏଠାକୁ ବହନ କରି ଆଣ [ଆ ବକ୍ଷି] ।

ଅବୋଚାମ କବୟେ ମେଧ୍ୟାୟ ବଚୋ ବନ୍ଦାରୁ ବୃଷଭାୟ ବୃଷ୍ଣେ ।
ଗବିଷ୍ଠିରୋ ନମସା ସ୍ତୋମମଗ୍ନୌ ଦିବୀବ ରୁକ୍ମମୁରୁବ୍ୟଞ୍ଚମଶ୍ରେତ୍ ॥୧୨॥

ଆମେ ଆଜି ଆମର ସ୍ତୁତିବାକ୍ୟଗୁଡ଼ିକୁ [ବନ୍ଦାରୁ ବଚଃ] ତାଙ୍କ ଉଦ୍ଦେଶ୍ୟରେ ଉଚ୍ଚାରଣ କଲୁ [ଅବୋଚାମ] ଯିଏ କବି ମେଧାବୀ [କବୟେ ମେଧ୍ୟାୟ], ଧେନୁଗୋଷ୍ଠକୁ ଗର୍ଭଧାରଣକ୍ଷମ କରାଉଥିବା ସେ ସେହି ବୃଷର [ବୃଷ୍ଣେ ବୃଷଭାୟ]; ଆଲୋକ ମଧ୍ୟରେ ସ୍ଥିର ସ୍ଥିତିମାନ୍ (ୟଜମାନ) [ଗବିଷ୍ଠିରଃ] ନିଜ ସମର୍ପଣ ଦ୍ୱାରା [ନମସା] ବହ୍ନିଶିଖା ମଧ୍ୟରେ [ଅଗ୍ନୌ] ସେ ଏପରି ଉନ୍ନୀତ ହୋଇ ଉଠୁଛନ୍ତି [ଅଶ୍ରେତ୍] ଠିକ୍ ଯେପରି ସ୍ୱର୍ଗରେ ବିଶାଳତାକୁ ପ୍ରକଟ କରୁଥିବା [ଦିବିଉରୁ ବ୍ୟଞ୍ଚମ୍] ସ୍ୱର୍ଣ୍ଣିମ ସ୍ତବ ପ୍ରତି ଉତ୍ତୋଳିତ ହୋଇ ଉଠିଛି [ରୁକ୍ମମ୍ ଇବ (ଅଶ୍ରେତ୍)] ।

[CWSA, Vol. 15, P. 393 - 96]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର ❖

[୯] ପ୍ରାଣିକ ସ୍ନାୟବିକ ସ୍ତର ଆମ ଜଡ ପୃଥିବୀର ଠିକ୍ ଊର୍ଦ୍ଧ୍ୱରେ; ଏହାରି ମାଧ୍ୟମରେ ଦେବଗଣ ମନୁଷ୍ୟଙ୍କ ସହ ଯୋଗାଯୋଗ କରିବାକୁ ଆସିଥା'ନ୍ତି, କିନ୍ତୁ ଏହା ଏକ ଅସ୍ପଷ୍ଟ ବିସ୍ତୃତି, ଏବଂ ଏହାର ପଥ ଅନେକ ରହିଛି ହେଲେ ସେଗୁଡ଼ିକ ଜଟିଳ ତଥା ଅସଜଡ଼ା ।

କାମନାଟିକୁ ତୁଷ୍ଟ କରିବା ଅପେକ୍ଷା ତା' ଉପରେ ବିଜୟ ଆଣିବା ଅଧିକ ଆନନ୍ଦଦାୟକ ।
— ଶ୍ରୀମା

# ଦେବଲଗ୍ନର ବାର୍ତ୍ତାବହ ''ଆର୍ଯ୍ୟ''

## ଶ୍ରୀ ମନୋଜ ଦାସ

[୧୯୧୪ ମସିହା ଅଗଷ୍ଟ ୧୫ ତାରିଖରେ ମାସିକ ''ଆର୍ଯ୍ୟ''ର ପ୍ରଥମ ସଂଖ୍ୟା ପ୍ରକାଶ ପାଇଥିଲା । ତା'ର ଶତବାର୍ଷିକୀ ଉପଲକ୍ଷ୍ୟେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ସମାବେଶରେ ଶ୍ରୀ ମନୋଜ ଦାସଙ୍କ ପ୍ରଦତ୍ତ ଭାଷଣର ପୁନର୍ବିନ୍ୟସ୍ତ ରୂପ ।]

ଆଜି ଆମେ ଏଠାରେ ସମବେତ ଶହେବର୍ଷ ତଳର ଏକ ଦିବ୍ୟ ପ୍ରୟାସ, ଏକ ଦିବ୍ୟ-ସଂଘଟନ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ ନିମନ୍ତେ । ଆପଣମାନଙ୍କର ନୀରବ କୃତଜ୍ଞତାବୋଧକୁ ମୁଁ ଶବ୍ଦ ଯୋଗେ ଅଭିବ୍ୟକ୍ତ କରୁଛି ମାତ୍ର ।

ଆଜି ଦିବସର ଏହି ମୁହୂର୍ତ୍ତରେ – ଅବଶ୍ୟ ପୃଥିବୀର ଅର୍ଦ୍ଧେକ-ପ୍ରାୟ ମୂଳକ ଉପରେ ବର୍ତ୍ତମାନ ବିରାଜମାନ ରାତ୍ରି – ଯିଏ ଯେଉଁଠାରେ ଥାଇ ଶ୍ରୀଅରବିନ୍ଦଙ୍କର ମୁଖ୍ୟ ରଚନା ପାଠ କରୁଥିବେ – ତାହା The Life Divine (ଦିବ୍ୟ ଜୀବନ) ହେଉ ବା The Synthesis of Yoga (ଯୋଗ ସମନ୍ୱୟ) ଅଥବା Essays on the Gita (ଗୀତା ନିବନ୍ଧମାଳା) ହେଉ, ସିଏ ନିଜ ଅଜ୍ଞାତସାରରେ ଆମେ ପାଳନ କରୁଥିବା ଏହି ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣାର ସ୍ମୃତି ଉଦ୍ଦେଶ୍ୟରେହିଁ କୃତଜ୍ଞତା ଜ୍ଞାପନ କରୁଛନ୍ତି । ସେ ଘଟଣାଟି ହେଲା ମାସିକ ପତ୍ରିକା ''ଆର୍ଯ୍ୟ''ର ପ୍ରକାଶନ । ଉପରୋକ୍ତ ଏବଂ ଅନ୍ୟାନ୍ୟ କେତେକ ଅନନ୍ୟ ରଚନା ଗ୍ରନ୍ଥାକାରରେ ପ୍ରକାଶ ପାଇବା ପୂର୍ବରୁ ''ଆର୍ଯ୍ୟ''ରେହିଁ ଧାରାବାହିକଭାବେ ପ୍ରକାଶିତ ହୋଇଥିଲା । ଆମ ମାମୁଲି ବାସ୍ତବଧର୍ମୀ ଦୃଷ୍ଟିକୋଣରୁ ବିଚାରକଲେ, ଶ୍ରୀଅରବିନ୍ଦ ପତ୍ରିକାଟିର ପୃଷ୍ଠା-ପୂର୍ତ୍ତି ନିମନ୍ତେ ତାଙ୍କ ପ୍ରଜ୍ଞା ଲିପିବଦ୍ଧ କରିବାକୁ ବାଧ ହୋଇ ନଥିଲେ ହୁଏତ ଅପରିମେୟ ସତ୍ୟର ଏ ସମସ୍ତ ବ୍ୟାଖ୍ୟା ଓ ବିବରଣୀ କଦାଚ ଗ୍ରନ୍ଥାକାରରେ ଆମର ଲଭ୍ୟ ହୋଇ ନଥା'ନ୍ତା !

ଅବଶ୍ୟ ଆମ ଦୃଷ୍ଟିକୋଣ ବଦଳାଇ ବିଚାର କଲେ ଆମେ ଏକଥା ବି କହିପାରିବା ଯେ ''ଆର୍ଯ୍ୟ''ର ପ୍ରକାଶନ ଥିଲା ବିଧି-ନିର୍ଦ୍ଦିଷ୍ଟ, ମଣିଷର କଳ୍ପନାତୀତ କୌଣସି ସ୍ତରରେ ସ୍ଥିରୀକୃତ ସିଦ୍ଧାନ୍ତ – ଯେମିତି ବିଧି-ନିର୍ଦ୍ଦିଷ୍ଟ ଥିଲା ସେହି ୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ଶ୍ରୀଅରବିନ୍ଦଙ୍କ ସହିତ ଶ୍ରୀମାଙ୍କର ସାକ୍ଷାତ୍ ।

କିନ୍ତୁ ବହୁ ମହାନ୍ ଋଷି ଏବଂ ଯୋଗୀଙ୍କ ଭଳି ଶ୍ରୀଅରବିନ୍ଦ ମଧ୍ୟ ତାଙ୍କ ଉପଲବ୍ଧି ଅପ୍ରକଟ ରଖି ପାରିଥା'ନ୍ତେ । ''ଆର୍ଯ୍ୟ''ର ପ୍ରତି ପୃଷ୍ଠାରେ ଯେଉଁ ବିପୁଳ ଶ୍ରମର ସ୍ୱାକ୍ଷର ସେ ରଖୁଥିଲେ, ସେତକ ନକରିଥିଲେ ତାଙ୍କର ନିଜର ତ କ୍ଷତି ହୋଇ ନଥା'ନ୍ତା ! ସେଭଳି ଶ୍ରମର ପୃଷ୍ଠଭୂମିରେ ଥିଲା ଯେଉଁ ଅପରିମେୟ ପ୍ରଜ୍ଞା, ଆମେ ହୃଦୟଙ୍ଗମ କରିପାରିବା ଭଳି ବୌଦ୍ଧିକ ଭାଷାରେ ସେ ତାହା ଲିପିବଦ୍ଧ କରି ନଥିଲେ ମଧ୍ୟ ସତ୍ୟ, ସତ୍ୟ ହୋଇ ରହିଥା'ନ୍ତା ।

ତେବେ କାହିଁକି ଶ୍ରୀଅରବିନ୍ଦ ସ୍ୱୀକାର କଲେ ସେ ପ୍ରଚଣ୍ଡ ଶ୍ରମ ?

ଏ ପ୍ରଶ୍ନ ଉପରକୁ ଯିବା ପୂର୍ବରୁ ପ୍ରଥମେ ଆମେ ତାଙ୍କ ପତ୍ରିକାର ନାମ ଉପରେ ଦୃଷ୍ଟିପାତ କରିବା । ''ଆର୍ଯ୍ୟ'' ଶବ୍ଦର ଐତିହାସିକ, ସାଂସ୍କୃତିକ ଏବଂ ସାମାଜିକ ତାତ୍ପର୍ଯ୍ୟ ଅପରିସୀମ । ''ମଣିଷର ଭାଷାରେ ତାହାଠୁଁ ମହତ୍ତର ଐତିହ୍ୟସମ୍ପନ୍ନ ଶବ୍ଦ ଆଉ ଦ୍ୱିତୀୟ ନାହିଁ'' – କହିଥିଲେ ଶ୍ରୀଅରବିନ୍ଦ । (There is no word in human speech that has a nobler history.) ଇତିହାସ ଓ ନୃତତ୍ତ୍ୱ ଦୃଷ୍ଟିରୁ ଏକ ଅଜ୍ଞାତ ସୁଦୂର ଅତୀତରେ ଆର୍ଯ୍ୟ ମାନବଜାତିର ସବୁଠାରୁ ସାହସିକ, ସଭ୍ୟ ଏବଂ ଉଚ୍ଚାଭିଳାଷୀ ଗୋଷ୍ଠୀ ଥିଲେ । ଅନେକ ଦିନ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଐତିହାସିକମାନେ ଗୋଟାଏ ଧାରଣା ଚାଲୁ କରି ଦେଇଥିଲେ ଯେ ଆର୍ଯ୍ୟମାନେ ଭାରତର ମୂଳ ଅଧିବାସୀ ନୁହନ୍ତି; ଭାରତ ବାହାରୁ ସେମାନେ ଏ ଭୂଖଣ୍ଡ ଭିତରକୁ ପଶି ଆସିଥିଲେ । ସେ ଘଟଣାକୁ ସେମାନେ ଆକ୍ରମଣାତ୍ମକ ଅନୁପ୍ରବେଶ (Aryan Invasion) ବୋଲି ଆଖ୍ୟା ଦେଉଥିଲେ । ଆଜି ଅବଶ୍ୟ ସେ ତତ୍ତ୍ୱ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ । କିନ୍ତୁ କୌଣସି ପ୍ରମାଣ, କୌଣସି ତଥ୍ୟଗତ ଯୁକ୍ତି ବିନା, ଖାସ୍ ପାଶ୍ଚାତ୍ୟର ଐତିହାସିକମାନେ ଏ ତତ୍ତ୍ୱ

ପରିବେଷଣ କରୁଥିଲେ ବୋଲି ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଭାରତୀୟ ଐତିହାସିକମାନେ ଯେ କଥାଟିକୁ ଧ୍ରୁବସତ୍ୟ ଭାବରେ ଗ୍ରହଣ କରି ନେଇଥିଲେ — ତାହା ଏକ ଲଜ୍ଜାର କଥା । ବସ୍ତୁତଃ ଇଜିପ୍ଟ, ଗ୍ରୀସ୍ ଏବଂ ମେକ୍ସିକୋ ଭଳି ଦେଶର ଲୋକ-ପରମ୍ପରା କହେ, ସେମାନଙ୍କ ଦେଶକୁ ଭାରତୀୟମାନେହିଁ ଯାଇ ବସତି ସ୍ଥାପନ କରିଥିଲେ । ବହୁ ପାଶ୍ଚାତ୍ୟ ଐତିହାସିକହିଁ ଏ ତତ୍ତ୍ୱର ପରିବେଷକ । ଇଜିପ୍ଟ ଓ ଗ୍ରୀସ୍ ଭାରତବର୍ଷର ସାଂସ୍କୃତିକ ଉପନିବେଶ ଥିଲା ବୋଲି କହନ୍ତି ପୋକୋକ୍ । (ଇ. ପୋକୋକ୍‌ଙ୍କ *India in Greece* ଦ୍ରଷ୍ଟବ୍ୟ ।)

''ଆର୍ଯ୍ୟ'' ଶବ୍ଦକୁ ଏକ ମାନବ ଗୋଷ୍ଠୀ ଅର୍ଥରେ ବ୍ୟବହାର କରିଛନ୍ତି ରବୀନ୍ଦ୍ରନାଥ :

''ହେ ମୋର ଚିତ୍ତ ପୁଣ୍ୟତୀର୍ଥେ ଜାଗରେ ଧୀରେ,
ଏଇ ଭାରତେର ମହାମାନବେର ସାଗର୍ ତୀରେ
ହେଥାୟ୍ ଆର୍ଯ୍ୟ, ହେଥା ଅନାର୍ଯ୍ୟ,
ହେଥାୟ୍ ଦ୍ରାବିଡ୍ ଚୀନ୍,
ଶକ୍ ହୁନ୍ ଦଲ୍ ପାଠାନ୍ ମୋଗଲ୍
ଏକ୍ ଦେହେ ହଲେ ଲୀନ୍ ।''

ସାମାଜିକ ସ୍ତରରେ ''ଆର୍ଯ୍ୟ''ର ଅର୍ଥ ସଭ୍ୟ ଓ ସଂସ୍କୃତିବାନ୍ । ସୌଜନ୍ୟଚାଳିତ ହୋଇ ଆମେ ଜଣଙ୍କର ନାମରେ ଆର୍ଯ୍ୟ ଶବ୍ଦ ଲଗାଇ ତାକୁ ସମ୍ବୋଧନ କରିଥାଉଁ । ମହିଳାମାନେ ସ୍ୱାମୀଙ୍କୁ ''ଆର୍ଯ୍ୟପୁତ୍ର'' ରୂପେ ସମ୍ବୋଧନ କରିବା ଥିଲା ପରମ୍ପରା ।

କିନ୍ତୁ ''ଆର୍ଯ୍ୟ'' ଶବ୍ଦର ଆଧ୍ୟାତ୍ମିକ ତଥା ପରିପୂର୍ଣ୍ଣ ତାତ୍ପର୍ଯ୍ୟ ଆମେ ପାଉଁ ''ଆର୍ଯ୍ୟ'' ପତ୍ରିକାର ୨ୟ ସଂଖ୍ୟାରେ ପ୍ରକାଶିତ ଶ୍ରୀଅରବିନ୍ଦ-ନିରୂପିତ ସଂଜ୍ଞାରୁ : ଯିଏ କୌଣସି ପ୍ରକାର ଭୟ ବା ପ୍ରତିବନ୍ଧକ ବା ଏପରିକି ପରାଜୟ ପ୍ରତି ମଧ୍ୟ ପରବାୟ ନ କରି ଦିବ୍ୟତାର ଶିଖରରେ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତର ଆରୋହଣ କରିବାର ପଥ ବାଛି ନେଇଛି, ଯିଏ ଚେତନାର ବା ସତ୍ୟର ବ୍ୟାପକତା ମନ ଦ୍ୱାରା କଳନା କରି ହେଉ ନଥିବାରୁ ଶଙ୍କି ଯାଏନା, ଯିଏ କୌଣସି ଉଚ୍ଚତା ବା ମହତ୍ତ୍ୱକୁ ଅପହଞ୍ଚ ମନେ କରି ଯାତ୍ରାପଥରୁ ନିବୃତ୍ତ ହୁଏନା, ସେହି ବ୍ୟକ୍ତିହିଁ ଆର୍ଯ୍ୟ — ''ଦିବ୍ୟଯୋଦ୍ଧା ଏବଂ ବିଜୟୀ, ମହତ୍ ମାନବ, ଅଭିଜାତ, ସର୍ବୋତ୍କୃଷ୍ଟ, ଗୀତାର ଭାଷାରେ ଶ୍ରେଷ୍ଠ ।'' (He is the Aryan, the divine fighter and victor, the noble man, aristo, best, the *srestha* of the Gita.)

କେତେକ ଭାଷାତତ୍ତ୍ୱବିତ୍‌ଙ୍କ ମତରେ ''ଆର୍ଯ୍ୟ'' ଶବ୍ଦଟି ଧାତୁମୂଳ (root) 'ଆର୍' ଧ୍ୱନିରୁ ଆହରିତ । ସୁପ୍ରାଚୀନ କାଳରେ ଜନସମଷ୍ଟିର ଏକ ଅଂଶ ଯେତେବେଳେ ପଶୁ-ପାଳନ-ସର୍ବସ୍ୱ ବୃହତ୍ତର ଅଂଶଠାରୁ ବିଚ୍ଛିନ୍ନ ହୋଇ କୃଷିକର୍ମରେ ବ୍ୟାପୃତ ହେଲେ, ସେତେବେଳେ ସେମାନେ ଆର୍ଯ୍ୟ ବୋଲାଇଲେ — ଯେହେତୁ ''ଆର୍'' ଧ୍ୱନିର ଅର୍ଥ ଭୂ-କର୍ଷଣ ବା ହଳକାର୍ଯ୍ୟ ।

ଅବଶ୍ୟ ଏ ତତ୍ତ୍ୱକୁ ସମର୍ଥନ କଲା ଭଳି ତଥ୍ୟ ଉପସ୍ଥାପିତ ହୋଇ ନାହିଁ, କିନ୍ତୁ ଶ୍ରୀଅରବିନ୍ଦ ଏହାକୁ ଅବଜ୍ଞା ନକରି ଏହା ପ୍ରତୀକାତ୍ମକ ଅର୍ଥରେ ଗ୍ରହଣଯୋଗ୍ୟ ବୋଲି କହିଛନ୍ତି । ପରମ ଉତ୍ସରୁ ଆମ ଆୟତ୍ତକୁ ଆସିଛି ଯେତିକି ଚେତନା, ତାକୁ କର୍ଷଣ କରିବା, ଅର୍ଥାତ୍ ଚେତନାର ଗଭୀରକୁ ଯାଇ ନିହିତ ସତ୍ୟର ସନ୍ଧାନ କରିବା ଅର୍ଥରେ ଏ ବ୍ୟାଖ୍ୟା ଗ୍ରହଣୀୟ ।

ଗ୍ରୀକ୍ ଐତିହ୍ୟରେ ଯୁଦ୍ଧରେ ବିଜୟର ଦେବତା ଆରିସ୍ । ସେ ପୃଷ୍ଠଭୂମିରେ ''ଆର୍'' ଧ୍ୱନିର ଅର୍ଥ ଶକ୍ତି ଓ ସାହସ । ସେ ଅର୍ଥରେ ମଧ୍ୟ ପ୍ରତୀକାତ୍ମକ ଯାଥାର୍ଥ୍ୟ ରହିଛି । ଆର୍ଯ୍ୟ ହେଉଛି ଚେତନା ଜଗତର ବୀର ଅଭିଯାତ୍ରୀ ।

ଆମେ ଏସବୁରୁ ଦେଖୁଛୁ, ଶ୍ରୀଅରବିନ୍ଦଙ୍କ ପତ୍ରିକାଟିର ନାମ ବହୁ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ।

ବର୍ତ୍ତମାନ ଆମେ ଫେରିଯିବା ଏ ବକ୍ତା ପ୍ରଥମେ ଉଠାଇଥିବା ପ୍ରଶ୍ନକୁ :

ଶ୍ରୀମା ଏବଂ ପଲ୍ ରିସାର୍ ଆସି ପଣ୍ଡିଚେରୀରେ ଅବସ୍ଥାନ କଲେ ୧୯୧୪ ମାର୍ଚ୍ଚ ଶେଷରୁ । ପ୍ରତ୍ୟହ ଦୁହେଁ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରୁଥା'ନ୍ତି । ଶ୍ରୀଅରବିନ୍ଦଙ୍କ ପ୍ରକୃତ ପରିଚୟ ପ୍ରଥମ ଦର୍ଶନରେହିଁ ଶ୍ରୀମା ହୃଦୟଙ୍ଗମ କରିଥିଲେ । ପଲ୍ ରିସାର୍ ମହାଶୟ ଶ୍ରୀଅରବିନ୍ଦଙ୍କ ଅନୁସୃତ ଯୋଗ ଯେ ଅଭାବନୀୟ ଏବଂ ଅଭିନବ, ତାଙ୍କ ଭବିଷ୍ୟ ଦୃଷ୍ଟି ଯେ ବିବର୍ତ୍ତନରେ ଅନାଗତ ତଥା ଅନିବାର୍ଯ୍ୟ ନୂତନ ପର୍ଯ୍ୟାୟର ଉଦ୍‌ଭାସନ, ଏକଥା ବୁଝୁଥିଲେ ଏବଂ ଦର୍ଶନର ସେ ନୂତନ ଦିଗନ୍ତକୁ ଜିଜ୍ଞାସୁମାନଙ୍କ ପାଇଁ ଉନ୍ମୋଚନ କରିବା ନିମନ୍ତେ ଉଦ୍ଦାମ ଉତ୍ସାହ ଅନୁଭବ କରୁଥିଲେ । ପତ୍ରିକାଟିଏ ମାଧ୍ୟମରେହିଁ ତାହା ଅପେକ୍ଷାକୃତ ସହଜରେ ସମ୍ଭବପର ହେବ । ବହି ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ ସମୟ ସାପେକ୍ଷ । ଏହାହିଁ ଥିଲା ତାଙ୍କ ସିଦ୍ଧାନ୍ତ ।

ପଲ୍ ରିସାର୍‌ଙ୍କ ପ୍ରସ୍ତାବ ଅନୁସାରେ ଶ୍ରୀଅରବିନ୍ଦଙ୍କ

ଆଗତପ୍ରାୟ ୪୨ ବାର୍ଷିକ ଜନ୍ମଦିନ, ୧୯୧୪ ମସିହା ଅଗଷ୍ଟ ୧୫ ତାରିଖ ଦିନ ପତ୍ରିକାଟିର ପ୍ରଥମ ସଂଖ୍ୟା ପ୍ରକାଶ ପାଇବ ବୋଲି ସ୍ଥିର ହେଲା । ଆହୁରି ମଧ୍ଯ ସ୍ଥିର ହେଲା, ପତ୍ରିକାର ଏକ ଫରାସୀ ସଂସ୍କରଣ *Revue de Grande Synthese* ନାମରେ ଏକହିଁ ସମୟରେ ଆତ୍ମପ୍ରକାଶ କରିବ ।

ଶହେ ବର୍ଷ ତଳର ଫରାସୀ ଉପନିବେଶ ପଣ୍ଡିଚେରୀର ପରିସ୍ଥିତି ଆଜିର ଶ୍ରୋତାମାନେ ସହଜରେ କଳ୍ପନା କରିପାରିବେ ନାହିଁ । ସାରା ସହରରେ ଅଧଡଜନ ସରିକି କାର୍ ଥିଲା କି ନା ସନ୍ଦେହ । ସୂର୍ଯ୍ୟାସ୍ତ ପରେ ପଥଘାଟ ନିର୍ଜନ ହୋଇଯାଉଥିଲା । ସୁପ୍ରାଚୀନ ମାନାକୁଲ ବିନାୟକ ମନ୍ଦିରରେ ଭକ୍ତମାନେ ପ୍ରାର୍ଥନା କରୁଥିଲେ ନୀରବରେ; ପୁରୋହିତମାନେ ମନ୍ତ୍ରୋଚ୍ଚାରଣ କରୁଥିଲେ ସ୍ଵାଭାବିକ ରୀତିରେ । ମାଇକ୍ରୋଫୋନ୍ ଯୋଗେ ଦିଅଁ ଏବଂ ତାଙ୍କ ପ୍ରହରୀ 'ଲକ୍ଷ୍ମୀ' ନାମ୍ନୀ ଐରାବତ-ନନ୍ଦିନୀଟି ଆଜି (୧୯୧୪ ମସିହା, ଅଗଷ୍ଟ ମାସ) ଯେମିତି କଳବଲ ହେଉଛନ୍ତି ସେତେବେଳେ ସେମାନଙ୍କୁ ସେମିତି ଦୁର୍ଯୋଗର ସମ୍ମୁଖୀନ ହେବାକୁ ପଡୁ ନଥିଲା ।

ସେତେବେଳେ ପଣ୍ଡିଚେରୀରେ ଉଭୟ ଫରାସୀ ଓ ଇଂରାଜୀ ଭାଷାରେ ମୁଦ୍ରଣ ବ୍ୟବସ୍ଥା ଥିଲା ଦ୍ୟୁପ୍ଳେ ଷ୍ଟ୍ରିଟ୍ (ଆଜିର ଜବାହାରଲାଲ ନେହେରୁ ଷ୍ଟ୍ରିଟ୍)ରେ ଅବସ୍ଥିତ ମଡର୍ଣ୍ଣ ପ୍ରେସ୍‌ରେ । ସେହିଠାରେ ହେଲା ''ଆର୍ଯ୍ୟ''ର ପ୍ରସ୍ତୁତି ।

ଇଂରାଜୀ ସଂସ୍କରଣ ପାଇଁ ବ୍ରିଟିଶ ଭାରତରେ ଗ୍ରାହକ ସଂଗ୍ରହ କରୁଥିଲେ ଶ୍ରୀଅରବିନ୍ଦଙ୍କ ଅନୁଗତମାନେ । କାମଟି ସେମାନଙ୍କୁ ଅତ୍ୟନ୍ତ ସତର୍କତା ସହକାରେ କରିବାକୁ ପଡୁଥିଲା । କାରଣ ସେପର୍ଯ୍ୟନ୍ତ ବ୍ରିଟିଶ ସରକାରଙ୍କ ବିବେଚନାରେ ଶ୍ରୀଅରବିନ୍ଦ ଥିଲେ ସେମାନଙ୍କର ସବୁଠାରୁ ବିପଜ୍ଜନକ ଶତ୍ରୁ । ତାଙ୍କର ଯେକୌଣସି କାର୍ଯ୍ୟ ସହିତ ସଂପୃକ୍ତ ବ୍ୟକ୍ତି ବିପ୍ଳବପନ୍ଥୀ ହୋଇଥିବେ ବୋଲି ସରକାର ଧରି ନେବେ ଓ ସେଭଳି ବ୍ୟକ୍ତିମାନଙ୍କୁ ବିଷ ଦୃଷ୍ଟିରେ ଦେଖିବେ ।

କିନ୍ତୁ ପତ୍ରିକାଟି ସୁଧୀ ସମାଜରେ ଖାଲି ଆଦୃତ ହେଲା ବୋଲି କହିଲେ ଯଥେଷ୍ଟ ହେବ ନାହିଁ, ତାହା ପୂଜା ପାଇଲା । ଟି. ଭି. କପାଳି ଶାସ୍ତ୍ରୀ ଯଥାର୍ଥରେ ଲେଖିଛନ୍ତି, ପତ୍ରିକାଟି ଥିଲା ଯୁଗସ୍ରଷ୍ଟା (Epoch-making) । ପ୍ରଥମ ସଂଖ୍ୟାରୁହିଁ ଆରମ୍ଭ ହୋଇଥିଲା ଧାରାବାହିକ ''ଦିବ୍ୟଜୀବନ'' (The Life Divine), ''ବେଦ-ରହସ୍ୟ'' (The Secret of the Veda) ଏବଂ ''ଯୋଗ ସମନ୍ୱୟ'' (The Synthesis of Yoga) । ଯେଉଁ ପାଠକମାନେ ଏହାକୁ ଏକନିଷ୍ଠ ଭାବରେ ଅଧ୍ୟୟନ କଲେ, ସେମାନଙ୍କ ଚେତନାରେ ଦେଖାଦେଲା ଅପୂର୍ବ ଶିହରଣ; ଚେତନାର ଦିଗ୍‌ବଳୟରେ ଜ୍ଞାନର ନୂତନ ସୂର୍ଯ୍ୟୋଦୟ ହେବା ଭଳି ସେମାନେ ଅନୁଭବ କଲେ ।

ଏହାର କାରଣ ସମ୍ପର୍କରେ ଅବହିତ ହେବାକୁ ହେଲେ ଆମକୁ ଆଧ୍ୟାତ୍ମିକତାର ଇତିହାସ ଉପରେ ଥରେ ଆଖି ବୁଲାଇ ଆଣିବାକୁ ପଡ଼ିବ । ଭାରତବର୍ଷହିଁ ପୃଥିବୀରେ ଏକମାତ୍ର ଦେଶ ଯେଉଁଠାରେ ଜୀବନର ଲକ୍ଷ୍ୟ, ତାତ୍ପର୍ଯ୍ୟ, ଦୁଃଖ-ଯନ୍ତ୍ରଣାର ହେତୁ, କର୍ମ, କର୍ମଫଳ ଓ ମୃତ୍ୟୁରହସ୍ୟ ଭଳି ମୌଳିକ ପ୍ରଶ୍ନସବୁ ଉପରେ ସନ୍ଧାନ ଆରମ୍ଭ ହୋଇଥିଲା ଏବଂ ଆମ ସଭ୍ୟତାର ପ୍ରବର୍ତ୍ତକ ଋଷିମାନଙ୍କ ଚେତନାରେ ଉତ୍ତର ସବୁ ମଧ୍ଯ ଉଦ୍‌ଭାସିତ ହୋଇଥିଲା । ଏହା ମଧ୍ଯ ପ୍ରତିଭାତ ହୋଇଥିଲା ଯେ ଏକ ଅକଳ୍ପନୀୟ ମହାଚେତନା ଏ ସମଗ୍ର ସୃଷ୍ଟି ଏବଂ ଜୀବନର ଉତ୍ସ । ଦୁଃଖ, ଯନ୍ତ୍ରଣା, ମୃତ୍ୟୁ – ଏଭଳି ସମସ୍ତ ଅଭିଜ୍ଞତା ଅଜ୍ଞାନର ଏକ ଏକ ପ୍ରକାଶ, କିନ୍ତୁ ଏସବୁ ଜନ୍ମ ଜନ୍ମାନ୍ତର ଧରି ଚାଲିଥିବା ଆମ ଜୀବନ ପ୍ରବାହର ଶେଷକଥା ନୁହେଁ । ବ୍ୟକ୍ତିଗତଭାବେ ଜଣେ ଅଭୀପ୍ସା ଓ ସାଧନା ମାଧ୍ୟମରେ ପାଇପାରେ ସତ୍, ଚିତ୍, ଆନନ୍ଦର ମହାନୁଭବ; ସାମଗ୍ରିକ ଭାବରେ ମଧ୍ଯ ଦିନେ ସତ୍, ଚିତ୍, ଆନନ୍ଦର ପ୍ରତିଷ୍ଠା ହୋଇପାରେ ମାନବତାର ଭବିଷ୍ୟ-ଭାଗ୍ୟରେ । ଭୂପୃଷ୍ଠରେ ତାହାହିଁ ଚେତନାର ଆଭିମୁଖ୍ୟ ।

ଭଗବାନ୍ ଏକ, ଯଦିଓ ସେ ବହୁ ଭାବରେ ପ୍ରତିଭାତ, ବହୁ ନାମରେ ବିଦିତ । ଭଗବାନ୍ ଏ ସୃଷ୍ଟିର ସ୍ରଷ୍ଟା ମାତ୍ର ନୁହନ୍ତି, ସେ ନିଜେହିଁ ଏ ସୃଷ୍ଟିର ଏକମାତ୍ର ଉପାଦାନ; ଅର୍ଥାତ୍ ସେ ନିଜେହିଁ ଏ ସୃଷ୍ଟି । ଭାରତର ମୌଳିକ ଦର୍ଶନ ଅଦ୍ଵୈତ ବେଦାନ୍ତ ଜିଜ୍ଞାସୁମାନଙ୍କୁ ଏହି ସତ୍ୟ ପରଷି ଦେଇଥିଲା ।

ଦୁର୍ଭାଗ୍ୟବଶତଃ କାଳକ୍ରମେ ଏ ସତ୍ୟ ଜନସମାଜ ବିସ୍ମୃତ ହୋଇଗଲା । ଫଳରେ ଜୀବନର ଆଭିମୁଖ୍ୟ ବୋଲି କିଛି ରହିଲା ନାହିଁ । ଜୀବନ ସ୍ଵାର୍ଥ ବା ସୁଖାନ୍ୱେଷଣ-ସର୍ବସ୍ୱ ଜିଇଁବାରେ ପର୍ଯ୍ୟବସିତ ହେଲା – ଅଥବା ହେଲା ଦୁର୍ବିଷହ । ସେହି ଅନ୍ଧକାର ଭିତରେ ଧର୍ମ ନାମରେ କୃତ୍ରିମ ଆଚାର-ବିଚାର ମଣିଷର ଅନ୍ତର୍ନିହିତ ଅଭୀପ୍ସାର ସ୍ଥାନ ମାଡ଼ି ବସିଲା ।

କାଳର ସେହି ପୃଷ୍ଠଭୂମିରେ ହେଲା ବୁଦ୍ଧଙ୍କର ଅଭ୍ୟୁଦୟ । ସେ ପ୍ରକାଶ କଲେ, ଜୀବନ ଦୁଃଖମୟ ଏବଂ ଜନ୍ମ-ମୃତ୍ୟୁ-ଧାରା କବଳିତ ମାନବସତ୍ତା ନିମନ୍ତେ ଏକମାତ୍ର ମୁକ୍ତିର ପଥ

ହେଲା ନିର୍ବାଣ । ସତ୍ତା ନିଃସତ୍ତା ହୋଇଗଲେ ସମସ୍ୟାହିଁ ଅନ୍ତର୍ହିତ ହେଲା; ସମାଧାନର ଅନ୍ୱେଷଣରେ କିବା ପ୍ରୟୋଜନ !

ଏ ତତ୍ତ୍ୱ ଯେ ଚିତ୍ତାକର୍ଷକ ସେଥିରେ ସନ୍ଦେହ ନାହିଁ; କିନ୍ତୁ ଯେଉଁ ସତ୍ତାଟି ନିଃସତ୍ତା ହେବ, ତା' କଥା ସିନା ତୁଟିଗଲା, ମାନବସମାଜ କଥା କ'ଣ ? ବୁଦ୍ଧ ପ୍ରତିଶ୍ରୁତି ଦେଲେ – ଯେପର୍ଯ୍ୟନ୍ତ ଶେଷ ମାନବଟି ନିର୍ବାଣ ନପାଇଛି, ସେପର୍ଯ୍ୟନ୍ତ ସେ ସ୍ୱୟଂ ଜୀବନ ଏବଂ ନିର୍ବାଣର ସୀମାନ୍ତରେ ଅପେକ୍ଷା କରିଥିବେ । ହାୟ, ଜନସଂଖ୍ୟାର କ୍ରମାଗତ ଅଭିବୃଦ୍ଧି ଏବଂ ସଂଖ୍ୟା-ବିସ୍ଫୋରଣର ସମ୍ଭାବନା ସେତେବେଳେ ହୁଏତ କାହାରି କଳ୍ପନାକୁ ଆସି ନଥିବ ।

ବୁଦ୍ଧଙ୍କ ଜୀବଦ୍ଦଶାରେ ବୌଦ୍ଧଧର୍ମ ଆଶାଜନକଭାବେ ପ୍ରସାରିତ ହେଉ ବା ନହେଉ, ତାଙ୍କ ପରେ ବିଶେଷତଃ ସମ୍ରାଟ ଅଶୋକ ତାକୁ ପ୍ରାୟ ରାଷ୍ଟ୍ରଧର୍ମରେ ପରିଣତ କରନ୍ତେ ଭାରତର ବିପୁଳାଂଶ ସେ ତତ୍ତ୍ୱ ପାଖରେ ଶିର ଅବନତ କଲା ।

ଶିର ସିନା ଅବନତ ହେଲା, କିନ୍ତୁ ଏକନିଷ୍ଠ ବ୍ୟକ୍ତି-ବିଶେଷମାନଙ୍କୁ ଛାଡ଼ିଦେଲେ ଜନସାଧାରଣଙ୍କ ହୃଦୟ ଏବଂ ଚେତନାକୁ ତାହା ଅଭିଭୂତ କରି ରଖିପାରିଲା ନାହିଁ । ବୌଦ୍ଧଧର୍ମ ଏକ ଆନୁଷ୍ଠାନିକ ସଂସ୍କାରକୁ ଅବନମିତ ହେଲା । ଅଶୋକ ପୃଥିବୀର ଇତିହାସରେ ପ୍ରଥମ ଧର୍ମ-ପ୍ରଚାରବ୍ରତୀ (Missionary) ସମ୍ରାଟ । ଦେଶ ବିଦେଶରେ ବୌଦ୍ଧଧର୍ମର ପ୍ରଚାର ହେଲା ତାଙ୍କ ଆନୁକୂଲ୍ୟରେ । ଭାରତ ତଥା ବହୁ ଅଦୂର ଦେଶରେ ବୌଦ୍ଧଧର୍ମର ପ୍ରଭାବ ନୂତନ ସଂସ୍କୃତି, ଶିଳ୍ପ ଓ ସଭ୍ୟତାର ଅବତାରଣା କଲା । କିନ୍ତୁ ବୌଦ୍ଧଧର୍ମର ଆଧ୍ୟାତ୍ମିକ ଆଭିମୁଖ୍ୟ ଅଦୃଶ୍ୟ ହୋଇଯାଇ ତା'ର ସ୍ଥାନ ନେଲା ଏକ ସାମାଜିକ ସଂସ୍କାର, ପ୍ରାୟତଃ ତୁଚ୍ଛା ଯାନ୍ତ୍ରିକ ଏବଂ ଖୁବ୍ ବେଶୀରେ ନିଷ୍ପାପର ନୈତିକ ।

ଏ ଲେଖକ ତା'ର ଏକ ବହିରେ ଚିତ୍ରିତ କରିଛି ଏକ ସଂଳାପ । ବାରାଣସୀରୁ ଦିଲ୍ଲୀ ଅଭିମୁଖୀ ରେଳଗାଡ଼ିରେ ଗୋଟାଏ ଡବାରେ ଉଠିଛନ୍ତି କେତେଜଣ ୟୁରୋପୀୟ ପର୍ଯ୍ୟଟକ । ସେମାନଙ୍କ ଗାଇଡ୍ ଜଣେ ଭାରତୀୟ । ସେମାନେ ସଦ୍ୟ ସାରନାଥ ଦର୍ଶନ କରିଛନ୍ତି । ବୁଦ୍ଧଦେବ ସେହିଠାରେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ; ପ୍ରଥମ ବୁଦ୍ଧ-ବିହାର ସ୍ଥାପିତ ହୋଇଥିଲା ସେହି ସ୍ଥାନରେ ।

ପର୍ଯ୍ୟଟକମାନଙ୍କର ମୁଖ୍ୟ ମନେ ହେଉଥିବା ଭଦ୍ରଲୋକ ଜଣକ ଗାଇଡ୍ ମହାଶୟଙ୍କୁ ପ୍ରଶ୍ନ କଲେ, ''ଆଚ୍ଛା ଭାରତରୁ ବୌଦ୍ଧଧର୍ମର ବିଲୋପ ହେଲା କିପରି ?''

ଗାଇଡ୍ ଦେଲେ ଚଟାପଟ ଉତ୍ତର : ''ବ୍ରାହ୍ମଣମାନେ ସେମାନଙ୍କ ଚୁଟି ଧରି ସେମାନଙ୍କୁ ନିକାଲି ଦେଲେ !''

ସହଯାତ୍ରୀ ଏ ଲେଖକଟି ହସି ପକାଇଲା । ପର୍ଯ୍ୟଟକ-ମୁଖ୍ୟ ତାହା ଲକ୍ଷ୍ୟ କରି ହସର ହେତୁ ଜାଣିବାକୁ ଜିଗର କରନ୍ତେ ଲେଖକ ଅଗତ୍ୟା କହିଥିଲା, ବୌଦ୍ଧମାନେ ଥିଲେ ଲଣ୍ଡିତ-ମସ୍ତକ । ସେମାନଙ୍କ ଚୁଟି ଆବିଷ୍କାର କରିବା ନିମନ୍ତେ ବ୍ରାହ୍ମଣମାନଙ୍କୁ ବଡ଼ କଷ୍ଟ କରିବାକୁ ପଡ଼ିଥିବ !''

ପର୍ଯ୍ୟଟକମାନେ ହସିଲେ । ସେ ହସରେ ଭଲ ମଣିଷ ଗାଇଡ୍ ମଧ୍ୟ ଯୋଗଦେଲେ ।

କିନ୍ତୁ ପର୍ଯ୍ୟଟକମାନଙ୍କ ଆନ୍ତରିକ ଅନୁସନ୍ଧିତ୍ସାରେ ଲେଖକ ଯାହା ବୁଝାଇଲା, ତା'ର ସାରାଂଶ ଏହିପରି : ଯଦି ଏ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ମହାବ୍ୟୋମ ଭିତରେ ଦୈବାତ୍ ଘଟି ଯାଇଥିବା ଦୁର୍ଘଟଣାଟିଏ ବୋଲି ଆମେ ମନେକରିବା, ତେବେ ଭିନ୍ନ କଥା । କିନ୍ତୁ ଆମର ଏ କୌତୂହଳ ସମେତ ଏ ସମଗ୍ର ସୃଷ୍ଟିର ପ୍ରତି ଘଟଣାରେ ଓ ପ୍ରତି ଉପାଦାନରେ, ଘାସଫୁଲ ଓ କୀଟ ପତଙ୍ଗଠାରୁ ଆରମ୍ଭ କରି ଶ୍ରୀରାମକୃଷ୍ଣ ବା ଆଇନ୍‌ଷ୍ଟାଇନ୍‌ଙ୍କ ଯାଏ ଗୋଟାଏ ଚେତନା ନିହିତ ଥିବାର ଆମେ ଅନୁଭବ କରୁଛୁ । ଅର୍ଥାତ୍, ଏ ସୃଷ୍ଟି ଏକ ମହାଚେତନାର ରଚନା ବା ଲୀଳା । ଦୁଃଖ-ଯନ୍ତ୍ରଣା ନିମନ୍ତେ କେହି କୌଣସି ସୃଜନରେ ହାତ ଦିଏ ନାହିଁ । ସେ ମହାଚେତନା ମଧ୍ୟ ତାହା କରି ନଥିବ । ଅର୍ଥାତ୍, ଏ ସୃଷ୍ଟିର ମୌଳିକ ସତ୍ୟ ଆନନ୍ଦ । ଆନନ୍ଦ ଭିତରୁ ଆମର ଆବିର୍ଭାବ, ଯାବତୀୟ ବିପରୀତାତ୍ମକ ଅଭିଜ୍ଞତା ସତ୍ତ୍ୱେ ଆନନ୍ଦହିଁ ଆମ ଜୀବନର ପ୍ରଚ୍ଛନ୍ନ ଭିତ୍ତି; ଆନନ୍ଦ ଭିତରକୁ ହେବ ଆମର ମହାଯାତ୍ରା ।

ଭାରତର ମୌଳିକ ଦର୍ଶନର ଏହା ଅନ୍ୟତମ ବକ୍ତବ୍ୟ । ବୌଦ୍ଧଧର୍ମ କହିଲା ସମ୍ପୂର୍ଣ୍ଣ ବିପରୀତ କଥା : ଜୀବନ ବୋଇଲେ ଏକ ଗୁଚ୍ଛ ଦୁଃଖ-ଯନ୍ତ୍ରଣା । ସଚରାଚର ଆମେ ଯେପରି ଭାବରେ ଜୀବନ ନିର୍ବାହ କରିଥାଉ, ସେ ଦୃଷ୍ଟିରୁ ବୌଦ୍ଧବାଦ-ପରିବେଷିତ ଏ ତତ୍ତ୍ୱ ଏକ ଆପେକ୍ଷିକ ସତ୍ୟ ହୋଇପାରେ, କିନ୍ତୁ ଏହାହିଁ ପୂର୍ଣ୍ଣ ସତ୍ୟ ନୁହେଁ । ବୌଦ୍ଧଧର୍ମର ସାମୟିକ ଜନପ୍ରିୟତା ଅନ୍ତେ ଭାରତର ଆତ୍ମା କୁହନ୍ତୁ ବା ତା'ର ମୌଳିକ ସତ୍ୟ କୁହନ୍ତୁ, ସେ ଦୁଃଖବାଦୀ ଦର୍ଶନକୁ ବର୍ଜନ କଲା ।

ଅବଶ୍ୟ ସେଦିଗରେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ

ହୋଇଥିଲେ ଜଣେ ଅସାମାନ୍ୟ ବିଦ୍ୱାନ୍ – ଶଙ୍କରାଚାର୍ଯ୍ୟ । ସେ ବୁଦ୍ଧବାଦକୁ ଖଣ୍ଡନ କଲେ । କିନ୍ତୁ ତା'ର ବିକଳ୍ପରୂପେ ସେ ଯେଉଁ ତତ୍ତ୍ୱ ଆମ ଆଗରେ ରଖିଲେ, ତାହା ଆଉ ଏକ ବିଡ଼ମ୍ବନା । ବୁଦ୍ଧ କହିଥିଲେ ଜୀବନ ଦୁଃଖମୟ; ଶଙ୍କରାଚାର୍ଯ୍ୟ କହିଲେ ଜୀବନ ଏବଂ ଏ ସମଗ୍ର ସୃଷ୍ଟି ଏକ ମାୟା; ଏହା ଅଳୀକ । ନିର୍ବାଣ ପାଇବାକୁ ଚାହଁ ? ସେ ପାଇଁ ବୌଦ୍ଧ କାର୍ଯ୍ୟକ୍ରମ ଅନୁସରଣ କରିବାକୁ ପଡ଼ିବ ନାହିଁ; ଉପନିଷଦ୍‌ର ବ୍ୟାଖ୍ୟା ଭିତରୁ ସେ ବାହାର କରିଦେଲେ ତା'ର ପନ୍ଥା ।

ଦୁଃଖବାଦ ଓ ମାୟାବାଦ, ଏ ଉଭୟ ମତବାଦର ପ୍ରବର୍ତ୍ତକ ଦୁହେଁ ଥିଲେ ଅସାଧାରଣ ପ୍ରତିଭାସଂପନ୍ନ ଯୋଗୀ । ଚେତନାର କ୍ରମବିକାଶରେ ବୁଦ୍ଧଙ୍କର ଏକ ବିଶେଷ ଭୂମିକା ଅବଶ୍ୟ ଥିଲା । ବାରଂବାର ଜନ୍ମଗ୍ରହଣ କରି, ନାନାଦି ଅଭିଜ୍ଞତା ସଞ୍ଚୟ କରି କରି ଯେଉଁସବୁ ଚେତନା ମ୍ଳେଚ୍ଛତ୍ୱ-ମୁକ୍ତ ଏକ ଭବିଷ୍ୟତରେ ଉପନୀତ ହେବାକୁ ଅନିଚ୍ଛୁକ, ସେମାନଙ୍କ ପାଇଁ ସେ ନିର୍ବାଣର ପଥ ଦେଖାଇଦେଲେ । ଭାରତର ପରମ୍ପରା ତାଙ୍କୁ ଦେଲା ଜଣେ ଅବତାରର ଆସନ; ଶଙ୍କରାଚାର୍ଯ୍ୟ, ଯିଏକି ଆମକୁ ବହୁତ ଭ୍ରାନ୍ତ ମୂଲ୍ୟବୋଧ ସଂପର୍କରେ ସଚେତନ କରିଦେଲେ ତାଙ୍କୁ ଦେଲା ଜଣେ ମହାନ୍ ଆଚାର୍ଯ୍ୟର ମର୍ଯ୍ୟାଦା ।

କିନ୍ତୁ କାଳଚକ୍ରରେ ଉପନୀତ ହୋଇଥିଲା ଏମନ୍ତ ଦେବଲଗ୍ନ, ଯେତେବେଳେ ପୂର୍ଣ୍ଣସତ୍ୟ ପ୍ରକଟ କରା-ଯାଇପାରେ । ତାହାହିଁ କଲେ ଶ୍ରୀଅରବିନ୍ଦ, ''ଆର୍ଯ୍ୟ'' ମାଧ୍ୟମରେ । ସମସ୍ତ କ୍ଲେଶ, ଯାତନା, ମର୍ମନ୍ତୁଦ ଅଭିଜ୍ଞତା ସତ୍ତ୍ୱେ ଏକ ସୂକ୍ଷ୍ମ ଆନନ୍ଦ ନିହିତ ଏ ଜୀବନରେ ଏବଂ ଦିନେ ସେ ଆନନ୍ଦର ପରିପୂର୍ଣ୍ଣ ପ୍ରକାଶ ଅନିବାର୍ଯ୍ୟ, ଯାବତୀୟ ଭ୍ରାନ୍ତି, ଛଳନା ଓ ମୋହମାୟା ଅଧ୍ୟୁଷିତ ଏ ଜୀବନର ଉତ୍ସ ତଥା ଭିତ୍ତି ବାସ୍ତବ, ଏହି ସତ୍ୟର ଦିଗ୍‌ଦର୍ଶନ ଦେଲେ ଶ୍ରୀଅରବିନ୍ଦ ।

ଆଜି ଶ୍ରୀଅରବିନ୍ଦଙ୍କ ପ୍ରତି ବିଶ୍ୱବ୍ୟାପୀ ବିଦଗ୍ଧ ସନ୍ଧାନୀ ଓ ଜିଜ୍ଞାସୁମାନଙ୍କ ଦୃଷ୍ଟି ଅଧିକରୁ ଅଧିକ ମାତ୍ରାରେ ଆକର୍ଷିତ ହୋଇଚାଲିଛି । ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଦେଶ ବିଦେଶରେ ଶ୍ରୀଅରବିନ୍ଦଙ୍କ ଉପରେ ଗବେଷଣା କରି ଡକ୍‌ଟରେଟ୍-ପ୍ରାପ୍ତ ଧୀମାନ୍‌ଙ୍କ ସଂଖ୍ୟା ଏକ ଡଜନ୍ ଥିଲା କି ନା ସନ୍ଦେହ; ଆଜି ସେ ସଂଖ୍ୟା ଅସଂଖ୍ୟ-ମୁଖୀ । ସମସ୍ତ ବିଶିଷ୍ଟ ବିଶ୍ୱବିଦ୍ୟାଳୟରେ ସାହିତ୍ୟ, ଦର୍ଶନ ବା ରାଜନୀତି ବିଜ୍ଞାନ – ଭିନ୍ନ ଭିନ୍ନ ପାଠ୍ୟକ୍ରମରେ ତାଙ୍କ ବକ୍ତବ୍ୟ ଅନ୍ତର୍ଭୁକ୍ତ । ଆଜି ବେଶ୍ କେତେଜଣ ଅଧ୍ୟାତ୍ମ ଗୁରୁ ପ୍ରତିଷ୍ଠାନମାନ ସ୍ଥାପନ କରୁଛନ୍ତି; ପ୍ରବଚନ ଦେଉଛନ୍ତି । ସମସ୍ତେ କିନ୍ତୁ ଜୀବନବାଦୀ । ସେମାନଙ୍କ ଭାଷା ଏବଂ ଦିଗ୍‌ଦର୍ଶନ ଉପରେ ଶ୍ରୀଅରବିନ୍ଦଙ୍କ ପ୍ରଭାବ ସ୍ପଷ୍ଟ । ସେମାନଙ୍କ ପୂର୍ବବର୍ତ୍ତୀ ଗୁରୁମାନେ ଥିଲେ ଜୀବନ-ବିମୁଖ । କିନ୍ତୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତର ଅବଚେତନକୁ ଅଦ୍ୟାବଧି ବୁଦ୍ଧ-ଶଙ୍କର ପ୍ରଚାରିତ ନିରାଶାବାଦ, ଜୀବନ-ବିମୁଖତା, ବହୁଳାଂଶରେ ଅକ୍ତିଆର କରିରଖିଛି । ଜଣେ ଦୁରାଚାରୀ ପାଇଁ ମଧ୍ୟ ଯୁକ୍ତି ହେଲା, ଜୀବନ ଅଳୀକ । ଦୁର୍ନୀତି ମାୟା ମାତ୍ର ! ଅତଏବ ଅଦ୍ୟାବଧି ଶ୍ରୀଅରବିନ୍ଦ ଏକ ଭୂମିକା ମାତ୍ର ହୋଇ ରହିଛନ୍ତି ।

ଆଜି ୧୯ ତାରିଖ ଅଗଷ୍ଟ ୨୦୧୪ରେ ଏ ସମାବେଶରେ ଉପସ୍ଥିତ ଆମ୍ଭେମାନେ ଶହେବର୍ଷ ପରର ଏହି ତାରିଖରେ ନଥିବୁ; ଆପଣମାନଙ୍କ ଭିତରୁ କେହି କେହି ଯଦି ନିର୍ବାଣ ମାର୍ଗ ବାଛି ନେଇଥିବେ, ତେବେ ତାହା ଭିନ୍ନ କଥା । ଅନ୍ୟମାନେ, ଆମ ଭିତରୁ ଅଧିକାଂଶ ଭିନ୍ନ ନାମ ଓ ପରିଚୟରେ ବିଦ୍ୟମାନ ଥିବେ । ସେତେବେଳକୁ ଆଜିର ଏ କୃତଜ୍ଞତାବୋଧ ବହୁ ଅଧିକ ସଚେତନ ରୂପ ଗ୍ରହଣ କରିଥିବ ।

ପ୍ରଥମ ମହାଯୁଦ୍ଧ ଲାଗିଯିବାରୁ ରାଷ୍ଟ୍ରୀୟ ବିଧାନଗତ କାରଣରୁ ପଲ୍ ରିସାର୍‌ଙ୍କୁ ପତ୍ରିକା ପ୍ରକାଶନର ମାତ୍ର ପ୍ରାୟ ସାତମାସ ପରେ ଫ୍ରାନ୍ସ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଲା । ପତ୍ରିକାର ଭିତ୍ତି ଦୃଢ଼ କରିଦେଇ ଶ୍ରୀମା ମଧ୍ୟ ସାମୟିକଭାବରେ ବିଦାୟ ନେବା ଅନିବାର୍ଯ୍ୟ ହେଲା । ଫଳରେ ପତ୍ରିକାର ଚଉଷଠି ପୃଷ୍ଠା ବ୍ୟାପୀ ସମସ୍ତ ରଚନା ଲେଖିଲେ ଶ୍ରୀଅରବିନ୍ଦ । (ଅବଶ୍ୟ ପତ୍ରିକାର ଫରାସୀ ସଂସ୍କରଣ ବନ୍ଦ ହୋଇଗଲା ।)

ଆଜି ଆମକୁ ହତବାକ୍ ଲାଗେ – କେଉଁ ପର୍ଯ୍ୟାୟର ଚେତନା ଏତେ ଭିନ୍ନ ଭିନ୍ନ ବିଷୟରେ, ଏକ ସମୟରେ, ଏହି ମାନର ପ୍ରଜ୍ଞା ପରିବେଷଣ କରିପାରେ ? ଅବଶ୍ୟ ଶ୍ରୀଅରବିନ୍ଦ କହିଛନ୍ତି – ସେ ତାଙ୍କର ଧୀଶକ୍ତି ବା ଚିନ୍ତା-ଭାବନା ଭିତରୁ ଏସବୁ ସୃଷ୍ଟି କରୁ ନଥିଲେ; ଏହା ତାଙ୍କ ଭିତରକୁ ପ୍ରବହମାନ ହୋଇ ଆସୁଥିଲା ଊର୍ଦ୍ଧ୍ୱଲୋକରୁ । ୧୯୨୧ ଜାନୁଆରୀ ସଂଖ୍ୟା ପରେ ଆର୍ଯ୍ୟ ପ୍ରକାଶନ ସ୍ଥଗିତ ହୋଇଥିଲା ।

ଅମୃତବାଣୀ ଏବଂ ଅମୃତଶକ୍ତିର ବାହକ ହେ ''ଆର୍ଯ୍ୟ'', ଆମର କୃତଜ୍ଞତା ଗ୍ରହଣ କର । ❖

# ଆମ ଜାତୀୟତାର ବୈଶିଷ୍ଟ୍ୟ ଓ ଯୁବ ସମାଜର ଭୂମିକା

ଶ୍ରୀ ପ୍ରପତ୍ତି

(*ପୂର୍ବ ପ୍ରକାଶିତ ଉତ୍ତାରୁ ...*)

ପରିଶେଷରେ ଆମ୍ଭେମାନେ ଶେଷ ପ୍ରଶ୍ନର ସମାଧାନ କରିବା । ଆଧ୍ୟାତ୍ମିକ ଉତ୍ଥାନ ଯଦି ଭାରତର ଜାତୀୟ ଲକ୍ଷ୍ୟ, ଏକ ନବତର, ମହତ୍ତର ଓ ଦିବ୍ୟ-ମାନବଜାତି ଗଠନ କରିବା ଯଦି ଭାରତର ଜାତୀୟ ପ୍ରଚେଷ୍ଟା; ତେବେ ଏହି ପରିପ୍ରେକ୍ଷୀରେ ଭାରତର ଜନସାଧାରଣ, ଛାତ୍ର ଓ ଯୁବକମାନଙ୍କର ବର୍ତ୍ତମାନ କର୍ତ୍ତବ୍ୟ କ'ଣ ହେବା ଉଚିତ ?

ବର୍ତ୍ତମାନ ସମଗ୍ର ସଂସାର, ମାନବ ସମାଜ, ଦେଶ ଓ ଜାତି ଗୋଟାଏ ଘୋର ବିକ୍ଷୋଭ, ଅତୃପ୍ତି ଓ ଅଶାନ୍ତି ମଧ୍ୟରେ ଗତି କରୁଛି । ସର୍ବତ୍ର ଗୋଟାଏ ଆନ୍ଦୋଳନ, ଓଲଟପାଲଟ ଓ ଭଙ୍ଗାରୁଜା ଚାଲିଛି । ଗଣ-ବିକ୍ଷୋଭ, ଛାତ୍ର-ବିକ୍ଷୋଭ ଓ ବିଶୃଙ୍ଖଳା ପୃଥିବୀର ପ୍ରତ୍ୟେକ ଦେଶରେ ବିଶେଷ ରୂପେ ଦେଖା ଦେଇଛି । ଫ୍ରାନ୍ସ, ଜର୍ମାନୀ, ଯୁଗୋସ୍ଲୋଭିଆ, ଇଂଲଣ୍ଡ, ଇଟାଲୀ, ଆମେରିକା, ଚୀନ, ଜାପାନ, ଭାରତ, ଇଣ୍ଡୋନେସିଆ ପ୍ରଭୃତି ସକଳ ଦେଶରେ ଯୁବସମାଜ ମଧ୍ୟରେ ଏକ ପ୍ରକାର ପ୍ରବଳ ଉତ୍ତେଜନା ଦେଖା ଦେଇଛି । ଅନ୍ୟାୟ, ଅତ୍ୟାଚାର, ହିଂସା, ଦ୍ୱେଷ ଓ ବିବାଦ ବିରୋଧରେ ଛାତ୍ର ଓ ଯୁବକମାନେ ଏକଜୁଟ ହୋଇ ପୂର୍ବତନ ପନ୍ଥା, ରୀତି, ନୀତି ଓ ସଂସ୍ଥାକୁ ଭାଙ୍ଗି ଚୂରମାର କରି ଦେଇଛନ୍ତି । ଭାରତବର୍ଷରେ ମଧ୍ୟ ବିଶ୍ୱବିଦ୍ୟାଳୟ ସ୍ତରରେ ନାନା ସ୍ଥାନରେ ଛାତ୍ରମାନଙ୍କ ମଧ୍ୟରେ ଗୋଟାଏ ପ୍ରବଳ ଅନ୍ତର୍ଦାହ ଓ ବିକ୍ଷୋଭ ଦେଖା ଦେଇଛି । କୌଣସି ପ୍ରକାର ଉପଚାରରେ ସେମାନେ ସନ୍ତୁଷ୍ଟ ହୋଇପାରୁ ନାହାନ୍ତି । ଅବଶ୍ୟ ଏହାର ପୂର୍ବାପର ସମ୍ପର୍କ ଓ ଭୂମିକା ବିଚାର ନକରି କେବଳ ଛାତ୍ରମାନଙ୍କୁ ଏହି ବିକ୍ଷୋଭ ନିମିତ୍ତ ଦାୟୀ କରିବା ଠିକ୍ ନୁହେଁ । ବିକ୍ଷୋଭ ଓ ଅଶାନ୍ତି ଆଜି ସର୍ବବ୍ୟାପୀ । ସାମାଜିକ ଜୀବନର ଶୃଙ୍ଖଳା ବୋଲି କିଛି ନାହିଁ । କୌଣସି ଆଦର୍ଶ ବା ମୂଲ୍ୟବୋଧ ବୋଲି କିଛି ନାହିଁ । ଏହା ହେଉଛି ଏକ ଯୁଗସନ୍ଧି ବେଳ । ପୁରାତନ ଯୁଗ ଚାଲି ଯାଉଛି, ନୂତନ ଯୁଗ ଆସି ନାହିଁ । ଏହି ଯୁଗ ପରିବର୍ତ୍ତନ ବେଳେ କେହି ବି ସ୍ଥିର ରହିପାରିବେ ନାହିଁ । ଏପରିକି ଯେଉଁମାନେ ଏହି ନୂତନ ଯୁଗର ବାର୍ତ୍ତାବହ ହେବେ ସେମାନଙ୍କୁ ମଧ୍ୟ କଠୋର ସଂଗ୍ରାମ କରିବାକୁ ପଡ଼ିବ, କାରଣ ପୁରାତନର ଆବରଣ ମଧ୍ୟରୁ ମୁକ୍ତ ହୋଇ ନୂତନ ସତ୍ୟ ଓ ଆଲୋକରେ ନିଜକୁ ପ୍ରତିଷ୍ଠିତ କରିବା ଅତି ସହଜ ବ୍ୟାପାର ନୁହେଁ । ଯାହା ଚିରାଚରିତ, ପାରମ୍ପରିକ, ଜୀର୍ଣ୍ଣ, ଶୀର୍ଣ୍ଣ ଓ ସଂସ୍କାରଜଡ଼ିତ ଓ ପୁରାତନ ତାହା ହୁଏତ ନୂତନ ସତ୍ୟର ଆଗମନ ପଥରେ ବାଧା ସୃଷ୍ଟି କରିପାରେ । ସୁତରାଂ ତାହା ବହୁ ଅଂଶରେ ନଷ୍ଟ ହୋଇଯିବାର ସମ୍ଭାବନା ରହିଛି । ସେହି ପୁରାତନ ମନୁଷ୍ୟ ରହିବ ନାହିଁ କି ସେହି ପୁରାତନ ଜୀବନ ଧାରା ରହିବ ନାହିଁ । ଏସବୁ ବଦଳିବାକୁ ବାଧ୍ୟ ହେବ । ବର୍ତ୍ତମାନ ନୂତନ ସତ୍ୟ ପ୍ରତିଷ୍ଠାର ବେଳ ଆସିଛି ।

ଯୁବକ-ମନ ସାଧାରଣତଃ ନୂତନର ପୂଜାରୀ, ପରିବର୍ତ୍ତନର ଆବାହକ, ଭାବୀ ନୂତନ ଜୀବନର ଉପାସକ । ଜ୍ଞାତ ବା ଅଜ୍ଞାତସାରରେ ହେଉ ଏହି ପୁରାତନ ଦୁନିଆ ଓ ପୁରାତନ ଜୀବନଧାରାକୁ ଭାଙ୍ଗିଚୂରି ନୂତନ ଭାବେ ଗଢ଼ିବା ନିମିତ୍ତ ଯୁବକ ଓ ଛାତ୍ର-ସମାଜ ଆଜି ବିଶେଷଭାବେ ଆଗ୍ରହୀ । କିନ୍ତୁ ଆମେ କ'ଣ ଚାହୁଁଛୁ ଏବଂ ଏହି ନୂତନ ଜୀବନର ଅର୍ଥ କ'ଣ ତାହା ବୁଝିବା ଉଚିତ । ଯେଉଁ ନୂତନ ସମାଜ, ନୂତନ ମାନବଜାତି ଓ ନୂତନ ଜୀବନ ଆମ୍ଭେମାନେ ଚାହୁଁଛୁ ତାହା ଆଉ ସେହି ପୁରାତନର ଜୀର୍ଣ୍ଣ ସଂସ୍କାର ନୁହେଁ, କିଛି ଅଦଳ-ବଦଳ ନୁହେଁ, ତାହା ଏକ ପ୍ରକାର ଆମୂଳଚୂଳ ପରିବର୍ତ୍ତିତ ନୂତନ ମାନବସତ୍ତା । ତାହା ପ୍ରତିଷ୍ଠିତ ହେବ ଏକ ନୂତନ ସତ୍ୟ, ନୂତନ ଶକ୍ତି, ନୂତନ ଜ୍ଞାନ ଓ ଜ୍ୟୋତିଃ ଉପରେ । ଏହି ବିଶ୍ୱ ଯେଉଁ ସତ୍ୟ ଓ ଯେଉଁ ଶକ୍ତି ଉପରେ ପ୍ରତିଷ୍ଠିତ ହୋଇ କ୍ରିୟାଶୀଳ ହେଉଥିଲା, ତାହାର ଊର୍ଦ୍ଧ୍ୱସ୍ଥିତ ଆଉ ଗୋଟିଏ ନୂତନ ସତ୍ୟ ଓ ଶକ୍ତିର ଅବତରଣ ଘଟିଲେହିଁ ନୂତନ ସୃଷ୍ଟିର କାର୍ଯ୍ୟ ଆରମ୍ଭ ହେବ । କୌଣସି ବସ୍ତୁର ବା କ୍ରିୟାର ମୂଲ୍ୟ ତାହାର ପଶ୍ଚାତରେ ବା ଅନ୍ତରରେ ଥିବା ସତ୍ୟ ବା ତତ୍ତ୍ୱ ବା ବିଧାନ ଉପରେ ନିର୍ଭର କରେ । ବର୍ତ୍ତମାନ ସଂସାର ଓ ଜୀବନଧାରାର ପଶ୍ଚାତରେ ଯେଉଁ ସତ୍ୟ ଅଛି ତାହା ଅନେକ ପରିମାଣରେ

ଅକାମୀ, ଫିକା ବା ବିବର୍ଣ୍ଣ ହୋଇଗଲାଣି । ଏହି ସତ୍ୟର ସର୍ବୋଚ୍ଚ ପାହାଚ ହେଲା ଅଧିମାନସ ସତ୍ୟ । ଭଗବାନ୍ ଶ୍ରୀକୃଷ୍ଣ ଏହି ସତ୍ୟକୁ ଆଣି ଏ ଜଗତରେ ପ୍ରତିଷ୍ଠା କରିଥିଲେ । ଏହି ସତ୍ୟର ଚରମ ପରିଣାମ ହେଲା ଦେବଦେବୀମାନଙ୍କ ରାଜତ୍ୱ, ଧର୍ମର ଅଭ୍ୟୁଦୟ ଓ ପ୍ରତିଷ୍ଠା ଏବଂ ନୈତିକ ମାନର ରକ୍ଷା । କିନ୍ତୁ ଆମ୍ଭେମାନେ ଆଜି ଦେଖୁଛୁ ଯେ ଦେବଦେବୀମାନଙ୍କ ରାଜତ୍ୱ ଏବଂ ଧର୍ମ ଓ ନୈତିକତାର ଅବସାନ ଘଟିଛି । ଅତଏବ ମାନବ ସମାଜ ଆଜି ଉର୍ଦ୍ଧ୍ୱତନ ଅନ୍ୟ ଏକ ମହତ୍ତର ସତ୍ୟର ପର୍ଯ୍ୟାୟରେ ଉପସ୍ଥିତ ନହେଲେ ତାହାର ଦୁଃଖ, ଯନ୍ତ୍ରଣା ଓ ବିକ୍ଷୋଭର ଅବସାନ ଘଟିବ ନାହିଁ ।

ଶ୍ରୀଅରବିନ୍ଦ ବହୁ ବର୍ଷ ପୂର୍ବେ, ୧୯୧୦ ସାଲରେ ଯେତେବେଳେ ପଣ୍ଡିଚେରୀ ଆସିଥିଲେ ସେତେବେଳେ ଏହି ଆଦର୍ଶ ଓ ଏହି ନୂତନ ଆଭିମୁଖ୍ୟ ଧରି ଆସିଥିଲେ । ରାଜନୀତି କ୍ଷେତ୍ରରେ ଥାଇ ମଧ୍ୟ ଶ୍ରୀଅରବିନ୍ଦ ଶାସ୍ତ୍ରୋକ୍ତ, ସୁପ୍ରସିଦ୍ଧ ପ୍ରାଚୀନ ଅଧ୍ୟାତ୍ମ-ସିଦ୍ଧିଗୁଡ଼ିକ ହାସଲ କରିଥିଲେ । ବରୋଦାରେ ଥିଲାବେଳେ ସେ ଅଦ୍ୱୈତ ବେଦାନ୍ତର ନିରଞ୍ଜନ, ନିଷ୍କ୍ରିୟ, ନିରାକାର, ନିର୍ଗୁଣ ବ୍ରହ୍ମଙ୍କୁ ତଥା ବୁଦ୍ଧଙ୍କର ନିର୍ବାଣର ତତ୍ତ୍ୱକୁ ଉପଲବ୍ଧି କରିଥିଲେ । ପୁନଶ୍ଚ ଆଲିପୁର ଜେଲରେ ଥିଲା ବେଳେ ବୈଷ୍ଣବ ଶାସ୍ତ୍ରୋକ୍ତ ପରମ କରୁଣାମୟ ପୁରୁଷୋତ୍ତମ, ସର୍ବବ୍ୟାପୀ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ ହୋଇଥିଲେ; 'ବାସୁଦେବଂ ସର୍ବମିତି' – ଏହି ସିଦ୍ଧି ସେ ଲାଭ କରିଥିଲେ । ଏହି ଦୁଇଟି ମହାନ୍ ସିଦ୍ଧି ବ୍ୟତୀତ ତାଙ୍କର ବହୁବିଧ ଆଧ୍ୟାତ୍ମିକ ଅନୁଭୂତି ପଣ୍ଡିଚେରୀ ଆସିବା ପୂର୍ବରୁ ହୋଇଥିଲା । ରାଜନୀତିର ବିପୁଳ ଝଡ଼ଝଞ୍ଜା ମଧ୍ୟରେ ଥାଇ ମଧ୍ୟ ଶ୍ରୀଅରବିନ୍ଦ ଅଧ୍ୟାତ୍ମ ସାଧନାର କ୍ଷେତ୍ରରେ ଭାରତର ପାରମ୍ପରିକ ସିଦ୍ଧିସକଳ ଲାଭ କରିଥିଲେ । ଏହି ଅଧ୍ୟାତ୍ମ-ଭୂମିରୁ ସମଗ୍ର ବନ୍ଦେ ମାତରମ୍ ଆନ୍ଦୋଳନ ସେ ପରିଚାଳନା କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି । ତାଙ୍କର ରାଜନୀତି ଆଧ୍ୟାତ୍ମିକ ଭାବରେ ରୂପାନ୍ତରିତ ହୋଇଥିଲା । ଭାରତର ଜାତୀୟତାକୁ ଶ୍ରୀଅରବିନ୍ଦହିଁ ଏକ ନୂତନ ଅଧ୍ୟାତ୍ମ-ରୂପଦାନ କରିଥିଲେ । ତଥାପି ଶ୍ରୀଅରବିନ୍ଦ ସେହି ପାରମ୍ପରିକ ସିଦ୍ଧି, ସାଧନା ଓ ସିଦ୍ଧାନ୍ତରେ ସନ୍ତୁଷ୍ଟ ହୋଇ ପାରିଲେ ନାହିଁ – କାହିଁକି ? କ'ଣ ସେ ଅଧିକ ଚାହିଁଥିଲେ ?

ଶ୍ରୀଅରବିନ୍ଦ ଥିଲେ ଅସାମାନ୍ୟ ମନୀଷା, ପ୍ରତିଭା ଓ ଜ୍ଞାନର ଅଧିକାରୀ । ତାଙ୍କ ମଧ୍ୟରେ ପ୍ରାଚ୍ୟର ଆଲୋକ ଓ ପାଶ୍ଚାତ୍ୟ ବୁଦ୍ଧିର ଅପୂର୍ବ ସମନ୍ୱୟ ଘଟିଥିଲା । ତତ୍କାଳୀନ ରାଜନୀତିର ସେ ଥିଲେ କର୍ଣ୍ଣଧାର, ରାଷ୍ଟ୍ରଗୁରୁ, ବିପ୍ଳବୀଗୁରୁ ଓ ମହାନ୍ ତେଜୋଦୀପ୍ତ ଭାସ୍ୱର ପୁରୁଷ । ତେବେ ସେ ତତ୍କାଳୀନ କର୍ମ, ଜୀବନ, ରାଜନୀତି, ଦେଶ, ଜାତି ଓ ରାଷ୍ଟ୍ର ବର୍ଜନ କରି ପଣ୍ଡିଚେରୀକୁ କେଉଁ ସତ୍ୟର ସନ୍ଧାନରେ ଆସିଥିଲେ ? କ'ଣ ତାଙ୍କର ଅପୂର୍ଣ୍ଣ ଥିଲା ଯାହା ସେ ଖୋଜୁଥିଲେ, ଯାହା ସେ ମାନବ-ଜୀବନ ଓ ସମାଜକୁ ଦେବାକୁ ଚାହୁଁଥିଲେ ? ଶ୍ରୀଅରବିନ୍ଦ ଏକଥା ସ୍ପଷ୍ଟ ରୂପେ ଉପଲବ୍ଧି କଲେ ଯେ ଆଉ ସେହି ପୁରାତନ ସିଦ୍ଧି, ପୁରାତନ ଅଧ୍ୟାତ୍ମ-ଭାବ ଦ୍ୱାରା ଆଗାମୀ ଯୁଗର ସର୍ବବ୍ୟାପୀ ବିକ୍ଷୋଭର ସମ୍ମୁଖୀନ ହେବା ସମ୍ଭବ ହେବ ନାହିଁ । ପୁରାତନ ସତ୍ୟର କାର୍ଯ୍ୟକାରିତା ଶେଷ ହୋଇ ଯାଇଛି । ପୃଥିବୀ ଉପରେ ଏକ ନୂତନ ସତ୍ୟ ଆଣିବାକୁ ହେବ, ଏହି ସତ୍ୟର ଭୂମିରେ ଏକ ନୂତନ ମାନବଜାତି (New Race) ଗଢ଼ିବାକୁ ହେବ । ଏଥିନିମିତ୍ତ ସେ ମାନବଜାତିର ପ୍ରତିନିଧି ରୂପେ ଦୀର୍ଘକାଳ ଧରି ଏକାନ୍ତରେ ରହି ଗଭୀର ତପସ୍ୟାମଗ୍ନ ହେଲେ । ସେ ଯେଉଁ ମହାନ୍ ଦିବ୍ୟ ସତ୍ୟ ଲାଭ କଲେ ତାହାକୁହିଁ ସେ ନାମ ଦେଇଛନ୍ତି, 'ଅତିମାନସ ଦିବ୍ୟ ସତ୍ୟ' । ଏହି ସତ୍ୟକୁ ବେଦରେ 'ଋତ-ଚିତ୍' ଏବଂ ଉପନିଷଦ୍‌ରେ 'ବିଜ୍ଞାନମୟ କୋଷ'ର ଆଖ୍ୟା ଦିଆଯାଇଛି । ପୃଥିବୀ ବିବର୍ତ୍ତନ ଧାରାରେ ଏହି ସତ୍ୟର ଅବତରଣ ଅବଶ୍ୟମ୍ଭାବୀ । ବିବର୍ତ୍ତନ ଧାରାରେ ଅନ୍ନ (Matter), ପ୍ରାଣ (Life) ଏବଂ ମନ (Mind)ର ବିକାଶ ଘଟିଛି, କିନ୍ତୁ 'ଅତିମାନସ'ର ବିକାଶ ଘଟି ନାହିଁ । ଉର୍ଦ୍ଧ୍ୱରୁ ଏହି ସତ୍ୟର ଅବତରଣ ଏବଂ ନିମ୍ନରୁ ଏଥିନିମିତ୍ତ ଆବାହନ – ଏହି ଉଭୟର କ୍ରିୟା ଫଳରେ ଅତିମାନସ ତତ୍ତ୍ୱ ପୃଥିବୀରେ ପ୍ରତିଷ୍ଠିତ ହେବ ଏବଂ ସମଗ୍ର ପାର୍ଥିବ ଜୀବନରେ ବୈପ୍ଳବିକ ପରିଣାମ ଦେଖାଦେବ । 'ମା' (The Mother) ପୁସ୍ତକରେ ଶ୍ରୀଅରବିନ୍ଦ କହୁ ଅଛନ୍ତି :

"The Supramental change is a thing decreed and inevitable in the evolution of the earth-consciousness; for its upward ascent is not ended and mind is not its last summit."

ଅର୍ଥାତ୍, ''ପାର୍ଥିବ ଚେତନାର ବିବର୍ତ୍ତନରେ ଅତିମାନସ ରୂପାନ୍ତର ନିୟତି-ନିର୍ଦ୍ଦିଷ୍ଟ ଏବଂ ଅବଶ୍ୟମ୍ଭାବୀ, କାରଣ ଏହାର ଉର୍ଦ୍ଧ୍ୱମୁଖୀ ଧାରାର ସମାପ୍ତ ହୋଇ ନାହିଁ ବା ମନ ତାହାର ଚରମ ପରିଣତି ନୁହେଁ ।''

କେବଳ ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦ କେତେକ ଘୋଷଣା

କରି ସନ୍ତୁଷ୍ଟ ନଥିଲେ । ତାଙ୍କର ତପସ୍ୟା ଓ ସାଧନା ବଳରେ ଏହି ଦିବ୍ୟ ଶକ୍ତିକୁ ପୃଥିବୀ ଉପରେ ଉତାରି ଆଣି ନୂତନ ସୃଷ୍ଟିର ବୀଜ ବପନ କରିଛନ୍ତି । ସେହି ଅତିମାନସ ଶକ୍ତିକୁ ଧାରଣ କରି ବର୍ତ୍ତମାନ ଶ୍ରୀମା କାର୍ଯ୍ୟ କରୁଛନ୍ତି ଏବଂ ଧୀରେ ଧୀରେ ଏହା ସମଗ୍ର ଜଗତରେ ବ୍ୟାପ୍ତ ହେଉଛି ।

ଏସବୁ ବିଷୟ ଉଲ୍ଲେଖ କରିବାର କାରଣ ଏହି ଯେ ଏ ଯୁଗର ଯେଉଁ ସର୍ବଶ୍ରେଷ୍ଠ ବୈପ୍ଳବିକ କର୍ମର ପରିଣାମ ତାହାହିଁ ଅତିମାନସର ସାଧନା – ମନୁଷ୍ୟୋତ୍ତର ଅତିମାନସ ଭୂମିରେ ଆରୋହଣ, ସେହି ଆଲୋକ ଓ ଶକ୍ତି ଦ୍ୱାରା ନିଜ ଜୀବନ ଓ କର୍ମର ନିୟନ୍ତ୍ରଣ, ନିଜ ପ୍ରକୃତିର ରୂପାନ୍ତର ।

ମନୁଷ୍ୟଜାତିର ସୃଷ୍ଟିକାଳରୁ ନାନା ଚିନ୍ତା, ନାନା କଳ୍ପନାଜଳ୍ପନା ହୋଇ ଆସିଛି – ମନୁଷ୍ୟକୁ ଏକ ନୂତନ ରୂପ ଦେବାକୁ, ମନୁଷ୍ୟକୁ ଏକ ଉଚ୍ଚତର, ମହତ୍ତର ଭୂମିରେ ଉଠାଇ ନେବାକୁ, ମନୁଷ୍ୟର ଅଜ୍ଞାନତା, ମୂର୍ଖତା ଓ ଜଡ଼ତା ଦୂର କରିବାକୁ ଜ୍ଞାନ, ଜ୍ୟୋତିଃ, ଶକ୍ତିରେ ପ୍ରତିଷ୍ଠା କରିବା ନିମିତ୍ତ । କିନ୍ତୁ ଏହା କେବେ ବି ସଫଳ ହୋଇ ନାହିଁ । ବର୍ତ୍ତମାନ ଏହି ସଫଳତାର ସମୟ ଆସିଛି, ଅତିମାନସ ଶକ୍ତି ଓ ଆଲୋକ ଦ୍ୱାରା ମନୁଷ୍ୟ ଏକ ନୂତନ ସତ୍ତା ଓ ଶକ୍ତିରେ ପରିଣତ ହୋଇ ପାରିବ । ସୁତରାଂ ଏହି ବୈପ୍ଳବିକ ପରିଣାମକୁ ଛାତ୍ର ଓ ଯୁବକମାନେ ଗ୍ରହଣ କଲେ ମାନବଜାତିର ଅଶେଷ କଲ୍ୟାଣ ସାଧିତ ହେବ । ଯୁବକ-ପ୍ରାଣ ସାଧାରଣତଃ ବିପ୍ଳବର ଅଭିମୁଖୀ ଏବଂ ଜୀବନ ଓ ପ୍ରକୃତିର ଦିବ୍ୟ-ରୂପାନ୍ତର ଏବଂ ଏକ ନୂତନ ଭୂମିରେ ମନୁଷ୍ୟର ଉତ୍ଥାନ – ଏହାହିଁ ଏ ଯୁଗର ଚରମ ବିପ୍ଳବ । ଯେଉଁମାନେ ସାହସୀ, ଶକ୍ତିଶାଳୀ ଏବଂ ଯେଉଁମାନେ ମାନବଜାତିର କଲ୍ୟାଣ ଉଦ୍ଦେଶ୍ୟରେ ଏହି ଆଦର୍ଶକୁ ଗ୍ରହଣ କରି ସର୍ବସ୍ୱ ବର୍ଜନ କରିବାକୁ ପ୍ରସ୍ତୁତ ସେହିମାନେ ଏହି ଆଦର୍ଶ ଗ୍ରହଣ କରି, ଏହାକୁ ନିଜ ଜୀବନରେ ରୂପଦାନ କରି ଦେଶ ଓ ଜାତିକୁ କୃତକୃତ୍ୟ କରିବେ । ଏ ଦିଗରେ ଭାରତବାସୀ, ବିଶେଷତଃ ଭାରତର ଯୁବକଗଣଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପୃଥିବୀର ଅନ୍ୟାନ୍ୟ ଦେଶ ତାଙ୍କ ନିଜ ନିଜ ଭୂମିକା ପୂରଣ କରି ଚାଲିଛନ୍ତି, ମାତ୍ର ଭାରତ ନିମିତ୍ତ ବିଧିନିର୍ଦ୍ଦିଷ୍ଟ ଏହି ମହାନ୍ ଭୂମିକାକୁ ପୂରଣ କରି ଆମର ଦେଶବାସୀ, ଯୁବକ ଓ ଛାତ୍ରଛାତ୍ରୀ ନିଜର ଓ ମାନବ-ଗୋଷ୍ଠୀର କଲ୍ୟାଣ ସାଧନ କରନ୍ତୁ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ, ଦ୍ୱିତୀୟ ଖଣ୍ଡ, ପୃ. ୩୦୭ - ୩୧୦) ✤

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ଦିବ୍ୟ କର୍ମୀ

## ଶ୍ରୀଅରବିନ୍ଦ

ଆତ୍ମାର ସମତା ନେଇ ସମ୍ମୁଖୀନ ହୁଏ ମୁହିଁ ପୃଥିବୀର ସବୁ ଘଟଣାର;
ତବ ପଦଧ୍ୱନି ଶୁଭେ ସବୁଥିରେ : ତବ ଅଦୃଶ୍ୟ ଚରଣ
ନିୟତିର ପଥ ଧରି ଚାଲେ ମୋର ଆଗେ । ପ୍ରାଣ ସମଗ୍ରର
ସୁଦୁସ୍ତର ଉପପାଦ୍ୟ ତୁମେ ମାତ୍ର କର ସଂପୂରଣ ।

ଦୁର୍ବିପାକ ପାରେ ନାହିଁ ଟଳାଇ ମୋ ଆତ୍ମାର ସମତା :
ମୋର କ୍ରିୟାସବୁ ତ ତୁମର; ତୁମ କର୍ମ ସମ୍ପାଦି ମୁଁ ଚଳେ;
ମୃତ୍ୟୁହୀନ କୋଳେ ତବ ହେଉଥାଏ ଲାଳିତ ବ୍ୟର୍ଥତା,
ଜୟ ତବ ପଦପାତ, ସୌଭାଗ୍ୟ-ଦର୍ପଣେ ଯା'ର ବିମ୍ବ ପ୍ରତିଫଳେ ।

ମଣିଷର ଅଦୃଷ୍ଟ ସହିତ ଏହି କ୍ରୁର ସଂଗ୍ରାମରେ
ଅନ୍ତରେ ମୋ ସ୍ମିତହାସ୍ୟ ତବ ଭରିଦିଏ ଯୁଝିବାର ବଳ;
ତୁମ ଶକ୍ତି ତା' ନିଜର ବିଶାଳ ଯୋଜନା ସାଧୁଥାଏ ରହି ମୋ ଭିତରେ,
ସୁଦୀର୍ଘ ଓ ଚଳମାନ କାଳ-ଭୁଜଙ୍ଗର ପ୍ରତି ରହି ଅବିଚଳ ।

ସଂହାରି ନ ପାରେ କେହି ଶକ୍ତି ଆତ୍ମା ମୋର; ସେ'ତ ତୁମ ମଧ୍ୟେ ଥାଏ ।
ତୁମରି ସାନ୍ନିଧ୍ୟେ ମୁହିଁ ଅମରତା ପାଏ ।

[ଶ୍ରୀଅରବିନ୍ଦଙ୍କ ରଚିତ '**The Divine Worker**'
କବିତାର ଭାଷାନ୍ତର]

ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ



# ଅମଲଙ୍କ ସହ ମୋର ପରିଚୟ

## ଶ୍ରୀ ନୀରଦବରଣ

[ଏହି ଲେଖାଟି ଯାହାଙ୍କ ଉପରେ ଲେଖା ଯାଇଛି ଓ ଯେ ଲେଖିଛନ୍ତି, ଉଭୟେ ନିଜ ଜୀବନରେ ଈଶୋପନିଷଦ୍‌ର ସେହି ବାଣୀଟିକୁ ସାର୍ଥକ କରିଛନ୍ତି, ''କର୍ମନ୍ନେବେହ କର୍ମାଣି ଜିଜୀବିଷେତ ଶତଂ ସମାଃ'' – କର୍ମ କରି ଶତବର୍ଷ ଜୀବିତ ରହିବାକୁ ହେବ । ଶ୍ରୀଯୁକ୍ତ କେ. ଡି. ସେଠ୍‌ନା (ଅମଲ କିରଣ) ଏହି ବର୍ଷ(୨୦୦୪) ଓ ଶ୍ରୀଯୁକ୍ତ ନୀରଦବରଣ ଗତବର୍ଷ(୨୦୦୩)ରେ ଶତବର୍ଷରେ ପଦାର୍ପଣ କରିଛନ୍ତି । ଉଭୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଆମେ ସେମାନଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛୁ । – ସମ୍ପାଦକ]

ଶ୍ରୀଅରବିନ୍ଦଙ୍କୁ ୧୯୩୭ ମସିହାରେ ମୁଁ ଲେଖିଲି : ''କେତେକ ଲୋକ ଏଠାକାର ସାଧକମାନଙ୍କୁ ହୀନ ଦୃଷ୍ଟିରେ ଦେଖନ୍ତି, କହିଥା'ନ୍ତି ଯେ ବାହାର ଜଗତରେ ସେମାନେ କୌଣସିମତେ ଗଣାଯାଇ ପାରିବେ ନାହିଁ ।'' ଶ୍ରୀଅରବିନ୍ଦ ତାଙ୍କର ସ୍ୱାଭାବିକ ଶାନ୍ତ ଓ ସ୍ଥିରତାରେ ଉତ୍ତର ଦେଲେ : ''ସାଧକମାନଙ୍କର ଗୁଣଧର୍ମ ଏତେ ନିମ୍ନ ? ମୁଁ କହିବା ଉଚିତ ହେବ ଯେ ଆଶ୍ରମରେ ଯଥେଷ୍ଟ ପରିମାଣର ସାମର୍ଥ୍ୟ ଓ ପାରଦର୍ଶିତା ଅଛି । କେବଳ ଯେଉଁ ଯୋଗ୍ୟତାର ଦାବି କରାଯାଏ, ଏମିତିକି ଆଧ୍ୟାତ୍ମିକ ବିଷୟରେ, ତାହା ବାହ୍ୟ ଜଗତଠାରୁ ଅନେକ ଅଧିକ ଉଚ୍ଚରେ । ଏଠାରେ ବୋଧହୁଏ ଅଧଡ଼ଜନ ଲୋକ ଅଛନ୍ତି ଯେଉଁମାନେ ବ୍ରହ୍ମ ଚେତନାରେ ବାସ କରିବାକୁ ସମର୍ଥ – ବାହାରେ ରହୁଥିଲେ ସେମାନଙ୍କୁ ନେଇ ଖୁବ୍ ହଇଚଇ ହୋଇଥାଆନ୍ତା ଓ ବଡ଼ ଯୋଗୀ ଭାବରେ ବିବେଚିତ ହୋଇଥା'ନ୍ତେ; ଏଠାରେ ସେମାନଙ୍କର ସ୍ଥିତି ବା ଅବସ୍ଥାନ ବିଷୟରେ ଜାଣିହୁଏ ନାହିଁ ଏବଂ ଏହି ଯୋଗରେ ଏହା ସିଦ୍ଧି ନ ହୋଇ କେବଳ ଏକ ପ୍ରାରମ୍ଭ ଭାବରେ ବିବେଚିତ ହୁଏ ।''

ଯୋଗ ସାଧନାରେ କୃତିତ୍ୱ ବିଷୟକୁ ବାଦ୍ ଦେଲେ ମଧ୍ୟ ଏହି ଆଶ୍ରମ ଅନାୟାସରେ ଅଳ୍ପକିଛି ଲୋକଙ୍କୁ ନେଇ ଗର୍ବ କରିବ, ଯେଉଁମାନେ କି ବାହାରର ସାଂସ୍କୃତିକ ଓ ସାହିତ୍ୟ କ୍ଷେତ୍ରରେ ରହିଥିବା ବଡ଼ ବଡ଼ ବ୍ୟକ୍ତିମାନଙ୍କ ସମକକ୍ଷ ହୋଇ ପାରିବେ ।

ଅଳ୍ପ କେତେକଙ୍କୁ ଉଲ୍ଲେଖ କଲେ : ନଳିନୀ, ପବିତ୍ର, ଅମୃତା, ଅନିଲବରଣ, ଦିଲୀପ କୁମାର ରାୟ, ସାହାନା ଦେବୀ, ଅମଲ କିରଣ, ନିଶିକାନ୍ତ । ଶ୍ରୀଅରବିନ୍ଦ ଓ ଶ୍ରୀମା ସୂଚନା ଦେଇଥିଲେ ଯେ ଏହି ସାଧକମାନଙ୍କ ମଧ୍ୟରୁ କେତେକେ ସେମାନଙ୍କ ପୂର୍ବଜନ୍ମରେ ମହାନ୍ ମହାନ୍ ଐତିହାସିକ ବ୍ୟକ୍ତିତ୍ୱ ହୋଇଥିଲେ, ଏବଂ ବର୍ତ୍ତମାନ ଏହି ଜନ୍ମରେ ସେମାନେ ମଣିଷ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ ଯେ ଭଗବତ୍ ଉପଲବ୍ଧି ଓ ତା'ଠାରୁ ବି ଅଧିକ କିଛି, ତାହାକୁହିଁ ପୂରଣ କରିବା ପାଇଁ ଯୋଗକୁ ଆକର୍ଷିତ ହୋଇଛନ୍ତି । ସେମାନଙ୍କର ସାଂସ୍କୃତିକ କୃତିତ୍ୱ ହେଉଛି, ମା' ଓ ଶ୍ରୀଅରବିନ୍ଦଙ୍କ ପଥପ୍ରଦର୍ଶନ ଓ ପ୍ରେରଣାରେ କରିଥିବା ଯୋଗର ପରିଣତି । ସେମାନଙ୍କ ମଧ୍ୟରୁ କେତେଜଣଙ୍କ ବ୍ୟତୀତ, ବାହାର ଜଗତରେ ସେମାନଙ୍କ ନାମ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସି ନାହିଁ, କାରଣ ସେମାନେ ପୃଥିବୀର ସ୍ୱୀକୃତିକୁ ତାଙ୍କ ଜୀବନର ମୂଳ ଉଦ୍ଦେଶ୍ୟ ଭାବେ ଖୋଜି ନାହାନ୍ତି ।

ସେମାନଙ୍କ ମଧ୍ୟରୁ, ମୁଁ ବାଛିବି ... ଅମଲ କିରଣଙ୍କୁ – ଯାହାଙ୍କର ଅସାଧାରଣ ଆଧ୍ୟାତ୍ମିକ ଓ ଚୈତ୍ୟିକ ବ୍ୟକ୍ତିତ୍ୱକୁ ବାଦ୍ ଦେଲେ ବି ସାଂସ୍କୃତିକ ଓ ବୌଦ୍ଧିକ କୃତିତ୍ୱଗୁଡ଼ିକ ଅନେକ କ୍ଷେତ୍ରରେ ପ୍ରମୁଖ ହୋଇଛି । ଜଣେ ବିରଳ ଉଚ୍ଚକୋଟୀର କବି, ପ୍ରଶସ୍ତ ଜ୍ଞାନ, ବୋଧିଗତ ଦୃଷ୍ଟି, ଅସାଧାରଣ ସ୍ଥିରଚିତ୍ତଥିବା ମଣିଷଟିଏ ଏବଂ ତାଙ୍କର ଏପରି ଏକ ମୋହିନୀଶକ୍ତି ଅଛି ଯେ ଯାହାକୁ କି ପ୍ରତିରୋଧ କରିବା ବଡ଼ କଠିନ, ସିଏ ପ୍ରଭୁଙ୍କର ପଦଚିହ୍ନ ଅନୁସରଣ କରନ୍ତି ।

ସାନପିଲାବେଳୁ ତାଙ୍କର ଗୋଟିଏ ଗୋଡ଼ରେ ଶୈଶବକାଳୀନ ପକ୍ଷାଘାତ ଯୋଗୁଁ ସିଏ ଶାରୀରିକ ଭାବେ ଅକ୍ଷମ ହୋଇଆସିଛନ୍ତି । କିନ୍ତୁ ତାଙ୍କର ଦୁଃଖ ବା ଅନୁଶୋଚନା ନାହିଁ । ବରଂ ଏହାକୁ ତାଙ୍କ ପାଇଁ ଭଗବାନଙ୍କର ଆଶୀର୍ବାଦ ବୋଲି ବିଚାର କରି ଚାଲିଛନ୍ତି, କାରଣ ଏହା ତାଙ୍କୁ ମନର ସାଗରଗୁଡ଼ିକ ମଧ୍ୟରେ ନିମଜ୍ଜ କରି ଅଳ୍ପ ବୟସରୁ ବିପୁଳ ଜ୍ଞାନ ଆହରଣ କରିବାକୁ ସକ୍ଷମ କରିଛି – ଏତେ ବେଶୀ ଯେ

ଶ୍ରୀଅରବିନ୍ଦ ଏକଦା ପରିହାସ ଛଳରେ କହିଥିଲେ : ''ସିଏ ବହୁତ ପଢ଼ିଛି । ତାହାକୁ ବର୍ତ୍ତମାନ ପଢ଼ାର ବିପରୀତ ପ୍ରକ୍ରିୟାଟିକୁ ବା ଅପଢ଼ାକୁ ଆରମ୍ଭ କରିବାକୁ ହେବ'' ।

... ଆମେ କେବେ ଥରେ ୧୯୩୪ ମସିହାରେ ପରସ୍ପର ସମ୍ପର୍କରେ ଆସିଲୁ, ଯାହାପରେ କି ଆମର ପରିଚୟ ଗୁରୁଙ୍କ ଶାନ୍ତ ପ୍ରୋତ୍ସାହନରେ ଏବଂ ଆନ୍ତର ଯତ୍ନରେ ପରିପାଳିତ ହୋଇ ଘନିଷ୍ଠତାରେ ବୃଦ୍ଧି ପାଇଲା । ଏହି ସଂସ୍ପର୍ଶ ମୋତେ ଅମଲଙ୍କୁ ବହୁବିଧ ଅବସ୍ଥାରେ ଦେଖିବାକୁ ସୁଯୋଗ ଦେଲା, ଏବଂ ତାଙ୍କ ଭିତରେ ସବୁଠାରୁ ବେଶୀ ଯାହା ମୁଁ ପ୍ରଶଂସା କରିଥାଏ, ତାହା ହେଉଛି ଗର୍ବଦମ୍ଭରୁ ତାଙ୍କର ମୁକ୍ତି, ମନର ପ୍ରସାରତା ଏବଂ ଜନ୍ମଗତ ସମଚିତ୍ତତା ।

ଆମର ପ୍ରଥମ ସାକ୍ଷାତକୁ ମୁଁ ପୂରା ମନେ ରଖିଛି । ଆଶ୍ରମରେ ଆସି ମୁଁ ବସତି ସ୍ଥାପନ କରିଥାଏ ଏବଂ ଡାକ୍ତର ହୋଇଥିବାରୁ ଆଶ୍ରମ ଚିକିତ୍ସାଳୟ ଦାୟିତ୍ୱରେ ମୋତେ ରହିବାକୁ ହୋଇଥିଲା । ଅମଲ ସେତେବେଳକୁ ଅନେକଦିନର ଆଶ୍ରମବାସୀ ହୋଇଥାଆନ୍ତି । ବର୍ତ୍ତମାନର ରିଡ଼ିଂ ରୁମ୍ ତଥା ସେତେବେଳର ଲାଇବ୍ରେରିରେ ବସି ଲାଇବ୍ରେରିଆନ୍ ପ୍ରେମାନନ୍ଦଙ୍କ ସହ ଗପସପ କରୁଥିବାର ମୁଁ ତାଙ୍କୁ ଦେଖୁଥିଲି । ଦିନେ ମୁଁ ଲାଇବ୍ରେରିକୁ ଆସିଲି ଏବଂ ପ୍ରେମାନନ୍ଦ ମୋତେ ଅମଲଙ୍କୁ ଚିହ୍ନାଇ ଦେଲେ । ସେଦିନ ରମଣୀୟ ହସ ବ୍ୟତୀତ କଥାବାର୍ତ୍ତା କ୍ୱଚିତ୍ କିଛି ଥିଲା । ଅମଲ ଏବଂ ପ୍ରେମାନନ୍ଦ ଲାଇବ୍ରେରିରେ ବସି ଗପସପ କରୁଥାଆନ୍ତି, ଯେତେବେଳେ ମା'ଙ୍କୁ ପ୍ରଣାମ ଚାଲିଥାଏ ଏବଂ ଅଧିକାଂଶ ସମୟରେ ମୁଁ ବିସ୍ମିତ ହୁଏ ଯେ କାହିଁକି ସେ ପ୍ରଣାମରେ ଯୋଗ ଦେଉ ନାହାନ୍ତି । ପଛରେ ମୁଁ ଜାଣିଲି ଯେ ତାଙ୍କର ଶାରୀରିକ ଅକ୍ଷମତା ହେତୁ ସିଏ ଧ୍ୟାନରେ ଅଂଶ ଗ୍ରହଣ କରିପାରୁ ନ ଥିଲେ, ଏବଂ ତାଙ୍କର ପ୍ରଣାମ କରିବାର ପାଳିକୁ ଅପେକ୍ଷା କରିବା ସମୟରେ ସେ ପ୍ରେମାନନ୍ଦଙ୍କୁ କବିତା ଛନ୍ଦରେ ମାତ୍ରା ଗଣିବାକୁ ଶିଖାଇବାରେ ତାଙ୍କର ସମୟ ବିନିଯୋଗ କରୁଥିଲେ । ଛନ୍ଦୋବଦ୍ଧ କବିତାର ମାତ୍ରା ଗଣିବା ଥିଲା ପ୍ରେମାନନ୍ଦଙ୍କର ପ୍ରଗାଢ଼ ଅଭିରୁଚି ।

ଅମଲ ତାଙ୍କର ଆଶ୍ରାବାଡ଼ିର ସାହାଯ୍ୟ ନେଇ ଧୀରେ ଧୀରେ ଧ୍ୟାନଗୃହକୁ ଯାଆନ୍ତି ଯେତେବେଳେ ଶ୍ରୀମାଙ୍କୁ ପ୍ରଣାମ କରିବାର ପାଳି ତାଙ୍କର ପଡ଼େ ଏବଂ ଶ୍ରୀମା ତାଙ୍କ ପାଇଁ ଅପେକ୍ଷାକରି ବସିଥା'ନ୍ତି । ଯେହେତୁ ସିଏ ଓ ପୁରାଣି ପ୍ରଣାମ କରିବାର ଶେଷ ବ୍ୟକ୍ତି ହୋଇଥା'ନ୍ତି, ଶ୍ରୀମାଙ୍କୁ ଜୋତା ପିନ୍ଧାଇବାରେ ସାହାଯ୍ୟ କରିବାର ସୌଭାଗ୍ୟ ସେମାନଙ୍କରହିଁ ଥିଲା, ପୁରାଣି ଗୋଟିଏ ଗୋଡ଼ରେ ଏବଂ ଅମଲ ଅନ୍ୟ ଗୋଡ଼ରେ । ତା'ପରେ ଶ୍ରୀମା ଉଠି ପଡ଼ନ୍ତି, ଶିଡ଼ି ଚଢ଼ି ଉପରକୁ ଚାଲି ଯାଆନ୍ତି ଏବଂ ଆମ ଦୃଷ୍ଟିରୁ ଅନ୍ତର୍ଦ୍ଧାନ ହୋଇ ଯାଆନ୍ତି । ...

ଦିନେ ସେ (ଅମଲ) ସର୍ଦ୍ଦିଜ୍ୱରରେ ଆକ୍ରାନ୍ତ ହୋଇଥିଲେ ଏବଂ ତାଙ୍କୁ ଚିକିତ୍ସା କରିବାକୁ ମୋତେ କୁହାଯାଇଥିଲା । ତାହା ହେଉଛି ତାଙ୍କର ନିକଟତର ହେବାର ଦ୍ୱିତୀୟ ପଦକ୍ଷେପ । ... ଡାକ୍ତରୀ ମଣିଷ ହୋଇଥିବାରୁ ଇଂରାଜୀ କବିତା ପଢ଼ିବାର ସୁଯୋଗ ମୋ' ପାଇଁ ବହୁତ କମ୍ ଥିଲା ଏବଂ ତା'ପରେ ଯଦିଓ ଶ୍ରୀଅରବିନ୍ଦଙ୍କ ପ୍ରେରଣାରେ ମୁଁ ଇଂରାଜୀ କବିତା ଲେଖିଥିଲି, କବିତା ଅଧ୍ୟୟନ ପାଇଁ ମୋର ଆଦୌ ସମୟ ନ ଥିଲା ।

ଶ୍ରୀଅରବିନ୍ଦଙ୍କ ତିରୋଧାନ ପରେ ବହୁବର୍ଷ ଧରି ଅମଲଙ୍କ ସହିତ ଇଂରାଜୀ କବିତା ଶ୍ରେଣୀରେ ପଢ଼ିବାଟା ବର୍ତ୍ତମାନ ମୋର ଝାପ୍‌ସା ମନେଅଛି । ମୁଁ ମଧ୍ୟ ଭାବିଲି ଯେ ଏହି ଶ୍ରେଣୀଗୁଡ଼ିକ ମୋତେ ଇଂରାଜୀ ସାହିତ୍ୟ ପଢ଼ାଇବାରେ ସାହାଯ୍ୟ କରିଛି । ଆମେ ବହୁତ କମ୍ ଜଣ ଥିଲୁ ଏବଂ ବହୁତବର୍ଷ ଧରି ଲାଗି ରହିଥିଲୁ । ଶ୍ରେଣୀଟି କୌଣସିମତେ ବୌଦ୍ଧିକ ପ୍ରକାରର ନ ଥିଲା । ଇଂରାଜୀ କବିତା ତା'ର ବୈଚିତ୍ର୍ୟ ଏବଂ ଅସାଧାରଣ ସୌନ୍ଦର୍ଯ୍ୟ ସକାଶେ ବିଖ୍ୟାତ ହୋଇଥିବାରୁ, ଆମେ ଇଂରାଜୀ କବିତା ସାହିତ୍ୟର ସାଧାରଣ ଜ୍ଞାନ ପାଇବା ଉପରେ ଏବଂ ''କବିତାର ହୃଦୟ'' ଭିତରେ ପ୍ରବେଶ କରିବାକୁ ଅଧିକ ଜୋର୍ ଦେଉଥିଲୁ ।

ଅମଲଙ୍କର ନିଜର ଗୋଟିଏ ନୋଟ୍‌ଖାତା ଥିଲା ଯେଉଁଥିରେ ସେ ବିରଳ କବି ଯେଉଁମାନେ କି ଶ୍ରେଣୀପଢ଼ାରୁ ବାଦ୍ ପଡ଼ିଥା'ନ୍ତି, ଉଦାହରଣ ସ୍ୱରୂପ, ଯୁଦ୍ଧକାଳୀନ କବିବୃନ୍ଦ ଏବଂ ସରୋଜିନୀ ନାଇଡୁ, ତରୁ ଦତ୍ତ, ମନୋମୋହନ ଘୋଷଙ୍କ ଭଳି ଆମର ଭାରତୀୟ କବି, ସେମାନଙ୍କର କବିତାଗୁଡ଼ିକୁ ଟିପି ଆଣିଥା'ନ୍ତି । ସେ ଆମମାନଙ୍କ ଭିତରେ ରୂପ, ଗଢ଼ଣ ଓ ତାଳର ସୌନ୍ଦର୍ଯ୍ୟ ଅନୁପ୍ରବିଷ୍ଟ କରାଇବାକୁ ଚେଷ୍ଟା କରୁଥିଲେ । କିନ୍ତୁ ହାୟ, ମୋର ବହୁଳ ଇଂରାଜୀ କବିତା ରଚନା ସତ୍ତ୍ୱେ ବି ଇଂରାଜୀ କବିତାର ଛନ୍ଦଗତ ସୌନ୍ଦର୍ଯ୍ୟ ମୋର ବଙ୍ଗାଳୀ କାନକୁ ବିଦେଶୀ ଥିଲା । ମୋର ଭୟ ହୁଏ ଯେ ଆମର ଭାରତୀୟ କାନଗୁଡ଼ିକ ଏଥିସହ ଅଭ୍ୟସ୍ତ ନୁହନ୍ତି । ... ଯାହା ଆମେ ପ୍ରଶଂସା କରୁଥିଲୁ,

ତାହା ହେଉଛି ତାଙ୍କର କବିତା ପ୍ରତି ଏକ ସହଜାତ ଶ୍ରଦ୍ଧା ଯାହାସକାଶେ ସେ ଆମ ସହ ହେଉ ବା ଛାତ୍ରମାନଙ୍କ ସହ ହେଉ କବିତା ପଢ଼ିବାରେ କ୍ଳାନ୍ତ ହେଉ ନ ଥିଲେ । ମୁଁ ତଥାପି ବିଶ୍ୱାସ କରୁଛି ଯେ କବିତାର ରସ ମୋ' ରକ୍ତ ଭିତରେ ପଶିଯାଇଛି ଯାହାଦ୍ୱାରାକି ମୁଁ ତାଳର ସୂକ୍ଷ୍ମତା ଓ କାବ୍ୟକଳାର ସୂଚନା ବିଷୟରେ ବେଶୀବେଶୀ ସଚେତନ ହେଲି ।

ମୁଁ କହିବା ଦରକାର ନାହିଁ ଯେ ଶ୍ରେଣୀଗୁଡ଼ିକ ହାସ୍ୟରସରେ ଏବଂ କବିମାନଙ୍କ ସମ୍ବନ୍ଧରେ ଥିବା କ୍ଷୁଦ୍ର କ୍ଷୁଦ୍ର ଉପାଖ୍ୟାନରେ ଜୀବନ୍ତ ହୋଇ ଉଠୁଥିଲା । ସେଠାରେ ପୁନରାୟ ତାଙ୍କର ଅଦ୍‌ଭୁତ ସ୍ମରଣ ଶକ୍ତି, — ଯାହାକୁ ସେ ଆଦରରେ କହୁଥିଲେ ଏକ କବିତା-ଭର୍ତ୍ତି ସ୍ମରଣ — ତାହାକୁ ଆମେ ତାଙ୍କର ବିଭିନ୍ନ ବକ୍ତୃତାରେ ବାରଂବାର ଦେଖି ବିସ୍ମିତ ହୋଇଥିଲୁ ।...

ଶ୍ରୀଅରବିନ୍ଦଙ୍କ ଡାହାଣ ଗୋଡ଼ରେ ଆକସ୍ମିକ ଦୁର୍ଘଟଣାର ଅଳ୍ପକିଛି ମାସ ପୂର୍ବରୁ ୧୯୩୮ ମସିହା ଫେବ୍ରୁଆରୀ ମାସରେ ଅମଲ ବମ୍ବେ ଚାଲି ଯାଇଥିଲେ । ସାବିତ୍ରୀ ନେଇ ସିଏ ଶ୍ରୀଅରବିନ୍ଦଙ୍କ ସହ ସମ୍ପର୍କ ସ୍ଥାପନ କରିସାରିଥିଲେ ଏବଂ ତୃତୀୟ ଦଶକର ମଧ୍ୟଭାଗରେ ସେମାନଙ୍କ ମଧ୍ୟରେ କିଛି କିଛି ପତ୍ରାଳାପ ହେଉଥିଲା । ଶ୍ରୀଅରବିନ୍ଦ ଯେତେବେଳେ ଅମଲଙ୍କ ଅନୁପସ୍ଥିତିରେ ଦୁର୍ଘଟଣା ଯୋଗୁଁ ସ୍ଥଗିତ ରହିଥିବା ସାବିତ୍ରୀ ରଚନା ଚାଲୁ ରଖିଲେ, ଅମଲଙ୍କ ଅନୁରୋଧକ୍ରମେ ଶ୍ରୀଅରବିନ୍ଦ ସେହି ଖଣ୍ଡ ରଚନାକୁ ମନ୍ତବ୍ୟ ଦେବା ସକାଶେ ତାଙ୍କ ପାଖକୁ ବମ୍ବେ ପଠାଉ ଥିଲେ । ଏହିପରି ଭାବରେ ସାବିତ୍ରୀ ଉପରେ ପତ୍ରମାଳା ଆରମ୍ଭ ହେଲା ଯାହାକି ବହିର ଶେଷରେ ଯୋଗ କରାଯାଇଛି । ମୁଁ ଅମଲଙ୍କ ଚିଠିଗୁଡ଼ିକ ଶ୍ରୀଅରବିନ୍ଦଙ୍କୁ ପଢ଼ି ଶୁଣାଉଥିଲି ଏବଂ ତାଙ୍କର ମନ୍ତବ୍ୟଗୁଡ଼ିକ ଶୁଣି ଲେଖୁଥିଲି ।

ଏଇଟା ଥିଲା ମୋ ପାଇଁ ଅତୀବ ଚିତ୍ତାକର୍ଷକ ସମୟ ଏବଂ ମୁଁ ଏହି ପତ୍ରବିନିମୟକୁ ଉପଭୋଗ କରୁଥିଲି ଯଦିଓ ସେଗୁଡ଼ିକର ପୂର୍ଣ୍ଣ ସମାଦର ମୋ ଶକ୍ତିର ବାହାରେ ଥିଲା ।... ଯେତିକି ଗୁରୁତ୍ୱ ଦେଇ ଶ୍ରୀଅରବିନ୍ଦ ଅମଲଙ୍କ ମତକୁ ବିଚାର କରୁଥିଲେ, ତାହା ମୋ ମନରେ ଅମଲଙ୍କର କାବ୍ୟଦୃଷ୍ଟିର ଉଚ୍ଚସ୍ତର ପ୍ରତି ପ୍ରଶଂସା ଆଣି ଦେଉଥିଲା ।... ଅମଲଙ୍କର ଦୀର୍ଘଦିନର ଅନୁପସ୍ଥିତିରେ ଏବଂ ତାଙ୍କର ବମ୍ବେରେ ରହଣୀ ସମୟରେ ଯେତେବେଳେ ସେ ଥରକୁ ଥର ଆଶ୍ରମକୁ ଆସୁଥିଲେ, ଶ୍ରୀଅରବିନ୍ଦ ସାବିତ୍ରୀର ସଦ୍ୟରଚିତ ଖଣ୍ଡଗୁଡ଼ିକୁ ତାଙ୍କର ମନ୍ତବ୍ୟ ପାଇଁ ପଠାଉ ଥିଲେ । ଥରେ ତାଙ୍କର ଆପତ୍ତିର ସମ୍ମୁଖୀନ ହୋଇସାରି ଶ୍ରୀଅରବିନ୍ଦ ମୋତେ ପଚାରିଲେ : ''ସିଏ ସନ୍ତୁଷ୍ଟ ହୋଇଛି ତ ?''

ସାବିତ୍ରୀ ରଚନା ଶେଷ ହେବାଯାଏ ପତ୍ରାଳାପ ଏହିପରି ଚାଲିଥିଲା । କାବ୍ୟରସର ଉପଯୁକ୍ତ ଉପଭୋଗ ପାଇଁ ଏହି ପତ୍ରାବଳୀ ବହୁତ ମୂଲ୍ୟବାନ୍ ଏବଂ ତାହାର ଆବଶ୍ୟକତାକୁ ମନା କରାଯାଇ ପାରିବ ନାହିଁ । ...ଏକଦା ଭବିଷ୍ୟତର ରହସ୍ୟ-ବାଦୀ କବିତା ତଥା ସାବିତ୍ରୀର ଲାଳିତ୍ୟକଳା ଓ ଶିଳ୍ପିକ ପ୍ରକୃତି ଉପରେ ସବିଶେଷ କିଛି ବର୍ଣ୍ଣନା ଲେଖିବେ ବୋଲି ଶ୍ରୀଅରବିନ୍ଦ ଚିନ୍ତା କରିଥିଲେ । ଆମେ ଭାବୁ ଯେ ପ୍ରଭୁଙ୍କର ବିଶେଷତଃ ଅମଲଙ୍କ ସହ ଆଲୋକଦାୟୀ ପତ୍ରାଳାପ ଏହି ଆବଶ୍ୟକତାକୁ ଆଂଶିକଭାବେ ସଫଳ କରେ ।

ଶ୍ରୀଅରବିନ୍ଦ ଅମଲଙ୍କୁ ଜଣେ ରାଜନୀତିକ ଚିନ୍ତାଶୀଳ ବ୍ୟକ୍ତି ଏବଂ ଟୀକାକାର କରିଦେଇଥିଲେ । ଅମଲଙ୍କ ସମ୍ପାଦନାରେ ବମ୍ବେରେ ଯେତେବେଳେ 'ମଦର ଇଣ୍ଡିଆ' ଆରମ୍ଭ ହେଲା, ସେ ତାଙ୍କର ସମ୍ପାଦକୀୟଗୁଡ଼ିକୁ ଶ୍ରୀଅରବିନ୍ଦଙ୍କୁ ତନ୍ନତନ୍ନ କରି ଦେଖିବାକୁ ଓ ଅନୁମୋଦନ କରିବାକୁ ପଠାଉ ଥିଲେ । ମୁଁ ସେଗୁଡ଼ିକ ପଢ଼ି ଶ୍ରୀଅରବିନ୍ଦଙ୍କୁ ଶୁଣାଉ ଥିଲି । ଶ୍ରୀମା ଗୋଟିଏ ସମ୍ପାଦକୀୟକୁ ବହୁତ କଡ଼ା ହୋଇଛି ବୋଲି ଦେଖିଲେ ଓ ଶ୍ରୀଅରବିନ୍ଦଙ୍କ ନଜରକୁ ଆଣିଥିଲେ । କିନ୍ତୁ ଶ୍ରୀଅରବିନ୍ଦ ତାକୁ ଅନୁମୋଦନ କରିଥିଲେ । ... ବାରବର୍ଷ ମଧ୍ୟରେ ଯେତେବେଳେ ସବୁ ପତ୍ରାଳାପ ବନ୍ଦ ହୋଇଗଲା, କେବଳ ଦିଲୀପ ଓ ଅମଲଙ୍କୁ ତା'ର ବ୍ୟତିକ୍ରମ କରାଯାଇଥିଲା । ...

ମୁଁ ମନେରଖି ନାହିଁ ଯେ ସେ କେମିତି ଆମ ଶିକ୍ଷାକେନ୍ଦ୍ରରେ ଇଂରାଜୀ କବିତାର ଅଧ୍ୟାପକ ରୂପେ ନିଯୁକ୍ତ ହେଲେ । କିନ୍ତୁ ସିଏ ପଦବୀ ଗ୍ରହଣ କରିବା ପୂର୍ବରୁ ଗୋଟିଏ ସର୍ତ୍ତ ରଖିଥିଲେ : ...''ଏଇଟା ଗୋଟିଏ ଖୋଲା ଶ୍ରେଣୀ ହେବ ଏବଂ ଶିକ୍ଷାକେନ୍ଦ୍ରର ଛାତ୍ରମାନଙ୍କ ଭିତରେ ସୀମିତ ହୋଇ ରହିବ ନାହିଁ; ଆଶ୍ରମବାସୀ, ଦର୍ଶକ ଏବଂ ଅନ୍ୟମାନେ ସେଥିରେ ଯୋଗ ଦେବାକୁ ଅନୁମତି ପାଇବେ ।'' — ଏହା ପ୍ୟାରିସ୍‌ର ସୋର୍ବୋନ୍ ୟୁନିଭର୍‌ସିଟି ଭଳି କିଛି ବୋଲି ମୁଁ ଭାବେ । ସେ ନିର୍ଦ୍ଧାରିତ କୌଣସି ପ୍ରଣାଳୀ ଅନୁସରଣ କରିବା ପରିବର୍ତ୍ତେ ପ୍ରଣାଳୀ ତାଙ୍କୁହିଁ ଅନୁସରଣ କରିବ । ତାଙ୍କର ଅନ୍ତଃପ୍ରେରଣା ଦ୍ୱାରା ପରିଚାଳିତ ହେବାକୁ ସେ ସମ୍ପୂର୍ଣ୍ଣ ମୁକ୍ତ ରହିବେ । ଶ୍ରୀମାଙ୍କୁ ଏହି ସର୍ତ୍ତଗୁଡ଼ିକର ଅନୁମୋଦନ ସକାଶେ ସେ ପଚାରିଥିଲେ । ଶ୍ରୀମାଙ୍କର ସ୍ୱଭାବ ସୁଲଭ ଉତ୍ତର ଥିଲା : ''ତେବେ ମୁଁ ତୋ' ସହିତ ରହିବି ।''

ଶ୍ରୀମା ପ୍ୟାରିସୀୟ ହୋଇଥିବାରୁ ଏହି ପ୍ରଣାଳୀକୁ ଆଦର କରିଥିଲେ, କାରଣ ସେ ନିଜେ ମଧ୍ୟ ପ୍ଲେ-ଗ୍ରାଉଣ୍ଡରେ ତାଙ୍କର ''ଖୋଲାଶ୍ରେଣୀ''ରେ ଏହି ପ୍ରଣାଳୀ ଅନୁସରଣ କରିଥିଲେ । ତାଙ୍କ ନିଜ ପ୍ରଣାଳୀର ଏକ ପ୍ରତିଧ୍ୱନି ଅମଲଙ୍କ କଥାରେ ଦେଖି ସେ ତାଙ୍କର ସ୍ୱୀକୃତି ପ୍ରଦାନ କରିବାକୁ ଖୁସି ହୋଇଥିଲେ । ...

ବରୋଦାରେ ଇଂରାଜୀ କବିତା ଉପରେ ଶ୍ରୀଅରବିନ୍ଦଙ୍କ ବକ୍ତୃତାଗୁଡ଼ିକର ସେହି ଯାଦୁ ଥିବାର ଜଣାଯାଇଛି, ଅନ୍ୟ କଲେଜରୁ ଛାତ୍ରମାନେ ତାଙ୍କୁ ଶୁଣିବା ପାଇଁ ଚାଲି ଆସି ଏକଜୁଟ ହେଉଥିଲେ । ... ଅମଲଙ୍କ ବକ୍ତୃତାବେଳେ କୋଠରିଟି ହସରୋଳରେ ଫାଟି ଉଠୁଥିଲା – ଏମିତିକି ଅନ୍ୟଶ୍ରେଣୀରେ ବ୍ୟାଘାତ ଘଟାଉଥିବାର ମୋଡ଼ ନେଉଥିଲା । ... ତାଙ୍କର ଏହି କଥାଗୁଡ଼ିକରେ ଥରେ ଆଖି ପକାଇଲେ ଜଣେ ଅଭିଭୂତ ହୋଇ ଏହାକୁ ଆଦର କରିବ ଯେ ଅମଲ କେତେଦୂର ଶ୍ରୀଅରବିନ୍ଦଙ୍କ ଜ୍ଞାନକୁ ଆୟତ୍ତୀକରଣ କରିଛନ୍ତି ଏବଂ ତାହାକୁ ସୃଜନଶୀଳତାରେ ବ୍ୟବହାର କରିଛନ୍ତି । ଉଦାହରଣ ସ୍ୱରୂପ ଓଭରଟୋନ, ଅଣ୍ଡରଟୋନ୍, କବିତାର ବିଭିନ୍ନ ସ୍ତର, ଫରାସୀ ପ୍ରତୀକବାଦୀ ମାଲାର୍ମେଙ୍କ ନବୀନୀକୃତ କବିତା, ଊର୍ଦ୍ଧ୍ୱମାନସ କବିତା, ମନ୍ତ୍ର ଇତ୍ୟାଦି । ଏହିସବୁ ଲକ୍ଷଣଗୁଡ଼ିକ ଆମର କଳ୍ପନାକୁ ଚହଲେଇ ଦିଏ । ... କୌଣସି ସଚ୍ଚା କବିତାପ୍ରେମୀ ଅମଲଙ୍କର 'ଟକ୍ସ୍ ଅନ୍ ପୋଏଟ୍ରି''କୁ ଏକ ଅସାଧାରଣ ବହି ଭାବେ ସ୍ୱୀକାର କରିବ । ଏକ ବର୍ଷର ଏହି ବକ୍ତବ୍ୟଗୁଡ଼ିକ କୌଣସି ବହିଖାତାର ବିନା ପରାମର୍ଶରେ ଦିଆଯାଇଥିଲା । ଆମେ ସେହିପରି ଏକ ଘଟଣା ବିଷୟରେ ଜାଣିଛୁ ଯେତେବେଳେ ସିଏ ସେକ୍ସପିଅରଙ୍କ ଚତୁର୍ଥ ଶତବାର୍ଷିକୀରେ ଆଭୋନ୍‌ର କବିଙ୍କ ଉପରେ ତାଙ୍କର ବକ୍ତବ୍ୟ ପରିବେଷଣ କରିବାକୁ ଆନାମଲାଇ ୟୁନିଭର୍ସିଟିକୁ ନିମନ୍ତ୍ରିତ ହୋଇଥିଲେ । ସେଗୁଡ଼ିକ ପାଣ୍ଡିତ୍ୟପୂର୍ଣ୍ଣ ବକ୍ତବ୍ୟର ଉପସ୍ଥାପନ ନୁହେଁ, କିନ୍ତୁ ହାସ୍ୟରସର ମୁକ୍ତ ବଣ୍ଟନ ସହିତ ମିଶି ତାହା କବିତାକୁ ବାସ୍ତବରେ ଏକ ରସ କରିଦେଇଥାଏ ।

ମୁଁ ଦୁଇଜଣ ବିଖ୍ୟାତ ଇଂରାଜୀ କବିଙ୍କୁ ନେବି ଯାହାଙ୍କ ଉପରେ ଇଂରାଜୀ ସମାଲୋଚକମାନେ ଏକପ୍ରକାର ମତ ଦେଇଛନ୍ତି ଏବଂ ସେମାନଙ୍କର ମତ ସତ୍ୟରୂପେ ଆଦୃତ ହୋଇଛି । ଅମଲ, କେବଳ ଜଣେହିଁ ଭାରତୀୟ ସେମାନଙ୍କର ଶେଷ ସିଦ୍ଧାନ୍ତକୁ ଭୁଲ୍ ବୋଲି ପ୍ରମାଣିତ କରିଛନ୍ତି । ୱାଡ୍ସ୍‌ୱାର୍ଥଙ୍କର ଗୋଟିଏ କବିତା, ଅନ୍ୟଟି ବ୍ଲେକ୍‌ଙ୍କର । ୱାଡ୍ସ୍‌ୱାର୍ଥଙ୍କ କବିତାର ଆରମ୍ଭ – 'A slumber did my spirit seal' ସମାଲୋଚକମାନଙ୍କ ମତରେ ହେଉଛି 'ଲୁସି କବିତାମାଳା'ର ଅନ୍ତର୍ଗତ । ଶ୍ରୀଅରବିନ୍ଦ ହେଉଛନ୍ତି ପ୍ରଥମ ସମାଲୋଚକ ଯିଏକି ତାଙ୍କ 'ଯୋଗ ସମନ୍ୱୟ'ରେ କବିତାଟିକୁ ୱାଡ୍ସ୍‌ୱାର୍ଥଙ୍କର ଗୂଢ଼ ରହସ୍ୟମୟ ଅଭିଜ୍ଞତା ବୋଲି ବର୍ଣ୍ଣନା କରିଥିବାର ଉଲ୍ଲେଖ ଅଛି; କିନ୍ତୁ ସେ ତାହାକୁ ବିଶ୍ଳେଷଣ ନ କରି ଛାଡ଼ି ଦେଇଛନ୍ତି । ଶ୍ରୀଅରବିନ୍ଦଙ୍କ ଶେଷ ସିଦ୍ଧାନ୍ତକୁ ଅମଲ ଗ୍ରହଣ କରିଛନ୍ତି ଏବଂ ୱାଡ୍ସ୍‌ୱାର୍ଥଙ୍କ କବିତାର ଗଭୀର ଏବଂ ବିସ୍ତୃତ ଅଧ୍ୟୟନ ପରେ ତାହାର ସତ୍ୟତା ପ୍ରମାଣ କରିଛନ୍ତି । ... ଅନ୍ୟ କବିତାଟି ହେଉଛି ବ୍ଲେକ୍‌ଙ୍କର ସର୍ବାଧିକ ଶକ୍ତିଶାଳୀ ଗୀତିକବିତା, 'ଦି ଟାଇଗର୍' ...କୌଣସି ସମାଲୋଚକ ମତଦେଇ ନାହାନ୍ତି ଯେ 'ଟାଇଗର' ଖ୍ରୀଷ୍ଟଙ୍କୁ ଉଲ୍ଲେଖ କରାଯାଇଛି । ... ଏଠାରେ ମଧ୍ୟ ଅମଲଙ୍କର ପ୍ରଗାଢ଼ ଗବେଷଣା ଏହି ସାଯୁଜ୍ୟକୁ ପ୍ରମାଣିତ କଲା ।

ଏହି କବିତା ଉପରେ ଗୋଟିଏ ବହୁତ ଦୀର୍ଘ ତର୍କବିତର୍କ ଚାଲିଥିଲା ଇଉରୋପର ବ୍ଲେକ୍ ସାହିତ୍ୟ ପାରଦର୍ଶୀ କାଥଲିନ୍ ରେନ୍‌ଙ୍କ ସହିତ । ଯୁକ୍ତି ଓ ପ୍ରତିଯୁକ୍ତି ଯାହା ଉଭୟଙ୍କ ମଧ୍ୟରେ ଚାଲିଥିଲା, ତାହା ଆକର୍ଷଣୀୟ ଭାବେ ବିଖ୍ୟାତ । ପରିଶେଷରେ କୁମାରୀ ରେନ୍ ଅମଲଙ୍କ ବହି ପଢ଼ି ଉଦାର ଭାବେ ଲେଖିଲେ ଯେ, ''ମୁଁ ତୁମର ବିଜୟକୁ ସ୍ୱୀକାର କରୁଛି''ଏବଂ ଅକାଟ୍ୟ-ଭାବେ ତାଙ୍କର ଯୁକ୍ତିଗୁଡ଼ିକୁ ଯଥାବିଧାନରେ ଉପସ୍ଥାପନ କରିପାରିବାର ଶକ୍ତିକୁ ଅଭିନନ୍ଦନ ଜଣାଇଥିଲେ । ... ଏଇଟା ନୁହେଁ ଯେ ତୁଛାରେ ଖାଲି ଶ୍ରୀଅରବିନ୍ଦ ତାଙ୍କର ମହାକାବ୍ୟ ସାବିତ୍ରୀ ଉପରେ ଅମଲଙ୍କର ମତାମତକୁ ଆମନ୍ତ୍ରଣ କରିଥିଲେ । ଶ୍ରୀମା ଥରେ ଅମଲଙ୍କୁ କହିଥିଲେ : ''ଶ୍ରୀଅରବିନ୍ଦ ଓ ମୁଁ ତୋର ମନ ବିଷୟରେ କ'ଣ ଚିନ୍ତା କରୁ ଯଦି ମୁଁ କହିଦେବି ତାହେଲେ ତୁ ଫୁଲିଉଠିବୁ ।''...

ଆମେ ବହୁତ ଭାଗ୍ୟବାନ୍ ଯେ ବାସ୍ତବିକ ଆମର ଦୁଇଜଣ ବ୍ୟକ୍ତି ଅଛନ୍ତି ଯାହାଙ୍କର ବୌଦ୍ଧିକ କୃତିଗୁଡ଼ିକ ଆମ ପାଇଁ ଏକ ଆଶ୍ଚର୍ଯ୍ୟର ବସ୍ତୁ ହୋଇଛି । ... ଅମଲ ହେଉଛନ୍ତି ଜଣେ ଏବଂ ଅନ୍ୟଜଣକ ହେଉଛନ୍ତି ନଳିନୀକାନ୍ତ ଗୁପ୍ତ । ସେମାନେ 'କ' ରୁ 'କ୍ଷ' ଯାଏ ବିଭିନ୍ନ ବିଷୟରେ ବହି ଲେଖିଛନ୍ତି ।

ଜଣେ ବିସ୍ମିତ ହୁଏ ଯେ ଗୋଟିଏ ଜୀବନରେ ସେମାନେ କେମିତି ଏପରି ଅଲୌକିକତା ହାସଲ କଲେ । ଏହି ପ୍ରଶ୍ନଟି ମୋ ମନରେ ସବୁବେଳେ ସର୍ବାଗ୍ର ହୋଇ ରହି ଆସିଛି ଏବଂ ଏହାର ଉତ୍ତର ଖୋଜୁଛି । ଜଣେ କ'ଣ କହିବ ଯେ ଏପରି

ଶକ୍ତିଗୁଡ଼ିକ ତାଙ୍କ ଚେତନାରେ ଲୁକ୍କାୟିତ ଥିଲା ଏବଂ ଅନୁକୂଳ ଅବସ୍ଥାରେ ଅଭିବ୍ୟକ୍ତ ହେଲା ? ଆମେ ଜାଣୁ ଯେ ଉଭୟେ ବୌଦ୍ଧିକ ଭାବେ ଗୋଟିଏ ସ୍ତରରେ ବରିଷ୍ଠ । ଏପରି ବହୁତ ପ୍ରତିଭାବାନ୍ ବ୍ୟକ୍ତି ପୃଥିବୀରେ ଅଛନ୍ତି କିନ୍ତୁ ବହୁବିଧ ଭାବରେ ନାହାନ୍ତି । ...

ଆମେ ଜାଣୁ ଯେ ପ୍ରଭୁଙ୍କର ଯୋଗଶକ୍ତିରେ ଅମଲ ଅନୁପ୍ରାଣିତ ହୋଇଛନ୍ତି, ବିଶେଷତଃ କବିତାରେ, ଏବଂ ଯେହେତୁ ସିଏ ଜଣେ ସାଧକ, ପ୍ରଭୁଙ୍କର ଶକ୍ତି ତାଙ୍କର ଅସାଧାରଣ ମନ ଏବଂ ତାଙ୍କର ଅବିଚଳ ବିଶ୍ୱାସ ଉପରେ କାମ କରିପାରିଛି ଏବଂ ଏପରି ଅଦ୍ୱିତୀୟ ଫଳାଫଳ ହାସଲ କରିବାକୁ ସେଗୁଡ଼ିକୁ ଯନ୍ତ୍ର ଭାବେ ନିୟୋଜିତ କରିଛି । ତାଙ୍କର ଦୃଢ଼ ସଂକଳ୍ପ ଶକ୍ତିର ଏକ ଉଦାହରଣ : ପୂର୍ବେ ଲୋକମାନେ ପ୍ରଥମ ଶିଢ଼ି ବାଟେ ଶ୍ରୀମାଙ୍କ ପାଖକୁ ପ୍ରଣାମ କରିବାକୁ ଯାଉଥିଲେ । ଦିନେ ଅମଲ ଓ 'କ' ଶ୍ରୀମାଙ୍କ କବାଟ ଖୋଲିବାକୁ ଅପେକ୍ଷା କରିଥିଲେ । ଯେମିତି ସେ କବାଟ ଖୋଲିଲେ, 'କ'ଙ୍କୁ ଦେଖିଲେ ଏବଂ ତାଙ୍କୁ ଭିତରକୁ ନେଇଯାଇ କବାଟ ବନ୍ଦ କରିଦେଲେ । ସେ (ଶ୍ରୀମା) ଅମଲଙ୍କୁ ଟିକିଏ ବି ଅନେଇବାକୁ ଭ୍ରୂକ୍ଷେପ କରି ନ ଥିଲେ । ଏଇଟା ଅମଲଙ୍କ ଭିତରେ ପ୍ରଚଣ୍ଡ ଅସୂୟା ଅନୁଭବ କରାଇଥିଲା । ସେ ତଳକୁ ଅନାଇଲେ ଏବଂ ଦେଖିଲେ ଯେ ଗୋଟିଏ ପ୍ରକାଣ୍ଡ ନର୍କ ଯେମିତି ତାଙ୍କୁ ପୂରା ଗିଳି ପକାଇବ । ଅସୂୟାର ଗୁଣଧର୍ମ ଏବଂ ଅସୂୟା କ'ଣ, ସେ ତତ୍‌କ୍ଷଣାତ୍ ଉପଲବ୍ଧି କଲେ । ସେତେବେଳେ ଏବଂ ସେଠାରେହିଁ ସେ ସଂକଳ୍ପ ନେଲେ ଏଥିରୁ ସମ୍ପୂର୍ଣ୍ଣ ମୁକ୍ତ ହେବା ପାଇଁ ଏବଂ ସେ ଏଥିରେ କୃତକାର୍ଯ୍ୟ ହେଲେ ।...

(''Amal-Kiran, Poet and Critic'' ପୁସ୍ତକର, ପୃ. ୨୯୭ - ୩୧୯ରୁ ସଂଗୃହୀତ ଓ ଅନୂଦିତ ।)

ଅନୁବାଦ : ଆଶାଲତା ଦାଶ ✤

କାମ କରିବା ଏତେ ସହଜ କଥା ନୁହେଁ । ଭାବ ନାହିଁ ଯେ ଯେନତେନ-ପ୍ରକାରେଣ ବାହ୍ୟତଃ କର୍ମଟିକୁ ଶେଷ କରିଦେବା ହେଉଛି କର୍ମର ଯଥାର୍ଥ ଆଚରଣ । ସାଧାରଣଭାବେ 'ସାଧନା' କହିଲେ ଯାହା ବୁଝାଯାଏ, ତା' ଅପେକ୍ଷା କର୍ମ କରିବା ଅନେକ ଅଧିକ କଷ୍ଟସାଧ୍ୟ । ଧ୍ୟାନରେ ତୁମର ଚେତନା ଉଚ୍ଚକୁ ଉଠିଯାଏ ଏବଂ ସେଠାରେ ଏକ ଆଲୋକ ଓ ଶାନ୍ତିର ଅବସ୍ଥା ଭିତରେ ରହେ । କିନ୍ତୁ ଯଥାର୍ଥ କର୍ମରେ ତୁମକୁ ତାହା ମଧ୍ୟ କରିବାକୁ ହେବ ଏବଂ ତହିଁ ସଙ୍ଗେ ସଙ୍ଗେ ତା' ଅପେକ୍ଷା ଅନେକ ଅଧିକ କିଛି କରିବାକୁ ହେବ । ଜଣେ ଯୋଗୀକୁ ଯାହା କରିବାକୁ ହୁଏ ତୁମକୁ ସେସବୁ କରିବାକୁ ହେବ, ତୁମକୁ ସର୍ବୋଚ୍ଚ ଶିଖରରେ ପହଞ୍ଚିବାକୁ ହେବ ଏବଂ ସେହି ଚେତନା, ଆଲୋକ ଓ ଶାନ୍ତିକୁ ଓହ୍ଲାଇ ଆଣି ସେଗୁଡ଼ିକୁ ତୁମର ଦୈନନ୍ଦିନ କର୍ମରେ ଅଭିବ୍ୟକ୍ତ କରିବାକୁ ହେବ । ତୁମ ପାଇଁ କୌଣସି କର୍ମ ତାତ୍ପର୍ଯ୍ୟହୀନ ବା ନଗଣ୍ୟ ନୁହେଁ ।

*

ତୁମ କର୍ମରେ ଶୃଙ୍ଖଳା ଓ ସୁସଂଗତି ରହିବା ଉଚିତ । ଯଦି ତୁମ କର୍ମରେ ଏପରିକି ସାମାନ୍ୟତମ ଅସଂଗତି, ବିଶୃଙ୍ଖଳା ଏବଂ ବିଭ୍ରାନ୍ତି ଦେଖାଦିଏ, ତାହା ହେଲେ ମହାସରସ୍ୱତୀ ତୁମ କାର୍ଯ୍ୟରେ ଆଦୌ ସନ୍ତୁଷ୍ଟ ହୋଇ ପାରିବେ ନାହିଁ । ଏପରିକି ଆପାତତଃ ଯାହା ନଗଣ୍ୟ ଜିନିଷ ବୋଲି ମନେ ହୁଏ, ତାହାକୁ ତ୍ରୁଟିହୀନ ପୂର୍ଣ୍ଣତା ସହ ପରିଚ୍ଛନ୍ନତା, ସୌନ୍ଦର୍ଯ୍ୟ, ସଂଗତି ଓ ଶୃଙ୍ଖଳାର ବୋଧ ନେଇ ସମ୍ପନ୍ନ କରିବାକୁ ହେବ । ଉଦାହରଣ ସ୍ୱରୂପ ଏପରିକି ଯେତେବେଳେ ଘରଟିଏ ଓଳାଉ ଥାଅ ତୁମେ ତାହାକୁ ପ୍ରଥମ ଶ୍ରେଣୀର ଅସ୍ତ୍ରପୋଚାର ଗୃହ ପରି ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଚେଷ୍ଟା କରିବା ଉଚିତ ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା ୧୬୭ - ୬୮) — ଶ୍ରୀମା

ସାଧନା-ପରମ୍ପରା

# ନିତ୍ୟ ବୃନ୍ଦାବନ

## (୧)

[ବୈଷ୍ଣବ ପରମ୍ପରାରେ ଶ୍ରୀକୃଷ୍ଣଙ୍କ ଲୀଳାସ୍ଥଳୀ ବୃନ୍ଦାବନ ଏକ ନିତ୍ୟଧାମ । ଚେତନାର ଊର୍ଦ୍ଧ୍ୱସ୍ତରରେ, ହୁଏତ ଆମ ପରିଭାଷାରେ ଅଧିମାନସ ସ୍ତରରେ, ଶ୍ରୀକୃଷ୍ଣଙ୍କର ଯେଉଁ ଦିବ୍ୟପ୍ରେମର ଲୀଳା ନିତ୍ୟ ନିରନ୍ତର ଚାଲିଛି, ସେସମ୍ପର୍କରେ ବୈକୁଣ୍ଠ ଓ ଗୋଲୋକ ପରି ବୃନ୍ଦାବନକୁ ମଧ୍ୟ ବୈଷ୍ଣବ ଗ୍ରନ୍ଥ ଓ ପୁରାଣମାନଙ୍କରେ ଏକ ଗୂଢ଼ ରହସ୍ୟମୟ ଲୀଳାସ୍ଥଳୀ ରୂପେ ବର୍ଣ୍ଣନା କରାଯାଇଛି । ଏପରିକି ଶ୍ରୀଅରବିନ୍ଦ ମଧ୍ୟ ଜଣେ ସାଧକଙ୍କୁ ତାଙ୍କ ପତ୍ରରେ ଲେଖିଥିଲେ ଊର୍ଦ୍ଧ୍ୱତର ସୂକ୍ଷ୍ମ ଚେତନା ନେଇ ଆଜି ମଧ୍ୟ ଯଦି କେହି ସେହି ନିତ୍ୟ ବୃନ୍ଦାବନରେ ପ୍ରବେଶାଧିକାର ଲାଭ କରେ, ତେବେ ସେ ଶ୍ରୀକୃଷ୍ଣଙ୍କର ସେହି ଲୀଳା ପ୍ରତ୍ୟକ୍ଷ କରିପାରିବ ଓ ତାଙ୍କର ବଂଶୀଧ୍ୱନି ଶୁଣି ପାରିବ ।

ଏଠାରେ ମହାମହୋପାଧ୍ୟାୟ ଡକ୍ଟର ଗୋପୀନାଥ କବିରାଜ, ପଦ୍ମବିଭୂଷଣଙ୍କ ଲିଖିତ 'ଶ୍ରୀକୃଷ୍ଣ ପ୍ରସଙ୍ଗ' (ପ୍ରାଚୀ ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ) ପୁସ୍ତକରୁ କିଛି ଅଂଶ ପ୍ରଦତ୍ତ ହେଲା । ଉଲ୍ଲେଖଯୋଗ୍ୟ ଯେ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କର ଚାରିଶକ୍ତି ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀଙ୍କ ବିଷୟରେ କହିବା ସାଙ୍ଗକୁ ଶ୍ରୀକୃଷ୍ଣଙ୍କ ଚାରିଶକ୍ତି ବାସୁଦେବ, ବଳରାମ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧଙ୍କ ବିଷୟରେ ମଧ୍ୟ କହିଛନ୍ତି । ନିମ୍ନୋକ୍ତ ଆଲୋଚନାରେ ଶ୍ରୀକୃଷ୍ଣଙ୍କର ଏହି ଚାରିଶକ୍ତି ସମ୍ପର୍କରେ କିଛି ସୂଚନା ଦିଆଯାଇଛି । — ସଂପାଦକ]

ପୁରାଣରେ ରହିଛି ଯେ ବୃନ୍ଦାବନର ଅଦ୍ଭୁତ ରହସ୍ୟ ସମ୍ବନ୍ଧରେ ତ୍ରୈଲୋକ୍ୟ ମଧ୍ୟରେ କେହି ବି ପରିଜ୍ଞାତ ନୁହନ୍ତି । ପଦ୍ମପୁରାଣରେ ଶ୍ରୀବୃନ୍ଦାବନର ଯେଉଁପରି ବର୍ଣ୍ଣନା ରହିଛି ତାହା ପ୍ରାୟ ବ୍ରହ୍ମ ସଂହିତାର ଅନୁରୂପ । ଏଥିରେ ସ୍ପଷ୍ଟ ଲିଖିତ ଅଛି ଯେ ଏହି ସ୍ଥଳ ପୂର୍ଣ୍ଣାନନ୍ଦ ରସର ଆଶ୍ରୟ । ଏହାର ଭୂମି ଚିନ୍ତାମଣି ସ୍ୱରୂପ, ଜଳ ଅମୃତ ରସପୂର୍ଣ୍ଣ, କୈଶୋର ଏକମାତ୍ର ବୟସ, ପୁରୁଷ ମାତ୍ରେହିଁ ବିଷ୍ଣୁ ଏବଂ ସ୍ତ୍ରୀ ମାତ୍ରେହିଁ ଲକ୍ଷ୍ମୀ । ଏଠାରେ ସକଳ ବିଗ୍ରହ ନିତ୍ୟ ଓ ଆନନ୍ଦମୟ ଏବଂ ସକଳେହିଁ ହାସ୍ୟମୁଖ । ଦୁଃଖ, ଜରା, ମୃତ୍ୟୁ, କ୍ରୋଧ, ମାତ୍ସର୍ଯ୍ୟ, ଭେଦଜ୍ଞାନ, ଅହଙ୍କାର ଏହି ସ୍ଥାନରୁ ଚିର ନିର୍ବାସିତ । ଏହି ସ୍ଥାନରେ କୋକିଳ ଓ ଭ୍ରମରଗଣଙ୍କ ଗୁଞ୍ଜନ, ଶୁକପକ୍ଷୀର ଗାନ, ମୟୂରର ନୃତ୍ୟ, ନାନା ପ୍ରକାର ପୁଷ୍ପ ସୌରଭ, ମଧୁର ସମୀରଣ, ପୁଷ୍ପରେଣୁର ବିକିରଣ, ସର୍ବଦା ପୂର୍ଣ୍ଣଚନ୍ଦ୍ରର ଉଦୟ ବିଶେଷ ଭାବରେ ଲୀଳାଭୂମିର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ପ୍ରକାଶ କରିଥାଏ । ଏଠାରେ ବୃକ୍ଷାଦିର ଅଙ୍ଗରେ ମଧ୍ୟ ପୁଲକ ସଂଚାର ହୁଏ ଏବଂ ପ୍ରେମ ଓ ଆନନ୍ଦର ଅଶ୍ରୁବର୍ଷଣ ଦୃଷ୍ଟ ହୁଏ । ଏହା ଅତି ଗୁପ୍ତ ସ୍ଥାନ । ଅଷ୍ଟକୋଣାତ୍ମକ ଯୋଗପୀଠ ମାଣିକ୍ୟ ରତ୍ନମୟ ସିଂହାସନ, ତନ୍ମଧ୍ୟରେ ଅଷ୍ଟଦଳ କମଳ ଏବଂ କମଳର କର୍ଣିକାରେ ପରମ ସ୍ଥାନ । ଏହା ଗୁଣାତୀତ ମହାଧାମ ।

ଯେଉଁ ସିଂହାସନରେ ରାଧାଗୋବିନ୍ଦ ଉପବିଷ୍ଟ, ତାହାର ବାହ୍ୟ ପ୍ରଦେଶରେ ଯୋଗପୀଠ ଓ ଲଳିତାଦି ସଖୀମାନଙ୍କର ଅବସ୍ଥାନ । ପଶ୍ଚିମରେ ଲଳିତା, ବାୟୁ କୋଣରେ ଶ୍ୟାମଳା, ଉତ୍ତରରେ ଧନ୍ୟା, ଈଶାନ କୋଣରେ ହରିପ୍ରିୟା, ପୂର୍ବରେ ବିଶାଖା, ଅଗ୍ନିକୋଣରେ ଶୈବ୍ୟା, ଦକ୍ଷିଣରେ ପଦ୍ମା ଏବଂ ନୈର୍ଋତରେ ଭଦ୍ରା ପ୍ରତିଷ୍ଠିତା । ରାଧିକା ମୂଳା ପ୍ରକୃତି, ଲଳିତାଦି ତାଙ୍କର ଅଂଶ ସ୍ୱରୂପ ।

ଯୋଗପୀଠର କେଶରର ଅଗ୍ରଭାଗରେ ଚନ୍ଦ୍ରାବଳୀଙ୍କ ସ୍ଥାନ । ଚନ୍ଦ୍ରାବତୀ, ଚନ୍ଦ୍ରାବଳୀ, ଚିତ୍ରଲେଖା, ଚନ୍ଦ୍ରା, ମଦନ ସୁନ୍ଦରୀ, କୃଷ୍ଣପ୍ରିୟା, ମଧୁମତୀ ଓ ଚନ୍ଦ୍ରରେଖା — ଏହି ଆଠଟି ପ୍ରକୃତି ଓ ପୂର୍ବ ବର୍ଣ୍ଣିତ ଅଷ୍ଟସଖୀ ପରସ୍ପର ସହିତ ମିଳିତ ହୋଇ ଷୋଡ଼ଶ ପ୍ରକୃତିର ବିକାଶ କରନ୍ତି । ଏହି ସକଳ ପ୍ରକୃତିର ଅଗ୍ରଭାଗରେ ସହସ୍ର ସହସ୍ର କିଶୋରୀ ଗୋପକନ୍ୟା ବିରାଜ କରୁଛନ୍ତି । ସେମାନଙ୍କର ଦକ୍ଷିଣାଂଶରେ ଶ୍ରୁତି କନ୍ୟାଗଣ ଓ ବାମାଂଶରେ ଦେବକନ୍ୟାଗଣ ଦିବ୍ୟାଳଙ୍କାରରେ ବିଭୂଷିତା ହୋଇ ସଙ୍ଗୀତ ଆଦି ଦ୍ୱାରା ଲୀଳାରସର ପୁଷ୍ଟିସାଧନ କରୁଛନ୍ତି ।

ଏହି ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ମନ୍ଦିରର ଅନ୍ତରଙ୍ଗ ଭାଗ ବୁଝିବାକୁ ହେବ । ମନ୍ଦିରର ବାହ୍ୟ ପ୍ରଦେଶରେ ପ୍ରିୟ ସଖାଗଣ ଅବସ୍ଥାନ କରନ୍ତି । ଏ ସମସ୍ତଙ୍କର ବୟସ, ବେଶ, ବଳ, ପୌରୁଷ, ଗୁଣ, କର୍ମ, ଭୂଷଣ ଓ ବେଣୁବାଦନ ଶ୍ରୀକୃଷ୍ଣଙ୍କରହିଁ ଅନୁରୂପ । ମନ୍ଦିରର ବାହାର ପଶ୍ଚିମ ଦ୍ୱାରରେ ଶ୍ରୀଦାମ, ଉତ୍ତର

ଦ୍ୱାରରେ ବସୁଦାମ, ପୂର୍ବଦ୍ୱାରରେ ସୁଦାମ ଓ ଦକ୍ଷିଣ ଦ୍ୱାରରେ କିଙ୍କିଣୀଙ୍କର ଅବସ୍ଥାନ । ଏହାର ବାହାରେ ସୁବର୍ଣ୍ଣମୟ ମନ୍ଦିର, ପ୍ରତି ମନ୍ଦିରରେ ସ୍ୱର୍ଣ୍ଣବେଦୀ ଏବଂ ତା' ଉପରେ ସୁବର୍ଣ୍ଣମୟ ପୀଠ । ଏହି ପୀଠରେ ସ୍ୱର୍ଣ୍ଣାଳଙ୍କାର ଭୂଷିତ ଗୋପାଳ ମୂର୍ତ୍ତି ବିରାଜିତ । ଚାରି ଦିଗରେ ଏହିପରି ଅସଂଖ୍ୟ ଗୋପାଳ ମୂର୍ତ୍ତି ବିରାଜ କରୁଛନ୍ତି । କାହାର ନାମ ସ୍ତୋକକୃଷ୍ଣ, କାହାର ନାମ ଅଂଶୁ ଭଦ୍ର ଇତ୍ୟାଦି । ସମସ୍ତଙ୍କ ହାତରେ ଶୃଙ୍ଗ, ବୀଣା ଓ ବେତ୍ର । ବୟସ, ବେଶ, ଆକାର ଓ ସ୍ୱର ସମସ୍ତଙ୍କର ଏକ ପ୍ରକାର । ଏହି ସକଳ ଗୋପାଳଙ୍କର ଚତୁର୍ଦ୍ଦିଗରେ କ୍ଷୀର ସ୍ରାବୀ ଧେନୁସକଳ ବିରାଜ କରୁଛନ୍ତି । ଗୋପାଳ ମଣ୍ଡଳର ବାହାରେ କୋଟି ସୂର୍ଯ୍ୟଙ୍କ ପ୍ରଭା ନେଇ ଉଜ୍ଜ୍ୱଳ ସୁବର୍ଣ୍ଣ ପ୍ରାଚୀର । ଏହି ପ୍ରାଚୀରର ଚାରିଦିଗରେ ଚାରିଟି ମହାବନ । ପଶ୍ଚିମ ଦିଗର ବନ ମହୋଦ୍ୟାନ ନାମରେ ପ୍ରସିଦ୍ଧ । ଏହା ପାରିଜାତ ବୃକ୍ଷର ବନ । ପାରିଜାତ ବୃକ୍ଷର ତଳେ ରହିଛି ଏକ ସ୍ୱର୍ଣ୍ଣ ମନ୍ଦିର ଓ ତହିଁରେ ସୁବର୍ଣ୍ଣମୟ ପୀଠ । ଏହି ପୀଠର ଉପରେ ଦିବ୍ୟ ସିଂହାସନରେ ଚତୁର୍ଭୁଜ ବାସୁଦେବ ମୂର୍ତ୍ତି ବିରାଜ କରୁଛନ୍ତି । ତାଙ୍କର ଅଷ୍ଟମହିଷୀ ଅର୍ଥାତ୍ – ରୁକ୍ମିଣୀ, ସତ୍ୟଭାମା, ସୁଲକ୍ଷଣା, ନାଗ୍ନଜତୀ, ମିତ୍ରବୃନ୍ଦା, ଅନୁବୃନ୍ଦା, ସୁନନ୍ଦା ଓ ଜାମ୍ବବତୀ ବେଷ୍ଟିତ ହୋଇ ରହିଛନ୍ତି ଉଦ୍ଧବାଦି ଭକ୍ତଗଣଙ୍କ ଦ୍ୱାରା । ଉତ୍ତର ଦିଗର ମହାବନ ହରିଚନ୍ଦନ ବୃକ୍ଷର । ଏହା ମଧ୍ୟରେ ପୂର୍ବବତ୍ ମନ୍ଦିର ଓ ସିଂହାସନରେ ଶଙ୍କର୍ଷଣ ବା ବଳରାମ ରେବତୀଙ୍କ ସହ ବିରାଜମାନ । ସେ ନୀଳାମ୍ବରଧାରୀ ଓ ମଧୁପାନରେ ମତ୍ତ । ଦକ୍ଷିଣ ଦିଗର ନିକୁଞ୍ଜବନରେ ସନ୍ତାନକ ବୃକ୍ଷତଳେ ପ୍ରଦ୍ୟୁମ୍ନ (କାମଦେବ ଓ ରତି) ବିରାଜମାନ । ପୂର୍ବ ଦିଗର ସୁରତରୁ ମୂଳରେ ଅନିରୁଦ୍ଧ ଓ ଉଷା ପୂର୍ବପରି ମନ୍ଦିର ଓ ସିଂହାସନରେ ବିରାଜିତ । ଏହି ଚାରିଟି ଚତୁର୍ବ୍ୟୂହ ନାମରେ ପ୍ରସିଦ୍ଧ । ଉର୍ଦ୍ଧ୍ୱଦିଗରେ ଆକାଶ ମଣ୍ଡଳରେ କିରୀଟ ଓ କୁଣ୍ଡଳଧାରୀ ଚିନ୍ମୟ ବିଷ୍ଣୁ ବିଗ୍ରହ ପରିଦୃଷ୍ଟ ହୁଏ । ଏହା ନିଷ୍କାମ ଭକ୍ତମାନଙ୍କର ସ୍ଥାନ । ଭଗବାନଙ୍କ ବାମ ଦେଶରେ ଯକ୍ଷ, ଗନ୍ଧର୍ବ, ସିଦ୍ଧ ଓ କିନ୍ନର ସକଳ ନିଜ ନିଜର ସ୍ଥାନରେ ଅବସ୍ଥାନ କରୁଛନ୍ତି ଓ ଅପ୍ସରାଗଣ ନୃତ୍ୟ କରୁଛନ୍ତି । ଅଗ୍ରଭାଗରେ ପ୍ରହ୍ଲାଦ, ନାରଦ, ଶୁକଦେବ, ସନତ୍ କୁମାର ପ୍ରମୁଖ ଭକ୍ତଗଣ ଅବସ୍ଥାନ କରୁଛନ୍ତି । ଏହାର ବହିର୍ଦ୍ଦେଶରେ ଉଚ୍ଚ ସ୍ଫଟିକମୟ ପ୍ରାଚୀର, ଏହା ନାନା ବର୍ଣ୍ଣରେ ଉଜ୍ଜ୍ୱଳ । ଏହାର ଚାରି ଦ୍ୱାରରେ ଚାରି ଜଣ ବିଷ୍ଣୁ ଦ୍ୱାରପାଳ ରୂପେ ବିରାଜମାନ କରୁଛନ୍ତି । ଏମାନଙ୍କର ବର୍ଣ୍ଣ ପୃଥକ୍ ପୃଥକ୍ । ଯେ ପଶ୍ଚିମ ଦ୍ୱାରରେ ଅଛନ୍ତି ତାଙ୍କର ବର୍ଣ୍ଣ ଶୁକ୍ଳ, ଉତ୍ତରସ୍ଥଙ୍କ ବର୍ଣ୍ଣ ରକ୍ତ, ପୂର୍ବସ୍ଥଙ୍କର ବର୍ଣ୍ଣ ଗୌର ଓ ଦକ୍ଷିଣସ୍ଥଙ୍କର ବର୍ଣ୍ଣ କୃଷ୍ଣ ।...

... ଗୋଲୋକ, ବୈକୁଣ୍ଠ, ବୃନ୍ଦାବନ, ଗୋକୁଳ ଆଦି ସମସ୍ତ ଧାମହିଁ ଯନ୍ତ୍ରରୂପୀ, ଅର୍ଥାତ୍ ଯନ୍ତ୍ରାତ୍ମକ ଭଗବତ୍ ଧାମ । ପଦ୍ମ ପୁରାଣରେ ବୈକୁଣ୍ଠ ଧାମର ବର୍ଣ୍ଣନା ରହିଛି । ଭକ୍ତ ପ୍ରବର ରାମାନୁଜାଚାର୍ଯ୍ୟ ତାଙ୍କର ଗଦ୍ୟତ୍ରୟ ଗ୍ରନ୍ଥରେ ବୈକୁଣ୍ଠ ଧାମର ବର୍ଣ୍ଣନା କରିଛନ୍ତି । ପୌରାଣିକ ସାହିତ୍ୟର ବହୁ ସ୍ଥାନରେ ପ୍ରସଙ୍ଗତଃ ବୈକୁଣ୍ଠ ଧାମର ବର୍ଣ୍ଣନା ମିଳେ । କିନ୍ତୁ ଏଗୁଡ଼ିକ ସର୍ବାଂଶରେ ଏକ ପ୍ରକାର ନୁହେଁ । ସେହିପରି ଗୋଲୋକ ଧାମର ବର୍ଣ୍ଣନା ମଧ୍ୟ ମିଳେ । ଶ୍ୱେତଦ୍ୱୀପ ଗୋଲୋକ ଧାମରହିଁ ନାମାନ୍ତର । ଏହାର ଅନ୍ତର୍ଗତ ସହସ୍ର ପତ୍ରାତ୍ମକ ଗୋକୁଳ-ପଦ୍ମ ଭକ୍ତ ସମାଜରେ ପ୍ରସିଦ୍ଧ । ମାଥୁର ମଣ୍ଡଳ ଏହି ଧାମରହିଁ ନାମାନ୍ତର । ବ୍ରଜଭୂମିର ସନ୍ନିବେଶ ଏକ ଏକ ସ୍ଥଳରେ ଏକ ଏକ ପ୍ରକାର ବର୍ଣ୍ଣନା ମିଳେ । ଅବଶ୍ୟ ମୂଳ ରହସ୍ୟଟି ସର୍ବତ୍ର ମୂଳତଃ ଏକହିଁ । ଗୋକୁଳ ଓ ଶ୍ରୀବୃନ୍ଦାବନର ବର୍ଣ୍ଣନା ପଦ୍ମ ପୁରାଣରେ ଓ ଅନ୍ୟାନ୍ୟ ପୁରାଣରେ ଆଂଶିକ ଭାବେ ଦିଆଯାଇଛି । ଗୋପାଳ ଚମ୍ପୂରେ ଏହି ବିବରଣର ଅନୁରୂପ ବର୍ଣ୍ଣନା ଦିଆ ଯାଇଛି । ଲଘୁ ବ୍ରହ୍ମ ସଂହିତା ଏବଂ ଜୀବ ଗୋସ୍ୱାମୀଙ୍କ କୃତ ଏହାର ଟୀକାରେ ମଧ୍ୟ ଏ ସମ୍ବନ୍ଧରେ କିଛି କିଛି ବର୍ଣ୍ଣନା ମିଳେ ।... ଅସଲ କଥା ହେଉଛି ଧାମର ମୂଳ ତତ୍ତ୍ୱଟି ଯନ୍ତ୍ର ଏବଂ ଯନ୍ତ୍ରର ମୂଳ ତତ୍ତ୍ୱଟି ମନ୍ତ୍ର । ସୁତରାଂ ମନ୍ତ୍ରର ମୂଳତତ୍ତ୍ୱଟିକୁ ଆଶ୍ରୟ କରି ଯନ୍ତ୍ରକୁ ପ୍ରସ୍ଫୁଟିତ କରିପାରିଲେ ଯନ୍ତ୍ରର ବିକାଶ ସ୍ୱଭାବତଃହିଁ ସିଦ୍ଧ ହୁଏ ।

ଶ୍ରୀବୃନ୍ଦାବନର ଅନନ୍ତ ପ୍ରକାର ବିଭୂତି ମଧ୍ୟରୁ କେତେକ ପ୍ରକାଶମୟ ଓ ଅନ୍ୟ କେତେକ ପ୍ରକାଶମୟ ନୁହେଁ । ତାହା ଭିତରେ ବିଳାସମୟ, ସ୍ୱ-ଅଂଶମୟ ପ୍ରଭୃତି ନାନା ଭେଦ ରହିଛି । ପ୍ରକାଶମୟ ବିଭୂତିର ମଧ୍ୟ ପ୍ରକଟ ଓ ଅପ୍ରକଟ ଭେଦ ରହିଛି । ଗୋଲୋକ ନାମରେ ଯେଉଁ ମୂଳ ଶ୍ୱେତଦ୍ୱୀପଟିର କଥା କୁହାଯାଏ ତାହା ଶ୍ରୀବୃନ୍ଦାବନର ଅପ୍ରକଟ ପ୍ରକାଶମୟ ବୈଭବ । ଏହାର ପ୍ରକଟ ପ୍ରକାଶମୟ ବୈଭବ ପାର୍ଥିବ ବୃନ୍ଦାବନ ରୂପେ ସମୟ ସମୟରେ ଆବିର୍ଭୂତ ହୋଇଥାଏ ।

ମହାବୃନ୍ଦାବନର ମଧ୍ୟସ୍ଥଳରେ ଯେଉଁ ସହସ୍ରଦଳ କମଳ ଆକାରର ଭୂମି ଲକ୍ଷିତ ହୁଏ ତାହାର ନାମ ଗୋକୁଳ । ଗୋକୁଳର ଠିକ୍ ମଧ୍ୟସ୍ଥଳରେ, ଅର୍ଥାତ୍ କମଳର କର୍ଣ୍ଣିକାରେ ସ୍ୱୟଂ ଭଗବାନ୍

ଶ୍ରୀକୃଷ୍ଣଙ୍କର ନିଜ ଧାମ ବିରାଜିତ । ମହାବୃନ୍ଦାବନ ଓ ଶ୍ୱେତଦ୍ୱୀପର ଅନ୍ତରାଳରେ ଅସଂଖ୍ୟ ଦିବ୍ୟଲୋକ ସମୁଦ୍ର ମଧ୍ୟସ୍ଥ ଦ୍ୱୀପପୁଞ୍ଜ ପରି ଶୋଭା ପାଉଥାଆନ୍ତି । ଏଗୁଡ଼ିକ ଦେଖିବାକୁ ପୃଥିବୀ ପରି, ଏବଂ ଏହି ସମସ୍ତ ଲୋକଗୁଡ଼ିକ ମଧ୍ୟରେ ଅନନ୍ତ ବୈଚିତ୍ର୍ୟ ରହିଛି । ପୃଥିବୀରେ ଯେପରି ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ମନୁଷ୍ୟ, ବିଭିନ୍ନ ପ୍ରକାର ସମାଜ, ବିଭିନ୍ନ ପ୍ରକାର ପ୍ରକୃତି ଓ ଭାବ ରହିଛି, ଏହି ସକଳ ଦିବ୍ୟଲୋକରେ ମଧ୍ୟ ସେହିପରି ଅନନ୍ତ ପ୍ରକାରର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ଏହି ସକଳ ଯେ ଭାବମୟ ଓ ଭାବର ବୈଚିତ୍ର୍ୟ ଅନୁଯାୟୀ ରସାସ୍ୱାଦନ ସମ୍ପର୍କରେ ମଧ୍ୟ ନାନା ବିଚିତ୍ରତା ଦେଖାଯାଏ ତାହା କହିବା ବାହୁଲ୍ୟ ମାତ୍ର । ପ୍ରାଚୀନ ଗ୍ରୀକ୍ ସାହିତ୍ୟରେ 'Isle of Blessed' ନାମରେ ଯେଉଁ ଆନନ୍ଦମୟ ନିତ୍ୟ ବିରାଜମାନ ମୁକ୍ତ ପୁରୁଷମାନଙ୍କ ବାସସ୍ଥଳୀ ଦ୍ୱୀପର ଉଲ୍ଲେଖ ମିଳେ, ଏହି ଖଣ୍ଡ ଗୋଲୋକସବୁ ଅନେକଟା ସେହିପରି । ଆମ ଦେଶର ମଧ୍ୟଯୁଗୀୟ ସନ୍ଥଗଣଙ୍କ ସାହିତ୍ୟରେ ମଧ୍ୟ ଏହି ଧରଣର ଆନନ୍ଦମୟ ଦ୍ୱୀପମାଳାର ଉଲ୍ଲେଖ ଦେଖିବାକୁ ମିଳେ । ଗୋଲୋକ ଧାମର ମଧ୍ୟବିନ୍ଦୁରେ ଶ୍ରୀଭଗବାନଙ୍କର ମହାସିଂହାସନ ବିରାଜ କରୁଛି । ଏହି ସିଂହାସନ ଉପରେ ସମାସୀନ ରାଧାକୃଷ୍ଣଙ୍କ ଯୁଗଳ ବିଗ୍ରହ ଦର୍ଶନ କରିବା ପାଇଁ ସିଂହାସନର ଚତୁର୍ଦିଗରେ ବିରାଜମାନ ଅସଂଖ୍ୟ ଦ୍ୱୀପବାସୀ, ଅର୍ଥାତ୍ ଗୋଲୋକବାସୀ ଭକ୍ତଗଣ ଅନ୍ତର୍ମୁଖଭାବେ ଦୃଷ୍ଟି ପ୍ରସାରିତ ରଖିଥାଆନ୍ତି । ଏମାନେ ନିରନ୍ତର ପ୍ରେମମୟ ଦୃଷ୍ଟି ଦ୍ୱାରା ସ୍ୱୟଂ ଭଗବାନଙ୍କ ସ୍ୱରୂପର ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ ପାନ କରୁଥାଆନ୍ତି । ଏହି ଧାମରେ ଜରା, ମୃତ୍ୟୁ, ଶୋକ, ତାପ ଓ ବିରହ ଆଦି କିଛି ନାହିଁ । ଏହା ବୈକୁଣ୍ଠ ପରି ତ୍ରିଗୁଣର ଅତୀତ ଜ୍ୟୋତିର୍ମୟ, ନିତ୍ୟାନନ୍ଦମୟ ଅପ୍ରାକୃତ ଧାମ ।

ଏହି ଦିବ୍ୟଲୀଳାମୟ ପରମ ଧାମରେ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ ନିତ୍ୟ ବିରାଜମାନ ।ଏହି ସ୍ଥାନରେ ଶ୍ରୀକୃଷ୍ଣହିଁ ଏକମାତ୍ର କାନ୍ତ ଏବଂ ଧାମବାସିଗଣ ସମସ୍ତେହିଁ ଲକ୍ଷ୍ମୀସ୍ୱରୂପା କାନ୍ତା । ବ୍ରହ୍ମଲୋକ ଯେପରି ବ୍ରହ୍ମ ନିର୍ଘୋଷରେ, ଅର୍ଥାତ୍ ପ୍ରଣବର ଝଙ୍କାରରେ ନିତ୍ୟ ମୁଖରିତ, ବୈକୁଣ୍ଠ ଧାମ ଯେପରି ମହାଶଙ୍ଖର ଧ୍ୱନିରେ ନିତ୍ୟ ଧ୍ୱନିମୟୀ, ସେହିପରି ଗୋଲୋକ ଧାମ ନିରନ୍ତର ଶ୍ରୀକୃଷ୍ଣଙ୍କ ବଂଶୀନାଦରେ ପ୍ରତିଧ୍ୱନିତ ହେଉଥାଏ । ସେଇଥି ପାଇଁ ଏହି ଧାମରେ ବଂଶୀଧ୍ୱନି ଧାମବାସୀ ଭକ୍ତବୃନ୍ଦଙ୍କ ନିକଟରେ ପ୍ରିୟ ସଖି ରୂପେ ପରିଚିତ । ସଖି ଯେପରି ଦୂତୀରୂପେ ପ୍ରେମିକକୁ ପ୍ରେମାସ୍ପଦର ସନ୍ଧାନ ଦିଏ ଠିକ୍ ସେହିପରି ମୁରଲୀ-ନିଃସ୍ୱନରୁହିଁ ଗୋଲୋକବାସୀ ଭକ୍ତଗଣ ଭଗବାନଙ୍କ ସନ୍ଧାନ ପାଇଥାଆନ୍ତି ଏବଂ ପ୍ରେମ-ଭକ୍ତିର ଉତ୍କର୍ଷ ଅନୁସାରେ ଏହି ବଂଶୀଧ୍ୱନିର ଅନୁସରଣ କରି ସ୍ୱୟଂ ଭଗବାନଙ୍କ ସାକ୍ଷାତ୍କାର ଲାଭ କରନ୍ତି । ସଙ୍ଗୀତ ଓ ନୃତ୍ୟ ଏଠାକାର ସହଜ ସମ୍ପଦ । ଏହି ଧାମରେ ସର୍ବଦା ଓ ସର୍ବତ୍ର ବିଭିନ୍ନ ରାଗରାଗିଣୀ ସେମାନଙ୍କ ଭାବାନୁସାରେ ଧ୍ୱନିତ ହେଉଥାଏ । ନାଟ୍ୟକଳା ଏଠାରେ ସ୍ୱାଭାବିକ ରୂପେହିଁ ସ୍ଫୁରିତ ହେଉଥାଏ । ଏଠାକାର ବୃକ୍ଷ ମାତ୍ରେହିଁ କଳ୍ପତରୁ, ତାହା ନିକଟରୁ ଯେତେବେଳେ ଯାହା ପ୍ରାର୍ଥନା କରାଯାଏ ତାହା ତତ୍କ୍ଷଣାତ୍ ପ୍ରାପ୍ତ ହୋଇଯାଏ । ଏଠାକାର ସମଗ୍ର ଭୂମିହିଁ ଚିନ୍ତାମଣି । ଏଠାରେ ଯାହା ଚିନ୍ତା କରାଯାଏ ତାହା ଅବିଳମ୍ବେ ଦିବ୍ୟ ଉଜ୍ଜ୍ୱଳ ରୂପେ ସ୍ଫୁରିତ ହୋଇଥାଏ । ଭାବ ମୂର୍ତ୍ତ ହୋଇ ଭାବନାର ସଙ୍ଗେ ସଙ୍ଗେ ଆତ୍ମପ୍ରକାଶ କରେ । ଏଠାକାର ଜଳ ମାତ୍ରେହିଁ ଅମୃତ । ଜଳର ଅମୃତ ରୂପ, ଜଳର ଅମୃତମୟ ସ୍ୱରୂପ ଏହିଠାରେହିଁ ଉପଲବ୍ଧି ହୁଏ । ଏଠାରେ ନିତ୍ୟବସନ୍ତ ବିରାଜମାନ । ଗ୍ରୀଷ୍ମର ଉତ୍କଟ ତାପ ଏବଂ ଶିଶିରର ତୀବ୍ର ହିମ ଉଭୟହିଁ ବସନ୍ତର ଅନୁଷ୍ଣ ଓ ଅଶୀତ ସ୍ପର୍ଶରୂପେ ଭକ୍ତଗଣଙ୍କର ଆନନ୍ଦ-ବର୍ଦ୍ଧନ କରିଥାଏ । ସୁତରାଂ ଏଠାରେ ଯେପରି ଏକଦିଗରେ ଜରା ଓ ମୃତ୍ୟୁ ରୂପ କାଳର ବିକାର ନାହିଁ, ସେହିପରି ଅନ୍ୟ ଦିଗରେ ବିଭିନ୍ନ ଋତୁ ରୂପରେ ଏହା ପରିଦୃଷ୍ଟ ହୁଏ ନାହିଁ । ଯେଉଁ ମହାଜ୍ୟୋତିଃରେ ଏହି ମହାଦ୍ୱୀପ ସର୍ବଦା ପ୍ରକାଶ ପାଇଥାଏ ତାହା ଚିଦାନନ୍ଦମୟ ସ୍ନିଗ୍ଧ ଜ୍ୟୋତିଃ, ହ୍ଲାଦିନୀ ଶକ୍ତିରୁ ନିର୍ଗତ ଜ୍ୟୋତ୍ସ୍ନାରାଶି, ଜ୍ଞାନର ପ୍ରଖର ଆଲୋକ ନୁହେଁ । ଏହି ସ୍ନିଗ୍ଧ ଜ୍ୟୋତିଃକୁହିଁ ରସରୂପରେ ଭକ୍ତଗଣ ଆସ୍ୱାଦନ କରି ଥାଆନ୍ତି । ସେଠାରେ ଗୋ ରୂପେ, ଅର୍ଥାତ୍ କାମଧେନୁ ରୂପେ ଚିନ୍ମୟ କିରଣଧାରା ଅନବରତ ଅମୃତରୂପେ କ୍ଷୀର ବର୍ଷଣ କରୁଥାଏ । ଏହି ସ୍ଥାନରେ କାଳର ଗତି ଅବରୁଦ୍ଧ, କାଳ ଏଠାରେ ଅଚଳ । ଏଠାରେ କାଳର ଚାଞ୍ଚଲ୍ୟ ନ ଥିବାରୁ ବର୍ତ୍ତମାନ ରୂପରେ ଏକ ମହାକାଳହିଁ ନିତ୍ୟ ବିଦ୍ୟମାନ । ଗୋଟିଏ ବିଶୁଦ୍ଧ ବର୍ତ୍ତମାନ – ଏହାର ଗୋଟିଏ ଦିଗରେ ଅତୀତ ବା ଅନ୍ୟଦିଗରେ ଅନାଗତ ଭବିଷ୍ୟତ୍ ବୋଲି କିଛି ନାହିଁ । ଏହାହିଁ ଯେଗୀମାନଙ୍କର ମହାକ୍ଷଣ – ଯାହା କଳ୍ପନାର ଊର୍ଦ୍ଧ୍ୱରେ, ମନୋମୟ ବିକଳ୍ପ ରାଜ୍ୟର ଊର୍ଦ୍ଧ୍ୱରେ ନିତ୍ୟ ସିଦ୍ଧ ଓ ସ୍ୱୟଂ ପ୍ରକାଶ ରୂପେ ବିଦ୍ୟମାନ । ଏଠାରେ ଏକମାତ୍ର ଚିତ୍‌ଶକ୍ତିହିଁ ଚିତ୍ ସ୍ୱରୂପରେ ନିତ୍ୟ ଖେଳା କରନ୍ତି; ଏହି ଚିତ୍‌ଶକ୍ତିର ଖେଳାହିଁ ଭଗବାନଙ୍କର ନିତ୍ୟ ବିହାର ।

ମହାଗୋଲୋକର ମଧ୍ୟସ୍ଥାନରେ ଶ୍ରୀକୃଷ୍ଣଙ୍କ ଅନ୍ତଃପୁର ଅବସ୍ଥିତ । ଅନ୍ତଃପୁରର ବହିର୍ଦ୍ଦେଶରେ ଅସଂଖ୍ୟ ସଭାଗୃହ ବିଦ୍ୟମାନ ରହିଛି । ଏହି ସକଳ ପୁରରୁ ମହାବୃନ୍ଦାବନ ଓ କେଳି-ବୃନ୍ଦାବନକୁ ଯାତାୟାତ ଉପଯୋଗୀ ବିଭିନ୍ନ ମାର୍ଗ ରହିଛି । କେଳିବୃନ୍ଦାବନ ଅନନ୍ତ କିନ୍ତୁ ସେଗୁଡ଼ିକର ସମଷ୍ଟୀଭୂତ ମହା-ବୃନ୍ଦାବନ ଏକ । ଯେଉଁ ସକଳ ପୁରୋଗାମୀ ମାର୍ଗ କଥା କୁହାଗଲା ତାହାର ପ୍ରତ୍ୟେକଟି ମାର୍ଗ କମଳର ଗୋଟିଏ ଗୋଟିଏ ଦଳସନ୍ଧିରେ ଆସି ଯୁକ୍ତ ହୋଇଥାଆନ୍ତି । ଶ୍ରୀକୃଷ୍ଣଙ୍କର ଗୋଷ୍ଠ ବା ଗୋଚାରଣ ଭୂମି ଏହି କମଳକୁ ଘେରି ଚାରିଦିଗରେ ବିସ୍ତୃତ । ...

(କ୍ରମଶଃ) ✤

Krishna's play : a power of progress veiling itself behind appearances.
(CWM Vol. 15, p. 14) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

অন্তরাল জগত্ :

# ଭବିଷ୍ୟତ୍ ବିପଦର ପୂର୍ବ ସୂଚନା

## ଶ୍ରୀମା

ମୋର ଏହିପରି ଅନୁଭୂତି ଅନେକ ଥର ହୋଇଅଛି । ଉଦାହରଣ ସ୍ୱରୂପ, ଥରେ ମୁଁ ଯେତେବେଳେ ପର୍ବତମାଳାରେ ବୁଲୁଥିଲି, ମୁଁ ଏପରି ଗୋଟିଏ ରାସ୍ତାରେ ଯାଉଥିଲି ଯେଉଁଠାରେ କି କେବଳ ଜଣକ ପାଇଁ ରାସ୍ତା ଥିଲା – ରାସ୍ତାର ଗୋଟିଏ ପାଖରେ ଥିଲା ସିଧାସଳଖ ଅତଳ ଗହ୍ୱର ଏବଂ ଅନ୍ୟ ପାଖରେ ଥିଲା କାନ୍ଥି ପାହାଡ଼ । ମୋ ପଛରେ ଆସୁଥିଲେ ତିନୋଟି ପିଲା ଓ ଚତୁର୍ଥ ସ୍ଥାନରେ ଥିଲେ ଆଉ ଜଣେ ଲୋକ । ମୁଁ ଆଗେ ଆଗେ ଯାଇ ବାଟ କଢ଼ାଉ ଥିଲି । ସେ ରାସ୍ତାଟି ପାହାଡ଼ର ଧାରେ ଧାରେ ଯାଇଥିଲା ଓ ଆମେ କୁଆଡ଼େ ଯାଉଥିଲୁ ତାହା ଦେଖି ପାରୁ ନ ଥିଲୁ । ତାହା ଛଡ଼ା ଏହି ସ୍ଥାନ ଖୁବ୍ ବିପଦପୂର୍ଣ୍ଣ ଥିଲା । ଯଦି କାହାର ଗୋଡ଼ ଖସିଥାଆନ୍ତା ସେ ପାହାଡ଼ର ଶିଖର ଦେଶରୁ ଆସି ତଳେ ପଡ଼ିଥା'ନ୍ତା । ମୁଁ ସମସ୍ତଙ୍କ ଆଗରେ ଯାଉଥିବାରୁ ସମସ୍ତଙ୍କ ଅପେକ୍ଷା ଏକ ଭିନ୍ନ ଦୃଷ୍ଟିରେ ସବୁ ଦେଖି ମୋର ପାଦକୁ ସତର୍କତାର ସହ ପକାଉଥିଲି । ହଠାତ୍ ଗୋଟାଏ ସାପ ଅନ୍ୟ ପଟରେ ପଥର ଉପରେ ରହିଥିବାର ମୁଁ ପୂର୍ବରୁ ସୂଚନା ପାଇଥିଲି । ତା'ପରେ ମୁଁ ଗୋଟିଏ ପାଦ ଧୀରେ ଧୀରେ ଉଠାଇଥିଲି । ଅବଶ୍ୟ ସାପଟି ପ୍ରକୃତରେ ରାସ୍ତାର ଆରପଟେ ଥିଲା । ମୁଁ ତାକୁ ଦେଖିଥିଲି ଏବଂ ସାବଧାନତା ସହ ଆଗକୁ ଯାଇଥିଲି । ତେଣୁ ତାହା ମୋତେ ବିଶେଷ ଆଶ୍ଚର୍ଯ୍ୟ ହେବା ଭଳି ଧକ୍କା ଦେଇ ନ ଥିଲା । ପିଲାମାନଙ୍କୁ ଆଦୌ ଭୟଭୀତ ନ କରି ମୁଁ ତାଙ୍କୁ କହିପାରିଥିଲି, ''ଚାଲିବା ବନ୍ଦ କର, ନୀରବ ରୁହ, ହଲଚଲ ହୁଅ ନାହିଁ ।'' ଯଦି ସେମାନେ ଶଙ୍କାନ୍ୱିତ ହୋଇଥା'ନ୍ତେ, ତେବେ କିଛି ଅଘଟଣ ହୁଏତ ଘଟି ଥାଆନ୍ତା । ସାପଟି କିଛି ଶବ୍ଦ ଶୁଣିପାରିଥିଲା ଓ କୁଣ୍ଡଳୀ ପରି ଗୁଡ଼େଇ ହୋଇ ନିଜକୁ ରକ୍ଷା କରିବା ପାଇଁ ତା' ଗାତ ଆଗରେ ଫଣା ହଲାଉ ଥିଲା – ଏହା ଥିଲା ଏକ ବିଷଧର ସର୍ପ । ଏହି ଘଟଣା ଘଟିଥିଲା ଫ୍ରାନ୍ସରେ । ସେଠାରେ ଯଦି କିଛି ଗୋଳମାଳ ବା ବିଶୃଙ୍ଖଳା ଦେଖା ଦେଇଥାଆନ୍ତା, ତେବେ ଅନେକ କିଛି ଅସୁବିଧା ହୋଇଥାଆନ୍ତା ।

ମୋ କ୍ଷେତ୍ରରେ ଏହି ପ୍ରକାର ଘଟଣା ବହୁତ ଥର ଘଟିଥିଲା – ସାପମାନଙ୍କୁ ନେଇ ଏହିପରି ଚାରିଥର ଘଟିଥିଲା । ଥରେ ଏହିଠାରେ ମତ୍ସ୍ୟଜୀବୀମାନଙ୍କର ଗାଁ 'ଆରିୟାନ୍‌କୁପମ୍' ନିକଟରେ ଘଟିଥିଲା । ଖୁବ୍ ଅନ୍ଧକାର ହୋଇଯାଇଥାଏ । ସେଠାରେ ଥିବା ଗୋଟିଏ ନଦୀ ସେହି ଗାଁ ପାଖରେ ସମୁଦ୍ରରେ ପଡ଼ିଛି । ସେତେବେଳେ ଖୁବ୍ ଶୀଘ୍ର ରାତି ଆସି ଅନ୍ଧକାର ହୋଇଗଲା । ଆମ୍ଭେମାନେ ରାସ୍ତାରେ ଚାଲୁଥିବା ସମୟରେ ଯେତେବେଳେ ଗୋଟିଏ ପାଦ ପକାଇବା ପାଇଁ ମୁଁ ପ୍ରାୟ ମୋ ପାଦକୁ ଉଠାଇ ସାରିଥିଲି ଏବଂ ତାହା ତଳକୁ ପକାଇବାକୁ ଯାଉଥିଲି, ଠିକ୍ ସେତିକିବେଳେ ମୋ କାନ ପାଖରେ କାହାର କଣ୍ଠସ୍ୱର ସ୍ପଷ୍ଟ ଭାବରେ ଶୁଣିବାକୁ ପାଇଲି ''ସାବଧାନ !'' କିନ୍ତୁ ପ୍ରକୃତରେ କେହି ଏକଥା କହି ନ ଥିଲେ । ତେଣୁ ମୁଁ ପୁଣି ଚାହିଁଲି ଏବଂ ଦେଖିବାକୁ ପାଇଲି ମୋର ପାଦ ଭୂମିରେ ଠିକ୍ ପଡ଼ିବାକୁ ଯିବା ସମୟରେ ଏକ ପ୍ରକାଣ୍ଡ କଳାରଙ୍ଗର ବିଷଧର ଗୋଖର ସାପ ସେଠାରେ ଥିଲା, ଯାହା ଉପରେ କି ମୋର ପାଦ ପଡ଼ି ଯାଇଥାଆନ୍ତା, ଯାହାକି ସେମାନେ ଚାହାନ୍ତି ନାହିଁ । ସେ ସାପଟି ଖୁବ୍ ଶୀଘ୍ର ସେଠାରୁ ପଳାଇ ଯାଇ ପାଣି ଭିତରେ ପଶିଗଲା – ଆହାଃ ! କି ସୁନ୍ଦର ! ତା'ର ଫଣାଟି ଉପରକୁ ଟେକି ସେ ପାଣି ଉପରେ ରାଜା ପରି ଚାଲୁଥିଲା । ସ୍ପଷ୍ଟ ଭାବରେ କହିବାକୁ ଗଲେ ମୋର ଏହି ଧୃଷ୍ଟତା ପାଇଁ ମୁଁ ନିଶ୍ଚିତ ଭାବରେ ଦଣ୍ଡିତ ହୋଇଥା'ନ୍ତି । ଏହିଭଳି ଶହ ଶହ ଅନୁଭୂତି ମୋର ହୋଇଛି । ଠିକ୍ ଶେଷ ମୁହୂର୍ତ୍ତରେ – ଯାହାକି ଏକ ସେକେଣ୍ଡ ପୂର୍ବରୁ ମଧ୍ୟ ନୁହେଁ – ଭିନ୍ନ ଭିନ୍ନ ପରିସ୍ଥିତି ମଧ୍ୟରେ ସବୁକିଛି ମୋତେ ଆଗରୁ ଜଣା ପଡୁଥିଲା । ଥରେ ପ୍ୟାରିସ୍‌ରେ ମୁଁ 'ବୁଲ୍‌ବାର୍ଡ ସେଣ୍ଟ ମାଇକେଲ୍' ପାରି ହେଉଥିଲି । ଏହା ପ୍ରାୟ ଶେଷ ସପ୍ତାହମାନଙ୍କରେ ଘଟୁଥିଲା; ମୁଁ ସ୍ଥିର କରିଥିଲି ଯେ କେତେକ ନିର୍ଦ୍ଦିଷ୍ଟ ମାସ ମଧ୍ୟରେ ମୁଁ ଚୈତ୍ୟସତ୍ତାର ଉପସ୍ଥିତି ସହିତ ମିଳିତ ହେବି, ଯାହାକି ହେଉଛି 'ଅନ୍ତରର ଦିବ୍ୟ ସତ୍ତା' । ମୋର ଅନ୍ୟ କୌଣସି ଚିନ୍ତା ବା ଉଦ୍‌ବେଗ ନ ଥିଲା । ମୁଁ 'ଲକ୍ସମ୍‌ବର୍ଗ' ବଗିଚା ନିକଟରେ ରହୁଥିଲି ଏବଂ ପ୍ରତ୍ୟହ ସନ୍ଧ୍ୟାରେ ସେଠାକୁ ବୁଲିବାକୁ ଯାଉଥିଲି – କିନ୍ତୁ ସର୍ବଦା ନିଜ ଅନ୍ତର ଭିତରେ ମୋତେ ନିମଗ୍ନ ରହିବାକୁ ପଡୁଥିଲା । ସେଠାରେ ଏକ ପ୍ରକାର ଛକଜାଗା ଥିଲା ଏବଂ ବ୍ୟକ୍ତି ଗଭୀର ଭାବରେ

ନିଜ ଭିତରେ ନିମଗ୍ନ ଥିବା ବେଳେ ସେହି ରାସ୍ତା ପାରି ହେବା ଉଚିତ ନୁହେଁ । କିନ୍ତୁ ମୁଁ ଦିନେ ସେହିପରି ନିଜ ଭିତରେ ନିମଗ୍ନ ଥିବା ଅବସ୍ଥାରେ ସେଠାରେ ବୁଲୁଥିଲି । ଏହା ବିଜ୍ଞତାର କାର୍ଯ୍ୟ ନ ଥିଲା । ସେଠାରେ ହଠାତ୍ ମୁଁ ଏକ ପ୍ରବଳ ଧକ୍କା ଅନୁଭବ କଲି, ଯେପରିକି ମୋତେ ଜଣେ କିଏ ଧକ୍କା ଦେଲା; ଯେପରିକି କିଏ ଜଣେ ମୋତେ ଆଘାତ କଲା । ଏବଂ ମୁଁ ତତ୍କ୍ଷଣାତ୍ ସ୍ୱତଃ ପ୍ରବୃତ୍ତ ଭାବରେ ପଛକୁ ଡେଇଁ ପଡ଼ିଲି । ଠିକ୍ ସେହି ସମୟରେ ଏକ ଟ୍ରାମ୍ ଗାଡ଼ି ମୋ ପାଖ ଦେଇ ଚାଲିଗଲା । ଏହି ଟ୍ରାମ୍‌ଟି ମୋଠାରୁ ହାତେରୁ ସାମାନ୍ୟ ଅଧିକ ଛାଡ଼ି ଚାଲିଯିବାର ମୁଁ ଅନୁଭବ କରିଥିଲି । ଏହା ମୋ ଚତୁଃପାର୍ଶ୍ୱରେ ଥିବା ସୂକ୍ଷ୍ମ-ଜ୍ୟୋତିଃବଳୟକୁ ଛୁଇଁ ଥିଲା । ଯାହାକି ଥିଲା ମୋର ରକ୍ଷାକବଚ – ତାହା ସେ ସମୟରେ ଖୁବ୍ ଶକ୍ତିଶାଳୀ ଥିଲା, ମୁଁ ସେତେବେଳେ ଗୁହ୍ୟବିଦ୍ୟାରେ ଗଭୀର ଭାବରେ ନିମଗ୍ନ ହୋଇ ରହିଥିଲି ଏବଂ ତାହାକୁ କିପରି ରକ୍ଷା କରିବାକୁ ହେବ ତାହା ମୁଁ ଜାଣିଥିଲି । ମୋ ଚାରିପଟେ ରକ୍ଷା କରୁଥିବା ସେହି ସୂକ୍ଷ୍ମ-ଜ୍ୟୋତିଃବଳୟ ଆଘାତପ୍ରାପ୍ତ ହୋଇଥିଲା ଏବଂ ତାହା ମୋତେ ଏପରି ଭାବରେ ପଛକୁ ଠେଲି ଦେଇଥିଲା ଯଦ୍ୱାରା ମୁଁ ଏକ ପ୍ରବଳ ଶାରୀରିକ ଧକ୍କା ପାଇଥିଲି । ସେହି କାରଣରୁ ଟ୍ରାମ୍ ଡ୍ରାଇଭର ଦ୍ୱାରା ମଧ୍ୟ ଅପମାନିତ ହୋଇଥିଲି । ଅବଶ୍ୟ ମୁଁ ଠିକ୍ ସମୟରେ ପଛକୁ ଡେଇଁ ପଡ଼ିଥିଲି ଏବଂ ଟ୍ରାମ୍‌ଟି ଚାଲି ଯାଇଥିଲା ।

ମୋର ଯଦି କେବେ ମନେ ପଡ଼ିବ, ତେବେ ମୁଁ ତୁମମାନଙ୍କୁ ଏପରି ଅନେକ ଅନେକ ଗଳ୍ପ କହିପାରିବି ।

ବହୁ ବିଭିନ୍ନ ଦିଗରୁ ସୁରକ୍ଷା ବ୍ୟବସ୍ଥା ଆସିପାରେ । ଅନେକ ସମୟରେ ଜଣେ କେହି ମୋତେ ହୁଏତ ଜଣାଉ ଥିଲେ । ତାହା ଥିଲା – ଏକ କ୍ଷୁଦ୍ର ଅସ୍ତିତ୍ୱ ଥିବା ବସ୍ତୁ କିଂବା ଏକପ୍ରକାର ସତ୍ତା; ସମୟ ସମୟରେ ମୋ ଚାରିପଟେ ଥିବା ସୂକ୍ଷ୍ମ ଜ୍ୟୋତିଃ ମୋତେ ରକ୍ଷା କରୁଥିଲା ଏବଂ ଏହା ଥିଲା ସବୁପ୍ରକାର ବିଷୟମାନଙ୍କ ସଂପର୍କରେ । ଅର୍ଥାତ୍, ଜୀବନ ଖୁବ୍ କ୍ୱଚିତ୍ ଜଡ଼ ଶରୀର ମଧ୍ୟରେ ସୀମିତ ରହୁଥିଲା – ଏହା ସୁବିଧାଜନକ ଏବଂ ଏହା ଉତ୍ତମ । ଏହା ମଧ୍ୟ ଆବଶ୍ୟକ ଏବଂ ଏହା ତୁମର ଶକ୍ତି ସାମର୍ଥ୍ୟ ବର୍ଦ୍ଧିତ କରେ । ମୋତେ ଗୁହ୍ୟବିଦ୍ୟା ଶିକ୍ଷା ଦେଉଥିବା ବ୍ୟକ୍ତି ସିଧାସଳଖ ଏହି କଥା କହିଥିଲେ, ''ତୁମେ ଇନ୍ଦ୍ରିୟାନୁଭୂତିଠାରୁ ନିଜକୁ ବଞ୍ଚିତ କରୁଛ ଯାହା *ଏପରିକି ଖୁବ୍ ସାଧାରଣ ଜୀବନ ପାଇଁ* ମଧ୍ୟ ବିଶେଷ ହିତକର ।'' ଏହା ସତ୍ୟ, ଏହା ନିରାଟ ସତ୍ୟ । କେବଳ ଆମର ନିଜର ଇନ୍ଦ୍ରିୟକୁ ବ୍ୟବହାର କରି ଆମ୍ଭେମାନେ ସାଧାରଣତଃ ଯାହା ଜାଣୁଥାଇଁ ତା'ଠାରୁ ଅନେକ କିଛି ଅଧିକ ଜାଣିପାରିବା । କେବଳ ମାନସିକ ଦୃଷ୍ଟିକୋଣରୁ ନୁହେଁ, ଏପରିକି ପ୍ରାଣିକ ଏବଂ ଶାରୀରିକ ଦୃଷ୍ଟିକୋଣରୁ ମଧ୍ୟ ଏହା ସତ୍ୟ ।

*ପ୍ରଶ୍ନ : କିନ୍ତୁ ଏହାର ପ୍ରଣାଳୀ କ'ଣ ?*

ଓଃ ! ଏହାର ପ୍ରଣାଳୀ ବଡ଼ ସହଜ । ଏହାର ଅନେକଗୁଡ଼ିଏ ଶୃଙ୍ଖଳା ରହିଛି । ତୁମେ କ'ଣ କରିବାକୁ ଚାହୁଁଛ ତା' ଉପରେ ଏହା ନିର୍ଭର କରିଥାଏ ।

ଏହାର ଅନେକ କାରଣ ରହିଛି । ପ୍ରତ୍ୟେକ ଜିନିଷ ପାଇଁ ଏକ ପଦ୍ଧତି ରହିଛି ଏବଂ ପ୍ରଥମ ପଦ୍ଧତି ହେଲା – ଆରମ୍ଭ କରିବା ସମୟରେ ତାହା ଚାହିଁବାକୁ ହେବ; ଅର୍ଥାତ୍, ସେ ବିଷୟରେ ଏକ ନିଷ୍ପତ୍ତି ନେବାକୁ ପଡ଼ିବ । ତା'ପରେ ଏହିସବୁ ଇନ୍ଦ୍ରିୟମାନଙ୍କର ବର୍ଣ୍ଣନା ଏବଂ ସେମାନେ କିପରି କାର୍ଯ୍ୟ କରନ୍ତି ସେ ବିଷୟରେ ତୁମକୁ କୁହାଯିବ – ତାହା କିଛି ସମୟ ନେବ । ତୁମେ ପ୍ରଥମେ ଗୋଟିଏ କିଂବା ଅନେକଗୁଡ଼ିଏ ଇନ୍ଦ୍ରିୟ କଥା ବିଚାରକୁ ନେବ କିଂବା ଆରମ୍ଭ କରିବା ବେଳେ ତୁମକୁ ଯାହା ସହଜ ବୋଧ ହେବ ତାହା ତୁମେ ସ୍ଥିର କରିପାର । ତା'ପରେ ତୁମକୁ ଶୃଙ୍ଖଳା ମାନିବାକୁ ପଡ଼ିବ । ମାଂସପେଶୀଗୁଡ଼ିକୁ ବିକଶିତ କରିବା ପରି ଏହାର ମଧ୍ୟ ସେହିପରି କେତେକ ବ୍ୟାୟାମ ରହିଛି । ତୁମେ ନିଜ ଭିତରେ ଏକ ଇଚ୍ଛାଶକ୍ତି ସୃଷ୍ଟି କରିବାରେ ମଧ୍ୟ କୃତକାର୍ଯ୍ୟ ହୋଇପାରିବ ।

କିନ୍ତୁ ଅପେକ୍ଷାକୃତ ସୂକ୍ଷ୍ମ ଜିନିଷଗୁଡ଼ିକ ବିଷୟରେ ବିଚାର କଲାବେଳେ ତୁମେ କ'ଣ ଚାହୁଁଛ ତା'ର ଏକ ସଠିକ ପ୍ରତିରୂପ ସ୍ଥିର କରିବାକୁ ପଡ଼ିବ; ଅନୁରୂପ ସ୍ପନ୍ଦନ ସହିତ ସଂପର୍କ ରଖିବାକୁ ପଡ଼ିବ । ତା'ପରେ ଏକାଗ୍ରତା ସହ ବ୍ୟାୟାମ କରିବାକୁ ପଡ଼ିବ, ଅର୍ଥାତ୍, ଏକ ବସ୍ତୁ ମଧ୍ୟ ଦେଇ ଦେଖିବା ପାଇଁ, ଏକ ଶବ୍ଦ ମଧ୍ୟ ଦେଇ ଶୁଣିବା ପାଇଁ ଏବଂ ବହୁ ଦୂରସ୍ଥ ଜିନିଷକୁ ଜାଣିବା ପାଇଁ ଅଭ୍ୟାସ କରିବାକୁ ପଡ଼ିବ । ଉଦାହରଣ ସ୍ୱରୂପ ମୁଁ ଥରେ ବହୁଦିନ ପର୍ଯ୍ୟନ୍ତ, ଅନେକ ମାସ ପର୍ଯ୍ୟନ୍ତ ଶଯ୍ୟାଶାୟୀ ହୋଇଥିଲି । ମୋତେ ତାହା ବିରକ୍ତିକର ବୋଧ ହେଉଥିଲା । ମୁଁ ବାହାର ଆଡ଼କୁ ଦେଖିବାକୁ ଚାହୁଁଥିଲି । ମୁଁ ଗୋଟିଏ ବଖରାରେ ରହୁଥିଲି ଏବଂ ତା'ର ଶେଷ ଆଡ଼କୁ ଅନ୍ୟ ଏକ ଛୋଟ ବଖରା

ଥିଲା । ସେହି ଛୋଟ ବଖରାର ଶେଷରେ ଏକ ପ୍ରକାର ସେତୁ ରହିଥିଲା; ବଗିଚା ମଧ୍ୟକୁ ଲମ୍ବି ସେତୁଟି ଶିଡ଼ିରେ ପରିଣତ ହୋଇ ଏକ ବିଶାଳ ଓ ସୁନ୍ଦର ଷ୍ଟୁଡିଓ ଭିତରକୁ ବାଟ କଢ଼େଇ ନେଉଥିଲା, ଯାହାକି ବଗିଚାର ଠିକ୍ ମଧ୍ୟ ଭାଗରେ ରହିଥିଲା । ମୁଁ ସେଠାକୁ ଯାଇ ସେ ଷ୍ଟୁଡିଓରେ କ'ଣ ହେଉଛି ତାହା ଦେଖିବାକୁ ଇଚ୍ଛା କରୁଥିଲି, କାରଣ ମୋ ବଖରାରେ ରହି ରହି ମୁଁ ବିରକ୍ତି ଅନୁଭବ କରୁଥିଲି । ତେଣୁ ମୁଁ ନୀରବ ରହି, ଆଖି ବୁଜି ମୋ ଚେତନାକୁ ଅଳ୍ପ ଅଳ୍ପ କରି, ଅଳ୍ପ ଅଳ୍ପ କରି ସେଠାକୁ ନେଉଥିଲି । ଦିନ ପରେ ଦିନ ମୁଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରି ନିୟମିତ ଭାବରେ ଏହି ବ୍ୟାୟାମ କରୁଥିଲି । ପ୍ରଥମେ ପ୍ରଥମେ ତୁମକୁ କଳ୍ପନାଶକ୍ତି ବ୍ୟବହାର କରିବାକୁ ହେବ ଏବଂ ତା'ପରେ ତାହା ବାସ୍ତବ ରୂପ ନେବ । କିଛି ସମୟ ପରେ ମୋର ବାସ୍ତବିକ ଶାରୀରିକ ଅନୁଭୂତି ହେଲା ଯେ ମୋର ଦୃଷ୍ଟିକୋଣ ଅଗ୍ରସର ହେଉଅଛି । ମୁଁ ତାହାର ଅନୁଧାବନ କଲି ଏବଂ ତଳ ମହଲାରେ ଯାହା ଦେଖିବାକୁ ପାଇଲି ତାହା ଆଗରୁ କେବେ ଜାଣି ନ ଥିଲି । ମୁଁ ପରେ ସେସବୁ ଅନୁଧ୍ୟାନ କରିଥିଲି । ସନ୍ଧ୍ୟା ସମୟରେ ମୁଁ ପ୍ରଶ୍ନ କରୁଥିଲି, ''ଏହା କ'ଣ ସେହିପରି ? ଏବଂ ତାହା କ'ଣ ଏହିପରି ଥିଲା ?''

କିନ୍ତୁ ଏପରି କରିବାକୁ ହେଲେ ତୁମେ ମାସ ମାସ ଧରି ଧୈର୍ଯ୍ୟର ସହିତ ଏକପ୍ରକାର ଜିଦ୍‌ଖୋର ମନୋବୃତ୍ତି ନେଇ ଏହାକୁ ଅଭ୍ୟାସ କରିବାକୁ ହେବ । ତୁମେ ତୁମର ଇନ୍ଦ୍ରିୟମାନଙ୍କୁ ଗୋଟିକ ପରେ ଗୋଟିଏ ନେବ । ଯଥା : ଶ୍ରବଣ, ଦର୍ଶନ, ଏବଂ ତୁମେ ଆସ୍ୱାଦନ, ଆଘ୍ରାଣ ଓ ସ୍ପର୍ଶ ପ୍ରଭୃତି କେତେକ ସୂକ୍ଷ୍ମ ଇନ୍ଦ୍ରିୟମାନଙ୍କ ବାସ୍ତବତା ମଧ୍ୟରେ ଯାଇ ଉପନୀତ ହେବ ।

(CWM, Vol. 10, pp. 129 - 132)

## ପୂର୍ଣ୍ଣଯୋଗ

ଭୌତିକ ଜଗତକୁ ତାହାର ଭାଗ୍ୟ ଅନୁସାରେ ଅପରିବର୍ତ୍ତନୀୟ ଭାବେ ପଡ଼ିରହିବାକୁ ଛାଡ଼ିଦେଇ ଏଠାରୁ ପଳାୟନ କରିବା ପୂର୍ଣ୍ଣଯୋଗର ଲକ୍ଷ୍ୟ ନୁହେଁ । କିଂବା କୌଣସି ଚରମ ପରିବର୍ତ୍ତନର ଆଶା ନ ରଖି ପାର୍ଥିବ ଜୀବନ ଯେପରି ଅଛି ସେପରି ଭାବେ ଗ୍ରହଣ କରିନେବା, ଏହି ଜଗତକୁ ଭାଗବତ ସଂକଳ୍ପର ଅନ୍ତିମ ଅଭିବ୍ୟକ୍ତି ରୂପେ ଗ୍ରହଣ କରିନେବା ମଧ୍ୟ ପୂର୍ଣ୍ଣଯୋଗର ଲକ୍ଷ୍ୟ ନୁହେଁ ।

ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଉଛି ସାଧାରଣ ମାନସ ଚେତନାରୁ ଆରମ୍ଭ କରି ଅତିମାନସ ଚେତନା ଓ ଦିବ୍ୟ ଚେତନା ପର୍ଯ୍ୟନ୍ତ ଚେତନାର ସମସ୍ତ ସ୍ତର ମଧ୍ୟ ଦେଇ ଊର୍ଦ୍ଧ୍ୱାରୋହଣ କରିବା, ଏବଂ ଯେତେବେଳେ ଏହି ଆରୋହଣ ଶେଷ ହୁଏ ସେତେବେଳେ ଭୌତିକ ଜଗତକୁ ଫେରିଆସି ଏହା ମଧ୍ୟକୁ ଉପଲବ୍ଧ ଅତିମାନସ ଶକ୍ତି ଓ ଚେତନାକୁ ଅନୁପ୍ରବିଷ୍ଟ କରାଇବା, ଯାହା ଫଳରେ ଏହି ପୃଥିବୀ କ୍ରମଶଃ ଏକ ଅତିମାନସ ଏବଂ ଦିବ୍ୟ ଜଗତରେ ପରିଣତ ହୋଇପାରେ ।

ପୂର୍ଣ୍ଣଯୋଗ ବିଶେଷତଃ ସେହିମାନଙ୍କ ନିକଟରେ ଆସି ଉପସ୍ଥିତ ହୁଏ, ଯେଉଁମାନେ ମନୁଷ୍ୟ ଯାହା ଉପଲବ୍ଧି କରିପାରେ ତାହା ନିଜ ମଧ୍ୟରେ ଉପଲବ୍ଧି କରି ମଧ୍ୟ ସନ୍ତୁଷ୍ଟ ନୁହନ୍ତି, କାରଣ ଏହି ସାଧାରଣ ଜୀବନରେ ଯାହାସବୁ ପ୍ରାପ୍ତ ହୋଇ ନ ପାରିବ ସେହିସବୁକୁ ସେମାନେ ଚାହାନ୍ତି । ଯେଉଁମାନେ ଅଜ୍ଞାତ ବସ୍ତୁକୁ ଜାଣିବା ସକାଶେ ଉତ୍କଣ୍ଠିତ, ପୂର୍ଣ୍ଣତା ନିମିତ୍ତ ଆସ୍ପୃହାଶୀଳ, ଯେଉଁମାନେ ନିଜ ସମ୍ବନ୍ଧେ ଦୁଃସହ ପ୍ରଶ୍ନସକଳ ଜିଜ୍ଞାସା କରନ୍ତି ଏବଂ ସେସବୁର ଯଥାର୍ଥ ଉତ୍ତରସବୁ ପାଇ ନାହାନ୍ତି, ସେଇମାନେହିଁ ପୂର୍ଣ୍ଣଯୋଗ ନିମିତ୍ତ ପ୍ରସ୍ତୁତ ହୋଇଥିବା ଯଥାର୍ଥ ବ୍ୟକ୍ତି ।

(ବୁଲେଟିନ୍, ନଭେମ୍ବର, ୧୯୫୪) — ଶ୍ରୀମା

**ଶେଷ ପୃଷ୍ଠା :**

# ଦିବ୍ୟ ଉପସ୍ଥିତି

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

**(୩)**

ଆମେ ଏପର୍ଯ୍ୟନ୍ତ ଆଲୋଚନା କରି ଆସିଛୁ, କିପରି ଏକ ଦିବ୍ୟ ଉପସ୍ଥିତି ସଦାସର୍ବଦା ଆମ ଭିତରେ, ବାହାରେ, ଊର୍ଦ୍ଧ୍ୱରେ ଓ ଆମ ଚତୁର୍ଦ୍ଦିଗରେ ଆମକୁ ଆବେଷ୍ଟନ କରି ଘେରି ରହିଛି; ଏପରିକି ଯଦି ତଳକୁ ଆହୁରି ତଳକୁ ଯାଇ ନିଶ୍ଚେତନାକୁ ଭେଦ କରାଯାଏ ତା'ହେଲେ ସେଠାରେ ମଧ୍ୟ ରହିଛି ସେହି ଦିବ୍ୟ ଉପସ୍ଥିତି । ସର୍ବବ୍ୟାପୀ ଏହି ଦିବ୍ୟ ଉପସ୍ଥିତି ଯୋଗୁହିଁ କୁହାଯାଇଥାଏ, ଆମେ ଆନନ୍ଦ ଭିତରେ ଜନ୍ମ ନେଇଛୁ, ଆନନ୍ଦ ଭିତରେହିଁ ବାସ କରୁଛୁ ଓ ପୁଣି ଆନନ୍ଦ ଭିତରକୁହିଁ ଫେରିଯିବୁ । ତା' ସତ୍ତ୍ୱେ ଆମେ ସେହି ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତ ହେଉନା କାହିଁକି ? ଆମେ ଯେ ଭଗବାନଙ୍କ ଭିତରୁ ଆସିଛୁ ଏକଥା ଆମେ କାହିଁକି ଭୁଲିଯାଉ ? – ଏହି ପ୍ରଶ୍ନର ଏକ ଅତି ସଂକ୍ଷିପ୍ତ ଉତ୍ତର ଦେଇ ଶ୍ରୀଅରବିନ୍ଦ କହିଥିଲେ,

"It is first by the separation from the Truth, by each following its own separate personality, becoming more concentrated in it and therefore naturally oblivious of the Divine."

ଅର୍ଥାତ୍, ''ପ୍ରଥମରେ ଦିବ୍ୟସତ୍ୟଠାରୁ ବିଚ୍ଛିନ୍ନ ହୋଇଯାଇ ପ୍ରତ୍ୟେକେ ନିଜ ନିଜର ପୃଥକ୍ ବ୍ୟକ୍ତିତ୍ୱର ଅନୁସରଣ କରିବା ଫଳରେ ଓ ଅଧିକରୁ ଅଧିକ ତା' ଉପରେ ଏକାଗ୍ର ହେବା ଫଳରେ ଏହା ସ୍ୱାଭାବିକ ଯେ ଭଗବାନଙ୍କ ସମ୍ପର୍କରେ ତାହାର ଏହି ବିସ୍ମରଣ ଘଟିବ ।''

ସୁତରାଂ ଭଗବାନଙ୍କ ସମ୍ପର୍କରେ ଏହି ବିସ୍ମରଣରୁ ଉଦ୍ଧାର ପାଇବାର ଏକମାତ୍ର ବାଟ ହେଉଛି ତାଙ୍କ ଦିବ୍ୟ ଉପସ୍ଥିତି ସମ୍ପର୍କରେ ଅଧିକରୁ ଅଧିକ ସଚେତ ହେବା ପାଇଁ ନିରନ୍ତର ପ୍ରୟାସ କରି ଚାଲିବାକୁ ହେବ । ସେ ଦିଗରେ ପ୍ରଥମ କାମଟି ହେଉଛି ଏହା ବୁଝିବା ଯେ ଆମର ବର୍ତ୍ତମାନର ଜୀବନରେ ଆମେ ଯେପରି ସାଧାରଣତଃ ଆମ ବ୍ୟକ୍ତି ଜୀବନକୁ କେନ୍ଦ୍ର କରି କେବଳ ଆମ ନିଜ ସମ୍ପର୍କରେ, ନିଜର ହାନିଲାଭ, କ୍ଷୟକ୍ଷତି ଓ ଆଶା-ଅଭିଳାଷ ଉପରେ ଏତେ ଏକାଗ୍ର ହୋଇଥାଉ, ତହିଁରେ ଭଗବାନଙ୍କ ଦିବ୍ୟ ଉପସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଚେଷ୍ଟା କରିବାକୁ ଆମକୁ ଅବସର ମିଳେ ନାହିଁ । ଆମ ମନ, ପ୍ରାଣ ଓ ଦେହ – ଚେତନାର ଅଧିକାଂଶ ଭାଗ କେବଳ ବାହାରର ଜିନିଷଗୁଡ଼ିକ ଉପରେ, ବାହ୍ୟକର୍ମ ଓ ବାହ୍ୟ ଜୀବନର ସମସ୍ୟା ଓ ଆଦାନ-ପ୍ରଦାନ ଉପରେ ଏକାଗ୍ର ହୋଇ ରହିଥାଏ । ତେଣୁ ଆମ ସତ୍ତାର ଗଭୀର ଓ ଊର୍ଦ୍ଧ୍ୱରେ ଥିବା ଆନ୍ତର ଚେତନା ଓ ଊର୍ଦ୍ଧ୍ୱଚେତନା ସମ୍ପର୍କରେ ଆମେ ପ୍ରାୟତଃ ଅଜ୍ଞ ହୋଇ ରହିଥାଉ । କିନ୍ତୁ କେବଳ ଅନ୍ତରର ବା ଊର୍ଦ୍ଧ୍ୱର ଦିବ୍ୟ ଚେତନାହିଁ ଭଗବାନଙ୍କ ଦିବ୍ୟ ଉପସ୍ଥିତିକୁ ପ୍ରତ୍ୟକ୍ଷ କରିପାରେ ଓ ସେହି ଚେତନାରେ ଉତ୍ତୀର୍ଣ୍ଣ ନହେଲେ ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତନ ହେବା ସମ୍ପୂର୍ଣ୍ଣ ଅସମ୍ଭବ । ହୁଏତ ଆମ କର୍ମ ଓ ଜୀବନର ବିଭିନ୍ନ କ୍ଷେତ୍ରରେ ଆମେ ବେଳେବେଳେ ମା'ଙ୍କ କୃପା ଓ ଶକ୍ତିର କିଛି ଝଲକ ପାଇଥାଉ, ହୁଏତ କେତେବେଳେ କେମିତି ଆମେ ଝାପ୍ସା ଭାବେ ଅନୁଭବ କରୁ ଯେ ଆମ ନିଜର ଶକ୍ତି ବ୍ୟତୀତ ଆଉ ଏକ ଅଜଣା ଶକ୍ତି ଆମକୁ ଅଲକ୍ଷ୍ୟରେ ସାହାଯ୍ୟ କରି ଚାଲିଛି । କିନ୍ତୁ ତାହାକୁ ଦିବ୍ୟ ଉପସ୍ଥିତିର ସଚେତନତା ବୋଲି କୁହାଯାଇ ପାରିବ ନାହିଁ । ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତନତା ଲାଭ କରିବାକୁ ହେଲେ ଆମ ଚେତନାର ଏକ ଅନ୍ତର୍ମୁଖୀ ଓ ଊର୍ଦ୍ଧ୍ୱମୁଖୀ ମୋଡ଼ ଏକାନ୍ତ ପ୍ରୟୋଜନ । ହୃଦୟର ଗଭୀରରୁ ଗଭୀରକୁ ବୁଡ଼ିଯାଇ ପାରିଲେ ଓ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତର ଚେତନା ଭିତରକୁ ଉଠିଯାଇ ପାରିଲେହିଁ ଆମେ ଯଥାର୍ଥଭାବେ ଦିବ୍ୟ ଉପସ୍ଥିତିର ସଚେତନତା ଲାଭ କରିପାରିବୁ ।

ତେବେ ଏହା ମଧ୍ୟ ସତ୍ୟ ଯେ ଆମ ଜାଣିବା, ନଜାଣିବା ଉପରେ ଭଗବାନଙ୍କ ଦିବ୍ୟ ଉପସ୍ଥିତି ନିର୍ଭର କରେ ନାହିଁ । ଜଣେ ସାଧକ ମା'ଙ୍କ ଦିବ୍ୟ ଉପସ୍ଥିତିକୁ ନିରନ୍ତର ଅନୁଭବ କରିବା ପାଇଁ ଅସମର୍ଥ ହେଉଥିବା ଯୋଗୁଁ ସେହି ଅନୁଭୂତି ବିନା ଜୀବନଟା କିପରି ନୀରସ ଓ ନିରାନନ୍ଦମୟ ହୋଇ ଉଠୁଛି ତାହା ଉଲ୍ଲେଖ କରି ସେ ଲେଖିଥିଲେ ଯେ ତଥାପି ମଧ୍ୟ ଏପରି

କିଛି ରହିଥିବାର ସେ ଅନୁଭବ କରୁଛନ୍ତି ଯାହା ତାଙ୍କୁ ପୂରା ବିଷାଦଗ୍ରସ୍ତ ଓ ହତାଶା-କାତର ହୋଇଯିବାରୁ ରକ୍ଷା କରୁଛି ।

ଶ୍ରୀମା ତା'ର ଉତ୍ତରରେ ଲେଖିଥିଲେ, "This is because the Presence is constant, whether or not it is felt, and its protection is constant and effective even when it is not perceived."

(15 December, 1968, Vol. 19, New Correspondences of the Mother, Vol. II)

ଅର୍ଥାତ୍, ''ଏହାର କାରଣ ହେଉଛି ତୁମେ ଅନୁଭବ କର ବା ନକର, ଦିବ୍ୟ ଉପସ୍ଥିତି ନିତ୍ୟ ନିରନ୍ତର ରହିଛି ଏବଂ ଏପରିକି ଯେତେବେଳେ ତୁମେ ଏହା ଦେଖି ପାର ନାହିଁ ବା ଜାଣି ପାର ନାହିଁ ସେତେବେଳେ ମଧ୍ୟ ଏହାର ସୁରକ୍ଷା ନିରନ୍ତର ଓ ଫଳପ୍ରଦ ହୋଇ ରହିଥାଏ ।''

ପ୍ରକୃତରେ ସେହି ଦିବ୍ୟ ଉପସ୍ଥିତିହିଁ ଆମକୁ ଓ ଏହି ଜଗତର ସବୁକିଛିକୁ ଧାରଣ କରି ରହିଛି । ଯଦିଓ ଆମେ ସେ ସମ୍ପର୍କରେ ସଚେତ ନୋହୁଁ । ଆମେ ଯାହାକୁ ଆମର 'ମୁଁ' ବୋଲି କହୁ, ତାହାକୁ ମଧ୍ୟ ମା'ଙ୍କର ଦିବ୍ୟ ଉପସ୍ଥିତି ନିଜ କୋଳରେ ଧାରଣ କରି ରହିଛି । ତାହାହିଁ ଆମ ଭିତରେ ସମସ୍ତ ଅଭୀପ୍ସା, ବିକାଶ ଓ ଅଗ୍ରଗତିର ପ୍ରେରଣା ଯୋଗାଇ ଥାଏ । ଏପରିକି ଆମ ଭିତରେ ଯାହା କାମନା-ବାସନା ଓ ଅହଂକୁ ଚରିତାର୍ଥ କରିବାର ରୂପ ନିଏ ତା' ପଛରେ ମଧ୍ୟ ଜଡ଼ତା, ଆଳସ୍ୟ ଓ ଅପ୍ରବୃତ୍ତି ଆଦି ତାମସିକତାକୁ ଭାଙ୍ଗି ଏକ ସକ୍ରିୟତା ଓ କର୍ମର ପଥରେ ଆଗେଇ ଯିବା ପାଇଁ ସେହି ଦିବ୍ୟ ଉପସ୍ଥିତିର ପ୍ରଚ୍ଛନ୍ନ ପ୍ରେରଣା ଥାଏ । ଯଦିଓ ଆମେ ସେହି ପ୍ରେରଣାର ପ୍ରକୃତ ସ୍ୱରୂପ ନବୁଝି, ତା'ର ସଦୁପଯୋଗ ନକରି ଓଲଟା ତା'ର ଦୁରୁପଯୋଗହିଁ କରି ବସୁ ଆମ ନିଜର ଅଜ୍ଞାନତା ଯୋଗୁଁ । କିନ୍ତୁ ଅସୀମ ଧୈର୍ଯ୍ୟର ସହ ଆମ ଭୁଲ୍‌ଭ୍ରାନ୍ତିକୁ ଭ୍ରୁକ୍ଷେପ ନକରି ସେହି ଦିବ୍ୟ ଉପସ୍ଥିତି ଆମକୁ କ୍ରମବିକାଶ ପଥରେ ଆଗେଇ ନେଇ ଚାଲିଥାଏ ନିଜର ଦିବ୍ୟତ୍ୱ ଆଡ଼କୁ । ତେବେ ସେହି ଦିବ୍ୟ ଉପସ୍ଥିତିକୁ ଜାଣି ପାରିଲେ ଓ ତାହାକୁ ପ୍ରତ୍ୟକ୍ଷଭାବେ ଉପଲବ୍ଧି କରିପାରିଲେ ଆମର ବିକାଶ ଓ ଅଗ୍ରଗତି ଆହୁରି ଦ୍ରୁତ, ଅବାଧ ଓ ନିସନ୍ଦିଗ୍ଧ ହେବ ।

ଶ୍ରୀମା'ଙ୍କ କହିବାନୁସାରେ, "All individual consciousness are like babies in the infinite arms of the Supreme Consciousness, only there is great difference between those who know it and those who do not. For to know it brings a marvellous joy which transforms one's whole existence with the sense of liberation."

(6 May 1969, Vol. 19, New Correspondences of the Mother, Vol. II)

ଅର୍ଥାତ୍, ''ସମସ୍ତ ବ୍ୟକ୍ତି ଚେତନା ହେଉଛି ପରମ ଚେତନାଙ୍କ ଅନନ୍ତ ବାହୁ ମଧ୍ୟରେ ଶିଶୁ ପରି; ଯେଉଁମାନେ ଏହା ଜାଣନ୍ତି ଏବଂ ଯେଉଁମାନେ ଏହା ଜାଣନ୍ତି ନାହିଁ ସେହିମାନଙ୍କ ଭିତରେ ରହିଛି କେବଳ ଏକ ବିରାଟ ପାର୍ଥକ୍ୟ । ଏହାକୁ ଜାଣିବାହିଁ ଆଣିଦିଏ ଏକ ଅପୂର୍ବ ମହିମାମୟ ଆନନ୍ଦ ଯାହାକି ମୁକ୍ତିର ଏକ ବୋଧ ସହିତ ଆମର ସମସ୍ତ ଜୀବନ ଓ ଅସ୍ତିତ୍ୱକୁ ରୂପାନ୍ତରିତ କରି ଦିଏ ।''

## (୪)

ଅନେକ ସମୟରେ ଆମ ନିଜ ଭିତରେ ରହିଥିବା ଦୋଷ, ଦୁର୍ବଳତା ଓ କାମନା-ବାସନାର ପ୍ରବେଗସବୁକୁ ଦେଖି ଆମେ ହତାଶ ହୋଇପଡ଼ୁ । ତତ୍ତ୍ୱଗତ ଭାବେ ନିଜ ଭିତରେ ଏକ ଦିବ୍ୟ ଉପସ୍ଥିତି ରହିଥିବା ସତ୍ୟକୁ ଗ୍ରହଣ କଲେ ମଧ୍ୟ, ତାହାକୁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରିବା ଆମ ପାଇଁ ଅସମ୍ଭବ ବୋଲି ଲାଗେ, କାରଣ ଆମେ ଦେଖିଥାଉ ଆମ ଭିତରେ ରହିଥିବା ଅଶୁଦ୍ଧିଗୁଡ଼ିକ କିପରି ସେମାନଙ୍କର ଆସନ ଜମାଇ ବସି ରହିଛନ୍ତି, ସେମାନଙ୍କୁ ସେହି ଆସନରୁ ଟଳାଇବା ଆମ ସାଧ୍ୟର ବାହାରେ ବୋଲି ଲାଗେ । ଅଥଚ ଏହା ମଧ୍ୟ ଆମେ ଜାଣୁ ଓ ସମସ୍ତ ଶାସ୍ତ୍ର-ଉପଦେଶ ଏକ ସ୍ୱରରେ କହି ଆସିଛି ଯେ ଆଧାର ଓ ଚେତନାର ଶୁଦ୍ଧି ବିନା ଅନ୍ତରସ୍ଥ ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତ ହେବା ଏକ କଳ୍ପନାବିଳାସ ମାତ୍ର । କାମ, କ୍ରୋଧ, ଲୋଭ, ମୋହ ଆଦି ଏହି ଅଶୁଦ୍ଧିଗୁଡ଼ିକୁ ଷଡ଼୍‌ରିପୁ ବୋଲି, ଏହାକୁ ଆମର ଶତ୍ରୁ ଭାବେ ଚିହ୍ନିତ କରାଯାଇଛି । ଏହି ଶତ୍ରୁମାନଙ୍କୁ ପରାଭୂତ କରି ସେମାନଙ୍କ ଉପରେ ବିଜୟ ହାସଲ କରି ନପାରିଲେ, ଆନ୍ତର ଚେତନାର ସେହି ରାଜ୍ୟରେ ଆମେ କେବେହେଲେ ପ୍ରବେଶ କରିପାରିବୁ ନାହିଁ ଯେଉଁଠି ଦିବ୍ୟ ଉପସ୍ଥିତି ନିତ୍ୟ ବିରାଜମାନ ହୋଇ ରହିଛି, କାରଣ ଏହି

ଅଶୁଦ୍ଧିଗୁଡ଼ିକହିଁ ସେହି ରାଜ୍ୟର ପ୍ରବେଶ ପଥ ଓ ଦ୍ୱାରଗୁଡ଼ିକ ରୁଦ୍ଧ କରି ଛିଡ଼ା ହୋଇଛନ୍ତି ଓ ଆମର ଅହଂ ଓ କାମନା-ବାସନାର ପ୍ରତ୍ୟେକଟି ଗତିବୃତ୍ତି ସେମାନଙ୍କୁ ନୂଆ ନୂଆ ଶକ୍ତି ଓ ପୁଷ୍ଟି ଯୋଗାଇ ଚାଲିଛି । ମହାପୁରୁଷମାନେ କହିଗଲେ ଅହଂକୁ ଦୂର କରିଦିଅ, କାମନା-ବାସନାକୁ ଦୂର କରିଦିଅ, ତା'ହେଲେ ସମସ୍ତ ଦୁଃଖ ଆପେ ଆପେ ଦୂର ହୋଇଯିବ । କାମନାର ବିନାଶରେ ଦୁଃଖର ବିନାଶ । କିନ୍ତୁ ସେହି କାମନାକୁ ବିନାଶ କରିବାର ବାଟଟି କ'ଣ ? ଉଗ୍ର ତପସ୍ୟା, ଶରୀର କ୍ଳେଶ ଓ କୃଚ୍ଛ୍ର ସାଧନା ? କିନ୍ତୁ ପୂର୍ଣ୍ଣଯୋଗ ତ କୁହେ ତୀବ୍ର ବୈରାଗ୍ୟ ଓ ସନ୍ନ୍ୟାସ ନେଇ ସଂସାରକୁ ଛାଡ଼ି ଚାଲିଯିବା ନୁହେଁ, ଏହି ସଂସାର ଓ ଜୀବନରେ ରହି ତାହାକୁ ଦିବ୍ୟତାରେ ରୂପାନ୍ତରିତ କରିବାହିଁ ଆମର ଲକ୍ଷ୍ୟ ।

ତା'ହେଲେ ବାଟଟି କ'ଣ ? ବାଟଟି ହେଉଛି ଆମର ଅଶୁଦ୍ଧିଗୁଡ଼ିକୁ ଦୂର କରି ଦେବା ପାଇଁ ଆନ୍ତରିକତାର ସହ ସମଗ୍ର ସତ୍ତା ଦେଇ ଭିତରର ସେହି ଦିବ୍ୟ ଉପସ୍ଥିତିକୁ ଆବାହନ କରିବା ଏବଂ ଅଶୁଦ୍ଧିଗୁଡ଼ିକୁ ଦୂର କରିଦେବା ପାଇଁ ତାହାର କ୍ରିୟାରେ ପୂର୍ଣ୍ଣ ଓ ସର୍ବାନ୍ତଃକରଣରେ ସହଯୋଗ କରିବା । ପ୍ରଥମ ଅବସ୍ଥାରେ ଦିବ୍ୟ ଉପସ୍ଥିତି ସମ୍ପର୍କରେ ଆମର କୌଣସି ଅନୁଭୂତି ନଥିଲେ ମଧ୍ୟ ଆମକୁ ମା'ଙ୍କର ସେହି କଥାଗୁଡ଼ିକ ଉପରେ ଦୃଢ଼-ବିଶ୍ୱାସ ରଖିବାକୁ ହେବ ଯେ ଆମେ ଜାଣୁ ବା ନଜାଣୁ, ଏକ ଦିବ୍ୟ ଉପସ୍ଥିତି ଆମ ଭିତରେ ରହି ଆମକୁ ଆମ ଲକ୍ଷ୍ୟ ପଥରେ ପହଞ୍ଚିବା ପାଇଁ ବରାବର ସାହାଯ୍ୟ କରି ଚାଲିଛି । ତେଣୁ ସେହି ଦିବ୍ୟ ଉପସ୍ଥିତିହିଁ ଆମକୁ ବରାବର ଭିତରୁ ଜଣାଇ ଦେଇଥାଏ ଯେ କେତେବେଳେ ଆମର କେଉଁ କାମଟି କରିବା କେତେଦୂର ଉଚିତ ବା ଅନୁଚିତ । ସେ ତା'ର ଇଚ୍ଛାକୁ ଆମ ଉପରେ ଜବରଦସ୍ତି ଲଦି ଦିଏ ନାହିଁ; ସେ ମୃଦୁ ଭାବରେ ଯଥାର୍ଥ ପଥ ସମ୍ପର୍କରେ ଇଙ୍ଗିତ ମାତ୍ର ଦେଇ ଆମ ସ୍ୱାଧୀନ ଇଚ୍ଛା ଉପରେ ଛାଡ଼ି ଦିଏ ତାହାକୁ ଗ୍ରହଣ କରିବା ନ କରିବାର ନିଷ୍ପତ୍ତିଟିକୁ । ଯଦିଓ ଅବସ୍ଥା ବିଶେଷରେ ଆମକୁ ବାଟକୁ ଆଣିବା ପାଇଁ ତା'ର ଦୃଢ଼ ହସ୍ତକ୍ଷେପ ଆମ ପାଇଁ କଠୋର ମନେ ହୋଇପାରେ, କିନ୍ତୁ ଆମର ସର୍ବୋତ୍ତମ ମଙ୍ଗଳ ଓ କଲ୍ୟାଣସାଧନ ବ୍ୟତୀତ ତାହାର ଅନ୍ୟ କୌଣସି ଉଦ୍ଦେଶ୍ୟ ନଥାଏ ବା ରହି ନପାରେ । କାରଣ ଆମର ବାହ୍ୟ ବ୍ୟକ୍ତିତ୍ୱ ନୁହେଁ, ଆମ ଅନ୍ତରସ୍ଥ ସେହି ଦିବ୍ୟ ଉପସ୍ଥିତିହିଁ ଆମର ପ୍ରକୃତ ସ୍ୱରୂପ; ତାହାହିଁ ଆମ ଜୀବନ ଓ ଅସ୍ତିତ୍ୱର ସାରମର୍ମ ଓ ମୂଳ ସତ୍ୟ । ଆମ ବାହ୍ୟ ବ୍ୟକ୍ତିତ୍ୱର ସମସ୍ତ ଜଡ଼ତା, ସମସ୍ତ ଅଜ୍ଞାନ ଓ ଅଶୁଦ୍ଧିକୁ ଦୂର କରିଦେଇ ତା'ର ନିଜ ଦିବ୍ୟତାର ଗୁଣ ଓ ଧର୍ମରେ ଆମକୁ ନୂଆ କରି ଗଢ଼ି ତୋଳିବା ପାଇଁ ସେହି ଦିବ୍ୟ ଉପସ୍ଥିତି ସଦା ତତ୍ପର । ଆମେ ସେହି ଦିବ୍ୟ ଉପସ୍ଥିତି ପ୍ରତି ନିଜକୁ ଯେତେ ଖୋଲିଦେଇ ପାରିବୁ, ତାହା ମଧ୍ୟ ସେଇ ଅନୁଯାୟୀ ଆମ ଆଗରେ ନିଜର ଦିବ୍ୟ ସ୍ୱରୂପକୁ ଖୋଲି ପ୍ରକଟ କରି ଦେଉଥିବ, ତା'ର ଆଲିଙ୍ଗନରେ ଆମକୁ କୋଳାଗ୍ରତ କରି ନେଉଥିବ; ଯେତେବେଳେ କି ଶେଷରେ ଆମେ ଉପଲବ୍ଧି କରିବୁ ସେହି ଦିବ୍ୟ ଉପସ୍ଥିତି ଓ ଆମେ ସେହି ଏକ ଓ ଅଭିନ୍ନ ଦିବ୍ୟ ଉପାଦାନରେ ଗଠିତ, ଆମ ଭିତରେ ଆଉ ପାର୍ଥକ୍ୟ ବୋଲି କିଛି ନାହିଁ, ସେହି ଦିବ୍ୟ ଉପସ୍ଥିତି ସହ ଆମେ ଏକ ଓ ଅଭିନ୍ନ । ଆମ ଚେତନାର ଅଶୁଦ୍ଧି ଯୋଗୁଁ ଏପର୍ଯ୍ୟନ୍ତ ଆମଠାରୁ ଅଲଗା ମନେ ହେଉଥିବା ସେହି ଦିବ୍ୟ ଉପସ୍ଥିତି ଆମରିହିଁ ଦିବ୍ୟ ସ୍ୱରୂପ । ଆମର ଅନ୍ତରାତ୍ମାକୁ ନେଇ, ଆମର ମନ, ପ୍ରାଣ, ଦେହକୁ ନେଇ, ସର୍ବାଙ୍ଗୀନ ଭାବରେ ଏକମାତ୍ର ଲକ୍ଷ୍ୟ ଏହି ସତ୍ୟଟିକୁ ବୁଝି ଆମର ପ୍ରତିଟି ପଦକ୍ଷେପରେ ସେହି ସତ୍ୟକୁ ଅନୁସରଣ କରିବାରେହିଁ ରହିଛି ଆମ ଜୀବନର ସାର୍ଥକତା ।

ଶ୍ରୀମା'ଙ୍କ କଥାରେ, "The true aim of life is to find the Divine's Presence deep inside oneself and to surrender to It so that It takes the lead of the life, all the feelings and all the actions of the body."

(CWM, Vol. 14, p. 5)

ଅର୍ଥାତ୍, ''ଜୀବନର ଯଥାର୍ଥ ଲକ୍ଷ୍ୟ ହେଲା ନିଜର ଶରୀର ଭିତରେ ଭଗବାନଙ୍କର ଦିବ୍ୟ ଉପସ୍ଥିତିକୁ ଖୋଜି ବାହାର କରିବା ଏବଂ ଏହା ପାଖରେ ନିଜକୁ ସମର୍ପଣ କରିବା ଯାହା ଫଳରେ ସେ ଆମ ଜୀବନର, ଆମର ସମସ୍ତ ଅନୁଭବର ଓ ଶରୀରର ସମସ୍ତ କ୍ରିୟାକଳାପର ନେତୃତ୍ୱ ନେବେ ।''

ତେଣୁ ଆମର ମନ, ପ୍ରାଣ ଓ ଦେହର ଅଶୁଦ୍ଧିଗୁଡ଼ିକ ଦୂର କରିବା ପାଇଁ ସେହି ଦିବ୍ୟ ଉପସ୍ଥିତିକୁହିଁ ଆବାହନ କରିବାକୁ ହେବ, ତାହାର ନେତୃତ୍ୱ ହାତରେ ଆମ ଆଧାର ଶୁଦ୍ଧିର ସମସ୍ତ ଭାର ଅର୍ପଣ କରିବାକୁ ହେବ । କିନ୍ତୁ ଆମେ ଯଦି ଏପରି ଭାବିବସୁ ଯେ ଆଧାରରେ ଅଶୁଦ୍ଧିଗୁଡ଼ିକ ଯେମିତି ରହିଛି ସେମିତି ରହି ଚାଲିଥାଉ, ଆମେ ନିଜର ନାନା କ୍ରିୟାକଳାପରେ ସେଗୁଡ଼ିକରେ ଲିପ୍ତ ଓ ଜଡ଼ିତ ରହି ସେଗୁଡ଼ିକୁ ପୋଷଣ କରି

ଚାଲିଥାଉ ଓ ସମୟ ଆସିଲେ ମା'ଙ୍କର କୃପା ଓ ଶକ୍ତି ସେଗୁଡ଼ିକୁ ଦୂର କରିଦେବ, ଆମର ସେଥିପାଇଁ ବ୍ୟସ୍ତ ହେବାର ବା କରିବାର କିଛି ନାହିଁ; ତା'ହେଲେ ତା'ଠାରୁ ବିଭ୍ରାନ୍ତିକର ଆତ୍ମପ୍ରବଞ୍ଚନା ଆଉ କିଛି ନାହିଁ । ସେହି ଅଶୁଦ୍ଧିଗୁଡ଼ିକୁ ଦୂର କରିବା ପାଇଁ ମା'ଙ୍କ ଦିବ୍ୟ ଉପସ୍ଥିତିର ଶକ୍ତି ଓ କ୍ରିୟା ସହିତ ଯେପରି ସହଯୋଗ କରିବାକୁ ହେବ, ଆମ ଆଧାରରେ ସେହି ଅଶୁଦ୍ଧିଗୁଡ଼ିକର ଉପସ୍ଥିତି ବିରୋଧରେ ସେଗୁଡ଼ିକ ସହ ଆମକୁ ସେହିପରି ସକ୍ରିୟ ଅସହଯୋଗ ମଧ୍ୟ କରିବାକୁ ହେବ । କାରଣ ଆମେ ଜାଣୁ ଯେ ଯଦି ସେହି ଅଶୁଦ୍ଧିଗୁଡ଼ିକୁ ମାନିନେଇ, ସେଥିପ୍ରତି ଆସକ୍ତି ରଖି ଓ ତାହାର ଭୋଗରେ ମଜ୍ଜିଯାଉ, ତା'ହେଲେ ଆମେ ସେହିଠାରେହିଁ ଅଟକି ଯିବୁ, ଚେତନାର ସେହି ରାଜ୍ୟରେ ପ୍ରବେଶ କରିପାରିବୁ ନାହିଁ, ଯାହା ଦିବ୍ୟ ଉପସ୍ଥିତିର ମହିମାରେ ଚିର ଉଦ୍ଭାସିତ ।

(କ୍ରମଶଃ)

A harmonious collective aspiration can change the course of circumstances.

(CWM Vol. 14, p. 184) – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**



ଆଲିପୁର ଜେଲରେ ଶ୍ରୀଅରବିନ୍ଦ, ୧୯୦୮-୧୯୦୯

ଶ୍ରୀଅରବିନ୍ଦଙ୍କ କଲିକତା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।
(ଷଷ୍ଠ ପର୍ବ)

୯ ସେପ୍‌ଟେମ୍ବର ୧୯୦୮ରେ ସେସନ୍‌ସ କୋର୍ଟ୍‌ରେ 'ଆଲିପୁର ଜେଲ ମଡ଼ର୍ କେସ୍'ର ବିଚାର ଆରମ୍ଭ ହେଲା । ... ଆସାମୀ କାନାଇଁଙ୍କ ସମ୍ବନ୍ଧେ ଜଜ କୁରିଙ୍କର ନିଷ୍ପତ୍ତିକୁ ଚୂଡ଼ାନ୍ତ ରାୟ (ଫାଶୀଦଣ୍ଡ) ହିସାବରେ ଗ୍ରହଣ କରି ଆସାମୀ ସତ୍ୟେନ୍‌ଙ୍କ ବିଚାର ହାଇକୋର୍ଟ୍‌କୁ ସୁପାରିସ କଲେ । ... ହାଇକୋର୍ଟ୍‌ରେ ସତ୍ୟେନ୍‌ଙ୍କ ବିଚାର ୧୫ ଅକ୍‌ଟୋବରରେ ଆରମ୍ଭ ହେଲା । ... ଆଲିପୁର ଜେଲ ମଧ୍ୟରେ ୧୦ ନଭେମ୍ବର ୧୯୦୮ରେ କାନାଇଁଙ୍କୁ ଏବଂ ୨୧ ନଭେମ୍ବରରେ ସତ୍ୟେନ୍‌ଙ୍କୁ ଫାଶୀ ଦିଆଗଲା । ... କାରାମୁକ୍ତି ପରେ ଶ୍ରୀଅରବିନ୍ଦଙ୍କ ସହିତ ଜଣେ ସାମ୍ବାଦିକଙ୍କର ହୋଇଥିବା ସାକ୍ଷାତ୍କାରରୁ କିଛି ଉଦ୍ଧୃତି :




ବାହାର ପଟରୁ ସେସନ୍‌ସ କୋର୍ଟ୍

ପ୍ରଶ୍ନ : ଗୋସାଇଁଙ୍କର ହତ୍ୟା ପରେ କ'ଣ ସବୁ ଘଟିଲା ?

ଶ୍ରୀଅରବିନ୍ଦ : ଅଧଘଣ୍ଟାକ ଭିତରେ ଜେଲ କର୍ତ୍ତୃପକ୍ଷ ଆମ ହଲ୍‌କୁ ଆସି ଆମ ସମସ୍ତଙ୍କୁ ହଲ୍‌ରୁ ବାହାର କରିଦେଲେ । ... ଆମ କପାଳରେ ପୁଣି ନିର୍ଜନ କାରାବାସ ହେଲା । ... ଜେଲର ଆଦି ପର୍ବ ସଦୃଶ ଅନ୍ୟ ସବୁକିଛିର ବନ୍ଦୋବସ୍ତ କରାଗଲା ।

ପ୍ରଶ୍ନ : ଆପଣମାନଙ୍କ ପ୍ରତି କୁଆଡ଼େ ପୂର୍ବାପେକ୍ଷା ଅଧିକ କଠୋର ଆଚରଣ କରାଯାଇଥିଲା ?

ଶ୍ରୀଅରବିନ୍ଦ : ବାସ୍ତବିକ ଏହା ଅତ୍ୟନ୍ତ କଠୋର ଥିଲା । ସଶସ୍ତ୍ର ହାଇଲ୍ୟାଣ୍ଡାର୍ସ (ସ୍କଟଲାଣ୍ଡର ସଶସ୍ତ୍ର ମାରାତ୍ମକ ପାହାଡ଼ୀ ସିପାହିମାନଙ୍କର ସ୍ୱତନ୍ତ୍ର ରେଜିମେଣ୍ଟ) ଆସି ଆମମାନଙ୍କୁ ଚବିଶ ଘଣ୍ଟା ପହରା ଦେବାକୁ ଲାଗିଲେ । ... ଜେଲରେ ଆମମାନଙ୍କ ମଧ୍ୟରୁ କେହି କୌଣସି ପ୍ରକାର ନିୟମଭଙ୍ଗ କଲେ ତାକୁ ତତ୍‌କ୍ଷଣାତ୍ ଗୁଳି କରି ମାରିଦେବାକୁ ଏମାନଙ୍କୁ ଆଦେଶ ମିଳିଥିଲା । ... ଯେଉଁମାନେ ଆଧ୍ୟାତ୍ମିକ ସାଧନାରେ ନିଜକୁ ବ୍ୟାପୃତ ରଖିଥିଲେ, କେବଳ ସେହିମାନେହିଁ ଏହି କଷ୍ଟକର ଜୀବନଧାରାରେ ସେତେ ବେଶୀ କଷ୍ଟ ଅନୁଭବ କରିପାରୁ ନଥିଲେ, ନଚେତ୍ ଅନ୍ୟମାନଙ୍କ ସକାଶେ ଏହି ମାସଟି ଥିଲା ପ୍ରକୃତରେ ତୀବ୍ର ଯନ୍ତ୍ରଣାଦାୟକ ଜୀବନ । ଏହି ସମୟରେ କୋର୍ଟ୍ ବନ୍ଦ ଥିଲା । କୋର୍ଟ୍ ଆରମ୍ଭ ହେବାରୁ ସେଠାରେ ଆମେ ପୁଣି ଏକାଠି ହେବାର ସୁଯୋଗ ପାଇଲୁ । ...




ସେସନ୍‌ସ କୋର୍ଟ୍‌ର ଭିତର ଦୃଶ୍ୟ



ସରୋଜିନୀ

ଇତିପୂର୍ବରୁ ଶ୍ରୀଅରବିନ୍ଦଙ୍କ ଭଉଣୀ ସରୋଜିନୀ ତାଙ୍କୁ ଜେଲରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ୧୩ ଜୁନ୍ ୧୯୦୮ରେ 'ବନ୍ଦେ ମାତରମ୍' ପତ୍ରିକାରେ ଏକ 'ଆବେଦନ ପତ୍ର' ପ୍ରକାଶ କରିଥିଲେ । ପରମୁହୂର୍ତ୍ତରେ ଏହି 'ଆବେଦନ ପତ୍ର' ସମ୍ବନ୍ଧେ ଦେଶର ବିଭିନ୍ନ ପତ୍ରପତ୍ରିକାରେ ଅଭିନନ୍ଦନସୂଚକ ଦୀର୍ଘ ପ୍ରବନ୍ଧମାନ ପ୍ରକାଶିତ ହେବାକୁ ଲାଗିଲା । ପୁଣେର 'ସାର୍ବଜନିକ ସଭା' ପ୍ରତିଷ୍ଠାନର ସଦସ୍ୟଗଣ ଏବଂ ନାଗପୁରର ଜାତୀୟତାବାଦୀ ଦଳ ଅତ୍ୟନ୍ତ ଆଗ୍ରହ ସହକାରେ ଜନସାଧାରଣଙ୍କ ଭାବନାରେ ତୀବ୍ର ଉଦ୍ଦୀପନା ସୃଷ୍ଟି କରି ପ୍ରଭୂତ ପରିମାଣରେ ଆର୍ଥିକ ଅନୁଦାନ ପଠାଇବାକୁ ଲାଗିଲେ । ଏହି 'ଆବେଦନ' ଫଳରେ ଅଳ୍ପ ଦିନ ଭିତରେ ପ୍ରାୟ ପନ୍ଦର ହଜାର ଟଙ୍କା ସଂଗୃହୀତ ହୋଇ ପାରିଥିଲା । ...



# Sj. Aurobindo Ghose.

:O:

## AN APPEAL FOR FUNDS.

My countrymen are aware that my brother Srijut Aurobindo Ghose stands accused of a grave offence. But I believe and I have reasons to think that the vast majority of my countrymen believe, that he is quite innocent. I think that if he be defended by an able Counsel he is sure to be acquitted. But as he has taken the vow of poverty in the service of the Motherland he has no means to engage the services of any eminent barrister-at-law. I am, therefore, under the painful necessity of appealing to the public-spirited generosity of my countrymen on his behalf. I know all my countrymen do not hold the same political opinions as he. But I feel some delicacy in saying that probably there are few Indians who do not appreciate his great attainments, his self-sacrifice, his single-minded devotion to the country's cause, and the high spirituality of his character. These embolden me, a woman, to stand before every son and daughter of India for help to defend a brother,—my brother and theirs too.


Contributions should be sent either to me at College Square, Calcutta, or to my Solicitors, Messrs. Manual and Agarwalla, No. 8, Hastings Street, Calcutta.

College Square, Calcutta, the 13th. June 1908. } SAROJINI GHOSE.

'ବନ୍ଦେ ମାତରମ୍'ରେ ପ୍ରକାଶିତ 'ଆବେଦନ ପତ୍ର'ର ଅବିକଳ ପ୍ରତିଲିପି

ସରୋଜିନୀଙ୍କର 'ଆବେଦନ ପତ୍ର'ରୁ କିଛି ଉଲ୍ଲେଖ କରୁଛୁ :

''... ମୁଁ ଏ ବିଷୟରେ ବେଶ୍ ଅବଗତ ଯେ ପ୍ରତ୍ୟେକ ଦେଶବାସୀ ମୋ ଭାଇଙ୍କ ସଦୃଶ ସମାନ ରାଜନୈତିକ ମତ ପୋଷଣ କରନ୍ତି ନାହିଁ । କିନ୍ତୁ ମୁଁ ବିନମ୍ରତାର ସହ ଏକଥା ବି କହିପାରେ ଯେ ଅତି ଅଳ୍ପ ସଂଖ୍ୟକ ଭାରତୀୟ ଯେଉଁମାନେ କି ମୋ ଭାଇଙ୍କର ଲବ୍ଧ ମହାନ୍ ଧୀଶକ୍ତି, ଆତ୍ମୋତ୍ସର୍ଗ, ଐକାନ୍ତିକ ସ୍ୱଦେଶପ୍ରେମ ଏବଂ ସର୍ବୋପରି ତାଙ୍କର ଉଚ୍ଚମାନର ଆଧ୍ୟାତ୍ମିକ ଚରିତ୍ରବତ୍ତା ପ୍ରତି ମର୍ଯ୍ୟାଦା ଦେବାକୁ ଦ୍ୱିଧାବୋଧ କରନ୍ତି । ଏହାହିଁ ମୋତେ ଭାରତମାତାଙ୍କର ସନ୍ତାନମାନଙ୍କ ସମ୍ମୁଖରେ ଛିଡ଼ା ହୋଇ ଜଣେ ଭାଇର ସୁରକ୍ଷା ସକାଶେ ସାହାଯ୍ୟ ନିମିତ୍ତ ହାତ ପାତିବାକୁ ଗଭୀରଭାବେ ଉତ୍ସାହିତ କରିଛି । ସେ କେବଳ ମୋ ଭାଇ ନୁହନ୍ତି, ସେମାନଙ୍କର ବି ଜଣେ ଭାଇ । ...''



ଆସାମୀ ଉପେନ୍ ବାନାର୍ଜୀ

ଆସାମୀ ଉପେନ୍‌ଙ୍କ ଉକ୍ତିରୁ : ''... ଆମମାନଙ୍କ ମଧ୍ୟରୁ କେବଳ ଦୁଇ ଜଣଙ୍କ ବ୍ୟତୀତ ଆଉ କାହାରି ପାଖରେ ମୋକଦମାର ଖର୍ଚ୍ଚ ଯୋଗାଇବାର କପର୍ଦ୍ଦକଟିଏ ବି ନଥିଲା । ସୁତରାଂ ଶ୍ରୀଅରବିନ୍ଦଙ୍କୁ ସାହାଯ୍ୟ କରିବା ସକାଶେ ଯେଉଁ ଚାନ୍ଦା ସଂଗ୍ରହ ହୋଇଥିଲା, ସେଥିରୁ ଆମମାନଙ୍କ ସକାଶେ ଓକିଲ ବାରିଷ୍ଟରଙ୍କୁ ଅଳ୍ପ ଅଳ୍ପ କରି ଖର୍ଚ୍ଚ ଦିଆଗଲା । ଯେଉଁମାନଙ୍କୁ ଅଳ୍ପ ଅଳ୍ପ ଦକ୍ଷିଣା ପୋଷାଇଲା ନାହିଁ, ସେମାନେ ଅଳ୍ପ ଦିନ ପରେହିଁ ଖସିଗଲେ । ...''

୨ ମେ, ୧୯୦୮ରେ ବେଙ୍ଗଲରେ ବ୍ୟାପକ ଗିରଫ ଘଟଣା ଜାଣିବା ପରେ ଲଣ୍ଡନର ହ୍ୱାଇଟ୍‌ହଲ୍‌ରୁ 'ସେକ୍ରେଟେରୀ ଅଫ୍ ଷ୍ଟେଟ୍ ଫର୍ ଇଣ୍ଡିଆ', ଜନ୍ ମର୍ଲେ 'ଭାଇସ୍‌ରାୟ ଅଫ୍ ଇଣ୍ଡିଆ', ଲର୍ଡ଼ ମିଣ୍ଟୋଙ୍କୁ ୭ ମେ, ୧୯୦୮ରେ ଯେଉଁ ଦୀର୍ଘ ପତ୍ରଟି ଲେଖିଥିଲେ, ସେଥିରୁ କିଛି ଉଦ୍ଧୃତି : ''... ଆପଣମାନଙ୍କର ବସବାସ ଓ ଚଳଣିର ସ୍ୱାତନ୍ତ୍ର୍ୟ ଏବଂ ଆପଣମାନଙ୍କର ପରିବେଷ୍ଟନୀରେ ଥିବା ସହକର୍ମୀବୃନ୍ଦଙ୍କ ମନୋଭାବ ସବୁକୁ ବିଚାରକୁ ଆଣି ... ମୋର ଅନୁଭବ ହେଲା ଯେ ମୁଁ (ଭାରତରେ) 'କୋସାକ୍-ରୁଲ୍'ର ଜଣେ



ଲଣ୍ଡନର ହ୍ୱାଇଟ୍‌ହଲ୍



ଜନ୍ ମର୍ଲେ
(୧୮୧୮ - ୧୯୨୩)
ସେକ୍ରେଟେରୀ ଅଫ୍ ଷ୍ଟେଟ୍ ଫର୍ ଇଣ୍ଡିଆ (୧୯୦୫ - ୧୯୧୦)

ସହଚର । (ରୁଷିଆର ଯୁଦ୍ଧପ୍ରିୟ ବ୍ୟକ୍ତି କୋସାକ୍‌ଙ୍କ ପ୍ରଣୀତ ଅତ୍ୟାଚାର ପ୍ରପୀଡ଼ିତ ନିୟମକାନୁନ) ...

''ମୋର ଦୃଢ଼ ଆସ୍ଥା ଏବଂ ସମ୍ପୂର୍ଣ୍ଣ ବିଶ୍ୱାସ ଯେ ଆପଣମାନେ ମୋତେ ରୁକ୍ଷ, ନିର୍ଦୟ ବୋଲି ବିବେଚନା କରିବେ ନାହିଁ । ଆଉ ଏକଥା ବି ଭାବିବେ ନାହିଁ ଯେ ଭାରତରେ ଯତ୍ର ତତ୍ର ବୋମାସବୁ ପ୍ରଚଣ୍ଡ ମୃତ୍ୟୁ ଘଟାଉଥିବା ବେଳେ, ... ମୁଁ ହ୍ୱାଇଟ୍‌ହଲ୍‌ରେ ଆର୍ମଚେୟାରରେ ବସି ଆରାମ କରୁଛି । ...''

ଯଥାର୍ଥରେ କହିବାକୁ ଗଲେ ଭାରତରେ ପ୍ରଚଳିତ ଶାସନ-ପ୍ରଣାଳୀ ସମ୍ବନ୍ଧେ ଜନ୍ ମର୍ଲେଙ୍କର ମନୋଭାବ ଅଭିନନ୍ଦନ ସୂଚକ ନଥିଲା ।



ଲର୍ଡ଼ ମିଣ୍ଟୋ
(୧୮୪୫ - ୧୯୧୪)
ଭାଇସ୍‌ରାୟ ଅଫ୍ ଇଣ୍ଡିଆ
(୧୯୦୫ - ୧୯୧୦)

ମେ ୮ ତାରିଖ ଓ ୧୦ ତାରିଖ ଭିତରେ ଭାରତ ସରକାର (ଲର୍ଡ଼ ମିଣ୍ଟୋ ଓ ତାଙ୍କର ସହକର୍ମୀବୃନ୍ଦ) ଧାରଣା କରିଥିଲେ ଯେ ମୋଜାଫରପୁରର ହତ୍ୟାକାଣ୍ଡରେ ଧୃତ ସମସ୍ତ ଆସାମୀ ଲିପ୍ତ ଥିବାର ପ୍ରମାଣ ମିଳିଗଲେ ଏମାନେ ସମସ୍ତେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହେବାର ପ୍ରଭୂତ ସମ୍ଭାବନା ରହିଛି । କିନ୍ତୁ ଲର୍ଡ଼ ମିଣ୍ଟୋ ସିଦ୍ଧାନ୍ତ ନେଲେ ଯେ ବର୍ତ୍ତମାନ ପରିସ୍ଥିତିରେ ସେ ଅପେକ୍ଷା କରି ଦେଖିବେ ବେଙ୍ଗଲ ସରକାର (ପଶ୍ଚିମ ବଙ୍ଗର ଛୋଟ ଲାଟ୍ ସାର୍ ଆଣ୍ଡ୍ରୁ ଫ୍ରେଜାର୍ ଓ ତାଙ୍କର ସହକର୍ମୀବୃନ୍ଦ) କ'ଣ ସିଦ୍ଧାନ୍ତ ନେଉଛନ୍ତି । ...

ସାର୍ ଫ୍ରେଜାର୍ ମେ ୧୭ ତାରିଖରେ ଲର୍ଡ଼ ମିଣ୍ଟୋଙ୍କୁ ଏହି ମର୍ମରେ ପତ୍ର ଲେଖିଥିଲେ ଯେ ସୁବିଧା ଦୃଷ୍ଟିରୁ ସମସ୍ତ ଆସାମୀଙ୍କୁ ନିର୍ଦ୍ଦିଷ୍ଟ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିଲେ ବୋଲି ଘୋଷଣା କରି ଆଇନ ଅନୁଯାୟୀ ଆଲିପୁରର ଆଡ଼ିସନାଲ୍ ସେସନ୍ସ୍ ଜଜଙ୍କ ଦ୍ୱାରା ବିଚାର କରାଯାଇପାରେ । କିନ୍ତୁ ସେ ମେ ୧୬ ତାରିଖରେ ଲର୍ଡ଼ ମିଣ୍ଟୋଙ୍କ ନିକଟକୁ ଏକ ଅନୁରୋଧ ପତ୍ରରେ ଜଣାଇଥିଲେ ଯେ 'ନବଶକ୍ତି' ଅଫିସରୁ ଗିରଫ ହୋଇଥିବା ତିନି ଜଣ ଆସାମୀ (ଶ୍ରୀଅରବିନ୍ଦ, ଅବିନାଶ ଓ ଶୈଳେନ୍ଦ୍ର)ଙ୍କୁ ୧୮୧୮ର ତୃତୀୟ ରେଗୁଲେସନ୍ ଆକ୍ଟ ଅନୁଯାୟୀ ବେଙ୍ଗଲ ବାହାରେ କୌଣସି ଏକ ସୁରକ୍ଷିତ ସ୍ଥାନରେ  ନିର୍ବାସନ ଦଣ୍ଡ ଦେବାକୁ ଅନୁମତି ମିଳୁ । ...



ବେଙ୍ଗଲର ବାରାକ୍‌ପୁରରେ ଥିବା ଲର୍ଡ଼ ମିଣ୍ଟୋଙ୍କର ସରକାରୀ ବାସସ୍ଥାନ, ୧୯୦୩



ସାର୍ ଆଣ୍ଡ୍ରୁ ଫ୍ରେଜାର୍
(୧୮୪୮ - ୧୯୧୯)
ପଶ୍ଚିମ ବଙ୍ଗର ଛୋଟ ଲାଟ୍
(୧୯୦୩ - ୧୯୦୮)

ପୁନଶ୍ଚ ସାର୍ ଫ୍ରେଜାର୍ ମେ ୧୯ ତାରିଖରେ ଲର୍ଡ଼ ମିଣ୍ଟୋଙ୍କ ନିକଟକୁ ସ୍ୱ-ସ୍ୱାକ୍ଷରିତ ଏକ ଚିଠି ସହିତ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଲିପିବଦ୍ଧ ଏକ ସୁଦୀର୍ଘ ଗୁପ୍ତ ମନ୍ତବ୍ୟ ପଠାଇଲେ । ... ତାଙ୍କ ମତରେ ଶ୍ରୀଅରବିନ୍ଦ ହେଉଛନ୍ତି ସବୁ ବିଭ୍ରାଟର ଉତ୍ସ, ... ନିଃସନ୍ଦେହ ଭାବରେ ଏହି ହତ୍ୟାକାଣ୍ଡ ଘଟାଇବାରେ ରାଷ୍ଟ୍ର-ବିପ୍ଳବ ପ୍ରୟାସୀ ଯୁବକଦଳଙ୍କର ମନ୍ତ୍ରଦାତା ଓ ଗୁପ୍ତନେତା । ... କିନ୍ତୁ ଶ୍ରୀଅରବିନ୍ଦଙ୍କର ବିଦ୍ୟାର୍ଥୀ-ଜୀବନ ବର୍ଣ୍ଣନା କରିବା ସମୟରେ ସାର୍ ଫ୍ରେଜାର୍ ଉଲ୍ଲେଖ କରିଥିଲେ ଯେ ପରୀକ୍ଷାରେ ଅତ୍ୟନ୍ତ ସାଫଲ୍ୟ ଅର୍ଜନ କରିଥିବା ଶ୍ରୀଅରବିନ୍ଦଙ୍କ ସଦୃଶ ଜଣେ ଅଭିଜ୍ଞ ଛାତ୍ରଙ୍କୁ ଘୋଡ଼ାଚଢ଼ା ବ୍ୟାପାରରେ ଆଇ.ସି.ଏସ୍.ରୁ ବାଦ୍ ଦେଇ କର୍ତ୍ତୃପକ୍ଷଗଣ 'ମହାପ୍ରମାଦ' କରିଥିବାରୁ ସେ ଅତ୍ୟନ୍ତ ଦୁଃଖିତ । ...

ସାର୍ ଫ୍ରେଜାର୍ଙ୍କ ପତ୍ରରୁ ଉଦ୍ଧୃତି : ...''ସେ (ଶ୍ରୀଅରବିନ୍ଦ) ହେଉଛନ୍ତି ଆଇନତଃ ଯୋଗ୍ୟତାସମ୍ପନ୍ନ, ଅତ୍ୟନ୍ତ ଚତୁର ଓ ଧର୍ମୋନ୍ମାଦ ବ୍ୟକ୍ତି । ... ଶିଷ୍ୟଗଣ ଜଣେ ମହାନ୍ ଗୁରୁଙ୍କୁ ଯେମିତି ଶ୍ରଦ୍ଧାଭକ୍ତି ସହିତ ସମ୍ମାନ ଦେଇଥା'ନ୍ତି, ଠିକ୍ ସେମିତି ସେ ମଧ୍ୟ ସମସ୍ତଙ୍କ ଦ୍ୱାରା ଚୟନ ହୋଇଥିଲେ । ...



ବେଙ୍ଗଲର ବେଲ୍‌ଭେଡ଼ିଅର୍‌ରେ ଥିବା
ସାର୍ ଫ୍ରେଜାରଙ୍କର ସରକାରୀ ବାସସ୍ଥାନ, ୧୯୦୩

''ମୁଁ ଆନ୍ତରିକତାର ସହିତ ଆଶାପୋଷଣ କରୁଛି ଯେ ତାଙ୍କ ପ୍ରତି ନିର୍ବାସନ ଦଣ୍ଡଟିକୁ ବାତିଲ କରିଦେବାରେ ଯେମିତି କୌଣସି ପ୍ରକାର ଭାବପ୍ରବଣତାର ଅନୁପ୍ରବେଶ ନ ଘଟେ । ...''

'ଇଣ୍ଡିଆ କାଉନ୍‌ସିଲ୍'ରେ ଲର୍ଡ଼ ମିଣ୍ଟୋଙ୍କର ପ୍ରଧାନ ଉପଦେଷ୍ଟାଦ୍ୱୟ ଉପରୋକ୍ତ ଦଣ୍ଡ ବିଧାନର ବିପକ୍ଷରେ ଥିଲେ । ସେ ଦୁହିଁଙ୍କ ମତରେ ଶ୍ରୀଅରବିନ୍ଦଙ୍କୁ କୋର୍ଟ୍‌ରେ ଦୋଷୀ ସାବ୍ୟସ୍ତ କରିବାରେ ଯଥେଷ୍ଟ ସମ୍ଭାବନା ରହିଛି; ବିଶେଷତଃ ଯଦି ଆସାମୀଗଣଙ୍କ ମଧ୍ୟରେ ଜଣକୁ 'ରାଜସାକ୍ଷୀ' (King's Evidence, Approver) ହେବାରେ ପ୍ରବୃତ୍ତ କରାଯାଇପାରେ । କିନ୍ତୁ ଏହା ସତ୍ତ୍ୱେ ଯଦି ଶ୍ରୀଅରବିନ୍ଦ ନିଶ୍ଚିତ ରୂପେ ମୁକ୍ତ ହୋଇଯା'ନ୍ତି, ତଥାପି ତାଙ୍କ ପ୍ରତି ନିର୍ବାସନ ଦଣ୍ଡ ଅସମୀଚୀନ । ...

ଲର୍ଡ଼ ମିଣ୍ଟୋଙ୍କର ଚୂଡ଼ାନ୍ତ ନିଷ୍ପତ୍ତି ଥିଲା : 'ସାଧାରଣ ଆଇନ ଦ୍ୱାରା ଆସାମୀଙ୍କୁ ଦୋଷୀ ସାବ୍ୟସ୍ତ କରାଇବା ହେଉଛି ଅଶେଷ ଗୁଣରେ ଅଧିକ ବାଞ୍ଛନୀୟ ।' ...

ଲର୍ଡ଼ ମିଣ୍ଟୋଙ୍କର ପ୍ରଧାନ ଉପଦେଷ୍ଟା ବେଙ୍ଗଲ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ଯେ ନିର୍ବାସନ ଦଣ୍ଡ ଦେବାର କଳ୍ପନାକୁ ଆଦୌ ମୁଣ୍ଡରେ ନ ପୂରାଇ ବିଧିସଙ୍ଗତ ଭାବରେ ଅଦାଲତରେ ଆସାମୀଗଣଙ୍କ ବିରୋଧରେ ପୂର୍ଣ୍ଣମାତ୍ରାରେ ପ୍ରମାଣମାନ ଦାଖଲ କରି ବିଚାର ଆରମ୍ଭ କରିବାରେ ତୁରନ୍ତ ଯଥାସାଧ୍ୟ ଉଦ୍ୟମ କରନ୍ତୁ । ...




ବେଙ୍ଗଲର କାଉନ୍‌ସିଲ୍ ଚେମ୍ବର, ୧୯୦୩

(କହିବା ବାହୁଲ୍ୟ ବେଙ୍ଗଲ ସରକାର ଜଣେ ଆସାମୀଙ୍କୁ 'ରାଜସାକ୍ଷୀ' ହିସାବରେ ପ୍ରାପ୍ତ ହୋଇଥିଲେ ମଧ୍ୟ ଫଳାଫଳ ବିଷମ ହୋଇ ଉଠିଥିଲା । – ଏହା ପୂର୍ବୋକ୍ତ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ।)

ଇତି ମଧ୍ୟରେ ଅଭୂତପୂର୍ବ ନିରାପତ୍ତା ଓ ସତର୍କତା ଅବଲମ୍ବନପୂର୍ବକ ସେସନ୍‌ସ କୋର୍ଟ୍‌ରେ 'ଆଲିପୁର ବୋମା ମୋକଦମା'ର ବିଚାର ଆରମ୍ଭ ହେଲା ।

୧୯ ଅକ୍ଟୋବର ୧୯୦୮ । ଆଲିପୁର ସେସନ୍ସ କୋର୍ଟରେ ୩୭ ଜଣ ଆସାମୀଙ୍କ ମୁକ୍ତି ସକାଶେ ନିଯୁକ୍ତ ବାରିଷ୍ଟର, ପକ୍ଷସମର୍ଥନକାରୀ ଆଡ୍‌ଭୋକେଟ୍ ଓ ଓକିଲ ମିଶି ୧୫ ଜଣ ଉପସ୍ଥିତ ଥିଲେ । ଏମାନଙ୍କ ଭିତରେ ସର୍ବୋଚ୍ଚ ପାହ୍ୟାର ଥିଲେ କଲିକତା ବିଚାରାଳୟର ନେତୃସ୍ଥାନୀୟ ବାରିଷ୍ଟର ଶ୍ରୀଯୁକ୍ତ ବ୍ୟୋମକେଶ ଚକ୍ରବର୍ତ୍ତୀ । ସେ ବିଶେଷକରି ଶ୍ରୀଅରବିନ୍ଦଙ୍କର ମୋକଦମା ପରିଚାଳନାର ଭାର ଗ୍ରହଣ କରିଥିଲେ । ସରକାରଙ୍କ ତରଫରୁ ମୋକଦମା ପରିଚାଳନାର ହର୍ତ୍ତାକର୍ତ୍ତା ଥିଲେ ମି. ନର୍ଟନ୍ ଏବଂ ତାଙ୍କୁ ସହାୟତା କରିବା ସକାଶେ ଦୁଇ ଜଣ ୟୁରୋପୀଆନ୍ ଓକିଲଙ୍କ ସହିତ ଭାରତୀୟ ସରକାରୀ ଓକିଲ ଆଶୁତୋଷ ବିଶ୍ୱାସ ଏବଂ ଡିଟେକ୍‌ଟିଭ୍ ପୁଙ୍ଗବ ଶ୍ୟାମ-ସୁଲ୍-ଆଲାମ । ସାଢ଼େ ଏଗାରଟା ସମୟରେ ଜଜଙ୍କର ଆସନ ଅଳଙ୍କୃତ କଲେ ସାର୍ ଚାର୍ଲସ୍ ପୋର୍ଟେନ୍ ବିଚ୍‌କ୍ରଫ୍‌ଟ । ... ବିଚାର ଆରମ୍ଭ ହେଲା । ଆରମ୍ଭରେ ବାରୀନ୍ ସମେତ ଅନ୍ୟ ଆସାମୀଗଣ ମି. ବାର୍ଲିଙ୍କ କୋର୍ଟରେ ଦାଖଲ କରିଥିବା ନିଜ ନିଜର ଲିଖିତ ବିବରଣୀ ସବୁକୁ ପ୍ରତ୍ୟାହାର କରି ନେବା ସକାଶେ ଜଜଙ୍କ ନିକଟରେ ଆବେଦନ କଲେ । ଏଥିରେ ସରକାରଙ୍କ ପକ୍ଷର ଓକିଲମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ସୃଷ୍ଟି ହେଲା । ... ଜଜ ଆସାମୀମାନଙ୍କର ଆବେଦନକୁ ନାକଚ କରି ଦେଇଥିଲେ ।




ସାର୍ ଚାର୍ଲସ୍ ପୋର୍ଟେନ୍ ବିଚ୍‌କ୍ରଫ୍‌ଟ, (୧୮୭୧-୧୯୨୭)
କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଶ୍ରୀଅରବିନ୍ଦ ଆଇ.ସି.ଏସ୍.ର ଶିକ୍ଷାନବିଶ ଥିବା ଅବସ୍ଥାରେ ସହ-ବିଦ୍ୟାର୍ଥୀ ଥିଲେ




ଶ୍ରୀଯୁକ୍ତ ବ୍ୟୋମକେଶ ଚକ୍ରବର୍ତ୍ତୀ, (୧୮୫୫-୧୯୨୯)

ପ୍ରାୟ ସପ୍ତାହକ ପରେ ଆସାମୀ ଶଚୀନ୍ ସେନ୍ ଓ ନରେନ୍ଦ୍ର ବକ୍‌ସିଙ୍କର ଶାରୀରିକ ଅସୁସ୍ଥତା ଯୋଗୁଁ କୋର୍ଟ୍ ବେଶ୍ କିଛି ଦିନ ବନ୍ଦ ରହିଥିଲା । ଏହି ଅନ୍ତର୍ବର୍ତ୍ତୀ କାଳରେ ପୁଲିସ କର୍ତ୍ତୃପକ୍ଷ କୋର୍ଟ୍ ରୁମ୍‌ରେ ଆସାମୀମାନଙ୍କ ପ୍ରତି ନିର୍ଦ୍ଧାରିତ ନିରାପତ୍ତାର ମାନକୁ ନିର୍ଦ୍ଦୟ ଭାବରେ ଅତ୍ୟନ୍ତ କଠୋର କରିବାକୁ ନିର୍ଦ୍ଦେଶ ଦେଲେ । ତେଣୁ ଆସାମୀମାନଙ୍କ ବସିବା ସକାଶେ ଥିବା ଡକ୍-ସ୍ଥାନଟିକୁ କାଠର ଫ୍ରେମ୍ ଥାଇ ତାର ଜାଲି ଦେଇ ଘେରାଉ କରି ଦେଇଥିଲେ ।



କୋର୍ଟ୍ ରୁମ୍‌ରେ ଆସାମୀମାନଙ୍କ ନିମିତ୍ତ ପ୍ରସ୍ତୁତ ପିଞ୍ଜରାର କିୟଦଂଶ । ଏହି ପିଞ୍ଜରା ଭିତରେ ବେଞ୍ଚରେ ବସିଥିବା ବେଳେ ପ୍ରତ୍ୟେକଙ୍କ ହାତରେ ସ୍ୱତନ୍ତ୍ର ଭାବରେ ହାତକଡ଼ି ଦିଆଯାଉଥିଲା ।



ଭୂପାଲ ବାବୁ

ମି. ବାର୍ଲିଙ୍କ କୋର୍ଟ୍‌ରେ ବିଚାର ଚାଲିଥିବା ବେଳେ ଶିଲଂରୁ ମୃଣାଳିନୀ ଦେବୀ, ପିତା ଭୂପାଲ ବାବୁଙ୍କ ସହିତ କଲିକତାକୁ ଆସି ବେଶ୍ କେତେ ଥର ଆଲିପୁର ଜେଲକୁ ଯାଇ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିଥିଲେ । ଏହି ସମୟକାଳରେ ମୃଣାଳିନୀ ଦେବୀ କେବେ ବି ବିଚଳିତ ହୋଇ ନଥିଲେ କି ଧୈର୍ଯ୍ୟ ବି ହରାଇ ନଥିଲେ; ଶାନ୍ତ ଓ ସଂଯତ ରହିଥିଲେ । ...

ମଉସା କୃଷ୍ଣକୁମାର ମିତ୍ରଙ୍କ ବାସଭବନରେ ବାସ କରୁଥିବା ସରୋଜିନୀ ତାଙ୍କର ଦୁଇ ଭାଇଙ୍କୁ ଜେଲରେ ପ୍ରାୟ ସାକ୍ଷାତ୍ କରି ଆସୁଥିଲେ । ...

କିନ୍ତୁ ଜେଲ ଭିତରେ ଆସାମୀ ନରେନ୍ ଗୋସାଇଁଙ୍କର ହତ୍ୟାକାଣ୍ଡ ଘଟିବା ପରେ ଜେଲକୁ ଯାଇ ଆସାମୀମାନଙ୍କୁ ସାକ୍ଷାତ୍ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ଥିଲା ।

ଇତ୍ୟବସରେ ମୃଣାଳିନୀ ଦେବୀଙ୍କୁ ଦିନେ ତାଙ୍କର ବାଲ୍ୟସଖୀ ସୁଧୀରା ସାରଦା ମାତାଙ୍କ ନିକଟକୁ ନେଇ ଯାଇଥିଲେ । ସାରଦା ଦେବୀ ପ୍ରଥମରୁହିଁ ସ୍ୱାମୀ ବିବେକାନନ୍ଦ ଓ ଶ୍ରୀଅରବିନ୍ଦଙ୍କୁ ନିଜର ପୁତ୍ରବତ୍ ଜ୍ଞାନ କରୁଥିଲେ । ସାରଦା ମାତା ମୃଣାଳିନୀ ଦେବୀଙ୍କୁ ଦେଖି ଅଭିନିବେଶ ଚିତ୍ତରେ ଏହି ମର୍ମରେ କହିଥିଲେ : ''ତୁମର ସ୍ୱାମୀ ଶ୍ରୀଭଗବାନଙ୍କର ପୂର୍ଣ୍ଣ ଆଶ୍ରିତ ପୁରୁଷ, ଠାକୁରଙ୍କ ଆଶୀର୍ବାଦରେ ସେ ଅତି ସତ୍ୱର ନିଷ୍ପାପ ପ୍ରମାଣରେ ମୁକ୍ତ ହୋଇ ଆସିବେ, ତେବେ ସେ ସଂସାର କରିବେ ନାହିଁ; କ୍ଷୁଦ୍ର 'ମୁ'ତ୍ୱର ସଂସାର ତାଙ୍କ ସକାଶେ ନୁହେଁ । ...''




ସୁଧୀରା ବୋଷ




ସାରଦା ଦେବୀ

ପୁନଶ୍ଚ ଶ୍ରୀଅରବିନ୍ଦଙ୍କର ଜେଜେବାପାଙ୍କ ଭଉଣୀ କାଶୀରେ ବାସ କରୁଥିଲେ । ସେ ଶ୍ରୀଅରବିନ୍ଦଙ୍କର ଜେଲ ହୋଇଥିବା ଖବର ପାଇବା ମାତ୍ରେ କାଶୀର ପ୍ରସିଦ୍ଧ ଯୋଗୀ ସ୍ୱାମୀ ବିଶୁଦ୍ଧାନନ୍ଦ ପରମହଂସଙ୍କୁ ସାକ୍ଷାତ୍ କରି ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ପଚାରିବାରୁ ସ୍ୱାମିଜୀ ଏହି ମର୍ମରେ କହିଥିଲେ :



ସ୍ୱାମୀ ବିଶୁଦ୍ଧାନନ୍ଦ ପରମହଂସ (୧୮୫୩-୧୯୩୭)

''ଦିବ୍ୟଜନନୀ ତ ଅରବିନ୍ଦଙ୍କୁ ତାଙ୍କର ବାହୁଯୁଗଳରେ ଟେକି ନେଇଛନ୍ତି, ତାଙ୍କର କେହି କିଛି ଅନିଷ୍ଟ କରିପାରିବେ ନାହିଁ । କିନ୍ତୁ ସେ କେବଳ ତୁମର ଅରବିନ୍ଦ ନୁହଁନ୍ତି, ସେ ହେଉଛନ୍ତି ସମଗ୍ର ପୃଥିବୀର (ଶ୍ରୀ)ଅରବିନ୍ଦ । ଏବଂ ଭବିଷ୍ୟତରେ ତାଙ୍କ ତପସ୍ୟାର ସୌରଭରେ ଜଗତ୍ ଭରପୂର ହୋଇ ଉଠିବ ।''



Saturday September 12.

TRAITOR IN THE CAMP

:0:

FROM Jaychand to Oomichand is a far cry, but the political history of our country for all those long centuries of indelible shame can be summarised and accounted for in the four short words—"Traitor in the camp." Reading down the pages of the annals of that interminable period of disgrace, you will hardly come across the account of a single movement towards emancipation that had not nursed in its bosom one or more vipers, named "traitors" who, whilst remaining within the camp in the seeming guise of loyal adherence, betrayed the object of their perjured allegiance at the season of fruition.

But need we stop at Oomichand? Are there not traitors in the land today who would sell their soul as readily for the paltry privilege of wearing a jewelled sabre, or for a ribbon to stick in their coat, or for a title to cover their base birth with? For it is in the blood of some of our countrymen, this accursed proneness to perfidy, and has been there, ever since the loss of our independence, and Heaven alone knows when the last drop of it shall have been spilled or become sterile. And the no less singular feature of this ghastly thing is that through all these countless years it is always the person at whose instance he turned traitor who has punished the miserable miscreant, but the country could never find a single son to rise and avenge her on the hated monster by smiting him to the ground.

Now for the first time the current is turned. For the very first time a cause has produced a votary who has willingly sacrificed his life to visit on its betrayer his merited doom. Kanai has killed Norendra. No more shall the wretch of an Indian who kisses away the hands of his comrades reckon himself safe from the avenging hand. "The first of the avengers," History shall write of Kanai. And from the moment he fired the fatal shot the spaces of his country's heaven have been ringing with the echo of the voice—"Beware of the traitor's fate."

ରବିବାର, ୧୩ ସେପ୍‌ଟେମ୍ବର, ୧୯୦୮ରେ ସାପ୍ତାହିକ 'ବନ୍ଦେ ମାତରମ୍'ରେ ପ୍ରକାଶିତ ପ୍ରବନ୍ଧ 'Traitor in the Camp'ର ଅବିକଳ ପ୍ରତିଲିପିର କିୟଦଂଶ । ଏହା ପ୍ରଥମେ ୧୨ ସେପ୍‌ଟେମ୍ବର, ୧୯୦୮ରେ ଦୈନିକ 'ବନ୍ଦେ ମାତରମ୍'ରେ ପ୍ରକାଶ ପାଇଥିଲା ।



ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ଚାଟାର୍ଜି (୧୮୭୯-୧୯୪୩)

ଯେତେ ଦିନ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ 'ବନ୍ଦେ ମାତରମ୍' ପତ୍ରିକାର ପରିଚାଳନା ଦାୟିତ୍ୱରେ ଥିଲେ ସେତେଦିନ ପର୍ଯ୍ୟନ୍ତ ସେ ଅତି କଷ୍ଟରେ ଅର୍ଥ ଯୋଗାଡ଼ କରି ପତ୍ରିକାଟିକୁ ଚଳାଉ ଥିଲେ । ଶ୍ରୀଅରବିନ୍ଦ ଗିରଫ ହୋଇ ଜେଲରେ ରହିବା ଫଳରେ 'ବନ୍ଦେ ମାତରମ୍'ର ଦୁର୍ଦ୍ଦଶା ତା'ର ଚରମ ସୀମାରେ ପହଞ୍ଚି ଥିଲା । ପରିଚାଳକ ମଣ୍ଡଳୀ ପରାମର୍ଶ କରି ସ୍ଥିର କଲେ ଯେ ପତ୍ରିକାଟି ଅର୍ଥାଭାବରୁ ମୃତ୍ୟୁବରଣ କରିବା ଅପେକ୍ଷା ଏକ ଗୌରବମୟ ମୃତ୍ୟୁ ଲାଭ କରିବା ଉଚିତ ।


ଏ ସମ୍ବନ୍ଧରେ ଯଥାର୍ଥ ପଦକ୍ଷେପ ନେବାର ଗୁରୁଦାୟିତ୍ୱ ବିଜୟ ଚାଟାର୍ଜିଙ୍କୁ ଅର୍ପଣ କରାଗଲା । ତେଣୁ ସେ ଉଦ୍ଦେଶ୍ୟମୂଳକ ଭାବରେ ପତ୍ରିକାଟିରେ ଏପରି ଏକ କଡ଼ା ପ୍ରବନ୍ଧ ଲେଖିଲେ ଯଦ୍ୱାରା ସରକାର ବାଧ ହୋଇ ଏଥିରେ ହସ୍ତକ୍ଷେପ କରି ପତ୍ରିକାଟିକୁ ବନ୍ଦ କରି ଦେଇଥିଲେ । ଫଳତଃ ସମ୍ମାନ ଓ ଗୌରବପୂର୍ଣ୍ଣ ମର୍ଯ୍ୟାଦାର ସହିତ 'ବନ୍ଦେ ମାତରମ୍'ର ସମାପ୍ତି ଘଟିଥିଲା । ସେହି ପ୍ରବନ୍ଧଟିର ନାମ ଥିଲା : 'Traitor in the Camp' ।

ଏହି ପ୍ରବନ୍ଧର କିୟଦଂଶର ଓଡ଼ିଆ ଭାଷାନ୍ତର : ''... ଏହା ପରଠାରୁ ଭାରତରେ 'ବିଷକୁମ୍ଭପୟୋମୁଖମ୍' ସାଜି ନିଜର ଘନିଷ୍ଠ ବନ୍ଧୁମାନଙ୍କର ସର୍ବନାଶ ଘଟାଇବାକୁ ଯାଉଥିବା କୌଣସି ଦୁରାତ୍ମା କେବେହେଲେ ପ୍ରତିଶୋଧକାରୀ ହାତରୁ ଅକ୍ଷତ ରହିବାକୁ କଳ୍ପନାରେ ବି ଆଣି ପାରିବେ ନାହିଁ । ଇତିହାସ କାନାଇଁ ସମ୍ବନ୍ଧରେ ଲେଖିବ, 'ପ୍ରତିଶୋଧକାରୀମାନଙ୍କ ମଧ୍ୟରେ ବୀର ଅଗ୍ରଣୀ' । ଯେଉଁ ମୁହୂର୍ତ୍ତରେ କାନାଇଁ ନରେନ୍ ଉଦ୍ଦେଶ୍ୟରେ ସେଇ ମାରାତ୍ମକ ଗୁଳି ଫୁଟାଇଲା, ତା'ର ଧ୍ୱନି ସମଗ୍ର ଦେଶର ଗଗନ ପବନରେ ଏହି କଣ୍ଠସ୍ୱରର ପ୍ରତିଧ୍ୱନି ନିନାଦିତ କଲା – 'ବିଶ୍ୱାସଘାତକର ନିୟତି ପ୍ରତି ସତର୍କ ରୁହ ।'...''


ଇତିମଧ୍ୟରେ ଶ୍ରୀଅରବିନ୍ଦଙ୍କର ଓକିଲ ଶ୍ରୀଯୁକ୍ତ ବ୍ୟୋମକେଶ ବାବୁ ତାଙ୍କର ଦାବିମୁତାବକ ଅର୍ଥଲାଭରୁ ବଞ୍ଚିତ ହେବାରୁ ସେ ମୋକଦମା ଲଢ଼ିବାରୁ କ୍ଷାନ୍ତ ରହିଲେ । ଅଗତ୍ୟା ଶ୍ରୀଅରବିନ୍ଦଙ୍କର ଅନୁଗାମୀ ଓ ଅନୁଗତ ନେତୃବୃନ୍ଦ ଶ୍ରୀଅରବିନ୍ଦଙ୍କ ସମେତ ଅନ୍ୟ ସମସ୍ତ ଆସାମୀଙ୍କ ମୁକ୍ତି ନିମନ୍ତେ ସର୍ବସମ୍ମତିକ୍ରମେ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସଙ୍କୁ ନିୟୋଜିତ କଲେ ।

କିନ୍ତୁ ବିଡ଼ମ୍ବନା ଏହି ଯେ ଏହି ଘଟଣାର ଅବ୍ୟବହିତ ପରେ ଡିସେମ୍ବର ମାସରେ ସରକାର ନୂତନ ଏକ ଆଇନ ପ୍ରଣୟନ ପୂର୍ବକ ଉପରୋକ୍ତ ନେତୃବୃନ୍ଦଙ୍କ ମଧ୍ୟରୁ ନ'ଜଣଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରି ଭାରତର ବିଭିନ୍ନ ଜେଲକୁ ପଠାଇ ଦେଲେ ।


## ବେଙ୍ଗଲର ନ'ଜଣ ଜାତୀୟତାବାଦୀ ଦଳର ନେତା



ଅଶ୍ୱିନୀ କୁମାର ଦତ୍ତ, ବରିଶାଲ :
(୧୮୫୬-୧୯୨୩)
ପ୍ରଥମେ ଲକ୍ଷ୍ନୌ ଜେଲ ଓ
ପରେ ବରେଲୀ




ଭୂପେଶ ଚନ୍ଦ୍ର ନାଗ, ଢାକା :
(୧୮୮୬-୧୯୩୯)
କାନପୁର ଜେଲ



କୃଷ୍ଣ କୁମାର ମିତ୍ର, କଲିକତା :
(୧୮୫୨-୧୯୩୭)
ଆଗ୍ରା ଜେଲ



ମନୋରଞ୍ଜନ ଗୁହଠାକୁରତା,
କଲିକତା :
(୧୮୫୮-୧୯୧୯)
ଇନ୍‌ସେଇନ୍ ଜେଲ, ବର୍ମା




ପୁଲିନ ବିହାରୀ ଦାସ,
ଢାକା :
(୧୮୭୭-୧୯୪୯)
ମଣ୍ଟେଗୋମେରୀ ଜେଲ



ଶଚୀନ୍ଦ୍ର ପ୍ରସାଦ ବୋଷ,
କଲିକତା :
(୧୮୮୩-୧୯୪୧)
ରାଓଲପିଣ୍ଡି ଜେଲ



ସତୀଶ ଚନ୍ଦ୍ର ଚାଟାର୍ଜି,
ବରିଶାଲ :
(୧୮୭୩-୧୯୩୮)
ବାସ୍‌ସେଇନ୍ ଜେଲ, ବର୍ମା



ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ,
କଲିକତା :
(୧୮୬୯-୧୯୩୨)
ଥାୟେଟ୍‌ମୋ ଜେଲ, ବର୍ମା




ରାଜା ସୁବୋଧ ବସୁ ମଲ୍ଲିକ, କଲିକତା :
(୧୮୭୯-୧୯୨୦)
(ବାରାଣସୀରେ ଗ୍ରେପ୍ତାର ହୋଇ ବରେଲୀରୁ
ଆଲମୋରା ଜେଲ, ତାପରେ ରାଓଲପିଣ୍ଡି)

ଶ୍ରୀଅରବିନ୍ଦଙ୍କର 'ଉତ୍ତରପଡ଼ା ଅଭିଭାଷଣ'ରୁ ଉଦ୍ଧୃତି : ''... ଆମ ତରଫରୁ ମୋକଦମା ଚଳାଇବାର ଯେଉଁ ବ୍ୟବସ୍ଥା ହୋଇଥିଲା ତାହା ହଠାତ୍ ବଦଳିଗଲା । ଜଣେ ନୂଆ ବାରିଷ୍ଟର ମୋତେ ବଞ୍ଚାଇବା ସକାଶେ ଛିଡ଼ା ହେଲେ । ସେ ଅକସ୍ମାତ୍ ଆସିଲେ । ସେ ମୋର ଜଣେ ବନ୍ଧୁ, ... । ସେ ନିଜର ଅନ୍ୟ ସମସ୍ତ ଭାବନାକୁ ବାଦ ଦେଇ ଏବଂ ସମସ୍ତ କାର୍ଯ୍ୟ ପରିତ୍ୟାଗ କରି ମୋତେ ବଞ୍ଚାଇବା ସକାଶେ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଦିନ ପରେ ଦିନ, ମାସ ପରେ ମାସ ଧରି ନିଜର ସ୍ୱାସ୍ଥ୍ୟ ଭଙ୍ଗ କରିଥିଲେ । ସେ ହେଉଛନ୍ତି ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସ । ତାଙ୍କୁ ଦେଖି ମୁଁ ସନ୍ତୁଷ୍ଟ ହେଲି, କିନ୍ତୁ ତଥାପି ଭାବୁଥିଲି ଯେ ନିର୍ଦ୍ଦେଶ ଲେଖିଦେବା ଦରକାର । ତା'ପରେ ... ଅନ୍ତରରୁ ଏହି ବାଣୀ ଶୁଣିଲି, 'ତୁମ ପାଦର ଚତୁଃପାର୍ଶ୍ୱରେ ଯେଉଁ ଜାଲ ବିଛା ହୋଇଛି, ସେଥିରୁ ଏହି ବ୍ୟକ୍ତି ତୁମକୁ ରକ୍ଷା କରିବେ, ସବୁ ନଥିପତ୍ର ଏକ ପାର୍ଶ୍ୱରେ ରଖି ଦିଅ । ତାଙ୍କୁ ଆମ୍ଭେ ନିର୍ଦ୍ଦେଶ ଦେବୁ, ତୁମେ ନୁହଁ ।' ... ମୁଁ ତାଙ୍କ ହାତରେ ସବୁ ଛାଡ଼ି ଦେଇଥିଲି ଏବଂ ସେ ସମସ୍ତ ଭାର ନିଜ ହାତରେ ନେଇଥିଲେ ଏବଂ ତାହାର ଫଳାଫଳ ସମ୍ବନ୍ଧରେ ତୁମେମାନେ ସମସ୍ତେ ଜାଣ । ...''



ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସ
(୧୮୭୦-୧୯୨୫)

ଶ୍ରୀଅରବିନ୍ଦଙ୍କ ବିରୋଧରେ ଅଦାଲତରେ ଦାଖଲ କରାଯାଇଥିବା ସବୁଠାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରାମାଣ୍ୟ ବସ୍ତୁ 'Sweet Letter' ('ମିଷ୍ଟାନ୍ନ ପତ୍ର')ଟି ସମ୍ବନ୍ଧେ ଅଦାଲତରେ ମି. ନର୍ଟନ୍ ଉଲ୍ଲେଖ କରିଥିଲେ ଯେ ଚିଠିଟିରେ ଉଲ୍ଲିଖିତ 'sweets' (ମିଷ୍ଟାନ୍ନ) ଅର୍ଥ ନିଶ୍ଚିତ ରୂପେ 'ବୋମା' । ମି. ଦାସ କିନ୍ତୁ ତାଙ୍କର ଏକାଧିକ ଅକାଟ୍ୟ ଓ ବଳିଷ୍ଠ ଯୁକ୍ତିରେ ଏହି ଚିଠିଟିକୁ ଏକ ଚମତ୍କାର ଜାଲ ଚିଠି ବୋଲି ଉପସ୍ଥାପିତ କରିଥିଲେ । ଜଜ ବିଚ୍‌କ୍ରଫ୍‌ଟଙ୍କର ଏ ସମ୍ବନ୍ଧରେ ଚୂଡ଼ାନ୍ତ ରାୟ ଥିଲା — ମୋ ମତରେ ଏହା ଏକ ସନ୍ଦେହଜନକ ପ୍ରାମାଣ୍ୟ ବସ୍ତୁ । ଏହାକୁ ସ୍ୱୀକାର କରିବାରେ ମୋର ଦ୍ୱିଧା ରହିଛି ।



'ମିଷ୍ଟାନ୍ନ ପତ୍ର'ର ଅବିକଳ ପ୍ରତିଲିପି


Exhibit No. 295 ... ... ... ... 27th Dec. 1907

"Dear brother,

Now is the time. Please try and make them meet for our conference. We must have sweets all over India ready made for imergencies*. I wait here for your answer.

yours affectionate
Barindra Ku. Ghose"

(* Originalରେ 'imergencies' ଏହିପରି ଲେଖା ହୋଇଛି ।)



DESCRIPTIVE ROLL. — PHOTOGRAPH.

1. Name and aliases — Arabindo Ghose
2. Father's name — Dr. K. D. Ghose.
3. Village — Ghosh para
4. Police-station — Konnagur
5. District — Hughli
6. Caste — Hindu - Bengali.
7. Occupation
8. Age — 37 yrs:
9. Height — 5' 6½".
10. Build — Slim.
11. Hair
12. Complexion — medium.
13. Eyes — ~~wears spectacles~~
14. Nose
15. Mouth
16. Chin
17. Ears — mole right ear.
18. Forehead
19. Beard
20. Moustache — beard on chin
21. Marks and scars. — 3 moles in back.

Convictions.

| No. | District. | Court. | Date. | Section. | Term. | Police Officer to identify. |
|---|---|---|---|---|---|---|
| 1st | Alipore 24 Pargs | Sessions | 6.5.09 | | acquitted | |
| 2nd | | | | | | |
| 3rd | | | | | | |
| 4th | | | | | | |
| 5th | | | | | | |
| 6th | | | | | | |
| 7th | | | | | | |
| 8th | | | | | | |
| 9th | | | | | | |
| 10th | | | | | | |
| 11th | | | | | | |
| 12th | | | | | | |

1. Certified that the convictions noted on this Finger Impression Slip have been recorded from the Magistrate's General Register of cases and the Conviction Register, and that they are correct in all particulars.

*Name in full and rank of officer preparing the slip.*

2. Certified that the convictions noted on this Finger Impression Slip have been verified from the Jail Admission Register, Warrant of Incarceration and the History Ticket of the prisoner.

*Name in full and rank of officer testing the slip.*

Impressions taken by ........ Rank ........ District ........
Tested by ........ Rank ........ District ........
Place ........ Date ........
Classified at Head Office by ........ Rank ........ Date ........
Tested at Head Office by ........ Rank ........ Date ........

P. J. Press—A 43—12-4-1907—360—57,300—99
[To be printed on ¼ Bank Double Elephant, English, 56 lbs.]

ଜେଲରୁ ପ୍ରାପ୍ତ ଶ୍ରୀଅରବିନ୍ଦଙ୍କର
'ନିର୍ଦ୍ଦୋଷ ଘୋଷଣା-ପତ୍ର'ର ଅବିକଳ ପ୍ରତିଲିପି

ଏକାଦିକ୍ରମେ ନ'ଦିନ ଧରି ମି. ଦାସ ଅଦାଲତରେ ଶ୍ରୀଅରବିନ୍ଦଙ୍କ ବିରୋଧରେ ଲଢ଼ିଥିଲେ । ଜଜଙ୍କୁ ଅନ୍ତିମ ଦିବସରେ ତାଙ୍କର ସର୍ବଜନବିଦିତ ପ୍ରତ୍ୟାଦିଷ୍ଟ ଓ ପ୍ରତ୍ୟାବିଷ୍ଟ ଅଭୂତପୂର୍ବ ଭାଷଣର ଶେଷ ବାକ୍ୟଟି ଥିଲା : "... ବିଚାରପତି ମହାଶୟ, ମୁଁ ଆପଣଙ୍କୁ ଇଂଲଣ୍ଡ ଇତିହାସର ଅତ୍ୟୁକ୍ରୃଷ୍ଟ ଗୌରବୋଜ୍ଜ୍ୱଳ ଅଧ୍ୟାୟ ସୃଷ୍ଟି କରିଥିବା ଇଂଲଣ୍ଡ ବିଚାରାଳୟର ସମସ୍ତ ପରମ୍ପରାଗତ ଐତିହ୍ୟ ନାମରେ ଆବେଦନ କରୁଛି ଯେ କେହି ବି ଯେପରି କହିବାକୁ ସାହସ ନକରେ ଯେ ଜଣେ ଇଂଲିଶ୍ ଜଜ ନ୍ୟାୟବିଚାର କରିବାରେ ଅବହେଳା କରିଥିଲେ । ..."

୬ ମେ, ୧୯୦୯ । 'ଆଲିପୁର ବୋମା ମୋକଦମା'ର ଚୂଡ଼ାନ୍ତ ରାୟର ଦିବସ । ... ସମ୍ପୂର୍ଣ୍ଣ ନିସ୍ତବ୍ଧ ବାତାବରଣରେ ଜଜ ବିଚ୍‌କ୍ରଫ୍‌ଟ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଚୂଡ଼ାନ୍ତ ରାୟ ଦେବାକୁ ଯାଇ ପରିଶେଷରେ ଉଲ୍ଲେଖ କରିଥିଲେ : "... ଏହି ମୋକଦମାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆସାମୀ ଅରବିନ୍ଦ ଘୋଷଙ୍କ ବିରୋଧରେ ଅଦାଲତରେ ଦାଖଲ କରାଯାଇଥିବା ସମସ୍ତ ପ୍ରାମାଣ୍ୟ ବସ୍ତୁ ଓ ସାକ୍ଷ୍ୟ ସବୁକୁ ଏକତ୍ର କରି ମୁଁ ଏହି ଅଭିମତରେ ଉପନୀତ ହୋଇଛି ଯେ ଏପରି ଏକ ଗୁରୁତର ଅପରାଧରେ ଅରବିନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରିବା ସକାଶେ ଏସବୁ ଯଥେଷ୍ଟ ନୁହେଁ । ..."

ଶ୍ରୀଅରବିନ୍ଦଙ୍କ ସମେତ ୧୯ଜଣ ଆସାମୀଙ୍କୁ ଜଜ ମୁକ୍ତି ଦେଇଥିଲେ; ତନ୍ମଧ୍ୟରେ ନଳିନୀକାନ୍ତ ଗୁପ୍ତ ଓ ବିଜୟ ନାଗ ଅନ୍ୟତମ ।



'ବାର୍ ଲାଇବ୍ରେରି'

ମୁକ୍ତିଲାଭ କରିଥିବା ସମସ୍ତ (୧୯ଜଣ) ଆସାମୀ ଅଦାଲତରୁ ଆବଶ୍ୟକୀୟ ନଥିପତ୍ର ପ୍ରାପ୍ତ ହେବା ପର୍ଯ୍ୟନ୍ତ ସେସନ୍ସ କୋର୍ଟର ଅନତି ଦୂରରେ ଥିବା 'ବାର୍ ଲାଇବ୍ରେରି'ରେ ଅପେକ୍ଷା କରିଥିଲେ ।

ଇତ୍ୟବସରେ ମି. ଦାସ କୋର୍ଟରେ ଉପସ୍ଥିତ ଥିବା ଅନୁଜ ବସନ୍ତଙ୍କୁ ତୁରନ୍ତ ଘରକୁ ପଠାଇ କହିଲେ ଯେ ଘରେ ମା'ଙ୍କୁ କହିବ, ଶ୍ରୀଅରବିନ୍ଦଙ୍କ ସମେତ ଏମାନେ ସମସ୍ତେ ଆଜି ଆମ ଘରେ ମଧ୍ୟାହ୍ନ ଭୋଜନ କରି ନିଜ ନିଜ ଘରକୁ ଯିବେ ।



ନିସ୍ତାରିଣୀ ଦେବୀ



ବସନ୍ତ


ପ୍ରକାଶ ଥାଉକି ମି. ଦାସ ଶ୍ରୀଅରବିନ୍ଦଙ୍କ ମୋକଦମା ହାତକୁ ନେବାର ଗୁରୁ ଦାୟିତ୍ୱ ବହନ କରିବାର ଠିକ୍ ପୂର୍ବମୁହୂର୍ତ୍ତରେ ସ୍ୱର୍ଗତଃ ବ୍ରହ୍ମବାନ୍ଧବ ଉପାଧ୍ୟାୟଙ୍କର ଆତ୍ମା ଶୂନ୍ୟବାଣୀରେ ତାଙ୍କୁ କହିଥିଲେ : 'ଆପଣ ଅରବିନ୍ଦ ବାବୁଙ୍କର ମୋକଦମାର ଭାର ନିଶ୍ଚିତ ରୂପେ ଗ୍ରହଣ କରନ୍ତୁ ।' ପୁନଶ୍ଚ ମି. ଦାସଙ୍କର ମା ନିସ୍ତାରିଣୀ ଦେବୀ ମଧ୍ୟ ପୁତ୍ରଙ୍କୁ ଏହି ମର୍ମରେ କହିଥିଲେ ଯେ ଏଥିରେ ଆଦୌ ଦ୍ୱିଧାଗ୍ରସ୍ତ ହୁଅ ନାହିଁ; କାରଣ ଏହାହିଁ ବର୍ତ୍ତମାନ ତୋର ଏକାମାତ୍ର କର୍ତ୍ତବ୍ୟ-କର୍ମ ।



'କାଳୀ ମୋହନ ଆଳୟ'
କଲିକତାର ଭବାନୀପୁରସ୍ଥ ୧୪୮ନଂ.
ରସା ରୋଡ଼ରେ ଥିବା ଚିତ୍ତରଞ୍ଜନଙ୍କର
ବାସଭବନ

Vol. LXVII, No. 4, NAVAJYOTI – 24 November, 2024, R. N. 8889/63

(ବିଶେଷ ସୂଚନା :)




## ବେଦରହସ୍ୟ

ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One and Two) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପୂର୍ବାର୍ଦ୍ଧ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୪୫୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୫୦୦/-** ରଖାଯାଇଛି ।

### ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**